# ଅରଣ୍ୟ ଶିଖା

odia.org

ସର୍ବେଶ୍ୱର ଦାଶ

# ଭାରତୀୟ ଶିକ୍ଷା

ଲେଖକ

**ଶ୍ରୀ ସର୍ବେଶ୍ୱର ଦାଶ, ଏମ୍. ଏ.**

ରିଡ଼ର, ରାଜ୍ୟ ଶିକ୍ଷା ପ୍ରତିଷ୍ଠାନ,

ଭୁବନେଶ୍ୱର

ପ୍ରକାଶକ :

ଅଭିରାମ ମହାପାତ୍ର
**ଗ୍ରନ୍ଥ ମନ୍ଦିର**
କଟକ-୨ : ବ୍ରହ୍ମପୁର

ମୁଦ୍ରାକର :

ଜୟରାମ ମହାପାତ୍ର
**ଗ୍ରନ୍ଥ ପ୍ରକାଶିନୀ**
କଟକ-୧

ପ୍ରଥମ ସଂସ୍କରଣ, ୧୯୫୭
ଦ୍ୱିତୀୟ ସଂସ୍କରଣ, ୧୯୭୧

ମୂଲ୍ୟ :

ସାଦା ବନ୍ଧେଇ ଟ ୩.୫୦
ବୋର୍ଡ଼ ବନ୍ଧେଇ ଟ ୫.୦୦

# ଅଭିମତ

ଶ୍ରୀଯୁକ୍ତ ସର୍ବେଶ୍ୱର ଦାଶଙ୍କ ପ୍ରଣୀତ 'ଭାରତୀୟ ଶିକ୍ଷା' ପାଠ କରି ଆନନ୍ଦିତ ହେଲି । କେବଳ ରାଜନୈତିକ ଇତିହାସରୁ କୌଣସି ଦେଶ ବା ଜାତିର ପ୍ରକୃତ ପରିଚୟ ମିଳେ ନାହିଁ । ଶିକ୍ଷା, ସାହିତ୍ୟ, କଳା, ସଙ୍ଗୀତ, ସ୍ଥାପତ୍ୟ, ଧର୍ମ, ଦର୍ଶନ ପ୍ରଭୃତି କୃଷ୍ଟିର ବିଭିନ୍ନ ବିଭାଗଗୁଡ଼ିକର ଧାରାବାହିକ ଆଲୋଚନାମୂଳକ ବିବରଣରୁହିଁ ଦେଶର ପ୍ରକୃତ ପରିଚୟ ମିଳିଥାଏ । ଓଡ଼ିଆ ସାହିତ୍ୟରେ ଭାରତୀୟ କୃଷ୍ଟିର ଉକ୍ତ ବିଭାଗଗୁଡ଼ିକର ଧାରାବାହିକ ଆଲୋଚନା ପାଇଁ ସେପରି କୌଣସି ଉଲ୍ଲେଖଯୋଗ୍ୟ ଉଦ୍ୟମ ହୋଇଥିଲି ପରି ମନେ ହୁଏ ନାହିଁ । ଏହି ଦୃଷ୍ଟିରୁ ଲେଖକଙ୍କର ଏ ଅଭିନବ ପ୍ରୟାସ ସର୍ବଥା ପ୍ରଶଂସନୀୟ । ଶିକ୍ଷକତାଲିମ୍ ଅନୁଷ୍ଠାନର ଅଧ୍ୟାପକ ଭାବରେ ଲେଖକ ପ୍ରାଚୀନ ଭାରତୀୟ ଶିକ୍ଷା ସମ୍ପର୍କୀୟ ନାନା ଗବେଷଣାପୂର୍ଣ୍ଣ ଗ୍ରନ୍ଥ ଆଲୋଚନା କରିବାର ସୁଯୋଗ ପାଇଅଛନ୍ତି । ଏ ପୁସ୍ତକଟି ସେହିସବୁ ଆଲୋଚନାର ପ୍ରତ୍ୟକ୍ଷ ଫଳ ।

ଭାରତୀୟ ସଭ୍ୟତା ପୃଥିବୀର ଅନ୍ୟାନ୍ୟ ପ୍ରାଚୀନତମ ସଭ୍ୟଜାତିମାନଙ୍କ ମଧ୍ୟରେ ଅନ୍ୟତମ । ଏକ ବିଶିଷ୍ଟ ଶିକ୍ଷାନୀତି ବା ଆଦର୍ଶର ଅବଲମ୍ବନରେ ଯେ କୌଣସି ଦେଶ ବା ଜାତିର ସଭ୍ୟତାର ପରିପ୍ରସାର ଏବଂ ପରିବର୍ଦ୍ଧନ ସମ୍ଭବ ହୁଏ । ଏ ଦୃଷ୍ଟିରୁ ପ୍ରାଚୀନ ଭାରତର ଶିକ୍ଷାଦର୍ଶ ହିଁ ତତ୍କାଳୀନ କୃଷ୍ଟିର ମେରୁଦଣ୍ଡ ଥିଲି । ଭାରତର ଏ ଶିକ୍ଷା-ନୀତି କୌଣସି ପୂର୍ବ ନିର୍ଦ୍ଦିଷ୍ଟ ପରମ୍ପରା ଉପରେ ପ୍ରତିଷ୍ଠିତ ନଥିଲି । ପ୍ରାତ୍ୟହିକ ବାସ୍ତବ ଜୀବନର ନାନା ସମସ୍ୟାରୁ ଏହା ଉଦ୍ଭୂତ ଏବଂ ଯୁଗାନୁସାରୀ ବାସ୍ତବତା ସଙ୍ଗେ ସାମ୍ୟ ରଖି ଏହା ବୈଦିକ ଉପନିଷଦ, ପୁରାଣ ଏବଂ ବୌଦ୍ଧ ଯୁଗରେ ବିଭିନ୍ନ ରୂପରେ ଦେଖାଦେଇଛି । ପାରଲୌକିକ ମୋକ୍ଷ ଭାରତୀୟ ଶିକ୍ଷାନୀତିର ଏକମାତ୍ର ଉଦ୍ଦେଶ୍ୟ ନଥିଲି, ବାସ୍ତବ ଜୀବନର ଯୁଗୋପଯୋଗୀ ନାନା ସମସ୍ୟା ସହିତ ମଧ୍ୟ ଏହା ଜଡ଼ିତ ଥିଲି । ଯୁଗାଦର୍ଶରୁ ବିଚ୍ୟୁତ ହୋଇ ପରଂପରାସର୍ବସ୍ୱ ହେଲେ ଯେ କୌଣସି

ସଭ୍ୟତା ବା କୃଷ୍ଟିର ବିକାଶ ପରିବର୍ତ୍ତେ ବିକାର ଦେଖା ଦେଇଥାଏ । ଧର୍ମ, ଦର୍ଶନ ଏବଂ କଳା ପରି ଭାରତୀୟ ଶିକ୍ଷାଦର୍ଶରେ ମଧ୍ୟ ବୌଦ୍ଧ ଏବଂ ପରବର୍ତ୍ତୀ ଯୁଗରେ ଏକ କ୍ଷୀଣାୟମାନ ବା ବିକାର ଅବସ୍ଥା (decadert stage) ଦେଖା ଦେଇଥିଲା । ପରିପାର୍ଶ୍ୱ ଏବଂ ପରିସ୍ଥିତିର ନାନା ବାହ୍ୟ ଏବଂ ଆଭ୍ୟନ୍ତରୀଣ ସଂଘାତ ଦ୍ୱାରା ଭାରତୀୟ ଶିକ୍ଷାନୀତି ଏକ ଚରମ ବିକାଶଶୀଳ ଅବସ୍ଥା ଦେଇ କିପରି ଯୁଗୋପଯୋଗୀ ବାସ୍ତବ ଜୀବନାଦର୍ଶରୁ ବିଚ୍ୟୁତ ହୋଇ କ୍ରମେ ଏକ କ୍ଷୀଣାୟମାନ ଅବସ୍ଥାରେ ପହଞ୍ଚିଲା, ତାହାର ଯଥାଯଥ ସର୍ବଶେଷ ଆଲୋଚନା ପୁସ୍ତକଟିର କ୍ଷୁଦ୍ର କଳେବର ମଧ୍ୟରେ ସମ୍ଭବ ହୋଇ ପାରିନାହିଁ ।

ଲେଖକ ସାହିତ୍ୟିକ । ତାଙ୍କର ପ୍ରକାଶ-ଭଙ୍ଗି ସୁଲଳିତ ଏବଂ ସାବଲୀଳ । ଏଣୁ ଐତିହାସିକ ଶୁଷ୍କ ସତ୍ୟ ଓ ତଥ୍ୟଗୁଡ଼ିକ ମଧ୍ୟ ଲେଖକଙ୍କର ନିପୁଣ ଲେଖନୀରେ ସୁଖପାଠ୍ୟ ହୋଇଛି । ଇତିହାସ ଦୃଷ୍ଟିରୁ ଲେଖକଙ୍କର ଉଦ୍ୟମ ପୂର୍ଣ୍ଣାଙ୍ଗ ନ ହେଲେ ହେଁ, ପୁସ୍ତକଟିରେ ସାହିତ୍ୟିକ ମର୍ଯ୍ୟାଦା ଅକ୍ଷୁଣ୍ଣ ଅଛି । ମୁଁ ଶିକ୍ଷାବିତ୍, ଶିକ୍ଷକ ତଥା ଶିକ୍ଷାର୍ଥୀ ମହଲରେ ପୁସ୍ତକଟିର ବହୁଳ ପ୍ରଚାର କାମନା କରେ ।

**ଶ୍ରୀ ବୈଦ୍ୟନାଥ ରଥ, ଏମ୍.ଏ.**
ପ୍ରିନ୍‌ସିପାଲ, ରାଧାନାଥ ଟ୍ରେନିଂ କଲେଜ, କଟକ

# ବିଷୟ ସୂଚୀ

ବ୍ରାହ୍ମଣୀୟ ଶିକ୍ଷା (ବେଦ ଓ ଉପନିଷଦ ଯୁଗ) ... ୧

ସ୍ମୃତି ଓ ପୁରାଣ ଯୁଗ ... ୩୯

ବୌଦ୍ଧ ଶିକ୍ଷା ... ୫୨

ପ୍ରାଚୀନ ଭାରତର ଶିକ୍ଷାକେନ୍ଦ୍ର ... ୬୫

ପ୍ରାଚୀନ ଭାରତୀୟ ଶିକ୍ଷାଦର୍ଶ ... ୭୭

ଭାରତୀୟ ଶିକ୍ଷା ପର୍ଯ୍ୟାଲୋଚନା ... ୯୦

ମୁସଲମାନ ଅମଳରେ ଭାରତୀୟ ଶିକ୍ଷା ... ୯୯

## ବ୍ରାହ୍ମଣୀୟ ଶିକ୍ଷା

### [ ୧ ]

ଭାରତ ଏକ ପ୍ରାଚୀନ ଦେଶ । ଏହାର ସଭ୍ୟତା ବହୁ ପ୍ରାଚୀନ । ଆର୍ଯ୍ୟମାନେ ଏ ଦେଶକୁ ଆସିବା ଆଜକୁ ଚାରି ହଜାର ବର୍ଷ ତଳର ଘଟଣା । କିନ୍ତୁ ଏହାର ବହୁ ବର୍ଷ ପୂର୍ବରୁ ଏକ ବିଶାଳ ସଭ୍ୟତା ଓ ମହାନ୍ ସଂସ୍କୃତିର ଧାରା ଏ ଦେଶରେ ପ୍ରବାହିତ ହେଉଥିଲା । ସେ ସଭ୍ୟତା ଥିଲା ଅସୁର ବା ଦ୍ରାବିଡ ସଭ୍ୟତା ।

ଆର୍ଯ୍ୟମାନେ ସେମାନଙ୍କର ଧର୍ମ, ଦର୍ଶନ, ଜ୍ୟୋତିଷ ଶାସ୍ତ୍ର ଏବଂ ଚିକିତ୍ସା ବିଦ୍ୟା ଇତ୍ୟାଦି ବହୁ ବିଷୟରେ ଏହି ସଭ୍ୟତା ଦ୍ୱାରା ପ୍ରଭାବିତ ହୋଇଅଛନ୍ତି ବୋଲି ତଦ୍‌ବିଦ୍ ପଣ୍ଡିତମାନଙ୍କର ମତ । ହୁଏତ ମାନବ ସଭ୍ୟତାର ସେହି ପ୍ରାକ୍ କାଳରେ ଏ ଦେଶରେ କୌଣସି ନା କୌଣସି ପ୍ରକାର ଶିକ୍ଷାର ବ୍ୟବସ୍ଥା ଥିଲା; କିନ୍ତୁ ଆର୍ଯ୍ୟ ପୂର୍ବ ଭାରତର ଶିକ୍ଷା ପଦ୍ଧତି ସମ୍ବନ୍ଧରେ ଜାଣିବା ପାଇଁ ଆମର କୌଣସି ଉପାୟ ନାହିଁ । ତେଣୁ ପ୍ରାଚୀନ ଭାରତୀୟ ଶିକ୍ଷାର ପ୍ରଧାନ ଅବଲମ୍ବନ ବେଦ । କେବଳ ଶିକ୍ଷା କାହିଁକି ଭାରତୀୟ ସଭ୍ୟତା ଓ ସଂସ୍କୃତିର ଆଦିମ ଉତ୍ସ ବେଦ । ଭାରତର ଧର୍ମ, ଦର୍ଶନ, ଶିଳ୍ପ ଓ ସାହିତ୍ୟରେ ଯାହା ଚିରନ୍ତନ ଏବଂ ମହନୀୟ ତାର ମୂଳ-ବୀଜ ନିହିତ ଅଛି ସେହି ବେଦରେ । ସୂକ୍ତତଃ ବେଦ-ମାତାର ସ୍ତନ୍ୟ ପାନ-କରି ଭାରତୀୟ ସଭ୍ୟତା ଯୁଗେ ଯୁଗେ ପରିପୁଷ୍ଟ ଓ ପ୍ରାଣବନ୍ତ ହୋଇଅଛି । ସେଥିପାଇଁ ଆମର ଶାସ୍ତ୍ର ପୁରାଣ କାବ୍ୟ ଉପାଖ୍ୟାନାଦିରେ ବେଦ ମାତା ରୂପରେ ବର୍ଣ୍ଣିତ ହୋଇଅଛି । ପୁଣି ବେଦ କେବଳ ଆର୍ଯ୍ୟମାନଙ୍କର ପ୍ରଧାନ

ଧର୍ମ ଗ୍ରନ୍ଥ ନ ଥିଲା । ତାହା ଥିଲା ସମଗ୍ର ଭାରତୀୟ ଆର୍ଯ୍ୟସମାଜର ପରମ ଜାତୀୟ ସମ୍ପଦ । ତାହାର ସଂରକ୍ଷଣ, ବିକାଶ ଓ ପ୍ରଚାରର କାର୍ଯ୍ୟରେ ସମଗ୍ର ଜାତିର ଶକ୍ତି ଓ ସାଧନା ନିୟୋଜିତ ହୋଇଥିଲା । ବିଶ୍ୱସାହିତ୍ୟର ଇତିହାସରେ ଏ ସାଧନା ଓ ଅଧ୍ୟବସାୟର ପଟାନ୍ତର ନାହିଁ; ଐତିହାସିକ-ମାନଙ୍କ ମତରେ ବେଦ ରଚନା ଆଜିକୁ ୪୦୦୦ ବର୍ଷ ତଳର ଘଟନା; କିନ୍ତୁ ଏହି ଦୀର୍ଘକାଳ ମଧ୍ୟରେ ବେଦ ମନ୍ତ୍ର ସମ୍ଭାରର ଗୋଟିଏ ସ୍ୱର, ଗୋଟିଏ ମାତ୍ରା ବା ଗୋଟିଏ ଅକ୍ଷର ଓଲଟ ପାଲଟ ହୋଇନାହିଁ । ଅଥଚ ଏହି ବିରାଟ କାର୍ଯ୍ୟରେ ଲିଖନ କଳାର ସାହାଯ୍ୟ ନିଆଯାଇ ନାହିଁ । ଏହି ଅଦ୍ଭୁତ ସିଦ୍ଧି ସମ୍ଭବପର ହୋଇ ପାରିଥିଲା କେବଳ ଏକ ସୁଗଠିତ ଓ ସୁନିୟନ୍ତ୍ରିତ ଶିକ୍ଷା ପଦ୍ଧତିର ପରିକଳ୍ପନା ଦ୍ୱାରା । ଅନ୍ୟ ଦୃଷ୍ଟିରୁ ବିଚାର କଲେ ଏହି ଶିକ୍ଷା ପଦ୍ଧତି ପୁଣି ବୈଦିକ ସାହିତ୍ୟ ଓ ବୈଦିକ କ୍ରିୟା କାଣ୍ଡର ବିକାଶକୁ ଆଶ୍ରୟ କରି ଗଢ଼ି ଉଠିଥିଲା । ବେଦର ଉପାଦାନରେ ଏହାର ଅଙ୍ଗ ପରିପୁଷ୍ଟ ହୋଇଥିଲା । ବେଦର ଉଦାତ୍ତ ଆଦର୍ଶ ଏବଂ ଦିବ୍ୟ ସନ୍ଦେଶରେ ଏହା ଉଦ୍‌ବୁଦ୍ଧ ହୋଇଥିଲା । ତେଣୁ ବ୍ରାହ୍ମଣୀୟ ଶିକ୍ଷାର ବିସ୍ତୃତ ବର୍ଣ୍ଣନ ପୂର୍ବରୁ ବେଦର ପରିଚୟ ଆବଶ୍ୟକ । କାରଣ ତାହାହିଁ ଥିଲା ତତ୍କାଳୀନ ଶିକ୍ଷାର ଆଧାର ଏବଂ କାଳକ୍ରମେ ବେଦକୁ ଭିତ୍ତିକରି ନାନା ସାହିତ୍ୟିକ ଓ ବୈଷୟିକ ବିଦ୍ୟାର ବିକାଶ ହୋଇଥିଲା ।

**ଚାରି ବେଦ**—ବେଦ ଚାରିଗୋଟି; ଯଥା—ଋକ୍, ସାମ, ଯଜୁଃ ଏବଂ ଅଥର୍ବ । ଋକ୍‌ବେଦ ହିନ୍ଦୁ ଧର୍ମର ସର୍ବପ୍ରଥମ ଏବଂ ସର୍ବ ପ୍ରାଚୀନ ରଚନା । କେବଳ ହିନ୍ଦୁ ଜଗତ ନୁହେଁ ସମଗ୍ର ଆର୍ଯ୍ୟ ଜଗତରେ ଏହା ଅପେକ୍ଷା ଅଧିକ ପ୍ରାରମ୍ଭିକ ଓ ପ୍ରାଚୀନ ରଚନା ଆଉ ନାହିଁ । ଏଥିରେ ଇନ୍ଦ୍ର, ବରୁଣ, ମରୁତ, ସୂର୍ଯ୍ୟ, ଅଗ୍ନି, ଉଷା ଏବଂ ପର୍ଜନ୍ୟ ଆଦି ଦେବତାମାନଙ୍କର ସ୍ତୋତ୍ର ଅଛି । ଜନ୍ମ, ବିବାହ, ମୃତ୍ୟୁ ଇତ୍ୟାଦି ମାନବ ଜୀବନର ବିବିଧ ସଂସ୍କାର ସମ୍ବନ୍ଧରେ ଶ୍ଳୋକ ଅଛି ଏବଂ ପୁରୁଷ ସୂକ୍ତ ବା ନାସଦୀୟ ସୂକ୍ତ ସଦୃଶ ସୃଷ୍ଟି ଏବଂ ଦର୍ଶନ ସମ୍ବନ୍ଧୀୟ ନିଗୂଢ଼ ତଥ୍ୟପୂର୍ଣ୍ଣ ମନ୍ତ୍ର ବି ଅଛି । ଋକ୍ ଶବ୍ଦର ଅର୍ଥ ସ୍ତୋତ୍ର । ଏଥିରେ ଦେବତାମାନଙ୍କର ସ୍ତୋତ୍ର ବିଶେଷଭାବରେ ସ୍ଥାନ

ପାଇଥିବାରୁ ଏହାର ନାମ ଋକ୍ ବେଦ । ଋକ୍ ବେଦ ଏବଂ ଅନ୍ୟ ବେଦ ମଧ୍ୟରେ ବିଷୟଗତ ଭେଦ ବିଶେଷ କିଛି ନାହିଁ । କିନ୍ତୁ ଋକ୍ ବେଦର ପରବର୍ତ୍ତୀ ବେଦ ଗୁଡ଼ିକର ସଂଗ୍ରଥନ କୌଶଳରେ ବୈଶିଷ୍ଟ୍ୟ ଲକ୍ଷିତ ହୁଏ । ଋକ୍ ବେଦ ଶୁଦ୍ଧ ସାହିତ୍ୟ । ଯଜ୍ଞର କ୍ରମ ସଙ୍ଗେ ଏହାର କୌଣସି ସମ୍ବନ୍ଧ ନାହିଁ । କିନ୍ତୁ ଅନ୍ୟାନ୍ୟ ବେଦର ରଚନା ସମୟକୁ ବୈଦିକ କ୍ରିୟା କାଣ୍ଡର ପର୍ଯ୍ୟାପ୍ତ ବିକାଶ ସାଧିତ ହୋଇଥିଲା ଏବଂ ପୁରୋହିତବାଦ ସମାଜରେ ବିଶେଷ ପ୍ରାଧାନ୍ୟ ବିସ୍ତାର କରିଥିଲା ; ସେଥିପାଇଁ ସାମ ଓ ଯଜୁଃ ବେଦ ଦ୍ୱୟର ମନ୍ତ୍ରସମୂହ ଯଜ୍ଞ ବିଧିର ଆବଶ୍ୟକତା ଦୃଷ୍ଟିରୁ ସମ୍ପାଦିତ ହୋଇଅଛି । ଏହି ବେଦଦ୍ୱୟର ଗ୍ରଥିତ ମନ୍ତ୍ରସମୂହ ଯଜ୍ଞର କ୍ରମକୁ ଅନୁସରଣ କରିଅଛି ।

ଯଜ୍ଞର ବିବିଧ କର୍ମ ଅନୁସାରେ ବୈଦିକ ପୁରୋହିତବର୍ଗ ତିନି ପ୍ରଧାନ ଶ୍ରେଣୀରେ ବିଭକ୍ତ; ଯଥା:—୧-ହୋତ୍ରୀ, ୨-ଉଦ୍‌ଗାତ୍ରୀ, ୩-ଅଧ୍ୱର୍ଯ୍ୟୁ । ଯଜ୍ଞରେ ଇନ୍ଦ୍ର, ଅଗ୍ନି, ବରୁଣ ପ୍ରଭୃତି ଦେବତାମାନଙ୍କର ପ୍ରଶଂସା ସମ୍ବଳିତ ମନ୍ତ୍ର ପାଠ କରିବା ହୋତ୍ରୀଙ୍କର କାର୍ଯ୍ୟ । ସୋମ ଯଜ୍ଞରେ ବୋଲାଯାଉଥିବା ବେଦ ମନ୍ତ୍ରସମୂହ ସ୍ୱର ଲୟାଦି ସହିତ ଗାନ କରିବା ଉଦ୍‌ଗାତ୍ରୀଙ୍କର କାର୍ଯ୍ୟ ଏବଂ ଯଜ୍ଞ କ୍ରିୟା ସମ୍ପାଦନ ଅଧ୍ୱର୍ଯ୍ୟୁଙ୍କର କାର୍ଯ୍ୟ । ଭବିଷ୍ୟତରେ ଏହି ଶ୍ରମ ବିଭାଗରୁ ବିଭିନ୍ନ ବେଦର ସୃଷ୍ଟି ହୋଇଥିଲା ।

ସାମ ବେଦର ବିଷୟବସ୍ତୁରେ କୌଣସି ନୂତନତ୍ୱ ନାହିଁ । କେବଳ ୭୫ଟି ମନ୍ତ୍ର ଛାଡ଼ିଦେଲେ ଅନ୍ୟ ସମସ୍ତ ମନ୍ତ୍ର ଋକ୍ ବେଦରୁ ଗୃହୀତ । ସାମ ବେଦର ପ୍ରଧାନ ବିଶେଷତ୍ୱ ହେଉଛି, ଏଥିରେ ସନ୍ନିହିତ ମନ୍ତ୍ରସମୂହ ଉଦ୍-ଗାତ୍ରୀଙ୍କର ପ୍ରୟୋଜନ ଦୃଷ୍ଟିରୁ କେବଳ ସୋମ ଯଜ୍ଞରେ ବୋଲିଯିବା ଉଦ୍ଦେଶ୍ୟରେ ସଙ୍କଳିତ ହୋଇଅଛି । ସାମ ଶବ୍ଦର ଅର୍ଥ ଗାନ । ଯଜ୍ଞ କାଳରେ ଗାନ କରାଯିବା ଉଦ୍ଦେଶ୍ୟରେ ସମ୍ପାଦିତ ହୋଇଥିବା ହେତୁ ଏହାର ନାମ ସାମ ବେଦ ।

ଯଜୁର୍ବେଦରେ ଋକ୍‌ବେଦରୁ ଗୃହୀତ ମନ୍ତ୍ରମାନଙ୍କ ବ୍ୟତୀତ ଅନେକ ଗୁଡ଼ିଏ ଗଦ୍ୟମନ୍ତ୍ର ଅଛି । ଭାରତୀୟ ସାହିତ୍ୟର ଇତିହାସରେ ଏହା ସବ

ପ୍ରଥମ ଗଦ୍ୟରଚନା । ଏହା ଦୁଇ ଭାଗରେ ବିଭକ୍ତ । କୃଷ୍ଣ ଯଜୁର୍ବେଦ ଏବଂ ଶୁକ୍ଳ ଯଜୁର୍ବେଦ । ଏଥିରେ ପିଣ୍ଡଯଜ୍ଞ, ପିତୃଯଜ୍ଞ, ଅଗ୍ନିହୋତ୍ର, ଚାତୁର୍ମାସ୍ୟ, ଦର୍ଶ, ପୌର୍ଣ୍ଣମାସ, ରାଜସୂୟ ଏବଂ ଅଶ୍ୱମେଧ ଆଦି ବିବିଧ ଯଜ୍ଞର ବିଧାନ ବର୍ଣ୍ଣିତ ହୋଇଅଛି ।

ପ୍ରାରମ୍ଭରେ ଉପରୋକ୍ତ ତିନିବେଦ ( ତ୍ରୟୀ ବିଦ୍ୟା )ର ପ୍ରଚଳନ ଥିଲା ଏବଂ ଅନେକ ଦିନ ପର୍ଯ୍ୟନ୍ତ ପଣ୍ଡିତମାନେ ଅଥର୍ବ ବେଦକୁ ବେଦ ମଧ୍ୟରେ ଗଣନା କରୁ ନ ଥିଲେ । କିନ୍ତୁ ପରବର୍ତ୍ତୀ କାଳରେ ଏହା ବେଦରୂପେ ସ୍ୱୀକୃତ ହେଲା । ଦେବତାମାନଙ୍କ ସ୍ତୋତ୍ର ବ୍ୟତୀତ ଜଡ଼ିବୁଟି, ତାରଣ ମାରଣ, ଯନ୍ତ୍ର ମନ୍ତ୍ର, ଡାକବଚନ, ସର୍ପବିଦ୍ୟା, ଜ୍ୟୋତିଷ ବିଦ୍ୟା, ଭେଷଜ ବିଦ୍ୟା ଇତ୍ୟାଦି ଅନେକ ନୂତନ ବିଷୟ ଏଥିରେ ଅଛି । ଏହାର ଅନ୍ୟ ଏକ ଭାଗରେ ଜନ୍ମ, ମୃତ୍ୟୁ, ବିବାହ ଏବଂ ବ୍ରହ୍ମଚର୍ଯ୍ୟ ଆଦି ଗୃହସ୍ଥ ଜୀବନର ବିବିଧ ସଂସ୍କାର ସମ୍ବନ୍ଧରେ ଆଲୋଚନା କରାଯାଇଅଛି । ରଚନା କାଳ ବିଚାରରେ ଏହା ଅର୍ବାଚୀନ ହେଲେହେଁ ଏଥିରେ ଏକ ପ୍ରାଚୀନତମ ସଭ୍ୟତାର ଝଲକ ସୁସ୍ପଷ୍ଟ ।

ଶିକ୍ଷାର ଇତିହାସ ଦୃଷ୍ଟିରୁ ଅଥର୍ବ ବେଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ବ୍ରହ୍ମଚର୍ଯ୍ୟର ( ଛାତ୍ରଜୀବନରୁ ) ସର୍ବପ୍ରଥମ ବିସ୍ତୃତ ବିବରଣୀ ଏଥିରେ ପ୍ରଦତ୍ତ ହୋଇଅଛି ।

**ବ୍ରାହ୍ମଣ**—ବୈଦିକ ସାହିତ୍ୟ ଏକ ବିଶାଳ ସାହିତ୍ୟ । ଏହାର ବିକାଶରେ ପ୍ରଧାନତଃ ତିନିଗୋଟି ସ୍ତର ଦେଖିବାକୁ ମିଳେ । ପ୍ରଥମ ସ୍ତରରେ ବେଦ, ଦ୍ୱିତୀୟ ସ୍ତରରେ ବ୍ରାହ୍ମଣ ଏବଂ ତୃତୀୟ ସ୍ତରରେ ସୂତ୍ର ସାହିତ୍ୟ । ବ୍ରାହ୍ମଣ ସମ୍ପୂର୍ଣ୍ଣ ଭାବରେ ଗଦ୍ୟରେ ରଚିତ । ଏଥିରେ ବୈଦିକ ମନ୍ତ୍ର ସମୂହର ବ୍ୟାଖ୍ୟା ଓ ବିଶ୍ଳେଷଣ ପ୍ରଦତ୍ତ ହୋଇଅଛି । ଏହାବ୍ୟତୀତ ଏଥିରେ ନାନା ପୌରାଣିକ ଉପାଖ୍ୟାନ, ଭାଷା ଓ ଉଚ୍ଚାରଣଗତ ସୂକ୍ଷ୍ମ ଆଲୋଚନା ଏବଂ ଦର୍ଶନ ଓ ଜ୍ୟୋତିଷ ଆଦି ବିଭିନ୍ନ ବିଦ୍ୟା ସମ୍ବନ୍ଧରେ ନାନା ତର୍କ ବିତର୍କ ଓ କଳ୍ପନା ଜଳ୍ପନା ମଧ୍ୟ ଅଛି । ପ୍ରତ୍ୟେକ ବେଦ ପାଇଁ ବିଭିନ୍ନ ବ୍ରାହ୍ମଣ ଗ୍ରନ୍ଥ

ଅଛି ଏବଂ ସେଗୁଡ଼ିକ ସେହି ସେହି ବେଦର ପୁରୋହିତମାନଙ୍କ କାର୍ଯ୍ୟ ସହିତ ସମ୍ବନ୍ଧିତ ।

**ଆରଣ୍ୟକ** — ପ୍ରତ୍ୟେକ ବ୍ରାହ୍ମଣ ସହିତ ଆରଣ୍ୟକନାମକ ଅନ୍ୟ ଏକ ଗ୍ରନ୍ଥ ଯୋଡ଼ା ଯାଇଥିବାର ଦେଖିବାକୁ ମିଳେ । ଏହି ଗ୍ରନ୍ଥମାନ ଯଥାର୍ଥରେ ଅରଣ୍ୟବାସୀ ବାନପ୍ରସ୍ଥାଶ୍ରମୀ ଋଷିମାନଙ୍କର ବ୍ରାହ୍ମଣଗ୍ରନ୍ଥ । ପ୍ରକୃତ କଥା ହେଉଛି ବ୍ରାହ୍ମଣ ଯୁଗରେ ପୁରୋହିତବାଦର ପ୍ରାଧାନ୍ୟ ଏବଂ କ୍ରିୟାକାଣ୍ଡର ବାହୁଲ୍ୟ ସମାଜ ପକ୍ଷରେ ଏକ ବିଷମ ସମସ୍ୟା ସୃଷ୍ଟି କରିଥିଲା । ବୈଦିକ ଋଷିମାନଙ୍କ ମଧ୍ୟରେ ଯେଉଁମାନେ ଜିଜ୍ଞାସୁ ଏବଂ ତତ୍ତ୍ୱାନ୍ୱେଷୀ ସେମାନେ ଯଜ୍ଞୀୟ କ୍ରିୟା-କାଣ୍ଡର ଗହଳି ମଧ୍ୟରେ ଛନ୍ଦିହୋଇ ରହିବାକୁ ସୁଖକର ମନେ କଲେନାହିଁ । ଲୋକାଳୟ ତଥା ଯଜ୍ଞପୀଠର ଆପାତ ରମଣୀୟ କର୍ମ ମୁଖରତାଠାରୁ ବହୁ ଦୂରରେ ନିର୍ଜନ ପ୍ରକୃତିର ସ୍ନିଗ୍ଧ ପ୍ରଶାନ୍ତ କୋଳରେ ରହି ହୃଦୟର ଅନନ୍ତ ଚିନ୍ତା ଜଳଧି ଭିତରେ ବୁଡ଼ି ରହିବାକୁ ସେମାନେ ଶ୍ରେୟସ୍କର ମନେ କରୁ-ଥିଲେ । ଐହିକ ତଥା ପାରତ୍ରିକ ସୁଖର ମଧୁର କଳ୍ପନାରେ ବିଭୋର ନ ହୋଇ ସେମାନେ ମାନବ ଜୀବନର ଅନନ୍ତ ରହସ୍ୟ ଉଦ୍‌ଘାଟନରେ ଆପଣାକୁ ନିୟୋଜିତ କଲେ । ଆରଣ୍ୟକରେ ଆତ୍ମା ଓ ଈଶ୍ୱର; ଜୀବ ଓ ସୃଷ୍ଟି; ଜନ୍ମ, ମରଣ ଓ ମୁକ୍ତି ଇତ୍ୟାଦି ମନୁଷ୍ୟ ଜୀବନର ନାନା ନିଗୂଢ଼ ତଥ୍ୟ ସମ୍ବନ୍ଧରେ ସେମାନଙ୍କର ଉଦାତ୍ତ କଳ୍ପନା ଓ ଅମୂଲ୍ୟ ଚିନ୍ତାରାଜିର ଉନ୍ମେଷ ଦେଖିବାକୁ ମିଳେ ।

**ଉପନିଷଦ** — ଆରଣ୍ୟକର ପରିପୂର୍ଣ୍ଣ ବିକାଶ ଉପନିଷଦ । ଏହା ଜୀବାତ୍ମା ଓ ବ୍ରହ୍ମ ସମ୍ବନ୍ଧୀୟ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣରେ ପରିପୂର୍ଣ୍ଣ । ଏହାର ବିକଶିତ ରୂପ ବେଦାନ୍ତ । ଉପନିଷଦ ଭାରତୀୟ ସଭ୍ୟତାର ଅମୂଲ୍ୟ ସମ୍ପଦ । ବିଶ୍ୱ ସଭ୍ୟତାକୁ ଏହା ଭାରତର ସର୍ବଶ୍ରେଷ୍ଠ ଦାନ ।

**ସୂତ୍ର ସାହିତ୍ୟ** — ଏହାର ରଚନାକାଳ ଖ୍ରୀ: ପୂ: ୬୦୦ରୁ ଖ୍ରୀ:ପୂ: ୨୦୦ ପର୍ଯ୍ୟନ୍ତ । ବୈଦିକ ସାହିତ୍ୟର ବିଶାଳତା ଏବଂ ବୈଦିକ କ୍ରିୟାକାଣ୍ଡର ଜଟିଳତା କାଳକ୍ରମେ ସମାଜ ପକ୍ଷରେ ଏକ ବିଷମ ସମସ୍ୟା

ହୋଇ ଠିଆ ହେଲା । ଆଗରୁ କୁହାଯାଇଛି ବୈଦିକ ସାହିତ୍ୟର ପ୍ରଚାର ଏବଂ ସଂରକ୍ଷଣରେ ଲିଖନ କଳାର ବ୍ୟବହାର କରାଯାଉ ନ ଥିଲା । ସ୍ମରଣ-ଶକ୍ତି ଥିଲା ଶିକ୍ଷାର ଏକମାତ୍ର ସମ୍ବଳ; କିନ୍ତୁ ଏହି ବିଶାଳ ଜ୍ଞାନରାଶିକୁ କେବଳ ସ୍ମରଣଶକ୍ତି ଉପରେ ନିର୍ଭର କରି ଆଉ ସାଇତି ରଖିବା ସମ୍ଭବପର ହେଲା-ନାହିଁ । ପଣ୍ଡିତମାନେ ଏଥିପାଇଁ ନାନା ଉପାୟ ଖୋଜି ବସିଲେ । ସେମାନଙ୍କର ଏହି ପ୍ରୟାସରୁ ସୃଷ୍ଟି ହେଲା ସୂତ୍ର ସାହିତ୍ୟ । ସଂକ୍ଷିପ୍ତତା ଏବଂ ଶବ୍ଦ ଲାଘବ ଏହାର ପ୍ରଧାନ ବିଶେଷତ୍ୱ । ଏଥିରେ ବୈଦିକ ସାହିତ୍ୟର ମହାନ ସିଦ୍ଧାନ୍ତ ସମୂହକୁ ଅଳ୍ପକଥାରେ ସଙ୍କେତ ରୂପରେ ପ୍ରକାଶ କରାଯାଇଛି ଏବଂ ବିନା ବ୍ୟାଖ୍ୟା ଓ ବିଶ୍ଳେଷଣରେ ଏଗୁଡ଼ିକର ଅର୍ଥ ହୃଦୟଙ୍ଗମ କରିବା ଦୁରୂହ । ସୂତ୍ର ସାହିତ୍ୟ ତିନିଗୋଟି ଶାଖାରେ ବିଭକ୍ତ; ଯଥା:—ଶ୍ରୌତସୂତ୍ର, ଗୃହ୍ୟସୂତ୍ର ଏବଂ ଧର୍ମସୂତ୍ର । ଶ୍ରୌତସୂତ୍ରରେ ବ୍ରାହ୍ମଣ ବର୍ଣ୍ଣିତ ଧାର୍ମିକ କ୍ରିୟା ସମୂହର; ଗୃହ୍ୟସୂତ୍ରରେ ଗୃହସ୍ଥ ଜୀବନର ଜନ୍ମ, ବିବାହ ଓ ମୃତ୍ୟୁ ଇତ୍ୟାଦି ବିବିଧ ସଂସ୍କାର ସମୂହର ଏବଂ ଧର୍ମସୂତ୍ରରେ ଦୈନନ୍ଦିନ ସାମାଜିକ ଜୀବନର ନୀତି ନିୟମାଦିର ଉଲ୍ଲେଖ ଅଛି । ସୂତ୍ର ସାହିତ୍ୟର ଅନ୍ତିମ ଭାଗ ସୁଲ୍ବ ସୂତ୍ରରେ ଯଜ୍ଞବେଦିର ଆୟତନ, ଆକୃତି ଏବଂ ନିର୍ମାଣ କୌଶଳ ଇତ୍ୟାଦିର ବର୍ଣ୍ଣନା ଦିଆଯାଇଛି ।

**ବୈଦିକ ଶିକ୍ଷାର ପାଠ୍ୟବସ୍ତୁ**—ଉପରେ ଯେଉଁ ବିଶାଳ ବୈଦିକ ସାହିତ୍ୟର ସୂଚନା ଦିଆଗଲା ତାହାହିଁ ଥିଲା ସେ ଯୁଗରେ ଶିକ୍ଷାର ପ୍ରଧାନ ପାଠ୍ୟବସ୍ତୁ । କିନ୍ତୁ ସେ ଯୁଗର ଜ୍ଞାନ ଭଣ୍ଡାର କେବଳ ସେତିକିରେ ସୀମାବଦ୍ଧ ନ ଥିଲା । ଅଥର୍ବ ବେଦରେ ଚାରି ବେଦ ବ୍ୟତୀତ ଇତିହାସ, ପୁରାଣ ଏବଂ ନାରାଶଂସୀ ଗାଥାର ଉଲ୍ଲେଖ ଅଛି । ଯଜ୍ଞବିଧିର ବିଭିନ୍ନ କାର୍ଯ୍ୟ-କଳାପକୁ କେନ୍ଦ୍ର କରି ପୁଣି ଅନ୍ୟାନ୍ୟ ବହୁ ବିଦ୍ୟାର ବିକାଶ ହୋଇଥିଲା । ଯଜ୍ଞ ନିମନ୍ତେ ଉପଯୁକ୍ତ ଋତୁ ଏବଂ କାଳ ନିରୂପଣ ଚେଷ୍ଟାରୁ ଜ୍ୟୋତିଷ ଶାସ୍ତ୍ରର ଯଜ୍ଞୀୟ ପଶୁର ଶରୀର ବ୍ୟବଚ୍ଛେଦରୁ ଶରୀର ଶାସ୍ତ୍ର ଏବଂ ଶଲ୍ୟ ଚିକିତ୍ସା ଶାସ୍ତ୍ରର ଉଦ୍ଭବ ହେଲା । ଯଜ୍ଞବେଦି ନିର୍ମାଣରୁ ରେଖା ଓ ବୀଜ ଗଣିତ ଏବଂ ବୈଦିକ ଶାସ୍ତ୍ରସମୂହର ସଂରକ୍ଷଣ ପ୍ରୟାସରୁ ବ୍ୟାକରଣ ଓ ଭାଷାତତ୍ତ୍ୱର

ବିକାଶ ହେଲା । ବେଦରେ ଏଗୁଡ଼ିକର ଆଭାସ ପ୍ରଦତ୍ତ ହୋଇଥିଲେହେଁ ସୂତ୍ର ଯୁଗରେ ବେଦାଙ୍ଗରୂପରେ ଏଗୁଡ଼ିକର ପରିପୂର୍ଣ୍ଣ ବିକାଶ ଦେଖିବାକୁ ମିଳେ । ବେଦାଙ୍ଗ ୬ ଗୋଟି; ଯଥା:—୧—ଶିକ୍ଷା (ଉଚ୍ଚାରଣବିଜ୍ଞାନ), ୨—କଳ୍ପ (ବୈଦିକଉତ୍ସବ ଅନୁଷ୍ଠାନ ସମ୍ବନ୍ଧୀୟ ଶାସ୍ତ୍ର), ୩—ଛନ୍ଦ, ୪— ଜ୍ୟୋତିଷ, ୫—ବ୍ୟାକରଣ, ୬—ନିରୁକ୍ତ (ଶବ୍ଦାର୍ଥ ତତ୍ତ୍ୱ)। ସୂତ୍ର ଯୁଗ ବୈଦିକସାହିତ୍ୟର ଇତିହାସରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କାଳ । ଭାରତୀୟ ଶିକ୍ଷା ଓ ସାହିତ୍ୟର ଇତିହାସରେ ଯଥାର୍ଥରେ ଏହା ଏକ ସ୍ୱର୍ଣ୍ଣ ଯୁଗ । ପାଣିନିଙ୍କ ବ୍ୟାକରଣ, ପତଞ୍ଜଳିଙ୍କ ମହାଭାଷ୍ୟ, କାତ୍ୟାୟନଙ୍କ ବାର୍ତ୍ତିକ, ଯାସ୍କଙ୍କ ନିରୁକ୍ତ ଏବଂ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଏହି ଯୁଗର ରଚନା । ଦର୍ଶନ ଶାସ୍ତ୍ରର ଚରମ ବିକାଶ ସୂତ୍ରକାଳୀନ ସାହିତ୍ୟର ଅନ୍ୟ ଏକ ବିଶେଷତ୍ୱ । ବେଦ ଓ ବ୍ରାହ୍ମଣ ଗ୍ରନ୍ଥ-ମାନଙ୍କରେ ଦର୍ଶନର ଆଦ୍ୟ ଉନ୍ମେଷ ଲକ୍ଷିତ ହେଲେହେଁ ଉପନିଷଦକାଳ ଯଥାର୍ଥରେ ଏହାର ମଧ୍ୟାହ୍ନ ଏବଂ ସୂତ୍ର ସାହିତ୍ୟରେ ଏହି ଜ୍ଞାନ ଉନ୍ନତିର ପରାକାଷ୍ଠାରେ ପହଞ୍ଚିଥିଲା । ଭାରତୀୟ ଦାର୍ଶନିକ ଚିନ୍ତାର ଅମର ଦାନ ଷଡ଼ ଦର୍ଶନ ଏହି ସମୟର ସୃଷ୍ଟି । ଷଡ଼ ଦର୍ଶନ ଯଥା:—୧-କପିଳଙ୍କ ସାଂଖ୍ୟ, ୨-ପାତଞ୍ଜଳିଙ୍କ ଯୋଗ, ୩-ଗୌତମଙ୍କ ନ୍ୟାୟ, ୪-କଣାଦଙ୍କ ବୈଶେଷିକ, ୫-ଜୈମିନିଙ୍କ ପୂର୍ବ ମୀମାଂସା, ୬-ବାଦରାୟଣଙ୍କ ଉତ୍ତର ମୀମାଂସା ବା ବେଦାନ୍ତ ।

ବିଭିନ୍ନ ବୈଦିକଗ୍ରନ୍ଥ ଏବଂ ଉପନିଷଦମାନଙ୍କରୁ ସେ ଯୁଗର ପାଠ୍ୟକ୍ରମ ସମ୍ବନ୍ଧରେ ସୁସ୍ପଷ୍ଟ ଧାରଣା ମିଳେ । ଛାନ୍ଦୋଗ୍ୟ ଉପନିଷଦରେ ବର୍ଣ୍ଣିତ ହୋଇଅଛି ଯେ ମହର୍ଷି ନାରଦ ସନତ୍କୁମାରଙ୍କ ନିକଟରେ ଦର୍ଶନ ଶାସ୍ତ୍ର ଅଧ୍ୟୟନ କରିବା ପୂର୍ବରୁ ଅନ୍ୟାନ୍ୟ ବହୁବିଦ୍ୟାରେ ବ୍ୟୁତ୍ପତ୍ତି ଲାଭ କରିଥିଲେ । ସେହି ବିଦ୍ୟାମାନଙ୍କ ମଧ୍ୟରେ ଗଣିତ (ରାଶି), କ୍ଷତ୍ରିୟ ବିଦ୍ୟା, ଫଳିତ ଏବଂ ଗଣିତ ଜ୍ୟୋତିଷ (ନକ୍ଷତ୍ର ବିଦ୍ୟା), ସର୍ପବିଦ୍ୟା, ଦୈବ (ଭବିଷ୍ୟତ ଗଣନା), ନିଧି (ହୃତବସ୍ତୁର ପୁନରୁଦ୍ଧାର), ଭୂତ ବିଦ୍ୟା, ଏକାୟନ (ନୀତିଶାସ୍ତ୍ର), ଦେବ ବିଦ୍ୟା, ବ୍ରହ୍ମ-ବିଦ୍ୟା ଏବଂ ଦେବ ଯାନ ( ସଙ୍ଗୀତ ଇତ୍ୟାଦି ଲଳିତକଳା ) ବିଦ୍ୟା ଇତ୍ୟାଦି ଉଲ୍ଲେଖଯୋଗ୍ୟ ।

ଜାତକ ଏବଂ ମିଳନ୍ଦପନ୍ହ ଇତ୍ୟାଦି ବୌଦ୍ଧ ଗ୍ରନ୍ଥମାନଙ୍କରେ ଅଷ୍ଟାଦଶ ଶିଳ୍ପର ଉଲ୍ଲେଖ ଅଛି । କିନ୍ତୁ ସେହି ଅଷ୍ଟାଦଶ ଶିଳ୍ପର ସ୍ୱରୂପ ନିର୍ଦ୍ଧାରଣ କରିବାର କୌଣସି ଉପାୟ ନାହିଁ । ଯେତେଦୂର ସମ୍ଭବ ଧନୁର୍ବେଦ, ଆୟୁର୍ବେଦ, ଗାନ୍ଧର୍ବବେଦ ଏବଂ ନାଟ୍ୟ ବେଦ ଇତ୍ୟାଦି ଶାସ୍ତ୍ର ବର୍ଣ୍ଣିତ ଉପବେଦ ଏବଂ ହସ୍ତକଳା, ଚିତ୍ର କଳା, ବାସ୍ତୁବିଦ୍ୟା ଇତ୍ୟାଦି ବ୍ୟାବହାରିକ ଓ ଲଳିତ କଳା ଏହାର ଅନ୍ତର୍ଭୁକ୍ତ ଥିଲା । ସ୍ତ୍ରୀ ଓ ଶୂଦ୍ରମାନଙ୍କର ଅଧ୍ୟୟନ ଯୋଗ୍ୟ ଏହି ବିଷୟଗୁଡ଼ିକୁ ବେଦାଧ୍ୟୟନ ପୂର୍ବରୁ ଶିକ୍ଷା କରିବା ଉଚିତ ନୁହେଁ ବୋଲି ଶାସ୍ତ୍ରମାନଙ୍କରେ ନିର୍ଦ୍ଦେଶ ଦିଆଯାଇଛି ।

ସ୍ଥୂଳତଃ ବୈଦିକ ଯୁଗର ପାଠ୍ୟବସ୍ତୁ ବିଶାଳ ଏବଂ ବହୁମୁଖୀ ଥିଲା । ଏଥିରେ ଏକାନ୍ତଭାବରେ ସାହିତ୍ୟିକ ବିଦ୍ୟାମାନଙ୍କ ବ୍ୟତୀତ ଜୀବନୋପଯୋଗୀ ବିବିଧ ବୈଷୟିକ ବିଦ୍ୟା ଶିକ୍ଷାର ବ୍ୟବସ୍ଥା ଥିଲା ।

ଉପରୋକ୍ତ ପାଠ୍ୟକ୍ରମର ଆକାର ପ୍ରକାରରୁ ସ୍ପଷ୍ଟ ଅନୁମିତ ହୁଏ ଯେ ସମଗ୍ର ପାଠ୍ୟକ୍ରମ କୌଣସି କାଳେ ବାଧ୍ୟତାମୂଳକ ନ ଥିଲା । ପୁନଶ୍ଚ ଏହି ଅଧ୍ୟାୟରେ ଆଲୋଚିତ ଯୁଗଟିକୁ ବୈଦିକ ଯୁଗ ନାମରେ ଅଭିହିତ କରାଯାଇଥିଲେ ମଧ୍ୟ ସମଗ୍ର ପାଠ୍ୟକ୍ରମର ବିକାଶ ପାଇଁ ଅନ୍ତତଃପକ୍ଷେ ୨୦୦୦ବର୍ଷରୁ କମ୍ ସମୟ ଲାଗି ନ ଥିବ । ତେଣୁ ବିଭିନ୍ନ ସମୟରେ ପାଠ୍ୟବସ୍ତୁ ନିଶ୍ଚୟ ଭିନ୍ନ ଭିନ୍ନ ଥିଲା । ବୈଦିକ ଯୁଗର ପ୍ରାରମ୍ଭରେ ବେଦମନ୍ତ୍ର ସଙ୍ଗେ ଇତିହାସ, ପୁରାଣ ଏବଂ ନାରାଶଂସୀ ଗାଥା ଆଦିର ଅଧ୍ୟୟନ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ତିନିଜାତିଙ୍କ ପକ୍ଷରେ ବାଧ୍ୟତାମୂଳକ ଥିଲା; କିନ୍ତୁ ପରବର୍ତ୍ତୀ ଯୁଗରେ ବିଭିନ୍ନ ବିଦ୍ୟାର ବିକାଶ ଦ୍ୱାରା ପାଠ୍ୟ ନିର୍ଘଣ୍ଟର କଳେବର ଅସାଧାରଣ ଭାବରେ ବୃଦ୍ଧିପ୍ରାପ୍ତ ହେବା ଫଳରେ ଏହା ଆଉ ସମ୍ଭବପର ହେଲାନାହିଁ । ବ୍ୟାକରଣ, ଜ୍ୟୋତିଷ ଆଦି ବିଭିନ୍ନ ବିଦ୍ୟାରେ ଜ୍ଞାନ ଦାନ ପାଇଁ ସ୍ୱତନ୍ତ୍ର ସଂସ୍ଥାମାନ ଗଢ଼ି ଉଠିଲା । ଛାନ୍ଦୋଗ୍ୟ ଉପନିଷଦ ବର୍ଣ୍ଣିତ ମହର୍ଷି ନାରଦଙ୍କ ସଦୃଶ ଅସାଧାରଣ ଧୀଶକ୍ତି ସମ୍ପନ୍ନ ବ୍ୟକ୍ତି ହୁଏତ ଅଖିଳ ଜ୍ଞାନ ଭଣ୍ଡାରର ଅଧିକାରୀ ହୋଇ ମଧ୍ୟ ସନ୍ତୋଷ ଲାଭ କରୁ ନ ଥିଲେ । କିନ୍ତୁ ସମାଜରେ ସେପରି ଲୋକଙ୍କ ସଂଖ୍ୟା ନିଶ୍ଚୟ ଖୁବ୍ ବେଶୀ ହୋଇ ନ ଥିବ ।

ଜଣେ ସାଧାରଣ ଗୃହସ୍ଥ ପକ୍ଷରେ ଯେତିକି ବୈଦିକ ଜ୍ଞାନ ନିହାତି ଆବଶ୍ୟକ ସେତିକି ମାତ୍ର ଅଧ୍ୟୟନ କରି ସାଧାରଣତଃ ଛାତ୍ରମାନେ ବିଭିନ୍ନ ବିଦ୍ୟାରେ ବିଶେଷ ଜ୍ଞାନ ଅର୍ଜନକୁ ସର୍ବଶ୍ରେଷ୍ଠ ପନ୍ଥା ମଣୁଥିଲେ । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରୁ ଜଣାଯାଏ ଯେ ବେଦ ପଠନ (ତ୍ରୟୀବିଦ୍ୟା) ଅଗ୍ନି ପୂଜା ଏବଂ ଗୁରୁସେବା ପ୍ରତ୍ୟେକ ଆର୍ଯ୍ୟ ଗୃହସ୍ଥ ପକ୍ଷରେ ବାଧ୍ୟତାମୂଳକ ଥିଲା ।

**ଶିକ୍ଷା ପ୍ରଣାଳୀ** – ବୈଦିକ ସାହିତ୍ୟର ବିକାଶ ପ୍ରତି ଲକ୍ଷ୍ୟ କଲେ ସେଥିରେ ଦୁଇଗୋଟି ସ୍ତରର ସନ୍ଧାନ ମିଳେ । ଗୋଟିଏ ହେଉଛି ସୃଷ୍ଟି ଓ ସାଧନାର ଯୁଗ । ଅନ୍ୟଟି ହେଉଛି ସଂକଳନ ଏବଂ ସଂରକ୍ଷଣର ଯୁଗ । ପ୍ରଥମ ଯୁଗରେ ଯେଉଁ ଋଷିମାନଙ୍କର ଆବିର୍ଭାବ ହୋଇଥିଲା ସେମାନେ ସମସ୍ତେ କ୍ଷଣଜନ୍ମା ଯୋଗସିଦ୍ଧ ପୁରୁଷ ଥିଲେ । ତପସ୍ୟା ଓ ଯୋଗ ବଳରେ ସେମାନେ ତ୍ରିକାଳଦର୍ଶୀ ହୋଇ ପାରିଥିଲେ । ସେମାନଙ୍କ ହୃଦୟରେ ସତ୍ୟ ଓ ଜ୍ଞାନ ସ୍ୱତଃ ପ୍ରତିଭାତ ହେଉଥିଲା ଏବଂ ବାଣୀରୂପ ପ୍ରାପ୍ତ ହୋଇ ଋଷିକଣ୍ଠରୁ ମନ୍ତ୍ର ଓ ଗାନ ରୂପରେ ଉଚ୍ଛୁଳି ପଡୁଥିଲା । ସାକ୍ଷାତ ଅନୁଭୂତି ଲବ୍ଧ ଏହି ଜ୍ଞାନକୁ ସେମାନେ ଶ୍ରୁତର୍ଷିମାନଙ୍କୁ ( ନିଜର ପ୍ରତ୍ୟକ୍ଷ ଅନୁଭୂତି ନ ଥାଇ ଯେଉଁମାନେ ଅନ୍ୟଠାରୁ ଶୁଣି ଶିକ୍ଷା କରନ୍ତି ସେମାନେ ଶ୍ରୁତର୍ଷି ) ପ୍ରଦାନ କରୁଥିଲେ । ମୁନିଋଷି ମାନେ ନିର୍ଜନ ବନରେ ଯୋଗ ଓ ତପସ୍ୟା ଆଚରଣ-ପୂର୍ବକ ଅଖିଳ ଜ୍ଞାନର ଅଧିକାରୀ ହୋଇ ପରମାନନ୍ଦ ଉପଭୋଗ କରୁଥିଲେ ।

ଏହିପରି ଭାବରେ ମୁନିଋଷିମାନଙ୍କର ପ୍ରତ୍ୟକ୍ଷ ଅନୁଭୂତିରୁ ଯେଉଁ ଜ୍ଞାନରାଶିର ସୃଷ୍ଟି ହେଲା ତାହାକୁ ଭାବୀ ବଂଶଧରମାନଙ୍କର କଲ୍ୟାଣ ପାଇଁ ସଞ୍ଚୟ କରି ରଖିବା ଦରକାର ପଡ଼ିଲା । ଋଷିମାନେ ସେମାନଙ୍କର ପୁତ୍ର ବା ଶିଷ୍ୟମାନଙ୍କୁ ତାହା ଶିକ୍ଷା ଦେଲେ । ସେମାନେ ପୁଣି ନିଜ ନିଜର ପୁତ୍ର ଓ ଶିଷ୍ୟମାନଙ୍କୁ ତାହା ପ୍ରଦାନ କଲେ । ଏହିପରି ଭାବରେ ପ୍ରତି ଋଷି ପରିବାର ଗୋଟିଏ ଗୋଟିଏ ବିଦ୍ୟାଳୟ ବା ଜ୍ଞାନ ପରିବେଷଣ କେନ୍ଦ୍ରରେ ପରିଣତ ହେଲା ଏବଂ କାଳକ୍ରମେ ଏହି ପରିବାର ବିଦ୍ୟାଳୟ ଗୁଡ଼ିକରୁ ବୈଦିକ ଶିକ୍ଷା ପଦ୍ଧତି ଜନ୍ମଲାଭ କଲା ।

ବେଦ ଯୁଗର ଏହି ଶିକ୍ଷା ପଦ୍ଧତି ଥିଲା ମୌଖିକ । ଆଜି ଲିଖନ କଳା ଶିକ୍ଷାର ଅପରିହାର୍ଯ୍ୟ ଅଙ୍ଗରୂପେ ବିବେଚିତ ହେଉଛି । ଲିଖନ କଳାର ବିନା ସାହାଯ୍ୟରେ ଶିକ୍ଷାଦାନର କଳ୍ପନା ଆମ ପକ୍ଷରେ ସମ୍ଭବପର ହେଉନାହିଁ । କିନ୍ତୁ ସେ ସମୟରେ ଲିଖନ କଳାର ଉଦ୍ଭବ ହୋଇ ନ ଥିଲା । ଅବଶ୍ୟ ଏ ବିଷୟରେ ପଣ୍ଡିତମାନଙ୍କ ମଧ୍ୟରେ ମତଦ୍ୱୈଧ ଅଛି । ଅନେକେ କହନ୍ତି ଆର୍ଯ୍ୟମାନେ ବହୁତ ଆଗରୁ ଲିଖନ କଳାର ବ୍ୟବହାର ଜାଣିଥିଲେ ଏବଂ ବ୍ୟବସାୟ ବାଣିଜ୍ୟାଦିରେ ତାହାର ପ୍ରୟୋଗ କରୁଥିଲେ । * ଅନ୍ୟମାନଙ୍କ ମତରେ ଆର୍ଯ୍ୟମାନେ ବହୁ ପରବର୍ତ୍ତୀ ଯୁଗରେ ଫିନିସୀୟମାନଙ୍କଠାରୁ ଲିଖନ କଳା ଶିକ୍ଷା କରିଥିଲେ । ସେ ଯାହାହେଉ ଭାରତରେ ଲିଖନ କଳା ବିକାଶ ପାଇବାର ବହୁବର୍ଷ ପରେ ମଧ୍ୟ ବେଦକୁ କେବଳ ଶୁଣି ଶୁଣି ମନେ ରଖିବାକୁ ହେଉଥିଲା । ସେଥିପାଇଁ ଏହାର ଅନ୍ୟ ଏକ ନାମ ଶ୍ରୁତି । ଅର୍ଥାତ୍ ଯାହାକୁ ପିତାପୁତ୍ର ବା ଗୁରୁଶିଷ୍ୟ ପରମ୍ପରା କ୍ରମେ ଶୁଣି ଶିଖି ମନେ ରଖିବାକୁ ହୁଏ । ମହାଭାରତରେ ବେଦକୁ ଲିପିବଦ୍ଧ କରିବାପାଇଁ ସ୍ପଷ୍ଟ ମନାକରି ଦିଆଯାଇଛି ।† ବେଦକୁ ଲିପିବଦ୍ଧ କରାଗଲେ ଅଶିଷ୍ଟ ଅନାର୍ଯ୍ୟମାନଙ୍କ ହାତରେ ପଡ଼ି ତାହାର ଶୁଦ୍ଧତା ନଷ୍ଟ ହୋଇଯିବା ଭୟକରି ବୋଧହୁଏ ଆର୍ଯ୍ୟମାନେ ଏହି ଜାତୀୟ ସମ୍ପଦର ସୁରକ୍ଷା ପାଇଁ ଏପରି କଠୋର ନିୟମ ଜାରି କରିଥିଲେ । ତାହାଛଡ଼ା ଲିଖିତ ଭାଷାରେ ସମସ୍ତ ଉଚ୍ଚାରଣଭଙ୍ଗୀ ପ୍ରକାଶ କରିବାର ସାଧନ ନାହିଁ । ତେଣୁ ସେପରି ଲେଖା ପ୍ରକାଶ କଲେ ଅଶୁଦ୍ଧିର ଭୟ ଥିଲା । ବିଦ୍ୟାର ଆଦାନ ପ୍ରଦାନ ଓ ପ୍ରସାରରେ ଏହି ଅଶୁଦ୍ଧି ଏକ ଅନ୍ତରାୟ ବୋଲି ମନେ କରାଯାଉଥିଲା । ସେଥିପାଇଁ ଉଚ୍ଚାରଣର ପବିତ୍ରତା ବେଦ ଓ ବୈଦିକ ସାହିତ୍ୟରେ ଏତେ ପ୍ରାଧାନ୍ୟ ଲାଭ କରିଅଛି । ଏ ସବୁ କାରଣରୁ ଋଷିମାନେ ଜ୍ଞାନର ଆହରଣ ଓ ପ୍ରଚାରରେ ଲେଖା ବ୍ୟବହାର କରୁ ନ ଥିଲେ, ଗୁରୁମୁଖନିଃସୃତ ଜ୍ଞାନ ହିଁ ଶୁଦ୍ଧ ବୈଦିକ ଜ୍ଞାନରୂପେ ବିବେଚିତ ହେଉଥିଲା ।

---

* Oriental heritage—William Durant.

† ବେଦାନାଂ ଲେଖକାଶ୍ଚୈବ ତେ ବୈ ନିରୟଗାମିନଃ

(ମହାଭାରତ—ଆରଣ୍ୟକ ପର୍ବ)

ସୁତରାଂ ବୈଦିକ ଶିକ୍ଷା ପ୍ରଣାଳୀ ମୁଖ୍ୟତଃ ଆବୃତ୍ତିମୂଳକ ଥିଲା । ପ୍ରତ୍ୟେକ ଛାତ୍ରକୁ ବେଦମନ୍ତ୍ରସମୂହ କଣ୍ଠସ୍ଥ କରିବାକୁ ହେଉଥିଲା । ଛାତ୍ରମାନଙ୍କର ମଧୁର ବେଦଧ୍ୱନିରେ ଆଶ୍ରମଭୂମି ମୁଖରିତ ହେଉଥିଲା । ଋକ ବେଦରେ ଛାତ୍ରମାନଙ୍କର ସମବେତ ବେଦଧ୍ୱନିକୁ ବର୍ଷାକାଳର ମଣ୍ଡୂକଧ୍ୱନି ସଙ୍ଗେ ତୁଳନା କରାଯାଇଅଛି । ପ୍ରାଚୀନ କାଳରେ ବେଦମନ୍ତ୍ରର ଉଚ୍ଚାରଣ ଏକ ଲଳିତ କଳାରେ ପର୍ଯ୍ୟବସିତ ହୋଇଥିଲା । ଏଥିରେ ପ୍ରତ୍ୟେକ ପଦ ଓ ପ୍ରତ୍ୟେକ ଅକ୍ଷରର ଉଚ୍ଚାରଣ ଉପରେ ଗୁରୁତ୍ୱ ଆରୋପ କରାଯାଉଥିଲା । ସ୍ୱର, ମାତ୍ରା ବା ଉଚ୍ଚାରଣରେ ସାମାନ୍ୟ ବ୍ୟତିକ୍ରମ ମହାପାପରୂପେ ବିବେଚିତ ହେଉଥିଲା ।

ଶିକ୍ଷକ ପ୍ରଥମେ ଶ୍ଳୋକର ପଦଗୁଡିକ ଗୋଟି ଗୋଟି କରି ଅଥବା ଏକାଥରକେ ଦୁଇ ଦୁଇଟି ଉଚ୍ଚାରଣ କରିଥିଲେ । ତତ୍ପରେ ଶିକ୍ଷକ ବର୍ଣ୍ଣିତ ପଦ୍ଧତି ଓ ନିୟମାନୁଯାୟୀ ଛାତ୍ର ତାହା ଉଚ୍ଚାରଣ କରୁଥିଲା । ଏହିପରି ଭାବରେ ଗୋଟିଏ ପ୍ରଶ୍ନ ( ୨।୩ ଶ୍ଳୋକ ସମଷ୍ଟିକୁ ପ୍ରଶ୍ନ କୁହାଯାଏ ) ଶେଷ ହେବା ପରେ ଶିକ୍ଷକ ଆଉ ଗୋଟିଏ ଛାତ୍ର ପ୍ରତି ମନୋନିବେଶ କରୁଥିଲେ ଏବଂ ଛାତ୍ର ଗୋଟିଏ ପ୍ରଶ୍ନ ସମ୍ପୂର୍ଣ୍ଣଭାବରେ ଆୟତ୍ତ କରି ସାରିବା ପରେ ଆଉ ଗୋଟିଏ ପ୍ରଶ୍ନ ଶିକ୍ଷା ଦିଆ ଯାଉଥିଲା ।

ବୈଦିକ ଶିକ୍ଷା ପ୍ରଣାଳୀରେ ଉଚ୍ଚାରଣ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଉଥିଲେହେଁ ଏହା କେବଳ ଆବୃତ୍ତି ପ୍ରଧାନ ନ ଥିଲା । ଆବୃତ୍ତି ଅପେକ୍ଷା ବୈଦିକ ମନ୍ତ୍ରସମୂହର ଅର୍ଥବୋଧ, ମନନ ଓ ଚିନ୍ତନ ଅଧିକ ମୂଲ୍ୟବାନ୍ ବିବେଚିତ ହେଉଥିଲା । ମନ୍ତ୍ରସମୂହର ଅନ୍ତରାଳରେ ନିହିତ ଚରମ ସତ୍ୟକୁ ଉତ୍ତମରୂପେ ହୃଦୟଙ୍ଗମ ନ କରି ଯେଉଁମାନେ କେବଳ ସେଗୁଡ଼ିକୁ ଯନ୍ତ୍ରବତ୍ ଉଚ୍ଚାରଣ କରିବାରେ ଅଭ୍ୟସ୍ତ ବେଦରେ ସେମାନଙ୍କର ଘୋର ନିନ୍ଦା କରାଯାଇଛି । ଯାସ୍କଙ୍କ ମତରେ ସେହି କେବଳ ପାଠକମାନଙ୍କର ବିଦ୍ୟା ବନ୍ଧ୍ୟା ଗାଈ ଅଥବା ଅଫଳନ୍ତ ବୃକ୍ଷ ସଦୃଶ ନିରର୍ଥକ । ସେମାନେ ଆର୍ଯ୍ୟ ହୋଇ ମଧ ଶୂଦ୍ର ସଙ୍ଗେ ସମାନ । ଯେପରି ଗଧ ପକ୍ଷରେ ଚନ୍ଦନକାଠର ବୋଝ ବୋହିବା କେବଳ ସାରହୁଏ, ସେହିପରି ଏମାନେ ବେଦାଧ୍ୟୟନର ପରମାନନ୍ଦରୁ ବଞ୍ଚିତ । ଶାୟଣ ସେଥିପାଇଁ ତାହାଙ୍କ ଋକ୍‌ବେଦଭାଷ୍ୟ

ଭୂମିକା ଗ୍ରହଣରେ ଅକ୍ଷର ପ୍ରାପ୍ତିଠାରୁ ଅର୍ଥବୋଧ ଉପରେ ଅଧିକ ଗୁରୁତ୍ୱ ଆରୋପ କରିଅଛନ୍ତି ।

ବ୍ରାହ୍ମଣ ଏବଂ ଉପନିଷଦ ଯୁଗରେ ଶିକ୍ଷଣ କଳାର ସମଧିକ ବିକାଶ ସାଧିତ ହୋଇଥିଲା । ବେଦକାଳୀନ ଶିକ୍ଷାପଦ୍ଧତି ଶିକ୍ଷକ ପ୍ରଧାନ ଥିଲା; କିନ୍ତୁ ଉପନିଷଦ ଯୁଗରେ ଶିଷ୍ୟଙ୍କୁ ପ୍ରାଧାନ୍ୟ ଦିଆଗଲା । ଶିକ୍ଷା ମୁଖ୍ୟତଃ ଶିଷ୍ୟର କାର୍ଯ୍ୟରୂପେ ବିବେଚିତ ହେଲା । ଗୁରୁଙ୍କର କର୍ତ୍ତବ୍ୟ କେବଳ ଶିକ୍ଷା କାର୍ଯ୍ୟରେ ଶିଷ୍ୟଙ୍କୁ ସହାୟତା କରିବା । ଉପନିଷଦମାନଙ୍କରେ ସେଥିପାଇଁ ଛାତ୍ରର ସ୍ୱୟଂ ପ୍ରଯତ୍ନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଅଛି । ବୃହଦାରଣ୍ୟକ ଉପନିଷଦରେ ପାରମାର୍ଥିକ ଜ୍ଞାନ ଲାଭର ତିନିଗୋଟି ସୋପାନ ବିଷୟରେ ଉଲ୍ଲେଖ କରାଯାଇଅଛି । ସେଗୁଡ଼ିକ ଯଥାକ୍ରମେ—**ଶ୍ରବଣ, ମନନ ଓ ନିଦିଧ୍ୟାସନ ।** ଶ୍ରବଣ ଶବ୍ଦର ଅର୍ଥ ଗୁରୁଙ୍କଠାରୁ ବିଦ୍ୟା ଗ୍ରହଣ, ଆଧୁନିକ ଶିକ୍ଷାତତ୍ତ୍ୱର ଭାଷାରେ ଯାହାକୁ କୁହାଯାଏ ଜ୍ଞାନ ପ୍ରଦାନ ବା ଉପସ୍ଥାପନ; କିନ୍ତୁ ଜ୍ଞାନର ପୂର୍ଣ୍ଣତା ପାଇଁ ସେତିକି ଯଥେଷ୍ଟ ନୁହେଁ । ଗୁରୁଦତ୍ତ ଜ୍ଞାନକୁ ଆପଣାର କରିବାକୁ ହେବ । ଚିନ୍ତା ଶକ୍ତି ବଳରେ ହୃଦୟରେ ସମ୍ୟକ୍ ଅବଧାରଣା କରି ସେହି ଜ୍ଞାନର ସତ୍ୟାସତ୍ୟ ସମ୍ବନ୍ଧରେ ନିଶ୍ଚିତ ହେବାକୁ ପଡ଼ିବ । ତାହା ନୋହିଲେ 'ମାଗି ଆଣିଲା ତିଅଣ ସୁଡ଼୍‌କାଏ' ଭଳି ସେ ଜ୍ଞାନ କୌଣସି କାର୍ଯ୍ୟରେ ଆସିବ ନାହିଁ । ସେଥିପାଇଁ ଶ୍ରବଣ ସଙ୍ଗେ ମନନର ଆବଶ୍ୟକତା ଉପରେ ଜୋର ଦିଆଯାଇଅଛି । କିନ୍ତୁ ତାହା ମଧ୍ୟ ଯଥେଷ୍ଟ ନୁହେଁ । ଅଧୀତ ଜ୍ଞାନର ଅନ୍ତରାଳରେ ଯେଉଁ ଚରମ ସତ୍ୟ ନିହିତ ତାହାର ସାକ୍ଷାତ୍ ଉପଲବ୍ଧି ବିନା ସେ ଜ୍ଞାନ ନିରର୍ଥକ ଏବଂ ସେଥିପାଇଁ ଦରକାର ଧ୍ୟାନ ଓ ତପସ୍ୟା । ତାହାହିଁ ନିଦିଧ୍ୟାସନ । ଉଦାହରଣସ୍ୱରୂପ 'ତତ୍ତ୍ୱମସି' 'ତୁମେ ସେହି ବ୍ରହ୍ମ' ଉପନିଷଦର ଏହି ବାକ୍ୟଟି ନିଅ । ସାଧନା ଓ ତପସ୍ୟା ବଳରେ ଏହି ବାକ୍ୟର ଅନ୍ତରାଳରେ ନିହିତ ପରମ ସତ୍ୟକୁ ନିଜର ଅନୁଭବରେ ଆଣି ନ ପାରିଲେ, ନିଜର ଆଚରଣରେ ଫୁଟାଇ ନ ପାରିଲେ ସହସ୍ର ପ୍ରକାର ବୌଦ୍ଧିକ ଆଲୋଚନାରେ କୌଣସି ମୂଲ୍ୟ ନାହିଁ । ଦୁଧ ନ ଚାଖିଲେ କେବଳ ଆଲୋଚନାଦ୍ୱାରା ତାହାର ସ୍ୱାଦ ସମ୍ବନ୍ଧରେ ଧାରଣା କରି ହେବ

ନାହିଁ । ଶ୍ରବଣ ପୁଣି ଛଅ ଭାଗରେ ବିଭକ୍ତ ଥିଲା; ଯଥା:—୧—ଉପକ୍ରମ (ମନ୍ତ୍ର ଦାନ ପୂର୍ବରୁ ଅନୁଷ୍ଠିତ ଧାର୍ମିକ ବିଧାନ), ୨—ଅଭ୍ୟାସ, ୩—ଅପୂର୍ବତା (ଅର୍ଥର ତତ୍କାଳୀନ ଉପଲବ୍ଧି), ୪—ଫଳ (ସମ୍ୟକ୍ ବୋଧଜ୍ଞାନ), ୫—ଅର୍ଥବାଦ (ବୈଦିକ ମନ୍ତ୍ର ସମୂହର ବିଭିନ୍ନ ବ୍ୟାଖ୍ୟା ଅଧ୍ୟୟନ) ଓ ୬—ଉପପତ୍ତି (ସାରାଂଶ ହୃଦୟଙ୍ଗମ କରିବା ) ।

ପ୍ରାଚୀନ ଭାରତୀୟ ଶିକ୍ଷା ପଦ୍ଧତିର ଅନ୍ୟ ଏକ ବିଶେଷତ୍ୱ ହେଉଛି, ପ୍ରଶ୍ନୋତ୍ତର ସାହାଯ୍ୟରେ ଶିକ୍ଷା ପ୍ରଦାନ କରିବା । ଏହି ପ୍ରଣାଳୀ ଅନୁଯାୟୀ ଗୁରୁ ଶିଷ୍ୟ ନିକଟରେ କୌଣସି ସମସ୍ୟା ଉପସ୍ଥାପିତ କରୁଥିଲେ ଅଥବା ଶିଷ୍ୟ ସ୍ୱତଃପ୍ରବୃତ୍ତ ହୋଇ କୌଣସି ଜଟିଳ ସମସ୍ୟାର ସମାଧାନ ପାଇଁ ଗୁରୁଙ୍କ ନିକଟରେ ପ୍ରାର୍ଥୀ ହେଉଥିଲେ । ତାହାପରେ ପ୍ରଶ୍ନ ଉତ୍ତର, ବାଦାନୁବାଦ, ସମାଲୋଚନା ଓ ପ୍ରତିସମାଲୋଚନା ଚାଲୁଥିଲା ଏବଂ ଏହି ସବୁ ଉପାୟରେ ଗୁରୁ ଶିଷ୍ୟର ସମଗ୍ର ଚିତ୍ତବୃତ୍ତି ଜାଗ୍ରତ କରାଇ ଅଭିନବ କୌଶଳ ସହିତ ତାହାକୁ ନାନା ନିଗୂଢ଼ ସମସ୍ୟାର ସମାଧାନ ଆଡ଼କୁ ଘେନି ଯାଉଥିଲେ । * ଗ୍ରୀକ୍ ମନୀଷୀ ସକ୍ରେଟିସ୍‌ଙ୍କ ଶିକ୍ଷା ପ୍ରଣାଳୀ ସହିତ ଏହି ପଦ୍ଧତିର ବିଚିତ୍ର ସାମଞ୍ଜସ୍ୟ ଲକ୍ଷିତ ହୁଏ । ଉପନିଷଦ ଓ ବୌଦ୍ଧସୂତ୍ର ସାହିତ୍ୟରେ ଏହି ପଦ୍ଧତିର ବହୁଳ ପ୍ରୟୋଗ ପରିଦୃଷ୍ଟ ହୁଏ ।

ବିଷୟବସ୍ତୁକୁ ସହଜ ଏବଂ ସରସ କରିବା ପାଇଁ ପ୍ରାଚୀନ ଭାରତର ଶିକ୍ଷକଗଣ ଅନେକ ସମୟରେ ନାନା ଦୃଷ୍ଟାନ୍ତ, ଅନ୍ୟୋକ୍ତି, ସୂକ୍ତି, କଥା ଏବଂ ରୂପକାଦିର ଅବତାରଣା କରୁଥିଲେ । ପରବର୍ତ୍ତୀ ଯୁଗରେ ଏହି ପଦ୍ଧତିର ବିକାଶ ସାଧିତ ହୋଇ ଏଥିରୁ ଏକ ପକ୍ଷରେ ନ୍ୟାୟଶାସ୍ତ୍ର ଏବଂ ଅନ୍ୟ ପକ୍ଷରେ ହିତୋପଦେଶ ଓ ପଞ୍ଚତନ୍ତ୍ର ଆଦି ଭାରତୀୟ ଗଳ୍ପ ସାହିତ୍ୟର ସୃଷ୍ଟି ହୋଇଥିଲା ।

ଏହି ଶିକ୍ଷା ପଦ୍ଧତିରେ ଶିଷ୍ୟ କେବଳ ନିଷ୍କ୍ରିୟ ଶ୍ରୋତା ହୋଇ ରହୁ ନ ଥିଲା । କାରଣ ପ୍ରଶ୍ନ ଗୁଡ଼ିକର ଯୁକ୍ତିଯୁକ୍ତ ସମାଧାନ ପାଇଁ ତାକୁ ସତତ

* ପ୍ରଶ୍ନ ଉପନିଷଦ୍

ଚିନ୍ତା କରିବାକୁ ପଡ଼ୁଥିଲା । ଫଳରେ ପ୍ରତି ମୁହୂର୍ତ୍ତରେ ତାକୁ ଜାଗ୍ରତ ଏବଂ କ୍ରିୟାଶୀଳ ରହିବାକୁ ପଡ଼ୁଥିଲା । ଏହିପରି ଭାବରେ ଛାତ୍ରମାନଙ୍କର ବୁଦ୍ଧିର ଚାଳନା ଏବଂ କଳ୍ପନାଶକ୍ତିର ଉତ୍ତରୋତ୍ତର ବିକାଶ ସାଧନରେ ପ୍ରାଚୀନ ଭାରତୀୟ ଶିକ୍ଷାପଦ୍ଧତି ଅତ୍ୟନ୍ତ ସହାୟକ ଥିଲା । ସମୟ ସମୟରେ ଗୁରୁ କୌଣସି ନିଗୂଢ଼ ସମସ୍ୟା ସମ୍ବନ୍ଧରେ ସ୍ଥୂଳ ସୂଚନା ମାତ୍ର ଦେଇ ଶିଷ୍ୟଙ୍କୁ ନିଜର ସ୍ୱାଧ୍ୟାୟ, ମନନ ଏବଂ ଚିନ୍ତନ ବଳରେ ସମାଧାନରେ ପହଞ୍ଚିବା ପାଇଁ ଉତ୍ସାହିତ କରୁଥିଲେ । ବକ୍ତୃତା ଏବଂ ବର୍ଣ୍ଣନା ଅପେକ୍ଷା ପର୍ଯ୍ୟବେକ୍ଷଣ ଏବଂ ପ୍ରୟୋଗ ଶିକ୍ଷାର ମହତ୍ତର ସାଧନରୂପେ ବିବେଚିତ ହେଉଥିଲା । ଭ୍ରମଣ ଶିକ୍ଷାର ଅନ୍ୟତମ ପନ୍ଥା ଥିଲା ।

ବୈଦିକ ଆଚାର୍ଯ୍ୟଗଣ ବିଶ୍ୱାସ କରୁଥିଲେ ଯେ ଛାତ୍ରମାନଙ୍କର ସ୍ୱୟଂ ପ୍ରଯତ୍ନ ବିନା ଶିକ୍ଷାକ୍ଷେତ୍ରରେ କୌଣସି ପ୍ରକାର ଅଗ୍ରଗତି ସମ୍ଭବପର ନୁହେଁ । ସେଥିପାଇଁ ସେମାନେ ଛାତ୍ରର ସ୍ୱାଧ୍ୟାୟ ଉପରେ ବିଶେଷ ଗୁରୁତ୍ୱ ଆରୋପ କରୁଥିଲେ । ସ୍ୱାଧ୍ୟାୟ ଶବ୍ଦର ଅର୍ଥ ଆତ୍ମ-ଅଧ୍ୟୟନ । ବୈଦିକ ଋଷିମାନଙ୍କ ମତରେ ବ୍ରହ୍ମପ୍ରାପ୍ତି ନିମିତ୍ତ ସ୍ୱାଧ୍ୟାୟ ଅପରିହାର୍ଯ୍ୟ । ଶତପଥ ବ୍ରାହ୍ମଣରେ ସ୍ୱାଧ୍ୟାୟକୁ ଯଜ୍ଞର ମହତ୍ତ୍ୱ ପ୍ରଦାନ କରାଯାଇଅଛି । ଶୁକ୍ରାଚାର୍ଯ୍ୟ ଯଥାର୍ଥରେ କହିଅଛନ୍ତି—

*"ଆଚାର୍ଯ୍ୟାତ୍ ପାଦମାଦତ୍ତେ ପାଦଂ ଶିଷ୍ୟସ୍ୱମେଧୟା,
ପାଦଂ ସଃ ବ୍ରହ୍ମଚାରିଭ୍ୟଃ ପାଦଂ କାଳକ୍ରମେଣତୁ ।"

ବୈଦିକ ଶିକ୍ଷାର ସର୍ବପ୍ରଧାନ ବିଶେଷତା ଥିଲା, ଗୁରୁ ଶିଷ୍ୟ ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ଓ ଶିକ୍ଷାଦାନରେ ବ୍ୟକ୍ତିଗତ ପଦ୍ଧତି । ଶହ ଶହ ଛାତ୍ରଙ୍କୁ ଏକତ୍ର ଭାଷଣ ଦେବାର ରୀତି ପ୍ରାଚୀନ ଭାରତରେ ପ୍ରଚଳିତ ନ ଥିଲା । ବିଦ୍ୟାନୁଷ୍ଠାନମାନ ଅତ୍ୟନ୍ତ କ୍ଷୁଦ୍ର ଥିଲା । ପ୍ରତ୍ୟେକ ଶିକ୍ଷକ ସ୍ୱସାଧ୍ୟାନୁଯାୟୀ

---

* ଶିଷ୍ୟ ସ୍ୱଜ୍ଞାନର ଚାରିଭାଗରୁ ଭାଗେ ଗୁରୁଙ୍କଠାରୁ, ଭାଗେ ସ୍ୱାଧ୍ୟାୟ ଦ୍ୱାରା, ଭାଗେ ସହପାଠୀ ଛାତ୍ରମାନଙ୍କଠାରୁ ଏବଂ ଆଉ ଭାଗେ କାଳକ୍ରମରେ ଜୀବନର ଅଭିଜ୍ଞତାରୁ ଲାଭ କରେ ।

୧୫ ବା ୨୦ ଜଣ ଛାତ୍ର ଗ୍ରହଣ କରୁଥିଲେ ଏବଂ ପ୍ରତ୍ୟେକ ଛାତ୍ରର ଶକ୍ତି ଓ ବୁଦ୍ଧିମତ୍ତା ପରୀକ୍ଷା କରି ପ୍ରତ୍ୟେକକୁ ସ୍ୱତନ୍ତ୍ର ଭାବରେ ଶିକ୍ଷାଦାନ କରୁଥିଲେ । ଶିକ୍ଷା ବୋଇଲେ ସେମାନେ ବୁଝୁଥିଲେ, ବ୍ୟକ୍ତିଗତ ତତ୍ତ୍ୱାବଧାନ ଶ୍ରେଣୀଗତ ଅଧ୍ୟାପନା ନୁହେଁ । ଆଧୁନିକ ଯୁଗରେ ଶିକ୍ଷାଦାନର ଏ ରୀତି ମନୋବୈଜ୍ଞାନିକ ଦୃଷ୍ଟିରୁ ସର୍ବଶ୍ରେଷ୍ଠ ପଦ୍ଧତିରୂପେ ସ୍ୱୀକୃତ ହୋଇଅଛି ।

**ବିଦ୍ୟାଳୟ ସଂଗଠନ:**

**ପ୍ରବେଶ**—ବୈଦିକ ଯୁଗରେ ଦେଶରେ ଅସଂଖ୍ୟ ଛୋଟ ଛୋଟ ପାରିବାରିକ ବିଦ୍ୟାଳୟମାନ ଥିଲା । ଏହି ବିଦ୍ୟାଳୟଗୁଡ଼ିକର ସଂଚାଳକ ଥିଲେ ସ୍ୱୟଂ ଶିକ୍ଷକ । ଛାତ୍ରମାନେ ଉପନୟନଯୋଗ୍ୟ ବୟସରେ ଗୁରୁ ଗୃହକୁ ଯାଉଥିଲେ ଏବଂ ଶିକ୍ଷା ଶେଷ ପର୍ଯ୍ୟନ୍ତ ଗୁରୁକୁଳରେ ରହି ବିଦ୍ୟାଧ୍ୟୟନ କରୁଥିଲେ । ତେଣୁ ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକ ସାଧାରଣତଃ ଆବାସିକ (residential) ଥିଲା । ଆଜି ଉପନୟନ ଏକ ଅର୍ଥହୀନ ସଂସ୍କାରରେ ପରିଣତ ହୋଇଅଛି । ଉପନୟନ କହିଲେ ଆମେ ବୁଝୁ ପଇତା ଗ୍ରହଣ ଏବଂ ଭୋଜିଭାତ; କିନ୍ତୁ ପ୍ରାଚୀନ କାଳରେ ଉପନୟନ ଥିଲା ଏକ ଜୀବନ୍ତ ଅନୁଷ୍ଠାନ । ସେହି ଦିନଠାରୁ ଶିଶୁର ବିଦ୍ୟାର୍ଥୀ ଜୀବନ ଆରମ୍ଭ ହେଉଥିଲା । ସେହି ଦିନ ସେ ବିଦ୍ୟାର୍ଜନ ପାଇଁ ପିତୃଗୃହ ଛାଡ଼ି ଗୁରୁଗୃହକୁ ଗମନ କରୁଥିଲା ଏବଂ ଗୁରୁଙ୍କଦ୍ୱାରା ଯଥାବିଧି ଦୀକ୍ଷିତ ହୋଇ ଦ୍ୱିଜ ହେଉଥିଲା ।

ଏହି ଦ୍ୱିତୀୟ ଜୀବନ ଥିଲା ଆଧ୍ୟାତ୍ମିକ ଜୀବନ ଏବଂ ତାର ଜନ୍ମଦାତା ଥିଲେ ଗୁରୁ । ଉପନୟନ ପରେ ସେ ବ୍ରହ୍ମଚାରୀ ବୋଲାଉଥିଲା ଏବଂ ତାର ବେଶଭୂଷା, ଆଚାର ବ୍ୟବହାର, ଗୃହାଣି ଓ ଚଳଣିରେ ସ୍ପଷ୍ଟ ପରିବର୍ତ୍ତନ ଲକ୍ଷିତ ହେଉଥିଲା । ଏଠାରେ ଦୀକ୍ଷା ସମ୍ବନ୍ଧରେ ପଦେ କହିବାର ଅଛି । ଦୀକ୍ଷା ଶବ୍ଦର ଅର୍ଥ ମନ୍ତ୍ର ଗ୍ରହଣ । ଏଥିପାଇଁ ଦରକାର ହୃଦୟରେ ଅଟଳ ଭକ୍ତି, ଅନ୍ତରରେ ସରଳ ବିଶ୍ୱାସ, ଅଦମ୍ୟ କର୍ମନିଷ୍ଠା ଏବଂ ନିଷ୍କପଟ ଆତ୍ମ ସମର୍ପଣ । ତା ନୋହିଲେ ଯେକୌଣସି ପଦ୍ଧତି ବା ଆଦର୍ଶ ସେ ଯେତେ ନିର୍ଦ୍ଦୋଷ ଓ ମହତ୍ତ୍ୱପୂର୍ଣ୍ଣ ହେଉ ନା କାହିଁକି ସଫଳ ହୋଇପାରିବ ନାହିଁ । ଆମେ ଆଜି

ଶିକ୍ଷା ପ୍ରାପ୍ତ ହେଉଅଛୁ ସତ୍ୟ, କିନ୍ତୁ ଆମ ଜୀବନରେ ଦୀକ୍ଷାର ଘୋର ଅଭାବ ଘଟିଅଛି । ନବ ଭାରତର ତରୁଣ ଛାତ୍ର ନବୀନ ମନ୍ତ୍ରରେ ଦୀକ୍ଷିତ ନ ହେଲେ ଦେଶର ଦୁର୍ଦ୍ଦଶା ଘୁଞ୍ଚିବ ନାହିଁ ।

**ଛାତ୍ର ନିର୍ବାଚନ**—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ସମସ୍ତଙ୍କ ପାଇଁ ଗୁରୁକୁଳର ଦ୍ୱାର ଉନ୍ମୁକ୍ତ ଥିଲା । ବଂଶ, ବ୍ୟକ୍ତିଗତ ଯୋଗ୍ୟତା, ସଚ୍ଚରିତ୍ର ଏବଂ ସେବାଭାବ ସାଧାରଣତଃ ପ୍ରବେଶ ଏବଂ ଦୀକ୍ଷା ଗ୍ରହଣର ମାପକାଠିରୂପେ ବିବେଚିତ ହେଉଥିଲେହେଁ ବଂଶ ବା ଜାତିଗତ ମର୍ଯ୍ୟାଦା ଅପେକ୍ଷା ଛାତ୍ରର ନୈତିକ ବଳ ଏବଂ ସଦାଚାରର ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ନୈତିକତା ଏବଂ ସଦାଚାରର ଦୃଷ୍ଟିରୁ ଯେଉଁମାନେ ହୀନ ପ୍ରତିପାଦିତ ହେଉଥିଲେ ସେମାନଙ୍କ ପାଇଁ ଗୁରୁକୁଳରେ ପ୍ରବେଶ ନିଷିଦ୍ଧ ଥିଲା । ସତ୍ୟକାମ ଜାବାଳଙ୍କ ପରି ଅଜ୍ଞାତ କୁଳଶୀଳ ବାଳକ କେବଳ ଦୃଢ଼ ଚରିତ୍ର ବଳରେ ଉଚ୍ଚତମ ଅଧ୍ୟାତ୍ମ ଜ୍ଞାନର ଅଧିକାରୀ ହୋଇଥିଲେ । କେତେକଙ୍କର ଧାରଣା ଯେ ବ୍ରାହ୍ମଣମାନଙ୍କ ବ୍ୟତୀତ ଅନ୍ୟମାନଙ୍କର ବୈଦିକ ଜ୍ଞାନରେ ଅଧିକାର ନ ଥିଲା; କିନ୍ତୁ ଏ ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତମୂଳକ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏହି ତିନି ଜାତିଙ୍କ ପାଇଁ ବେଦାଧ୍ୟୟନ ବାଧ୍ୟତାମୂଳକ ଥିଲା ଏବଂ ଛାତ୍ର ଜୀବନର ସମସ୍ତ ବିଧି ବିଧାନ ସେମାନଙ୍କ ପ୍ରତି ପ୍ରଯୁକ୍ତ ହେଉଥିଲା । କେବଳ ଶୂଦ୍ରମାନେ ବୈଦିକ ଶିକ୍ଷାରୁ ବଞ୍ଚିତ ଥିଲେ । ମନୁସ୍ମୃତିରେ ଏହାର ସ୍ପଷ୍ଟ ଉଲ୍ଲେଖ ଅଛି । ଉଚ୍ଚ ଆଧ୍ୟାତ୍ମିକ ଶିକ୍ଷା ନିମିତ୍ତ ଛାତ୍ରଗ୍ରହଣର ନିୟମ ଅଧିକ କଠୋର ଥିଲା । ନିଗୂଢ଼ ପାରମାର୍ଥିକ ଜ୍ଞାନ ପ୍ରଦାନ ପୂର୍ବରୁ ଗୁରୁ ନାନା ଉପାୟରେ ଛାତ୍ରମାନଙ୍କର ଧୈର୍ଯ୍ୟ, ସାହସ, ସତ୍ୟନିଷ୍ଠା ଏବଂ ଇନ୍ଦ୍ରିୟ ସଂଯମ ପରୀକ୍ଷା କରୁଥିଲେ । ଏହାର ଗୋଟିଏ ଉଜ୍ଜ୍ୱଳ ଦୃଷ୍ଟାନ୍ତ କଠୋପନିଷଦର ଯମ ନଚିକେତା ସମ୍ବାଦ । ଅମୃତତତ୍ତ୍ୱର ସନ୍ଧାନରେ ବ୍ରତୀ ହୋଇ ନଚିକେତା ଯମଙ୍କ ନିକଟରେ ପହଞ୍ଚିଲେ ଏବଂ ଜନ୍ମ, ମୃତ୍ୟୁ ଓ ଆତ୍ମାର ନିଗୂଢ଼ ରହସ୍ୟ ବୁଝାଇ ଦେବାପାଇଁ ତାହାଙ୍କୁ ପ୍ରାର୍ଥନା କଲେ । ଯମ ପ୍ରଥମେ ନଚିକେତାଙ୍କୁ ପରୀକ୍ଷା କରିବା ପାଇଁ ତାହାଙ୍କୁ ପୁତ୍ର, ପୌତ୍ର, ଧନଧାନ୍ୟ, ଗୋସମ୍ପଦ ଏବଂ ଅବଶେଷରେ ଅଖିଳ ବ୍ରହ୍ମାଣ୍ଡର ଅଧିନାୟକତ୍ୱ ଅର୍ପଣ କରି **ଫେରିଯିବା**

ପାଇଁ କହିଲେ; କିନ୍ତୁ ସତ୍ୟର ପୂଜାରୀ ନଚିକେତା ସାମାନ୍ୟ ପାର୍ଥିବ ବିଭବରେ ଭୁଲିବାର ପାତ୍ର ନୁହନ୍ତି । ସେ ଯମଙ୍କର ବରଗୁଡ଼ିକ ଗୋଟି ଗୋଟି କରି ପ୍ରତ୍ୟାଖ୍ୟାନ କରିଦେଲେ ଏବଂ ନିଗୂଢ଼ ଆତ୍ମତତ୍ତ୍ୱ ଶିକ୍ଷା ନ ଦେଲେ ଫେରିବେ ନାହିଁ ବୋଲି ଜିଦ୍ ଧରି ବସିଲେ । ନଚିକେତାଙ୍କ ଇନ୍ଦ୍ରିୟ ସଂଯମ ଓ ସତ୍ୟାନୁସନ୍ଧିତ୍ସାରେ ମୁଗ୍ଧ ହୋଇ ଯମ ତାହାଙ୍କୁ ନିଗୂଢ଼ ଆତ୍ମତତ୍ତ୍ୱ ଶିକ୍ଷା ଦେଲେ ।

**ଅଧ୍ୟୟନ କାଳ:**—ଆଠବର୍ଷ ବୟସରେ ବ୍ରାହ୍ମଣମାନଙ୍କର, ଏଗାର ବର୍ଷ ବୟସରେ କ୍ଷତ୍ରିୟମାନଙ୍କର ଏବଂ ବାର ବର୍ଷ ବୟସରେ ବୈଶ୍ୟ-ମାନଙ୍କର ଉପନୟନର ବ୍ୟବସ୍ଥା ଥିଲା, ଏବେ ମଧ୍ୟ ଅଛି । ବୈଦିକ ଯୁଗରେ ଅଧ୍ୟୟନକାଳ ସାଧାରଣତଃ ବାର ବର୍ଷ ଥିଲା । ଶ୍ୱେତକେତୁ, ଉପକୋଶଳ କାମଲାୟନ ଗୁରୁଗୃହରେ ବାର ବର୍ଷ କାଳ ଅବସ୍ଥାନ କରି ସ୍ୱଗୃହକୁ ବାହୁଡ଼ି ଥିଲେ । ପରବର୍ତ୍ତୀ କାଳରେ ଯେତେବେଳେ ବୈଦିକ ସାହିତ୍ୟର କଳେବର ଆଶାତୀତ ଭାବରେ ବୃଦ୍ଧି ଲଭିଲା ସେତେବେଳେ ପ୍ରତ୍ୟେକ ବେଦର ଅଧ୍ୟୟନ ପାଇଁ ବାର ବର୍ଷ ଆବଶ୍ୟକ ହେଲା । ସୁତରାଂ ଯେଉଁମାନେ ସମଗ୍ର ଚାରିବେଦରେ ବ୍ୟୁତ୍ପତ୍ତି ଲାଭ କରିବା ପାଇଁ ଇଚ୍ଛା କରୁଥିଲେ ସେମାନଙ୍କୁ ଗୁରୁଗୃହରେ ଅଠଚାଳିଶ ବର୍ଷ ରହିବାକୁ ପଡ଼ୁଥିଲା; କିନ୍ତୁ ଏପରି ଛାତ୍ରଙ୍କ ସଂଖ୍ୟା କୌଣସି କାଳେ ବେଶି ହୋଇ ନଥିବ ।

ସାଧାରଣତଃ ପଚିଶ ବର୍ଷ ବୟସରେ ଯୌବନର ମଧ୍ୟାହ୍ନରେ ଯୁବକ-ଗଣ ବିଦ୍ୟାଧ୍ୟୟନ ଶେଷ କରି ଗୃହସ୍ଥାଶ୍ରମରେ ପ୍ରବେଶ କରୁଥିଲେ । ଅବଶ୍ୟ କେତେକ ବ୍ୟକ୍ତି ଆଜୀବନ ବ୍ରହ୍ମଚାରୀ ରହି ଜ୍ଞାନ ଓ ସତ୍ୟର ଆରାଧନାରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ନିୟୋଜିତ କରୁଥିଲେ । ଏମାନଙ୍କୁ ନୈଷ୍ଠିକ ବ୍ରହ୍ମଚାରୀ କୁହାଯାଉଥିଲା ।

ବୈଦିକ ବିଦ୍ୟାଳୟ ସମୂହର ଅଧିବେଶନ ଶ୍ରାବଣ ପୂର୍ଣ୍ଣିମାରେ ଆରମ୍ଭ ହୋଇ ପୌଷ ପୂର୍ଣ୍ଣିମାରେ ଶେଷ ହେଉଥିଲା । ଭାଦ୍ର, ଆଶ୍ୱିନ, କାର୍ତ୍ତିକ, ମାର୍ଗଶିର ଏବଂ ପୌଷ ଏହି ପାଞ୍ଚମାସ ବ୍ୟତୀତ ବର୍ଷର ଅନ୍ୟ ସମୟରେ ବେଦ ଅଧ୍ୟାପନା କାର୍ଯ୍ୟ ବନ୍ଦ ରହୁଥିଲା; କିନ୍ତୁ ଏହି ନିଷିଦ୍ଧ କାଳ ମଧ୍ୟରେ

ଛାତ୍ରମାନଙ୍କର ସ୍ୱାସ୍ଥ୍ୟ ପାଇଁ କୌଣସି ବାରଣ ନ ଥିଲା । ଅଧିବେଶନର ଆରମ୍ଭକୁ ଉପାକର୍ମ ଏବଂ ଶେଷକୁ ଉତ୍ସର୍ଜନ କୁହା ଯାଉଥିଲା ।

**ଅବକାଶ**—ଅଧ୍ୟୟନକାଳ ମଧ୍ୟରେ ଛୁଟିର ବ୍ୟବସ୍ଥା ଥିଲା । ସାଧାରଣତଃ ଅମାବାସ୍ୟା, ପୂର୍ଣ୍ଣିମା, ବିଭିନ୍ନ ପର୍ବ ପର୍ବାଣି, ରାଷ୍ଟ୍ର ବିପ୍ଳବ ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପୃତ କାଳରେ ଶିକ୍ଷଣକାର୍ଯ୍ୟ ବନ୍ଦ ରହୁଥିଲା । ଏଥିରୁ ସ୍ପଷ୍ଟ ଅନୁମିତ ହେଉଅଛି ଯେ, ଛୁଟି ପାଇଁ କୌଣସି ଧରାବନ୍ଧା ନିୟମ ନ ଥିଲା । ଆବଶ୍ୟକତା ଅନୁଯାୟୀ ଏଥିରେ ସହଜରେ ଅଦଳ ବଦଳ କରା-ଯାଇ ପାରୁଥିଲା ।

**ବିଦ୍ୟାଳୟ ପରିଚାଳନା**—ଆଗରୁ କୁହାଯାଇଛି ଯେ ବୈଦିକ ବିଦ୍ୟାଳୟମାନ କ୍ଷୁଦ୍ର ପାରିବାରିକ ବିଦ୍ୟାଳୟ ଥିଲା । ଛାତ୍ରସଂଖ୍ୟା ସ୍ୱଳ୍ପ ଥିଲା । ତେଣୁ ବିଦ୍ୟାଳୟ ପରିଚାଳନାରେ କୌଣସି ଅସୁବିଧା ହେଉ ନ ଥିଲା । ଶିକ୍ଷକ ପ୍ରତ୍ୟେକ ଛାତ୍ରକୁ ସ୍ୱତନ୍ତ୍ର ଭାବରେ ଶିକ୍ଷା ଦେଉଥିଲେ । ପ୍ରତ୍ୟେକ ଛାତ୍ରପ୍ରତି ବ୍ୟକ୍ତିଗତ ଧ୍ୟାନ ଦିଆ ଯାଉଥିଲା । ବିଦ୍ୟାଳୟର ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଛାତ୍ରମାନଙ୍କର ପ୍ରାରମ୍ଭିକ ଶିକ୍ଷାଦାନ କାର୍ଯ୍ୟରେ ଗୁରୁ ଅନେକ ସମୟରେ ବୟସ୍କ ମେଧାବୀ ଛାତ୍ରମାନଙ୍କର ସାହାଯ୍ୟ ଏବଂ ସହଯୋଗ ଗ୍ରହଣ କରୁଥିଲେ । ଏହି ପ୍ରଥା ବଡ଼ଚାଟ ପ୍ରଥା ( Monitorial system ) ନାମରେ ସୁପରିଚିତ । ଚୀନଦେଶୀୟ ପରିବ୍ରାଜକ ମାନଙ୍କର ବିବରଣୀରୁ ଜଣାଯାଏ ଯେ ବଲ୍ଲଭି ଏବଂ ତକ୍ଷଶିଳା ଇତ୍ୟାଦି ବିଶ୍ୱବିଦ୍ୟାଳୟମାନଙ୍କରେ ଏହା ପ୍ରଚଳିତ ଥିଲା । ଏହା ଏକ ସୁନ୍ଦର ପ୍ରଥା । ଏହାଦ୍ୱାରା ବିଦ୍ୟାଳୟର ମେଧାବୀ ଛାତ୍ରଗଣ ଅଧ୍ୟାପନା ଏବଂ ନେତୃତ୍ୱରେ ତାଲିମ ପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ବିଦ୍ୟାଳୟ ପରିଚାଳନା ସ୍ୱଳ୍ପ ବ୍ୟୟରେ ସମାହିତ ହେଉଥିଲା ।

**ପରୀକ୍ଷା** ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ବାର୍ଷିକ ବା ସାମୟିକ କୌଣସି ପ୍ରକାର ଧାରାବାହିକ ପରୀକ୍ଷାର ପ୍ରଚଳନ ନ ଥିଲା । ଉପାଧି (ଡିଗ୍ରି ବା ଡିପ୍ଲୋମା) ଦାନର ବ୍ୟବସ୍ଥା ନ ଥିବାରୁ କୌଣସି ପ୍ରକାର ପ୍ରମାଣ-ପତ୍ରର ପ୍ରୟୋଜନ ମଧ୍ୟ ନ ଥିଲା । ଶିକ୍ଷକ ପ୍ରତ୍ୟହ ପୂର୍ବ ଦିବସର ପାଠ ପରୀକ୍ଷା

ନେଉଥିଲେ ଏବଂ ଛାତ୍ର ଗୋଟିଏ ବିଷୟ ସମ୍ପୂର୍ଣ୍ଣ ଭାବରେ ଆୟତ୍ତ କରି ସାରିବା ପରେ ଗୁରୁ ଆଉ ଗୋଟିଏ ବିଷୟ ଶିକ୍ଷା ଦେଉଥିଲେ । ସମାବର୍ତ୍ତନ ପରେ ରାଜ୍ୟର ସଭାସମିତି ଓ ରାଜଦରବାରମାନଙ୍କରେ ଯୋଗଦାନପୂର୍ବକ ଦେଶର ଶିକ୍ଷିତ ଯୁବକମାନଙ୍କୁ ଆପଣା ବିଦ୍ୱତ୍ତାର ପ୍ରମାଣ ଦେବାକୁ ପଡ଼ୁଥିଲା । ପ୍ରତିଦ୍ୱନ୍ଦ୍ୱିତାରେ ଜୟଲାଭ କରି ସେମାନେ ଦେଶର ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କଦ୍ୱାରା ପ୍ରଶଂସିତ ଏବଂ ପୁରସ୍କୃତ ହେଉଥିଲେ । ଶାସ୍ତ୍ରାର୍ଥ ପାଇଁ ଆହ୍ୱାନରୂପ ଶାଣିତ ତରବାରି ସବୁବେଳେ ମୁଣ୍ଡ ଉପରେ ଝୁଲୁଥିବାରୁ ସେମାନଙ୍କୁ ପ୍ରତିମୁହୂର୍ତ୍ତରେ ଜାଗ୍ରତ ରହିବାକୁ ପଡ଼ୁଥିଲା । ଫଳରେ ଆଧୁନିକ ଯୁଗପରି ସାର୍ଟିଫିକେଟର ଅଭେଦ୍ୟ କବଚତଳେ ଆଶ୍ରୟ ନେଇ ଅଖଣ୍ଡ ସୁସୁପ୍ତିର ନିଶ୍ୱାସ ମାରିବା ସେ କାଳରେ ଆଦୌ ସମ୍ଭବପର ନ ଥିଲା ।

**ସମାବର୍ତ୍ତନ**—ପ୍ରାୟ ୨୫ ବର୍ଷ ବୟସରେ ଛାତ୍ରମାନେ ବ୍ରହ୍ମଚର୍ଯ୍ୟର କଠୋର ଶୃଙ୍ଖଳାମୟ ଜୀବନ ସାଙ୍ଗକରି ଦୀକ୍ଷାନ୍ତ ସ୍ନାନ କରୁଥିଲେ ଏବଂ ନବ ବସ୍ତ୍ରାଲଙ୍କାରରେ ଭୂଷିତ ହୋଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଏହି ଉତ୍ସବର ନାମ ଥିଲା ସମାବର୍ତ୍ତନ । ବିଦ୍ୟାଧ୍ୟୟନ ଶେଷରେ ଗୁରୁ ଛାତ୍ରମାନଙ୍କୁ ତାଙ୍କର ଦୀକ୍ଷାନ୍ତ ଭାଷଣ ଶୁଣାଇ ବିଦାୟ ଦେଉଥିଲେ । * ଏହି ଭାଷଣରେ ସତ୍ୟ କଥନ, କର୍ତ୍ତବ୍ୟ ପାଳନ, ନିୟମିତ ବେଦାଧ୍ୟୟନ,

* ଦୀକ୍ଷାନ୍ତକାଳୀନ ଭାଷଣର କିୟଦଂଶ—

ସତ୍ୟଂବଦ, ଧର୍ମଂଚର, ସ୍ୱାଧ୍ୟାୟାନ୍ମା ପ୍ରମଦଃ ।

ଆଚାର୍ଯ୍ୟାୟ ପ୍ରିୟଂ ଧନ ମାହୃତ୍ୟ ପ୍ରଜାତନ୍ତୁଂ ମା ବ୍ୟବଚ୍ଛେତ୍ସୀଃ

ସତ୍ୟାନ୍ନ ପ୍ରମଦିତବ୍ୟମ୍ । ଧର୍ମାନ୍ନ ପ୍ରମଦିତବ୍ୟମ୍

ସ୍ୱାଧ୍ୟାୟ ପ୍ରବଚନାଭ୍ୟାଂ ନ ପ୍ରମଦିତବ୍ୟମ୍ ।

ଦେବପିତୃ କାର୍ଯ୍ୟାଭ୍ୟାଂ ନ ପ୍ରମଦିତବ୍ୟମ୍ ।

ମାତୃଦେବୋ ଭବ । ପିତୃଦେବୋ ଭବ । ଆଚାର୍ଯ୍ୟଦେବୋ ଭବ ।

ସ୍ୱାସ୍ଥ୍ୟରକ୍ଷା, ଯଜ୍ଞ, ପିତାମାତାଙ୍କପ୍ରତି ଭକ୍ତି, ଗୁରୁସେବା ଏବଂ ଦାନ ଇତ୍ୟାଦି ଭବିଷ୍ୟତ ବ୍ୟାବହାରିକ ଜୀବନର ବିବିଧ କର୍ତ୍ତବ୍ୟ ସମ୍ବନ୍ଧରେ ବହୁ ମୂଲ୍ୟବାନ ଉପଦେଶ ଦିଆ ଯାଉଥିଲା ।

**ସାର୍ବଜନୀନ ବାଧ୍ୟତାମୂଳକ ଶିକ୍ଷା**—ବୈଦିକ ଯୁଗରେ ଶିକ୍ଷା ସାର୍ବଜନୀନ ଏବଂ ବାଧ୍ୟତାମୂଳକ ଥିଲା । ଅନାର୍ଯ୍ୟ ଓ ଶୂଦ୍ରମାନଙ୍କ ବ୍ୟତୀତ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ସମସ୍ତଙ୍କ ପକ୍ଷରେ ବେଦାଧ୍ୟୟନ ଏକ ପବିତ୍ର ଆଧ୍ୟାତ୍ମିକ କର୍ତ୍ତବ୍ୟ ରୂପେ ବିବେଚିତ ହେଉଥିଲା ।

ଶାସ୍ତ୍ରାନୁମୋଦିତ ବୟସରେ ଯେଉଁମାନଙ୍କର ଉପନୟନ ହୋଇ ପାରୁ ନ ଥିଲା ସେମାନେ ସାବିତ୍ରୀ ପତିତ ବା ବ୍ରାତ୍ୟ ନାମରେ ଅଭିହିତ ହେଉଥିଲେ । ଧର୍ମଶାସ୍ତ୍ର ମାନଙ୍କରେ ସେମାନଙ୍କର ପ୍ରାୟଶ୍ଚିତ୍ତର ବିଧାନ ଅଛି । ନିରକ୍ଷରତା ପାଇଁ ସାମାଜିକ ବାସନ୍ଦ ସଙ୍ଗେ ରାଜକୀୟ ଦଣ୍ଡର ବ୍ୟବସ୍ଥା ମଧ୍ୟ ଥିଲା । ମନୁସ୍ମୃତିରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ; ବେଦାନଭିଜ୍ଞ ମୂର୍ଖ ଭିକ୍ଷାର୍ଥୀ ବ୍ରାହ୍ମଣମାନଙ୍କୁ ଯେଉଁ ଗ୍ରାମବାସୀମାନେ ସାହାଯ୍ୟ କରିବେ ସେମାନଙ୍କର ଏ କାର୍ଯ୍ୟ ଚୌର୍ଯ୍ୟ ବୃତ୍ତିକୁ ପ୍ରଶ୍ରୟ ଦେବା ସଙ୍ଗେ ସମାନ ବିବେଚିତ ହେବ ଏବଂ ସେଥିପାଇଁ ସେମାନେ ନିୟମାନୁଯାୟୀ ଦଣ୍ଡିତ ହେବେ । ଛାନ୍ଦୋଗ୍ୟ ଉପନିଷଦରେ ବର୍ଣ୍ଣିତ ଅଛି, ଅଶ୍ୱପତି କୈକେୟଙ୍କ ରାଜ୍ୟରେ ନିରକ୍ଷର ହୋଇ ଜଣେହେଲେ ବ୍ୟକ୍ତି ନ ଥିଲେ ।

ଅଧ୍ୟୟନ ସଙ୍ଗେ ଅଧ୍ୟାପନା ମଧ୍ୟ ବାଧ୍ୟତାମୂଳକ ଥିଲା । ଯେଉଁମାନେ ଏହି କାର୍ଯ୍ୟପାଇଁ ପଶ୍ଚାତ୍ମୁଖ ସେମାନଙ୍କୁ ଶିକ୍ଷାଦେବା ନିଷିଦ୍ଧ ଥିଲା । ଏହିଠାରେ ସ୍ମରଣ ରଖିବାର ଅଛି ଯେ ବ୍ରାହ୍ମଣମାନଙ୍କର ଅବଶ୍ୟ ପାଳନୀୟ ଷଟ୍‌କର୍ମ ମଧ୍ୟରୁ ଅଧ୍ୟାପନା ଅନ୍ୟତମ । ସ୍ୱାଧ୍ୟାୟ ସଙ୍ଗେ ଶିକ୍ଷାଦାନ ହିନ୍ଦୁ ନାଗରିକର ପ୍ରଧାନ କର୍ତ୍ତବ୍ୟ ରୂପେ ପରିଗଣିତ ହେଉଥିଲା । ହିନ୍ଦୁ ଗୃହସ୍ଥର ତିନିଗୋଟି ଋଣ ଭିତରେ ବିଦ୍ୟାଋଣ ଗୋଟିଏ ଏବଂ ଅଧ୍ୟାପନାଦ୍ୱାରା ପ୍ରତ୍ୟେକ ବ୍ୟକ୍ତିକୁ ସମାଜର ସେହି ଋଣ ପରିଶୋଧ କରିବାକୁ ହେଉଥିଲା ।

**ଶିକ୍ଷାନୁଷ୍ଠାନ:**

**ଗୁରୁଗୃହ**—ପ୍ରାଚୀନ ଭାରତର ସର୍ବପ୍ରଧାନ ବିଦ୍ୟାନୁଷ୍ଠାନ ଥିଲା ଗୁରୁଗୃହ । ସେକାଳର ଛାତ୍ରମାନେ ଅତି ସୁକୋମଳ ବୟସରେ ପିତାମାତାଙ୍କ ସ୍ନେହମୟ କୋଳ ଛାଡ଼ି ଗୁରୁ ଗୃହକୁ ବିଦ୍ୟାର୍ଜନ ପାଇଁ ଯାଉଥିଲେ । ସେଠାରେ ଗୁରୁଙ୍କ ଦ୍ୱାରା ଯଥାବିଧି ଦୀକ୍ଷିତ ହୋଇ ବ୍ରହ୍ମଚର୍ଯ୍ୟାଶ୍ରମରେ ପ୍ରବେଶ କରୁଥିଲେ । ୨୫ ବର୍ଷ ବୟସରେ ବ୍ରହ୍ମଚର୍ଯ୍ୟର କଠୋର ଶୃଙ୍ଖଳାମୟ ଜୀବନ ଉଦ୍‌ଯାପନ କରି ସ୍ୱଗୃହକୁ ବାହୁଡ଼ୁଥିଲେ ।

**ପରିଷଦ**—ଗୁରୁଗୃହଲବ୍ଧ ଶିକ୍ଷାରେ ସନ୍ତୁଷ୍ଟ ନ ହୋଇ ଯେଉଁମାନେ ଉଚ୍ଚତର ଜ୍ଞାନର ସନ୍ଧାନରେ ବ୍ରତୀ ହେଉଥିଲେ ପରିଷଦ ସେହିମାନଙ୍କର ପ୍ରଧାନ ଆଲୋଚନା ପୀଠ ଥିଲା । ଦେଶର ଅଧିକାଂଶ ଅଞ୍ଚଳରେ ଏହିପରି ଗୋଟିଏ ଗୋଟିଏ ବା ଏକାଧିକ ପରିଷଦ ଥିଲା । ସେହି ଅଞ୍ଚଳର ଜ୍ଞାନ ପିପାସୁ ଓ ସତ୍ୟାନୁସନ୍ଧିତ୍ସୁ ଛାତ୍ରଗଣ ସେଠାରେ ଏକତ୍ରିତ ହୋଇ ତର୍କ, ବିତର୍କ, ବାଦ ବିବାଦ ଏବଂ ଆଲୋଚନାଦ୍ୱାରା ନିଜର ଜ୍ଞାନ ପିପାସା ମେଣ୍ଟାଉଥିଲେ । ପାରସ୍ପରିକ ତର୍କ, ବିତର୍କ ଏବଂ ଆଲୋଚନା ବ୍ୟତୀତ ବିବିଧ ବିଦ୍ୟାରେ ବିଶେଷଜ୍ଞ ପଣ୍ଡିତଗଣ ଆମନ୍ତ୍ରିତ ହୋଇ ଅନେକ ସମୟରେ ଭାଷଣ ଦେଉଥିଲେ । ଏହି ପ୍ରକାର ଆଲୋଚନା ଓ ବାଦ ବିସମ୍ବାଦରୁ ଉପନିଷଦ ସାହିତ୍ୟର ସୃଷ୍ଟି ହୋଇଥିଲା । ଉତ୍ତରାପଥର ପାଞ୍ଚାଳ ପରିଷଦ ବିଶେଷ ଖ୍ୟାତି ଲାଭ କରିଥିଲା । ବୃହଦାରଣ୍ୟକ ଉପନିଷଦରୁ ଜଣାଯାଏ ଯେ ପ୍ରବାହଣ ଜାବାଲି ପ୍ରତ୍ୟହ ପରିଷଦର ଆଲୋଚନାରେ ଅଂଶ ଗ୍ରହଣ କରୁଥିଲେ ।

**ସମ୍ମେଳନ**—ଆଞ୍ଚଳିକ ପରିଷଦମାନଙ୍କୁ ଛାଡ଼ିଦେଲେ ଅନେକ ସମୟରେ ଦେଶର ବିଦ୍ୟୋତ୍ସାହୀ ରାଜାମାନେ ସମ୍ମେଳନ ଡକାଇ ସେଥିକୁ ସ୍ୱରାଜ୍ୟର ସମସ୍ତ ଋଷି, ପଣ୍ଡିତ ଓ ବିବିଧ ବିଦ୍ୟାରେ ବିଶାରଦ ବିଦ୍ୱାନ୍ ବ୍ୟକ୍ତିମାନଙ୍କୁ ଆଲୋଚନାରେ ଅଂଶ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କରୁଥିଲେ । ଆମନ୍ତ୍ରିତ ବକ୍ତା, ଦାର୍ଶନିକ, ବିଭିନ୍ନ ବିଦ୍ୟାରେ ବିଶେଷଜ୍ଞ ପଣ୍ଡିତମାନଙ୍କ ମଧ୍ୟରେ ଯେଉଁମାନେ ଶ୍ରେଷ୍ଠ ବିବେଚିତ ହେଉଥିଲେ ସେମାନଙ୍କ ପାଇଁ

ବିଶେଷ ପୁରସ୍କାରର ବ୍ୟବସ୍ଥା ଥିଲା । ବ୍ରାହ୍ମଣ ଋଷିମାନଙ୍କ ସହିତ ସେମାନଙ୍କର ବିଦୁଷୀ ପତ୍ନୀମାନେ ମଧ୍ୟ ସଭାରେ ଯୋଗ ଦେଉଥିଲେ । ବୃହଦାରଣ୍ୟକ ଉପନିଷଦରେ ବର୍ଣ୍ଣିତ ଅଛି ଯେ, ରାଜର୍ଷି ଜନକ କୁରୁ ପାଞ୍ଚାଳ ରାଜ୍ୟର ସମଗ୍ର ବ୍ରାହ୍ମଣ ସମାଜଙ୍କୁ ଆମନ୍ତ୍ରଣ କରିଥିଲେ ଏବଂ ଘୋଷଣା କରିଥିଲେ ଯେ ସେହି ପ୍ରତିଯୋଗିତାରେ ଯେ ଯୋଗ୍ୟତମ ବିବେଚିତ ହେବେ ତାହାଙ୍କୁ ସ୍ୱର୍ଣ୍ଣାଚ୍ଛାଦିତ ଶିଙ୍ଗଯୁକ୍ତ ସହସ୍ର ଧେନୁ ଉପହାର ଦିଆଯିବ । ମହର୍ଷି ଯାଜ୍ଞବଲ୍କ୍ୟ ଉପସ୍ଥିତ ପଣ୍ଡିତମଣ୍ଡଳୀଙ୍କୁ ଆପଣାର ଶାଣିତ ଯୁକ୍ତି ଏବଂ ଅଗାଧ ଜ୍ଞାନ ବଳରେ ପରାସ୍ତ କରି ଏହି ପୁରସ୍କାର ପ୍ରାପ୍ତ ହୋଇଥିଲେ ।

ଉପରୋକ୍ତ ତିନି ପ୍ରକାର ନିୟମିତ ଶିକ୍ଷା ସଂସ୍ଥା ବ୍ୟତୀତ ନିମ୍ନଲିଖିତ ଅନୁଷ୍ଠାନମାନ ଅନେକ ସମୟରେ ଶିକ୍ଷାନୁଷ୍ଠାନର କାର୍ଯ୍ୟ କରୁଥିଲେ ।

**୧ । ଯଜ୍ଞ ସ୍ଥଳ**—ସୋମ, ରାଜସୂୟ, ଅଶ୍ୱମେଧାଦି ଦୀର୍ଘକାଳସ୍ଥାୟୀ ଯଜ୍ଞମାନଙ୍କରେ ଦେଶ ଦେଶାନ୍ତରରୁ ଶାସ୍ତ୍ରବିତ୍ ବ୍ରାହ୍ମଣ ଓ ପଣ୍ଡିତମାନେ ନିମନ୍ତ୍ରିତ ହୋଇ ଯୋଗ ଦେଉଥିଲେ ଏବଂ ନାନା ଜଟିଳ ଓ ନିଗୂଢ଼ ତଥ୍ୟପୂର୍ଣ୍ଣ ଧାର୍ମିକ ତଥା ଦାର୍ଶନିକ ସମସ୍ୟା ସମାଧାନରେ ପ୍ରବୃତ୍ତ ହେଉ-ଥିଲେ । ହୋମ ଶିଖା ସଙ୍ଗେ ଜ୍ଞାନର ଯେଉଁ ଦିବ୍ୟ ଆଲୋକ ଶିଖା ଏଠାରେ ପ୍ରଜ୍ୱଳିତ ହେଉଥିଲା ତାହା ଦେଶର ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇ ପଡ଼ୁଥିଲା । ଭାରତୀୟ ସଭ୍ୟତା ଓ ସଂସ୍କୃତିର ପ୍ରସାରରେ ଯଜ୍ଞପୀଠ ବହୁତ ସାହାଯ୍ୟ କରିଅଛି । ପୁରାଣ ପ୍ରସିଦ୍ଧ ନୈମିଷାରଣ୍ୟ ଏହିପରି ଗୋଟିଏ ଯଜ୍ଞ ପୀଠ ଥିଲା । କେବଳ ଧର୍ମ ବା ଦର୍ଶନ ନୁହେଁ, ସଙ୍ଗୀତ ଏବଂ ନୃତ୍ୟାଦି ବିବିଧ ଲଳିତ କଳାର ସୂତିକାଗାର ଥିଲା ସେହି ଯଜ୍ଞ ସ୍ଥଳ ।

**୨ । ରାଜ ଦରବାର**—ସେକାଳର ବିଦ୍ୟାନୁରାଗୀ ବଦାନ୍ୟ ରାଜାମାନଙ୍କ ଦରବାର ମଧ୍ୟ ଅନେକ ସମୟରେ ଶିକ୍ଷା କେନ୍ଦ୍ରର କାର୍ଯ୍ୟ କରୁଥିଲା । ଧର୍ମ, ଦର୍ଶନାଦି ବିଭିନ୍ନ ବିଦ୍ୟାରେ ବିଶାରଦ ଯଶୋଲିପ୍ସୁ ପଣ୍ଡିତଗଣ ଦେଶ ଦେଶାନ୍ତରରୁ ଆସି ରାଜ ଦରବାରର ଆଲୋଚନା ସଭାରେ ସମବେତ ହେଉଥିଲେ ଏବଂ ରାଜ ଦରବାରର ପଣ୍ଡିତମାନଙ୍କ ସଙ୍ଗେ

ପ୍ରତଯୋଗିତାରେ ବିଜୟୀ ହୋଇ ପୁରସ୍କୃତ ହେଉଥିଲେ । କାଶୀ ରାଜ ଅଜାତଶତ୍ରୁ, ବିଦେହ ରାଜ ଜନକ ଏବଂ ଅଶ୍ୱପତି କୈକେୟଙ୍କ ଦରବାର ଏଥିପାଇଁ ବିଶେଷ ଖ୍ୟାତି ଅର୍ଜନ କରିଥିଲା ।

**୩ । ତପୋବନ**—ପାଗଳ ଜନତାର ବାହାରେ ପ୍ରକୃତିର ପ୍ରଶାନ୍ତ ମଧୁର କୋଳରେ ରହି ସେକାଳର ମୁନି ଋଷିମାନେ ତପସ୍ୟା କରିବାକୁ ଅତ୍ୟନ୍ତ ସୁଖ ପାଉଥିଲେ ଏବଂ ଜିତେନ୍ଦ୍ରିୟ ଜ୍ଞାନ-ସିଦ୍ଧ ସେହି ମୁନି ଋଷି-ମାନଙ୍କ ଆଶ୍ରମକୁ କେନ୍ଦ୍ର କରି ଗଢ଼ି ଉଠିଥିଲା ଅତୀତ ଭାରତର କ୍ଷୁଦ୍ର, ବୃହତ ଅସଂଖ୍ୟ ବିଦ୍ୟାପୀଠ । ଆରଣ୍ୟକ, ଉପନିଷଦ ଆଦି ଯାହା ଆଜି ଆର୍ଯ୍ୟ ମନୀଷାର ଶ୍ରେଷ୍ଠ ଦାନ ରୂପେ ପ୍ରଶଂସିତ ହେଉଛି, ସେ ସବୁ ଏହି ତପୋବନ ବିଦ୍ୟାଳୟମାନଙ୍କରୁ ବାହାରି ଥିଲା । ବିଶ୍ୱକବି ରବୀନ୍ଦ୍ର ନାଥଙ୍କ ମତରେ ଭାରତୀୟ ସଭ୍ୟତାର ଆଦିମ ଉତ୍ସ କୋଳାହଳମୟୀ ନଗରୀ ନୁହେଁ, ତପୋବନର ନିଭୃତ ନିଳୟ । ଯଥାର୍ଥରେ ପ୍ରାଚୀନ ଭାରତୀୟ ସଭ୍ୟତାର ମୂଳ ପତ୍ତନ ଏହି ତପୋବନମାନଙ୍କରେ ହୋଇଥିଲା ।

**୪ । ଚରକ**—ଉପରୋକ୍ତ ଶିକ୍ଷାନୁଷ୍ଠାନମାନଙ୍କ ବ୍ୟତୀତ ବହୁ ପରିବ୍ରାଜକାଚାର୍ଯ୍ୟ ଦେଶ ଦେଶାନ୍ତରରେ ପର୍ଯ୍ୟଟନ କରି ଲୋକମାନଙ୍କୁ ଆର୍ଯ୍ୟ ସଭ୍ୟତାର ଆଲୋକ ବିତରଣ କରୁଥିଲେ । ସେମାନଙ୍କୁ କୁହାଯାଉଥିଲା ଚରକ । ଯଥାର୍ଥରେ ସେମାନେ ଥିଲେ ଗୋଟିଏ ଗୋଟିଏ ଚଳନ୍ତି ଶିକ୍ଷାନୁ-ଷ୍ଠାନ । ଆର୍ଯ୍ୟ ସଂସ୍କୃତିର ପ୍ରଚାର ଏବଂ ଦେଶର ଜନମତ ଗଠନରେ ସେମାନେ ବିଶେଷ ସାହାଯ୍ୟ କରୁଥିଲେ । ବୌଦ୍ଧ ଶ୍ରମଣ ଏବଂ ଜୈନ ତୀର୍ଥଙ୍କରମାନେ ଏହି ପ୍ରଥାର ବିଶେଷ ବିକାଶ ସାଧନ କରିଥିଲେ ।

**ଗୁରୁକୁଳ ଆଦର୍ଶ**—ପ୍ରାଚୀନ ଭାରତର ଶିକ୍ଷା ପଦ୍ଧତି ଗୁରୁକୁଳ ଆଦର୍ଶ ଉପରେ ପ୍ରତିଷ୍ଠିତ ଥିଲା । ଉପନୟନ ଯୋଗ୍ୟ ବୟସରେ ଛାତ୍ରମାନେ ଗୁରୁ ଗୃହକୁ ଗମନ କରୁଥିଲେ ଏବଂ ସେଠାରେ ଗୁରୁଙ୍କ ଦ୍ୱାରା ଯଥାବିଧି ଦୀକ୍ଷିତ ହୋଇ ସେମାନେ କଠୋର ବ୍ରହ୍ମଚର୍ଯ୍ୟାଶ୍ରମରେ ପ୍ରବେଶ କରୁଥିଲେ ଏବଂ ସମାବର୍ତ୍ତନ ପର୍ଯ୍ୟନ୍ତ ଅନ୍ତେବାସୀ ରୂପରେ ଗୁରୁ ଗୃହରେ ରହି ବିଦ୍ୟାଧ୍ୟୟନ କରୁଥିଲେ । ଛାନ୍ଦୋଗ୍ୟ ଉପନିଷଦରେ ଛାତ୍ର "ଆଚାର୍ଯ୍ୟ କୁଳ

ବାସିନ୍" ରୂପେ ବର୍ଣ୍ଣିତ ହୋଇଅଛି । ଦୀନ ଦୁଃଖୀ ଭିକ୍ଷୁକଠାରୁ ଅତୁଳ ବିଭବଶାଳୀ ରାଜପୁତ୍ର ପର୍ଯ୍ୟନ୍ତ ସମସ୍ତେ ଏହି ନିୟମର ଅଧୀନ ଥିଲେ । ସ୍ଥୂଳତଃ ଆବାସିକ ବିଦ୍ୟାପୀଠ (Residential university) ହିଁ ସେ କାଳର ଆଦର୍ଶ ଥିଲା ।

ଗୁରୁକୁଳ ପଦ୍ଧତି ଛାତ୍ରର ବ୍ୟକ୍ତିତ୍ୱ ବିକାଶର ଅତ୍ୟନ୍ତ ଅନୁକୂଳ ଥିଲା । କାରଣ ଆଧୁନିକ ଯୁଗ ପରି ସେ କାଳର ଛାତ୍ର ଦୃଷ୍ଟିରେ ଗୁରୁ କେବଳ ଜଣେ ବେତନ ଭୋଗୀ କର୍ମଚାରୀ ନ ଥିଲେ । ସେ ଥିଲେ ତାର ଚିର ଅଭିଳଷିତ ସାମାଜିକ ଆଦର୍ଶ ଓ ପରମ୍ପରା ସମୂହର ଜ୍ୱଳନ୍ତ ନିଦର୍ଶନ ଏବଂ ତାର ଚିର ସଞ୍ଚିତ ଆଶା, ଆକାଙ୍‌କ୍ଷା, ସ୍ୱପ୍ନ ଓ କଳ୍ପନାରାଜିର ମୂର୍ତ୍ତିମନ୍ତ ବିଗ୍ରହ । ଫଳରେ ଗୁରୁଙ୍କର ମହନୀୟ ଗୁଣରାଶି ଅତ୍ୟନ୍ତ ସ୍ୱାଭାବିକ ଭାବରେ ଛାତ୍ରର ହୃଦୟଫଳକରେ ପ୍ରତିବିମ୍ବିତ ହେଉଥିଲା । ତହିଁ ସଙ୍ଗେ ଗୁରୁକୁଳର ସରଳ ଓ ମଧୁର ପାରିବାରିକ ବାତାବରଣ ସୁସ୍ଥ ସବଳ, ଦ୍ୱନ୍ଦ୍ୱ ଓ ସଂଘର୍ଷହୀନ ବ୍ୟକ୍ତିତ୍ୱର ବିକାଶରେ ସହାୟତା କରୁଥିଲା ।

**ଛାତ୍ର ଜୀବନ**—ବେଦ, ବ୍ରାହ୍ମଣ ଓ ଧର୍ମ ସୂତ୍ରମାନଙ୍କରେ ଛାତ୍ର ଜୀବନର ବିବିଧ କର୍ତ୍ତବ୍ୟ ସମ୍ବନ୍ଧରେ ଯେଉଁ ବିସ୍ତୃତ ବିବରଣୀ ପ୍ରଦତ୍ତ ହୋଇଅଛି ତନ୍ମଧ୍ୟରେ ନିମ୍ନଲିଖିତ ବିଷୟମାନ ଉଲ୍ଲେଖଯୋଗ୍ୟ ।

**୧ । ଭିକ୍ଷା**—ଶିକ୍ଷକ ଏବଂ ଆପଣାର ଜୀବିକା ନିର୍ବାହ ପାଇଁ ଭିକ୍ଷା କରିବା ସେ କାଳରେ ଛାତ୍ରମାନଙ୍କର ଗୋଟିଏ ପ୍ରଧାନ କର୍ତ୍ତବ୍ୟ ଥିଲା । ଏବେ ମଧ୍ୟ ଗୁରୁକୁଳ, ଆଶ୍ରମ ଏବଂ ଚତୁଷ୍ପାଠୀମାନଙ୍କରେ ସେହି ପ୍ରାଚୀନ ପ୍ରଥାର ପ୍ରଚଳନ ଅଛି । କି ଧନୀ, କି ଦରିଦ୍ର ଆଶ୍ରମବାସୀ ପ୍ରତ୍ୟେକ ଛାତ୍ରକୁ ଏହି ନିୟମ ପାଳନ କରିବାକୁ ହେଉଥିଲା । ଏହା ଦ୍ୱାରା ଛାତ୍ରମାନେ ବିନୟ ଶିକ୍ଷା କରୁଥିଲେ ଏବଂ ସମାଜର ଉପକାର ସଙ୍ଗେ ସମାଜ ପ୍ରତି ଆପଣାର କର୍ତ୍ତବ୍ୟ ଉତ୍ତମରୂପେ ହୃଦୟଙ୍ଗମ କରୁଥିଲେ । ଦେଶବାସୀମାନେ ମଧ୍ୟ ଭାବୀ ବଂଶଧର-ମାନଙ୍କ ପ୍ରତି ନିଜର ଗୁରୁ ଦାୟିତ୍ୱ ଅନୁଭବ କରି ପାରୁଥିଲେ । ଧନୀ ଦରିଦ୍ର ନିର୍ବିଶେଷରେ ସମଗ୍ର ଛାତ୍ର ସମାଜର ଶିକ୍ଷାର ସୁବ୍ୟବସ୍ଥା ବିନା ବ୍ୟୟରେ ହୋଇ ପାରୁଥିଲା ।

୨ । **ଅଗ୍ନି ପୂଜା**—ଗୁରୁ ଗୃହର ପବିତ୍ର ହୋମାଗ୍ନିକୁ ପ୍ରଜ୍ୱଳିତକରି ରଖିବା ବ୍ରହ୍ମଚାରୀର ଦ୍ୱିତୀୟ କର୍ତ୍ତବ୍ୟ ଥିଲା । ସେମାନେ ପ୍ରତ୍ୟହ ବଣକୁ ଯାଇ ସମିଧ ସଂଗ୍ରହ କରି ଏହି ଅଗ୍ନିକୁ ଚିରଜାଗ୍ରତ ରଖିବାରେ ଗୁରୁଙ୍କୁ ସାହାଯ୍ୟ କରୁଥିଲେ ଏବଂ ଏଥିରୁ ସେମାନଙ୍କର କର୍ମ ନିଷ୍ଠା ଓ ଚରିତ୍ରବଳ ପ୍ରମାଣିତ ହେଉଥିଲା । ଉପକୋଶଲ କାମଲାୟନ ଦୀର୍ଘ ୧୨ ବର୍ଷ କାଳ ଏହି ପ୍ରକାର ଅଗ୍ନି ସେବା କରି ସାରିବା ପରେ ମଧ୍ୟ ଗୁରୁ ତାହାଙ୍କୁ ଉଚ୍ଚ ଆଧ୍ୟାତ୍ମିକ ଶିକ୍ଷାର ଉପଯୁକ୍ତ ନ ମଣି ଦେଶ ଭ୍ରମଣରେ ବାହାରି ଯାଇଥିଲେ । (ଛାନ୍ଦୋଗ୍ୟ)

୩ । **ଗୋସେବା**—ଗୁରୁଙ୍କର ଗାଈଗୋରୁମାନଙ୍କର ତତ୍ତ୍ୱ ନେବା ବ୍ରହ୍ମଚାରୀର ଅନ୍ୟତମ କର୍ତ୍ତବ୍ୟ ଥିଲା । ଛାନ୍ଦୋଗ୍ୟ ଉପନିଷଦରେ ବର୍ଣ୍ଣିତ ହୋଇଅଛି ଯେ ସତ୍ୟକାମ ଜାବାଲଙ୍କ ତତ୍ତ୍ୱାବଧାନରେ ଗୁରୁଙ୍କର ୪୦୦ ଗାଈ ବଢ଼ି ବଢ଼ି ୧୦୦୦ ହୋଇଥିଲେ । ଏହାଛଡ଼ା ସେ କାଳର ଛାତ୍ରମାନେ ଗୁରୁଙ୍କ ଗୃହର ରକ୍ଷଣାବେକ୍ଷଣ ଓ କୃଷି ଆଦି ବିବିଧ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ଏହିପରି ଭାବରେ ବିଦ୍ୟାର୍ଥୀ ଜୀବନର ଏକ ଦୀର୍ଘ ଅଂଶ ଗୁରୁ ସେବାରେ ନିୟୋଜିତ ହେଉଥିଲା; କିନ୍ତୁ ଯେତେଦୂର ଜଣାଯାଏ ଅଧିକାଂଶ ସ୍ଥଳରେ ଦରିଦ୍ର ଛାତ୍ରମାନଙ୍କୁ ହିଁ ଏ ସବୁ କାର୍ଯ୍ୟ କରିବାକୁ ପଡ଼ୁଥିଲା । ଧନବନ୍ତ ଛାତ୍ରମାନେ ଗୁରୁଙ୍କୁ ଦକ୍ଷିଣା ଦେଉଥିଲେ ।

ଶାରୀରିକ ଶ୍ରମ ବ୍ୟତୀତ ଗୁରୁ ଗୃହରେ ଛାତ୍ରମାନଙ୍କର ଆଚାର ବ୍ୟବହାର, ଚାଲିଚଳନ ଇତ୍ୟାଦି ସମ୍ବନ୍ଧରେ ଯେ ସମସ୍ତ ଠିକଣିଖି ବ୍ୟବସ୍ଥା ଧର୍ମଶାସ୍ତ୍ରମାନଙ୍କରେ ପ୍ରଦତ୍ତ ହୋଇଅଛି ସେଗୁଡ଼ିକର ଆଲୋଚନାରୁ ଜଣା-ଯାଏ ଯେ ସଂଯମ ଏବଂ ଶୃଙ୍ଖଳା ଛାତ୍ର ଜୀବନର ମୂଳ ମନ୍ତ୍ର ଥିଲା । ଅନୁପମ ବସ୍ତ୍ର, ମୂଲ୍ୟବାନ ଅଳଙ୍କାର, ସୁସ୍ୱାଦୁ ରୁଚିକର ଖାଦ୍ୟ, ଗନ୍ଧ, ମାଲ୍ୟ, ଚନ୍ଦନାଦି ପ୍ରସାଧନ ସାମଗ୍ରୀ ଛାତ୍ରମାନଙ୍କ ପକ୍ଷରେ ଏକାନ୍ତ ନିଷିଦ୍ଧ ଥିଲା । ନିତାନ୍ତ ଆବଶ୍ୟକ ନ ହେଲେ ଜୋତା ଓ ଛତାର ବ୍ୟବହାର ମଧ୍ୟ ସେମାନଙ୍କୁ ମନା ଥିଲା । କୁଶମେଖଳା, ମୃଗଛାଲ ଏବଂ ଗେରୁଆ ବସ୍ତ୍ର ଥିଲା ସେମାନଙ୍କର ପରିଧେୟ, ଭୂମି ଥିଲା ସେମାନଙ୍କର ଶଯ୍ୟା, ଆହାର ଥିଲା ସେମାନଙ୍କର

ଏକାନ୍ତ ପରିମିତ ଏବଂ ବିଦ୍ୟାଧ୍ୟୟନ ସଙ୍ଗେ ଗୁରୁ ସେବା ଥିଲା ସେମାନଙ୍କର ପ୍ରଧାନ କର୍ତ୍ତବ୍ୟ ।

କେବଳ ବାହ୍ୟ ଶୃଙ୍ଖଳା ନୁହେଁ ଅନ୍ତରର ଶୃଙ୍ଖଳା ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦିଆ ଯାଉଥିଲା । ହିଂସା, ଦ୍ୱେଷ, ଯଶୋଲିପ୍ସା, ନିଦ୍ରା ଓ ଆଳସ୍ୟ ମଣିଷ ମନର ପ୍ରଧାନ ଶତ୍ରୁ । ସେମାନଙ୍କ ଉପରେ ବିଜୟ ପ୍ରାପ୍ତି ବ୍ରହ୍ମଚାରୀ ଜୀବନର ଯୋଗ୍ୟତାର ସର୍ବଶ୍ରେଷ୍ଠ ମାପକାଠି ରୂପେ ବିବେଚିତ ହେଉଥିଲା । ବିଦ୍ୟାପ୍ରାପ୍ତି ପୂର୍ବରୁ ପ୍ରତ୍ୟେକ ବିଦ୍ୟାର୍ଥୀକୁ ପ୍ରମାଣିତ କରିବାକୁ ପଡୁଥିଲା ଯେ, ସେ ଶାନ୍ତ, ସଂଯମୀ, ଧୀର ଏବଂ ଏକାଗ୍ରଚିତ୍ତ । ସ୍ଥୂଳତଃ ସରଳ ଜୀବନ ସଙ୍ଗେ ଉଚ୍ଚଚିନ୍ତା ବିଦ୍ୟାର୍ଥୀ ଜୀବନର ଆଦର୍ଶ ଥିଲା । ସେ କାଳର ବିଦ୍ୟାର୍ଥୀ ଯଥାର୍ଥରେ ତ୍ୟାଗ, ତପସ୍ୟା, ବିନୟ ଏବଂ ସାତ୍ତ୍ୱିକତାର ପ୍ରତିମୂର୍ତ୍ତି ଥିଲା ।

**ଶିକ୍ଷକଙ୍କ ଆଦର୍ଶ**—ଶିକ୍ଷା ପ୍ରଣାଳୀ ନିର୍ଦ୍ଦୋଷ ହୋଇଥାଉ, ପାଠ୍ୟନିର୍ଘଣ୍ଟ ତ୍ରୁଟିଶୂନ୍ୟ ହୋଇଥାଉ, ଛାତ୍ରଗଣ ନିଷ୍ଠାବନ୍ତ ଏବଂ ସୁଶୃଙ୍ଖଳ ହୋଇଥାନ୍ତୁ; କିନ୍ତୁ ସମଗ୍ର ଯୋଜନାଟିକୁ କାର୍ଯ୍ୟରେ ପରିଣତ କରିବାର ଗୁରୁଭାର ଯେଉଁମାନଙ୍କ ଉପରେ ନ୍ୟସ୍ତ ସେହି ଶିକ୍ଷକ ସମାଜର କର୍ମଦକ୍ଷତା, ଚରିତ୍ରବଳ ଏବଂ ଜୀବନାଦର୍ଶ ଉପରେ ଶିକ୍ଷା ପଦ୍ଧତିର ସଫଳତା ଅଥବା ବିଫଳତା ଯେ ସଂପୂର୍ଣ୍ଣ ନିର୍ଭର କରେ ଏଥିରେ ସନ୍ଦେହ ନାହିଁ । ପ୍ରାଚୀନ ଭାରତର ମୁନି ଋଷିଗଣ ଏ କଥା ଭଲକରି ବୁଝିଥିଲେ । ସେଥିପାଇଁ ସେମାନେ ଜାତୀୟ ସମାଜ ବ୍ୟବସ୍ଥାରେ ଶିକ୍ଷକଙ୍କୁ ଶୀର୍ଷତମ ସ୍ଥାନ ପ୍ରଦାନ କରିଥିଲେ । ପ୍ରାଚୀନ ଧର୍ମ ଶାସ୍ତ୍ରାନୁଯାୟୀ ଗୁରୁ କେବଳ ଶିଷ୍ୟର ଶିକ୍ଷାଦାତା ନୁହନ୍ତି । ସେ ତାର ଆଧ୍ୟାତ୍ମିକ ଓ ମାନସପିତା । ଆପଣାର ବିଦ୍ୟା ଓ ଆଧ୍ୟାତ୍ମିକଶକ୍ତି ବଳରେ ସେ ଶିଷ୍ୟର ସୁପ୍ତ ହୃଦୟରେ ଜ୍ଞାନର ସଳିତା ଜଳାଇ ତାକୁ ଅନ୍ଧକାରରୁ ଆଲୋକକୁ, ଅସତ୍ୟରୁ ସତ୍ୟକୁ ଏବଂ ମୃତ୍ୟୁରୁ ଅମୃତକୁ ଘେନି ଯାଆନ୍ତି । ଉପନିଷଦ ଓ ପରବର୍ତ୍ତୀ ବୈଷ୍ଣବ ସାହିତ୍ୟରେ ଗୁରୁ ସେଥିପାଇଁ ସାକ୍ଷାତ ପରମେଶ୍ୱର ରୂପେ ବର୍ଣ୍ଣିତ ହୋଇଅଛନ୍ତି ।

କିନ୍ତୁ ଏହି ଉଚ୍ଚତମ ସମ୍ମାନର ଅଧିକାରୀ ହେବା ପାଇଁ ଗୁରୁଙ୍କର ତଦନୁରୂପ ଯୋଗ୍ୟତା ଥିବା ଆବଶ୍ୟକ । ବ୍ରାହ୍ମଣ ଏବଂ ବିଭିନ୍ନ ଧର୍ମସୂତ୍ର-

ମାନଙ୍କରେ ବ୍ୟବସ୍ଥା ଅଛି ଯେ, ଗୁରୁ ବେଦବିତ୍ ଏବଂ ବ୍ରହ୍ମନିଷ୍ଠ ହେବା ଉଚିତ । ସେଥିପାଇଁ ଗୃହୀ ଜୀବନରେ ଆଦର୍ଶ ବ୍ରହ୍ମଗୃହୀ ରୂପରେ ଯେଉଁ-ମାନଙ୍କର ପ୍ରତିଷ୍ଠା ଥିଲା ଏବଂ ନିଜର ପାଣ୍ଡିତ୍ୟ ଓ ଆଧ୍ୟାତ୍ମିକଶକ୍ତି ବଳରେ ଦେଶ ଏବଂ ଜାତିକୁ ପଥ ପ୍ରଦର୍ଶନ କରିବାର ସାମର୍ଥ୍ୟ ଯେଉଁମାନଙ୍କର ଥିଲା କେବଳ ସେହିମାନଙ୍କୁ ଗୁରୁ ପଦରେ ବରଣ କରା ଯାଇଥିଲା ।

ପ୍ରାଚୀନ ଭାରତରେ ଶିକ୍ଷାଦାନ ଆଧୁନିକ ଯୁଗ ପରି ଏକ ସହଜ ଲଭ୍ୟ ଜୀବିକା ନ ଥିଲା, ତାହା ଥିଲା ଏକ ପବିତ୍ର ଆଧ୍ୟାତ୍ମିକ କର୍ତ୍ତବ୍ୟ । ସେଥିରେ ଟଙ୍କା ପଇସା ଅଥବା ଦିଆ ନିଆର ମଳିନ ସମ୍ପର୍କ ନ ଥିଲା । ଅବଶ୍ୟ ଜୀବିକା ନିର୍ବାହ ପାଇଁ ସେ କାଳର ଶିକ୍ଷକଗଣ ଗୁରୁ ଦକ୍ଷିଣା ଗ୍ରହଣ କରୁଥିଲେ । କିନ୍ତୁ ସେଥିପାଇଁ କୌଣସି ପ୍ରକାର ଧରାବନ୍ଧା ନିୟମ ବା ବାଧ୍ୟବାଧକତା ନ ଥିଲା । ଯୋଗ୍ୟ ଶିଷ୍ୟ ଉପସ୍ଥିତ ହେବା ମାତ୍ରେ ବିନା ପ୍ରଶ୍ନ, ବିନା ଦ୍ୱିଧାରେ ତାହାଙ୍କୁ ଉଚିତମ ବିଦ୍ୟା ପ୍ରଦାନ କରିବା ଶିକ୍ଷକଙ୍କର ପ୍ରାଥମିକ କର୍ତ୍ତବ୍ୟ ରୂପେ ବିବେଚିତ ହେଉଥିଲା । କେବଳ ସେତିକି ନୁହେଁ, ଦରିଦ୍ର ଛାତ୍ରମାନଙ୍କ ଗ୍ରାସାଚ୍ଛାଦନର ସମସ୍ତ ବନ୍ଦୋବସ୍ତ ଗୁରୁଙ୍କୁ ହିଁ କରିବାକୁ ପଡ଼ୁଥିଲା ।

ଛାତ୍ର ଛାତ୍ର ମଧ୍ୟରେ ପକ୍ଷପାତିତା ଅଥବା ଅନ୍ୟାୟ ଭାବରେ କୌଣସି ଛାତ୍ରକୁ ପୂର୍ଣ୍ଣ ବିଦ୍ୟା ଲାଭରୁ ବଞ୍ଚିତ କରିବା ମହା ଅପରାଧ ରୂପେ ଗଣ୍ୟ ହେଉଥିଲା । ଛାତ୍ରର ନୈତିକ ପତନ ଏବଂ ଅନ୍ୟାନ୍ୟ ତ୍ରୁଟି ବା ବିଚ୍ୟୁତି ପାଇଁ ଶିକ୍ଷକ ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରୁଥିଲେ । ସ୍ଥୂଳତଃ ଶିକ୍ଷକ ଜୀବନ ଆଦର୍ଶଯୁକ୍ତ ଏବଂ କଠୋର ନୀତିମୟ ଥିଲା ।

**ଗୁରୁଶିଷ୍ୟ ସମ୍ପର୍କ**—ପ୍ରାଚୀନ କାଳରେ ଗୁରୁଶିଷ୍ୟ ସମ୍ପର୍କ ଅତ୍ୟନ୍ତ ମଧୁର ଏବଂ ପ୍ରୀତିପୂର୍ଣ୍ଣ ଥିଲା । ଶିଷ୍ୟ ଯେପରି ଗୁରୁଙ୍କୁ ନିଜର ଆଧ୍ୟାତ୍ମିକ ପିତା ବିଚାରି ତାଙ୍କର ସେବା ଏବଂ ଶୁଶ୍ରୂଷାରେ ମନ ପ୍ରାଣ ଢାଳି ଦେଉଥିଲେ, ଗୁରୁମଧ୍ୟ ସେହିପରି ଶିଷ୍ୟକୁ ପୁତ୍ରଠାରୁ ବଳି ଅଧିକ ସ୍ନେହ କରୁଥିଲେ । ଶିଷ୍ୟକୁ ନିଜର ସାଂସ୍କୃତିକ ଉତ୍ତରାଧିକାରୀ ବିଚାରି ନିଜ ଜୀବନର ସିଦ୍ଧାନ୍ତ ଏବଂ ଅନୁଭୂତି ସମୂହକୁ ଗୁରୁ ଯତ୍ନର ସହିତ ଶିଷ୍ୟକୁ ପଢ଼ାଉଥିଲେ ।

ବିପଦ ସମୟରେ ତାଙ୍କୁ ସାହାଯ୍ୟ କରୁଥିଲେ । ରୋଗବେଳେ ପାଖରେ ବସି ସେବା କରୁଥିଲେ । ଗୁରୁଙ୍କର ସ୍ନେହ, ଗୁରୁପତ୍ନୀଙ୍କର ଶ୍ରଦ୍ଧା ଲାଭ କରି ଶିଷ୍ୟଗଣ ସଂଯମ ଶୃଙ୍ଖଳାମୟ କଠୋର ବ୍ରହ୍ମଚର୍ଯ୍ୟ ବ୍ରତକୁ ମହା ସୁଖକର ମଣୁଥିଲେ । ଗୃହାବସ୍ଥାର ଅବସାନରେ ମଧ୍ୟ ଏ ସମ୍ପର୍କ ଅତୁଟ ରହୁଥିଲା । କେତେକ ବିଦ୍ୟାର୍ଥୀ ଆଜୀବନ ଗୁରୁ ଗୃହରେ ରହି ବିଦ୍ୟାଧ୍ୟୟନ କରିବାକୁ ଶ୍ରେୟସ୍କର ମଣୁଥିଲେ ।

ପ୍ରାଚୀନ ଭାରତରେ ଗୁରୁଶିଷ୍ୟ ମଧ୍ୟରେ କୌଣସି ଭେଦଭାବ ବା ସ୍ୱାର୍ଥର ସଂଘର୍ଷ ନ ଥିଲା । ଦୁହେଁ ଥିଲେ ସମାନ ପଥର ଯାତ୍ରୀ, ସମାନ ଲକ୍ଷ୍ୟର ସାଧକ । ଜୀବନ ସମୁଦ୍ରରେ ଦୁହେଁ ଥିଲେ ସତ୍ୟ ସନ୍ଧାନୀ ନାବିକ । ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ପବିତ୍ର ଏବଂ ପ୍ରେମପୂର୍ଣ୍ଣ ଥିଲା । ଗୁରୁ ଶିଷ୍ୟଙ୍କର ଏହି ନିକଟତମ ସମ୍ପର୍କକୁ ସ୍ମରଣ କରାଇ ଦେବା ପାଇଁ ବିଦ୍ୟାଧ୍ୟୟନ ପୂର୍ବରୁ ପ୍ରତ୍ୟହ ଗୀତ ହେଉଥିଲା ।

ଓଁ ସହନାବବତୁ । ସହ ନୌ ଭୁନକ୍ତୁ ।
ସହ ବୀର୍ଯ୍ୟଂ କରବାବହୈ । ତେଜସ୍ୱିନାବଧୀତମସ୍ତୁ ।
ମା ବିଦ୍ୱିଷାବହୈ ।

( ସେହି ପରମେଶ୍ୱର ଆମ୍ଭ ଦୁହିଁଙ୍କୁ ରକ୍ଷା କରନ୍ତୁ । ଆମ୍ଭ ଦୁହିଁଙ୍କୁ ପାଳନ କରନ୍ତୁ । ଅସୀମ ସାହସ ଓ ଶକ୍ତିର ସହିତ ଆମ୍ଭେ ଦୁହେଁ ଆମର କର୍ତ୍ତବ୍ୟ କାର୍ଯ୍ୟ କରିଯାଉଁ । ଆମର ଅଧ୍ୟୟନ ଉତ୍ତରୋତ୍ତର ସଫଳତା ମଣ୍ଡିତ ହେଉ । ଆମ୍ଭେ ଦୁହେଁ ପରସ୍ପରକୁ ଘୃଣା ନ କରୁ । )

**ସ୍ତ୍ରୀ ଶିକ୍ଷା**—ପ୍ରାଚୀନ ଭାରତରେ ପୁରୁଷମାନଙ୍କ ସଦୃଶ ନାରୀମାନେ ସମାଜର ଏକ ସଭ୍ୟ, ଶିକ୍ଷିତ ଓ ସମ୍ମାନିତ ଅଙ୍ଗରୂପେ ବିବେଚିତ ହେଉଥିଲେ ଏବଂ ଯଜ୍ଞାଦି ପ୍ରତ୍ୟେକ ଅନୁଷ୍ଠାନରେ ସମାନ ଅଂଶ ଗ୍ରହଣ କରୁଥିଲେ । ଏପରିକି ପତ୍ନୀର ବିନା ସାହଚର୍ଯ୍ୟରେ କୌଣସି ଧର୍ମ ଅନୁଷ୍ଠାନ ପୂର୍ଣ୍ଣାଙ୍ଗ ହୋଇ ପାରୁ ନ ଥିଲା । ସେଥିପାଇଁ ଅବିବାହିତ ଅଥବା ବିପତ୍ନୀକ ପୁରୁଷ-ମାନଙ୍କୁ ଧର୍ମ କାର୍ଯ୍ୟାଦି ଅନୁଷ୍ଠାନରୁ ବଞ୍ଚିତ ହେବାକୁ ପଡ଼ୁଥିଲା । କିନ୍ତୁ

ବେଦରେ ଅନେକ ନାରୀଙ୍କର ନାମ ଦୃଷ୍ଟିପଥାରୂଢ଼ ହୁଏ । ସେମାନଙ୍କ ମଧ୍ୟରେ ବିଶ୍ୱବରା, ଘୋଷା, ହୋମସା, ଲୋପାମୁଦ୍ରା, ମମତା, ଉର୍ବଶୀ, ଶାଶ୍ୱତୀ ଏବଂ ଅପାଲା ଇତ୍ୟାଦିଙ୍କ ନାମ ଉଲ୍ଲେଖଯୋଗ୍ୟ । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ବାଳକମାନଙ୍କ ସଦୃଶ ବାଳିକାମାନଙ୍କ ପାଇଁ ଉପନୟନ ବାଧ୍ୟତାମୂଳକ ଥିଲା । ସେମାନେ ମଧ୍ୟ ବ୍ରହ୍ମଚାରିଣୀ ରୂପରେ ଗୁରୁ ଗୃହରେ ଅବସ୍ଥାନ କରି ବିଦ୍ୟାଧ୍ୟୟନ କରୁଥିଲେ ଏବଂ ସମାବର୍ତ୍ତନ ଶେଷରେ ଉପଯୁକ୍ତ ପତି ବରଣ କରି ଗୃହସ୍ଥାଶ୍ରମରେ ପ୍ରବେଶ କରୁଥିଲେ । "ବ୍ରହ୍ମଚର୍ଯ୍ୟେଣ କନ୍ୟା ଯୁବାନଂ ବିନ୍ଦତେ ପତିମ୍" । ବିଦୁଷୀ କନ୍ୟାର ବିବାହ କେବଳ ସୁଯୋଗ୍ୟ ବିଦ୍ୱାନ ପତି ସଙ୍ଗେ ହେବା ଉଚିତ ବୋଲି ଯଜୁର୍ବେଦରେ ନିର୍ଦ୍ଦେଶ ଅଛି । ଅଥର୍ବ ବେଦରୁ ମଧ୍ୟ କୁମାରୀମାନଙ୍କର ବ୍ରହ୍ମଚର୍ଯ୍ୟ ଜୀବନର ପରିଚୟ ମିଳେ ।

ଉପନିଷଦ ଯୁଗରେ ମଧ୍ୟ ସ୍ତ୍ରୀ ଶିକ୍ଷାର ଗତି ଶିଥିଳ ହୋଇ ନ ଥିଲା । ମହର୍ଷି ଯାଜ୍ଞବଲ୍‌କ୍ୟଙ୍କ ଦୁଇ ପତ୍ନୀ ଗାର୍ଗୀ ଏବଂ ମୈତ୍ରେୟୀ ଉଭୟ ପରମ ବିଦୁଷୀ ଥିଲେ । ମୈତ୍ରେୟୀ ଅନେକ ସମୟରେ ନିଜ ପତିଙ୍କ ସଙ୍ଗରେ ଆତ୍ମା, ପରମାତ୍ମା, ସୃଷ୍ଟି ଇତ୍ୟାଦି ନିଗୂଢ଼ ଦାର୍ଶନିକ ତଥ୍ୟ ବିଷୟରେ ଗମ୍ଭୀର ଆଲୋଚନାରେ ପ୍ରବୃତ୍ତ ହେଉଥିଲେ । ଉପନିଷଦ ଯୁଗର ଅନ୍ୟ ଏକ ବିଦୁଷୀ ବ୍ରହ୍ମବାଦିନୀ ଗାର୍ଗୀ ବାଚକନାଭିଙ୍କୁ ଆମେ ଜନକଙ୍କ ଅଶ୍ୱମେଧ ଯଜ୍ଞର ପଣ୍ଡିତ ସଭାରେ ମହର୍ଷି ଯାଜ୍ଞବଲ୍‌କ୍ୟଙ୍କ ପ୍ରତିଯୋଗିନୀରୂପେ ଦେଖିବାକୁ ପାଉ । ହାରିତ ଧର୍ମ ସୂତ୍ରରେ ସ୍ତ୍ରୀମାନଙ୍କୁ ଦୁଇ ପ୍ରଧାନ ଶ୍ରେଣୀରେ ବିଭକ୍ତ କରାଯାଇଛି । ୧-ବ୍ରହ୍ମବାଦିନୀ ଓ ୨-ସଦ୍ୟୋବଧୂ । ପ୍ରଥମ ଶ୍ରେଣୀର ସ୍ତ୍ରୀମାନେ ଉପନୟନ, ଅଗ୍ନି ପୂଜା, ବେଦାଧ୍ୟୟନ ଏବଂ ଭିକ୍ଷାଆଦି ବ୍ରହ୍ମଚର୍ଯ୍ୟୋଚିତ ଯାବତୀୟ କାର୍ଯ୍ୟର ଅଧିକାରିଣୀ ହୋଇ ଅଧିକ ବର୍ଷ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିଲେ ଏବଂ ଶିକ୍ଷା ସମାପ୍ତି ପରେ ବିବାହ କରୁଥିଲେ । ଦ୍ୱିତୀୟ ଶ୍ରେଣୀର ସ୍ତ୍ରୀମାନେ ଦୈନନ୍ଦିନ ଜୀବନର ବ୍ୟବହାର ଉପଯୋଗୀ କେତେକ ବେଦମନ୍ତ୍ର, ସଙ୍ଗୀତ ଏବଂ ନୃତ୍ୟାଦି ଲଳିତ କଳା ଶିକ୍ଷାକରି ଯୌବନ ପ୍ରାପ୍ତିମାତ୍ରେ ବିବାହ କରୁଥିଲେ । ଗୃହ୍ୟଧର୍ମ ସୂତ୍ରରେ ଉଲ୍ଲେଖ ଅଛି ଯେ ଯଜ୍ଞାଦି ଧାର୍ମିକ ଅନୁଷ୍ଠାନରେ ଉପଯୁକ୍ତ ଅଂଶ ଗ୍ରହଣ କରିବା ପାଇଁ ନ୍ୟୂନତମ ଯେତିକି ଶିକ୍ଷା ଆବଶ୍ୟକ ନାରୀର ଅନ୍ତତଃ ସେତିକି ଥିବା ଏକାନ୍ତ ବାଞ୍ଛନୀୟ ।

ସୂତ୍ର ଯୁଗରେ ମଧ୍ୟ ସ୍ତ୍ରୀ ଶିକ୍ଷାର ଦ୍ୱାର ରୁଦ୍ଧ ହୋଇ ନ ଥିଲା । ନାରୀ ଶିକ୍ଷୟିତ୍ରୀମାନଙ୍କୁ ଉପାଧ୍ୟାୟା ଏବଂ ଆଚାର୍ଯ୍ୟା କୁହାଯାଉଥିଲା । ପଣ୍ଡିତା ଏବଂ ବିଦୁଷୀ କନ୍ୟା ପ୍ରାପ୍ତିକୁ ପିତାମାନେ ପରମ ସୌଭାଗ୍ୟର ବିଷୟ ବୋଲି ମନେ କରୁଥିଲେ ଏବଂ ସେହି ଅଭୀଷ୍ଟ ସିଦ୍ଧି ପାଇଁ ଏକ ବିଶିଷ୍ଟ ଅନୁଷ୍ଠାନର ବ୍ୟବସ୍ଥା ଥିଲା । ବିବିଧ ଲଳିତ କଳା ବ୍ୟତୀତ ନାରୀମାନଙ୍କୁ ସାମରିକ ଶିକ୍ଷା ମଧ୍ୟ ଦିଆଯାଉଥିଲା । ପାତଞ୍ଜଳିଙ୍କ 'ମହାଭାଷ୍ୟ'ରେ ବ୍ୟବହୃତ 'ଶାକ୍ତିକୀ' ଅର୍ଥାତ୍ ଶକ୍ତି ବା ଭାଲ ଧାରଣୀ ଶବ୍ଦର ପ୍ରୟୋଗରୁ ଏହା ସ୍ପଷ୍ଟ ପ୍ରତିପାଦିତ ହୁଏ ।

ପ୍ରାଚୀନ ଭାରତରେ ସହଶିକ୍ଷାର ପ୍ରଚଳନ ମଧ୍ୟ ଥିଲା । ବାଳକ ବାଳିକା ଏକ ଆଶ୍ରମରେ ଏକ ଗୁରୁଙ୍କର ଅଧୀନରେ ରହି ଶିକ୍ଷା କରୁଥିଲେ । ଅଶ୍ରମସ୍ଥ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପିତ ହେବାର ଦୃଷ୍ଟାନ୍ତ ମଧ୍ୟ ବିରଳ ନ ଥିଲା ।*

କହୋଦ ଏବଂ ସୁଜାତା, ରୁରୁ ଏବଂ ପ୍ରମଦ୍ୱରା, କଚ ଏବଂ ଦେବଯାନୀ ସମ୍ବାଦରୁ ଏହା ସ୍ପଷ୍ଟ ଅନୁମିତ ହୁଏ ।

ସ୍ଥୂଳତଃ ବୈଦିକ ଯୁଗକୁ ସ୍ତ୍ରୀ ଶିକ୍ଷାର ସ୍ୱର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ । ପୁରୁଷମାନଙ୍କ ସଙ୍ଗେ ସ୍ତ୍ରୀମାନେ ପୂର୍ଣ୍ଣ ସ୍ୱାଧୀନତା ଉପଭୋଗ କରୁଥିଲେ । ବାଲ୍ୟ ବିବାହ ନିଷିଦ୍ଧ ଥିଲା । ଉପନୟନ, ବେଦାଧ୍ୟୟନ, ସଭାସମିତି, ପରିଷଦାଦିରେ ସକ୍ରିୟ ସହଯୋଗ ଇତ୍ୟାଦି ନାରୀର ସକଳ ସାଂସ୍କୃତିକ ଅଧିକାର ଅକ୍ଷୁଣ୍ଣ ଥିଲା । ସ୍ଥଳ ବିଶେଷରେ ନାରୀମାନେ ଆଜନ୍ମ ବ୍ରହ୍ମଚାରିଣୀ ରହି ଜ୍ଞାନ ଓ ବ୍ରହ୍ମର ଆରାଧନାରେ ଆପଣାକୁ ନିୟୋଜିତ କରିବାରେ ଆନନ୍ଦ ଲାଭ କରୁଥିଲେ । କିନ୍ତୁ ଉତ୍ତର ବୈଦିକ ଯୁଗରେ ପୁରୁଷର ପ୍ରାଧାନ୍ୟ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସ୍ତ୍ରୀ ଶିକ୍ଷାର ଅବନତି ଘଟିଲା । ଯେଉଁ ନାରୀ ସହଧର୍ମିଣୀ ରୂପେ ସାମାଜିକ, ଧାର୍ମିକ ଏବଂ ସାଂସ୍କୃତିକ ପ୍ରତ୍ୟେକ

---

* Educational Idias and Institutions by Dr. S. C. Sarkar.

ଅନୁଷ୍ଠାନରେ ସମାନ ଅଂଶୀଦାର ରୂପେ ପୁରୁଷର ସହାୟତା କରୁଥିଲ ସେ କାଳକ୍ରମେ କଣ ଭୂଆସୁଣୀ ପାଲଟିଲ । ଭାରତରେ ଆର୍ଯ୍ୟ ପ୍ରଭାବର ବିସ୍ତାର ସଙ୍ଗେ ଅନାର୍ଯ୍ୟମାନଙ୍କ ସହିତ ଅଧିକ ସଂସ୍ରବ ଏବଂ ଆର୍ଯ୍ୟ ଗୃହସ୍ଥମାନଙ୍କ ଦ୍ୱାରା ଅଧିକ ସଂଖ୍ୟାରେ ଅନାର୍ଯ୍ୟ ପତ୍ନୀ ଗ୍ରହଣ ପରିସ୍ଥିତିକୁ ଆହୁରି ଜଟିଳ କରି ପକାଇଲା । ବେଦର ଶୁଦ୍ଧତା ରକ୍ଷା ନିମିତ୍ତ ତତ୍କାଳୀନ କେତେକ ଆର୍ଯ୍ୟ ମନୀଷୀଙ୍କର ପ୍ରସ୍ତାବ କ୍ରମେ ନାରୀମାନଙ୍କ ପାଇଁ ବେଦାଧ୍ୟୟନ ନିଷିଦ୍ଧ କରି ଦିଆଗଲା । ବାଲ୍ୟ ବିବାହ ପ୍ରଥାର ପ୍ରଚଳନ କରାଗଲା ।

ବୈଦିକ ଯୁଗର ଉନ୍ନତ ପଦବୀରୁ ସ୍ଖଳିତ ହୋଇ ନାରୀର କାର୍ଯ୍ୟ ପୁରୁଷର ଚିତ୍ତବିନୋଦନ ଏବଂ ସନ୍ତାନ ପ୍ରସବରେ ସୀମା ବଦ୍ଧ ହୋଇ ରହିଲା । ଉପନୟନ ଏକ ଅର୍ଥହୀନ ସଂସ୍କାରରେ ପରିଣତ ହେଲା ।

**ଉଦ୍ୟୋଗ ମୂଳକ ଶିକ୍ଷା**—ବୈଦିକ ଶିକ୍ଷା ମୁଖ୍ୟତଃ ଧାର୍ମିକ ଏବଂ ଦାର୍ଶନିକ ଥିଲା । ଯେଉଁମାନେ ବାସ୍ତବ ସଂସାରର ଊର୍ଦ୍ଧ୍ୱରେ ରହି ଚିରନ୍ତନ ସତ୍ୟର ସନ୍ଧାନ ଏବଂ ମହନୀୟ ଜ୍ଞାନର ପ୍ରଶ୍ରୟରେ ଆପଣାକୁ ନିୟୋଜିତ କରୁଥିଲେ, ଏ ଶିକ୍ଷା କେବଳ ସେହିମାନଙ୍କ ପାଇଁ ଅଭିପ୍ରେତ ଥିଲା । କିନ୍ତୁ କୃଷି, ଶିଳ୍ପ, ବାଣିଜ୍ୟ, କଳା ଓ କାରିଗରି ପ୍ରଭୃତି ଜାତୀୟ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶର ଯେ ଚିତ୍ର ବୈଦିକ ସାହିତ୍ୟରେ ପ୍ରଦତ୍ତ ହୋଇଅଛି ସେଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଧାର୍ମିକ ଏବଂ ଦାର୍ଶନିକ ଶିକ୍ଷା ସଙ୍ଗେ ବିବିଧ ଉଦ୍ୟୋଗମୂଳକ ଶିକ୍ଷାର ପ୍ରଚଳନ ମଧ୍ୟ ସେ କାଳରେ ଥିଲା ଏବଂ ସୁସଂଗଠିତ ବୈଷୟିକ ଶିକ୍ଷାର ଭିତ୍ତି ଭୂମି ଉପରେ ଦେଶର ତତ୍କାଳୀନ ଆର୍ଥନୀତିକ ସୌଧ ଗଢ଼ି ଉଠିଥିଲା । ବେଦରେ ବହୁ ସ୍ଥଳରେ ଏହାର ସଂକେତ ଅଛି ।

ବୈଦିକ ଆର୍ଯ୍ୟମାନଙ୍କର ପ୍ରଧାନ ଜୀବିକା ଥିଲା କୃଷି ଏବଂ ଗୋପାଳନ । ଏହି ଦୁଇଟିକୁ କେନ୍ଦ୍ର କରି ଗଢ଼ି ଉଠିଥିଲା ସେ କାଳର ସଭ୍ୟତା । ପ୍ରଚୁର ବୃଷ୍ଟି, ଅନୁକୂଳ ଋତୁ, ପର୍ଯ୍ୟାପ୍ତ ଶସ୍ୟ ଏବଂ ଉତ୍ତମ ଦୁଧିଆଳୀ ଗାଈ ପାଇଁ ଋଷିମାନେ ଯଜ୍ଞରେ ଦେବତାମାନଙ୍କୁ ପ୍ରାର୍ଥନା କରୁଥିଲେ । ଗୋଚାରଣ

ଏବଂ ଗୋପାଳନ କାର୍ଯ୍ୟରେ ଗୁରୁଙ୍କୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଛାତ୍ରମାନେ ଉକ୍ତ ବିଦ୍ୟାରେ ତାଲିମ ହେଉଥିଲେ । ସ୍ୱର୍ଣ୍ଣ କାର୍ଯ୍ୟ, କାଷ୍ଠ କାର୍ଯ୍ୟ, ଚର୍ମ କାର୍ଯ୍ୟ, ରଥ ଓ ନୌକା ନିର୍ମାଣ, ସୂତାକଟା, ଲୁଗାବୁଣା, ଧନୁର୍ବିଦ୍ୟା ଓ ଖଣିଜ ବିଦ୍ୟା ଆଦି ବିବିଧ ଶିଳ୍ପର ଉଲ୍ଲେଖ ବେଦରେ ଦେଖିବାକୁ ମିଳେ । ପ୍ରାରମ୍ଭିକ ବୈଦିକ ଶିକ୍ଷା ସମାପ୍ତ କରି ଦେଶର ଅଧିକାଂଶ ଯୁବକ ବିବିଧ ବୈଷୟିକ ଶିକ୍ଷାରେ ତାଲିମ ହେଉଥିଲେ । ଲୁଗା ବୁଣା ସମାଜର ଏକ ପ୍ରଧାନ ବ୍ୟବସାୟ ଥିଲା । ରଥକାରମାନେ ସମାଜରେ ଆଦୃତ ଏବଂ ସମ୍ମାନିତ ହେଉଥିଲେ । ରଥକାର ଶ୍ରେଣୀର ମୁଖ୍ୟ ରାଜାଙ୍କ ଦ୍ୱାଦଶ ରତ୍ନୀ (ସଭ୍ୟଙ୍କ) ମଧ୍ୟରେ ଜଣେ ଥିଲେ । ସ୍ଥଳ ବାଣିଜ୍ୟ ତଥା ନୌବାଣିଜ୍ୟର ଯଥେଷ୍ଟ ପ୍ରସାର ଥିଲା । ଋକ ବେଦରେ ସମୁଦ୍ରଯାତ୍ରା ଏବଂ ଶହ ଅରିତ୍ର ଯୁକ୍ତ ବିରାଟ ପୋତର ବର୍ଣ୍ଣନା ଅଛି । † ଏହାଛଡ଼ା ଚିକିତ୍ସା ଏବଂ ସାମରିକ ବିଦ୍ୟାର ପ୍ରଚଳନ ମଧ୍ୟ ଥିଲା ।

ଅଶ୍ୱିନୀ କୁମାରଙ୍କ ଭଳି କୃତବିଦ୍ୟ ଡାକ୍ତର ବୃଦ୍ଧଙ୍କୁ (ଚ୍ୟବନ) ନବ ଯୌବନ ଏବଂ ଅନ୍ଧକୁ ( ଭୃଜୁ ) ଚକ୍ଷୁ ଫେରାଇ ଦେଇ ପାରୁଥିଲେ । ସେମାନେ ପୁଣି ଅସ୍ତ୍ର ଚିକିତ୍ସାରେ ଧୁରନ୍ଧର ଥିଲେ ଏବଂ ମନୁଷ୍ୟର ଜଖମ ପ୍ରାପ୍ତ ଗୋଡ଼କୁ କାଟି ସେ ସ୍ଥାନରେ ଲୁହାର କୃତ୍ରିମ ଗୋଡ଼ ଖଞ୍ଜି ଦେଉଥିଲେ । * ଅଶ୍ୱିନୀକୁମାରଙ୍କ ସଦୃଶ ପ୍ରସିଦ୍ଧ ଚିକିତ୍ସକମାନଙ୍କୁ ଛାଡ଼ିଦେଲେ ଦେଶର ଅସୁର ଜାତୀୟା ସ୍ତ୍ରୀମାନେ ମଧ୍ୟ ଚିକିତ୍ସା ବିଦ୍ୟାରେ ନିପୁଣା ଥିଲେ ।

ସାମରିକ ବିଦ୍ୟାର ପ୍ରତୀକ ସ୍ୱରୂପ ଉପନୟନ ସମୟରେ ଛାତ୍ରମାନଙ୍କୁ ଦଣ୍ଡ ପ୍ରଦାନ କରାଯାଉଥିଲା । କ୍ଷତ୍ରିୟମାନଙ୍କ ପାଇଁ ବିଶେଷ ସାମରିକ ଶିକ୍ଷାର ବନ୍ଦୋବସ୍ତ ଥିଲା । ସାମରିକ ଶିକ୍ଷା ସଙ୍ଗେ ଅସ୍ତ୍ରଶସ୍ତ୍ର ନିର୍ମାଣ ମଧ୍ୟ ଶିକ୍ଷା ଦିଆଯାଉଥିଲା । ସମ୍ଭବତଃ ସୁଦାସଙ୍କ ଭଳି ସାହସୀକ ପ୍ରତାପଶାଳୀ ରାଜା ବିରାଟ

† ସ୍ୱୟଂ ଇନ୍ଦ୍ର ମଧ୍ୟ ଜଣେ ବଣିକ ଥିଲେ ।

* Vedic selections by Paranjapye.

ଅସ୍ତ୍ରଶସ୍ତ୍ର କାରଖାନାମାନ ଖୋଲି ଧନୁ, ଶର, ବର୍ଚ୍ଛା, ଖଡ଼୍ଗ ଆଦି ନିର୍ମାଣ କରୁଥିଲେ ଏବଂ ସେଠାରେ ଦେଶର ସମରାଭିଳାଷୀ ଯୁବକମାନଙ୍କୁ ତାଲିମ କରାଯାଉଥିଲା ।

ଏସବୁ ବ୍ୟତୀତ ସଙ୍ଗୀତ, ନୃତ୍ୟ ଏବଂ ବାସ୍ତୁ ବିଦ୍ୟା ଇତ୍ୟାଦି ବିଭିନ୍ନ କଳାର ବିକାଶ ମଧ୍ୟ ହୋଇଥିଲା । ଋକ୍‌ବେଦରେ ପ୍ରସ୍ତର ନିର୍ମିତ ଗୃହ (ପୁର)ର ବର୍ଣ୍ଣନା ଅଛି ।

ଉପରୋକ୍ତ ଉଦ୍ୟୋଗ ଓ କଳା ସମୂହର ଶିକ୍ଷା ପାଇଁ ଦେଶରେ କୌଣସି ସୁସଂଗଠିତ ଏବଂ ନିୟମିତ ବିଦ୍ୟାଳୟ ନ ଥିଲା । ଗୃହମାନେ ପାରିବାରିକ ପରମ୍ପରା କ୍ରମେ ନିଜ ନିଜ ଗୃହରେ ରହି ଉଦ୍ୟୋଗ ଶିକ୍ଷା କରୁଥିଲେ ଅଥବା ଶିକ୍ଷାନବିସ ରୂପେ ବିବିଧ ବିଦ୍ୟାରେ ବିଶାରଦ କାରିଗର-ମାନଙ୍କ ନିକଟରେ ରହି ବିଭିନ୍ନ ବିଷୟରେ ବ୍ୟାବହାରିକ ଜ୍ଞାନ ଅର୍ଜ୍ଜନ କରୁଥିଲେ ।

ଏହି ଯୁଗର ପ୍ରଧାନ ବିଶେଷତ୍ୱ ହେଉଛି ଏହି ଯେ ଦେଶର ଉଦ୍ୟୋଗ ଧନ୍ଦା ସମୂହ ବର୍ଣ୍ଣ ବ୍ୟବସ୍ଥା ଉପରେ ପ୍ରତିଷ୍ଠିତ ନ ଥିଲା । ଲୋକେ ନିଜ ନିଜର ରୁଚି ଓ ଯୋଗ୍ୟତା ଅନୁଯାୟୀ ବିବିଧ ଉଦ୍ୟୋଗ ଓ ଜୀବିକା ଅନୁସରଣ କରୁଥିଲେ । ଋକ୍ ବେଦର ଗୋଟିଏ ମନ୍ତ୍ରରେ ଜଣେ ଋଷି କହୁଅଛନ୍ତି ଯେ ସେ ନିଜେ ଜଣେ ଋଷି, ମା' ତାଙ୍କର ଉପଳପ୍ରକ୍ଷିଣୀ (ଅଟା ପେଷା ବାଲି) ଏବଂ ପିତା ତାଙ୍କର ଭିଷକ (ବୈଦ୍ୟ) । ସେହି ଋକ୍ ବେଦର ଆଉ ଏକ ଶ୍ଲୋକରୁ ଜଣାଯାଏ ଯେ, ଯେଉଁମାନେ ଉଚ୍ଚ ଆଧ୍ୟାତ୍ମିକ ଶିକ୍ଷା ପାଇଁ ଅନୁପଯୁକ୍ତ ବିବେଚିତ ହେଉଥିଲେ ସେମାନଙ୍କୁ ଭୂମିକର୍ଷଣ ଏବଂ ବୟନାଦି ଶାରୀରିକ ଶ୍ରମ ସାପେକ୍ଷ କର୍ମ ପାଇଁ ପଠାଇ ଦିଆ ଯାଉଥିଲା ।

ବିବିଧ କଳା ଓ ଉଦ୍ୟୋଗ ସମୂହର ବିକାଶ ଫଳରେ ଶ୍ରମ ବିଭାଜନ ପ୍ରୟାସରୁ ବର୍ଣ୍ଣ ବ୍ୟବସ୍ଥାର ସୃଷ୍ଟି ହେଲା । କାଳକ୍ରମେ ବର୍ଣ୍ଣାନୁଯାୟୀ ଉଦ୍ୟୋଗ ବିଭାଗ ମଧ୍ୟ ସ୍ଥିରୀକୃତ ହୋଇଗଲା । ସୂତ୍ର ଯୁଗର ସାହିତ୍ୟରେ ଏହାର ଚରମ ପରିଣତି ଦେଖିବାକୁ ମିଳେ ।

ଉପନିଷଦ ଏବଂ ଧର୍ମସୂତ୍ର ସମୂହ ଦେଶର ତତ୍କାଳୀନ ଉଦ୍ୟୋଗ ମୂଳକ ଶିକ୍ଷା ସମ୍ବନ୍ଧରେ ଏକରକମ ନୀରବ; କିନ୍ତୁ ଗ୍ରୀକ୍ ପର୍ଯ୍ୟଟକମାନଙ୍କର ବିବରଣୀ, ଅର୍ଥଶାସ୍ତ୍ର ଏବଂ ବୌଦ୍ଧଜାତକ ମାନଙ୍କରୁ ଏ ସମ୍ବନ୍ଧରେ ବହୁ ମୂଲ୍ୟବାନ ତଥ୍ୟର ସନ୍ଧାନ ମିଳିଥାଏ । ଜଣାଯାଏ ଯେ ଏ ଯୁଗରେ ବସ୍ତ୍ରଶିଳ୍ପ, ଚିକିତ୍ସା ବିଦ୍ୟା, ଖଣିଜ ଓ ଧାତୁବିଦ୍ୟା ଏବଂ ପୋତ ନିର୍ମାଣ ବିଦ୍ୟାରେ ବିଶେଷ ଉନ୍ନତି ସାଧିତ ହୋଇଥିଲା ।

ଦେଶର ବୟନ ଶିଳ୍ପ ମଧ୍ୟ ଅତ୍ୟନ୍ତ ଉନ୍ନତ ଅବସ୍ଥାରେ ଥିଲା । ଦୁକୂଳ, କ୍ଷୌମ କୌଷେୟ, ସୂକ୍ଷ୍ମ କାର୍ପାସ ଓ ରେଶମ ବସ୍ତ୍ରମାନ ବିଦେଶକୁ ରପ୍ତାନି କରାଯାଉଥିଲା । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରୁ ଜଣାଯାଏ ଯେ, ବିଧବା ଏବଂ ଅନ୍ୟାନ୍ୟ ନିରାଶ୍ରୟା ସ୍ତ୍ରୀ ଲୋକମାନଙ୍କର ହାତକଟା ସୂତା ସଂଗ୍ରହକରି ବିକ୍ରି କରିବା ପାଇଁ ରାଷ୍ଟ୍ର ପକ୍ଷରୁ ବ୍ୟବସ୍ଥା ଥିଲା । ଯେତେଦୂର ଅନୁମିତ ହୁଏ ସେ କାଳରେ ସୂତାକଟା ଏବଂ ବସ୍ତ୍ରବୟନ ସମ୍ବନ୍ଧରେ ପ୍ରାରମ୍ଭିକ ଜ୍ଞାନ ସାର୍ବଜନୀନ ଥିଲା । କାରଣ ଗୃହ୍ୟ ସୂତ୍ରରେ ବ୍ୟବସ୍ଥା ଅଛି ଯେ ଉପନୟନ କାଳରେ ବାଳକମାନଙ୍କୁ ପରିବାରର ହାତକଟା ସୂତାରେ ସଦ୍ୟ ବୁଣା-ଯାଇଥିବା ଲୁଗା ପିନ୍ଧିବାକୁ ଦିଆଯିବ ।

ଗ୍ରୀକ୍ ଲେଖକମାନଙ୍କ ବିବରଣୀରୁ ଜଣାଯାଏ ଯେ ଭାରତୀୟମାନେ ଚିକିତ୍ସା ବିଦ୍ୟାରେ ଅତ୍ୟନ୍ତ ନିପୁଣ ଥିଲେ । ସର୍ପ ଦଂଶନ ପାଇଁ ସେ କାଳର ଗ୍ରୀକ୍‌ମାନଙ୍କ ଦ୍ୱାରା ଭାରତୀୟ ଔଷଧ ଅବ୍ୟର୍ଥ ମହୌଷଧି ରୂପେ ବିବେଚିତ ହେଉଥିଲା । ଗୋପଥ ବ୍ରାହ୍ମଣ ଏବଂ ଛାନ୍ଦୋଗ୍ୟ ଉପନିଷଦରେ ଗରୁଡ ଓ ସର୍ପ ବିଦ୍ୟାର ଉଲ୍ଲେଖ ଅଛି । ତକ୍ଷଶିଳା ସେ କାଳରେ ଚିକିତ୍ସାବିଦ୍ୟାର ପ୍ରଧାନ କେନ୍ଦ୍ର ଥିଲା ଏବଂ ସେଠାରେ ଔଷଧ ଜ୍ଞାନ ବ୍ୟତୀତ ଅସ୍ତ୍ର ଚିକିତ୍ସା ବା ଶଲ୍ୟ ଶାସ୍ତ୍ର ମଧ୍ୟ ଶିକ୍ଷା ଦିଆଯାଉଥିଲା । ଯେଉଁ ଅଗ୍ନିବେଶଙ୍କ ଆୟୁର୍ବେଦ ସଂହିତା ଚରକ ସଂହିତାର ମୂଳଭିତ୍ତି ତାହା ଏହି ସମୟର ରଚନା ହେଲେହେଁ ସେଥିରେ ସନ୍ନିବେଶିତ ବିଷୟ ସମ୍ବନ୍ଧରେ ବିଶେଷ କିଛି ଜଣା ନାହିଁ । ତକ୍ଷଶିଳାର ଚିକିତ୍ସା ବିଦ୍ୟା ବହୁ ଶ୍ରମ ଏବଂ ସମୟସାପେକ୍ଷ ଥିଲା । ଦୀର୍ଘ ସାତ ବର୍ଷ କାଳ କଠିନ ଅଧ୍ୟୟନ କରି ସାରିବା ପରେ ପ୍ରସିଦ୍ଧ ବୌଦ୍ଧ

ଚିକିତ୍ସକ ଜୀବକ ଯେତେବେଳେ ଗୃହକୁ ଫେରିଯିବା ପାଇଁ ଚାହିଁଲେ ଗୁରୁ ତାହାଙ୍କୁ କହିଲେ ଯେ ସେ ଚିକିତ୍ସା ଶାସ୍ତ୍ରରେ ଯତ୍‌ସାମାନ୍ୟ ପ୍ରାରମ୍ଭିକ ଜ୍ଞାନ ମାତ୍ର ଅର୍ଜନ କରି ଅଛନ୍ତି ।

ଅର୍ଥଶାସ୍ତ୍ରର ଅଧ୍ୟୟନରୁ ଅନୁମିତ ହୁଏ ଯେ ଏ ଯୁଗରେ ଖଣିଜ ଏବଂ ଧାତୁ ବିଦ୍ୟାର ବିଶେଷ ବିକାଶ ସାଧିତ ହୋଇଥିଲା । ରାଷ୍ଟ୍ର ତରଫରୁ ଏ ସମସ୍ତ ବ୍ୟବସାୟର ନିୟନ୍ତ୍ରଣ ପାଇଁ ଜଣେ ଆକରାଧ୍ୟକ୍ଷ ନିଯୁକ୍ତ ଥିଲେ ଏବଂ ତାହାଙ୍କ ଅଧୀନରେ ଜଣେ ଲୋହାଧ୍ୟକ୍ଷ ମଧ୍ୟ ଥିଲେ, ଯାହାଙ୍କର କାର୍ଯ୍ୟ ଥିଲା ତମ୍ବା, ସୀସା, ଲୁହା, ଟିଣ, ପାରଦ ଓ ପିତଳ ଆଦି ପରୀକ୍ଷା କରିବା । ଏହା ବ୍ୟତୀତ ସ୍ୱର୍ଣ୍ଣ ଏବଂ ରୌପ୍ୟ ବ୍ୟବସାୟର ନିୟନ୍ତ୍ରଣ ପାଇଁ ରାଷ୍ଟ୍ର ପକ୍ଷରୁ ଜଣେ ସ୍ୱତନ୍ତ୍ର ନିରୀକ୍ଷକ ନିଯୁକ୍ତ ହୋଇଥିଲେ । ଦେଶର ଖଣିଜ ସମ୍ପଦ ସମୂହ ରାଷ୍ଟ୍ରୀୟ ନିୟନ୍ତ୍ରଣାଧୀନରେ ଥିବା ହେତୁ ରାଷ୍ଟ୍ର ପକ୍ଷରୁ ଏସବୁ ବିଦ୍ୟାରେ ଶିକ୍ଷା ଦେବା ପାଇଁ କୌଣସି ନା କୌଣସି ପ୍ରକାର ବ୍ୟବସ୍ଥା ଥିବ; କିନ୍ତୁ ଏ ସମ୍ବନ୍ଧରେ ବିଶେଷ କିଛି ଜାଣିବାର ଉପାୟ ନାହିଁ ।

ଦେଶର ବହିର୍ବାଣିଜ୍ୟ ଏବଂ ପୋତ ନିର୍ମାଣ ଶିଳ୍ପ ଅତ୍ୟନ୍ତ ଉନ୍ନତ ଅବସ୍ଥାରେ ଥିଲା । ତା ନୋହିଥିଲେ ପଞ୍ଜାବର ପୋତ ନିର୍ମାତାଗଣ ଅତ୍ୟନ୍ତ ସ୍ୱଳ୍ପ କାଳ ମଧ୍ୟରେ (ପ୍ରାୟ ତିନି ମାସ) ସହସ୍ର ସଂଖ୍ୟକ ପୋତଯୁକ୍ତ ଏକ ବିରାଟ ନୌବେଳା ଆଲେକ୍‌ଜାଣ୍ଡରଙ୍କୁ ଯୋଗାଇ ଦେଇ ପାରି ନ ଥାନ୍ତେ । ଦେଶରେ କଳା ଏବଂ ଉଦ୍ୟୋଗର ଆଦର ଏବଂ ଶରୀର ଶ୍ରମର ମର୍ଯ୍ୟାଦା ଥିଲା । ଦେଶର କାରିଗର ସମ୍ପ୍ରଦାୟ ଉପରେ କୌଣସି ପ୍ରକାର ଅତ୍ୟାଚାର ମୌର୍ଯ୍ୟ ଶାସନରେ ମହା ଅପରାଧ ରୂପେ ବିବେଚିତ ହେଉଥିଲା ।

ପ୍ରତ୍ୟେକ ଗ୍ରାମରେ ସମର ଶିକ୍ଷଣ କେନ୍ଦ୍ର ଥିଲା । ଗ୍ରାମର ସମର୍ଥ ଯୁବକଗଣ ଏହି କେନ୍ଦ୍ରମାନଙ୍କରେ ଆତ୍ମରକ୍ଷାରେ ତାଲିମ ପ୍ରାପ୍ତ ହେଉଥିଲେ । ଭାରତର ବିଭିନ୍ନ ଅଞ୍ଚଳରେ ଏହିପରି ଅସଂଖ୍ୟ ଶିକ୍ଷଣ କେନ୍ଦ୍ର ଥିଲା । ପଞ୍ଜାବରେ କେତେକ ସାଧାରଣ ତନ୍ତ୍ରରେ ସୈନିକ ଶିକ୍ଷା ବାଧ୍ୟତାମୂଳକ ଏବଂ ସାର୍ବଜନୀନ ଥିଲା । ଏହିପରି ସାଧାରଣତନ୍ତ୍ର ଗୁଡ଼ିକୁ ଆୟୁଧଜୀବୀ ସଙ୍ଘ

ନାମରେ ଅଭିହିତ କରାଯାଉଥିଲା । ସ୍ୱେଚ୍ଛା ପ୍ରବୃତ୍ତ ଉଦ୍ୟମ ଉପରେ ପ୍ରତିଷ୍ଠିତ ଏହି ଗ୍ରାମ୍ୟ ସମର ଶିକ୍ଷା ଶିବିର ଗୁଡ଼ିକୁ ଛାଡ଼ି ଦେଲେ କେତେଗୁଡ଼ିଏ ନିୟମିତ ସୈନିକ ଶିକ୍ଷା କେନ୍ଦ୍ର ମଧ୍ୟ ଥିଲା । ଭାରତର ପଶ୍ଚିମ ସୀମାରେ ସ୍ଥିତ ତକ୍ଷଶିଳା ଏହିପରି ଏକ କେନ୍ଦ୍ର ଥିଲା ଏବଂ ଭାରତର ଦୂର ଦୂରାନ୍ତରରୁ ଆଗତ ବହୁ ବ୍ରାହ୍ମଣ ଓ କ୍ଷତ୍ରିୟ ଯୁବକ ସେଠାରେ ରହି ସୈନିକ ବିଦ୍ୟା ଅଧ୍ୟୟନ କରୁଥିଲେ ।

ସାମରିକ ଶିକ୍ଷା ସଙ୍ଗେ ଅସ୍ତ୍ରଶସ୍ତ୍ର ନିର୍ମାଣ ପାଇଁ ଭାରତ ପ୍ରସିଦ୍ଧ ଥିଲା । ସୁପ୍ରସିଦ୍ଧ ପାରସିକ ମହାକାବ୍ୟ ଫିର୍ଦ୍ଦୌସିଙ୍କ ସାହାନାମାରେ ଉଲ୍ଲେଖ ଅଛି ଯେ, ସିକନ୍ଦରଙ୍କ ପାରସ୍ୟ ଆକ୍ରମଣ କାଳରେ ପାରସ୍ୟ ରାଜା ଭାରତରୁ ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ରପ୍ତାନି କରିଥିଲେ । ଖଣ୍ଡାର ପ୍ରାଚୀନ ଆରବ ନାମ ହେଉଛି 'ମହନ୍ନଦ' ଅର୍ଥାତ୍ ଯାହା ଭାରତରୁ ଆସିଅଛି । ※

ମଗଧ, ଆନ୍ଧ୍ର ଏବଂ କଳିଙ୍ଗ ପ୍ରଭୃତି ରାଜ୍ୟମାନଙ୍କରେ ସେମାନଙ୍କ ବିଶାଳ ସୈନ୍ୟ ବାହିନୀ ପାଇଁ ବିରାଟ ଅସ୍ତ୍ରଶସ୍ତ୍ର ନିର୍ମାଣାଗାରମାନ ଥିଲା ଏବଂ ଦେଶର ବହୁ ଉତ୍ସାହୀ ଯୁବକ ଶିକ୍ଷାନବୀସ୍ ଭାବରେ ଉକ୍ତ ଅସ୍ତ୍ରଶସ୍ତ୍ର ନିର୍ମାଣାଗାରମାନଙ୍କରେ ଅସ୍ତ୍ର ନିର୍ମାଣ ବିଦ୍ୟାରେ ତାଲିମ ପ୍ରାପ୍ତ ହେଉଥିଲେ ।

ସାଧାରଣତଃ ଶିକ୍ଷାର୍ଥୀମାନେ କାରିଗରମାନଙ୍କ ଅଧୀନରେ ସେମାନଙ୍କ ଘରେ ରହି ଉଦ୍ୟୋଗ ଶିକ୍ଷା କରୁଥିଲେ । ଦେଶର ଶିଳ୍ପ ସମୂହ କୁଟୀର ଶିଳ୍ପ ଭିତ୍ତିରେ ବ୍ୟକ୍ତିଗତ ଉଦ୍ୟମରେ ପରିଚାଳିତ ହେଉଥିଲେହେଁ କାଳକ୍ରମେ ଶିଳ୍ପୀ ଗୁଡ଼ିକର ସାମୂହିକ ସ୍ୱାର୍ଥ ସଂରକ୍ଷଣ ପାଇଁ ଶ୍ରେଣୀ ନାମକ ସଂସ୍ଥା ଗଢ଼ି ଉଠିଲା । କୌଣସି ଏକ ଅଞ୍ଚଳରେ ଭିନ୍ନ ଭିନ୍ନ ବ୍ୟବସାୟ ପାଇଁ ସ୍ୱତନ୍ତ୍ର ଶ୍ରେଣୀ ଥିଲା । ସ୍ମୃତିରେ କୃଷକ ଶ୍ରେଣୀ, ବଣିକ ଶ୍ରେଣୀ, ମହାଜନ ଶ୍ରେଣୀ, କାରିଗର ଶ୍ରେଣୀ, ନୃତ୍ୟକାର ଓ ଚିତ୍ରକର ଶ୍ରେଣୀର ଉଲ୍ଲେଖ ଅଛି । ଏହି ଶ୍ରେଣୀଗୁଡ଼ିକ ସେ କାଳରେ ଶିଳ୍ପ, କଳା ଓ ଉଦ୍ୟୋଗ କ୍ଷେତ୍ରରେ ଶିକ୍ଷାୟତନର କାର୍ଯ୍ୟ କରୁଥିଲା ।

---

※ Discovery of India—Nehru

**ପ୍ରାଥମିକ ଶିକ୍ଷା**—(ବେଦ ଓ ବ୍ରାହ୍ମଣ ଯୁଗ) ଆଗରୁ କୁହାଯାଇଛି ଯେ ଆଦି ବୈଦିକ ଯୁଗରେ ଲିଖନ କଳାର ପ୍ରଚଳନ ନ ଥିଲା । ଲୋକେ ପିତା ପୁତ୍ର ଗୁରୁଶିଷ୍ୟ ପରମ୍ପରା କ୍ରମେ ଶୁଣି ଶିଖି ମନେ ରଖୁଥିଲେ ଏବଂ ସ୍ମୃତିହିଁ ଶିକ୍ଷା ଓ ସଂସ୍କୃତିର ଏକମାତ୍ର ବାହନ ଥିଲା । ବ୍ୟବସାୟ ବାଣିଜ୍ୟରେ ହିସାବପତ୍ର ରଖିବାର ବିଶେଷ ଦରକାର ପଡ଼ୁ ନ ଥିଲା । ତେଣୁ ଆଧୁନିକ ଯୁଗରେ ପ୍ରାଥମିକ ଶିକ୍ଷା କହିଲେ ଆମେ ଯାହା ବୁଝୁଁ ସେହି ଅର୍ଥରେ ଅର୍ଥାତ୍ (ଲିଖନ, ପଠନ ଓ ଗଣିତ) କୌଣସି ପ୍ରାରମ୍ଭିକ ଶିକ୍ଷା ସେ ଯୁଗରେ ନ ଥିଲା; ସୁତରାଂ ବେଦାଧ୍ୟୟନହିଁ ଥିଲା ସେ କାଳର ସର୍ବ ପ୍ରଥମ ଶିକ୍ଷା । ଛାତ୍ରମାନେ ଉପନୟନ ଯୋଗ୍ୟ ବୟସରେ ଗୁରୁଙ୍କ ଦ୍ୱାରା ଯଥାବିଧି ଦୀକ୍ଷିତ ହୋଇ ବେଦମନ୍ତ୍ର ଅଧ୍ୟୟନ କରୁଥିଲେ; କିନ୍ତୁ ଏହି ଯୁଗର ଶେଷ ଭାଗକୁ ଯେତେବେଳେ ବ୍ୟାକରଣ ଛନ୍ଦ ଏବଂ ଉଚ୍ଚାରଣ ତତ୍ତ୍ୱ ଆଦି ନାନା ନୂତନ ବିଦ୍ୟାର ବିକାଶ ହେଲା, ସେତେବେଳେ ବେଦାଧ୍ୟୟନ ପୂର୍ବରୁ ଏହି ସମସ୍ତ ବିଦ୍ୟା ସମ୍ବନ୍ଧରେ ପ୍ରାରମ୍ଭିକ ଜ୍ଞାନଲାଭ ଏକାନ୍ତ ଆବଶ୍ୟକ ମନେ ହେଲା । ତୈତ୍ତିରୀୟ ପ୍ରାତିଶାଖ୍ୟ ସୂତ୍ରରେ ଉଲ୍ଲେଖ ଅଛି ଯେ ବିଦ୍ୟାର୍ଥୀ ବେଦାଧ୍ୟୟନ ପୂର୍ବରୁ ବର୍ଣ୍ଣ ସମୂହର ଗୁରୁ ଲଘୁ ବିଗ୍ରହ, ହ୍ରସ୍ୱ, ଦୀର୍ଘ ପ୍ଳୁତାଦି ଧ୍ୱନି, ଉଦାତ୍ତ, ଅନୁଦାତ୍ତ, ସ୍ୱରିତାଦି ସ୍ୱର, ବର୍ଣ୍ଣ ସମୂହର ଆଗମ, ବିଲୋପ ଏବଂ ବିକାର, ସଂହିତା ଏବଂ ପାଦ ପାଠାଦି ସମ୍ବନ୍ଧରେ ପ୍ରାରମ୍ଭିକ ଜ୍ଞାନ ହାସଲ କରିଥିବା ଉଚିତ; କିନ୍ତୁ କେବଳ ବ୍ରାହ୍ମଣ ଛାତ୍ରମାନଙ୍କ ପାଇଁ ଏହା ବାଧ୍ୟତାମୂଳକ ଥିଲା । ଅନ୍ୟମାନେ ସାମାନ୍ୟ କେତେକ ବେଦମନ୍ତ୍ର ଅଧ୍ୟୟନପୂର୍ବକ ନିଜ ନିଜର ବ୍ୟବସାୟ ଶିକ୍ଷାରେ ମନୋନିବେଶ କରୁଥିଲେ ।

**ଉପନିଷଦ ଓ ସୂତ୍ରଯୁଗ**—ଯେତେଦୂର ଜଣାଯାଏ ଖ୍ରୀ:ପୂ: ଅଷ୍ଟମ ଶତାବ୍ଦୀ ବେଳକୁ ଭାରତରେ ଲିଖନ କଳାର ପ୍ରଚୃର ହେଲା ଏବଂ କେବଳ ବେଦାଧ୍ୟୟନ ବ୍ୟତୀତ ଅନ୍ୟାନ୍ୟ ପ୍ରତ୍ୟେକ କ୍ଷେତ୍ରରେ ଏହାର ପ୍ରୟୋଗ କରାଗଲା । 'ମହାବଗ୍‌ଗ', 'ଲଳିତ ବିସ୍ତର' ଏବଂ 'ଜାତକ' ଆଦି ବୌଦ୍ଧ ଧର୍ମଗ୍ରନ୍ଥମାନଙ୍କରେ ପ୍ରଦତ୍ତ ବିବରଣୀରୁ ଜଣାଯାଏ ଯେ ଖ୍ରୀ:ପୂ: ୪ର୍ଥ ଶତାବ୍ଦୀ ବେଳକୁ ରୂପ (ମହାଜନ ହିସାବ) ଏବଂ ଗଣନା (ଅଙ୍କ) ସଙ୍ଗେ ଲିଖନ

ପ୍ରାଥମିକ ଶିକ୍ଷାର ଏକ ଅପରିହାର୍ଯ୍ୟ ଅଙ୍ଗ ରୂପେ ପ୍ରତିଷ୍ଠିତ ହୋଇ ସାରିଥିଲା। ପୁଣି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏହି ତିନି ଜାତିଙ୍କ ପାଇଁ ଉପନୟନର ଗୁରୁତ୍ୱ ଯଥେଷ୍ଟ ବଢ଼ିଗଲା ଏବଂ ଏହାର ପରିଣାମ ସ୍ୱରୂପ ପ୍ରାଥମିକ ଶିକ୍ଷାରେ ବ୍ୟାକରଣ, ଉଚ୍ଚାରଣତତ୍ତ୍ୱ ଏବଂ ଛନ୍ଦ ସମ୍ବନ୍ଧୀୟ ଜ୍ଞାନ ଉପରେ ଅଧିକ ଜୋର ଦିଆଗଲା । ଉପନିଷଦ ଓ ସୂତ୍ର ଯୁଗରେ ପ୍ରାଥମିକ ଶିକ୍ଷାର ପାଠ୍ୟନିର୍ଘଣ୍ଟ ନିମ୍ନଲିଖିତ ପ୍ରକାରେ ଥିଲା ।

୧-ଲିଖନ । ୨-ଗଣନା । ୩-ରୂପ । ୪-ବ୍ୟାକରଣ । ୫-ଉଚ୍ଚାରଣ ଓ ଶବ୍ଦାର୍ଥତତ୍ତ୍ୱ । ୬-ଛନ୍ଦ । ପାଞ୍ଚବର୍ଷ ବୟସରେ ଚୂଡ଼ାକର୍ମ ସଙ୍ଗେ ଏ ଶିକ୍ଷା ଆରମ୍ଭ କରାଯାଉଥିଲା । ଏ ଉତ୍ସବର ନାମ ଥିଲା ବିଦ୍ୟାରମ୍ଭ ବା ଅକ୍ଷର ସ୍ୱୀକରଣ । ବେଦଯୁଗରେ ଉପନୟନ ବ୍ୟତୀତ ଅନ୍ୟ କୌଣସି ବିଦ୍ୟାରମ୍ଭ ଉତ୍ସବ ନ ଥିଲା; କିନ୍ତୁ ବିଭିନ୍ନ ବିଦ୍ୟାର ବିକାଶ, ପ୍ରାକୃତ ଭାଷା-ସମୂହର ସୃଷ୍ଟି ଓ ଲିପିର ବ୍ୟାପକ ପ୍ରଚଳନ ଫଳରେ ବେଦାଧ୍ୟୟନ ପୂର୍ବରୁ ପ୍ରାରମ୍ଭିକ ଜ୍ଞାନର ଉପଯୋଗିତା ଅନୁଭୂତ ହେବାରୁ ପାଞ୍ଚବର୍ଷ ବୟସରେ ବିଦ୍ୟାରମ୍ଭ ନାମକ ଏକ ନୂତନ ସଂସ୍କାରର ସୂତ୍ରପାତ ହେଲା । ସଂସ୍କାର ପ୍ରକାଶ ଓ ସ୍ମୃତି ଚନ୍ଦ୍ରିକା ଆଦି ଗ୍ରନ୍ଥରେ ବିଦ୍ୟାରମ୍ଭର ବହୁଳ ବର୍ଣ୍ଣନା ଦୃଷ୍ଟ ହୁଏ । ଏ ଯୁଗରେ ଛାତ୍ରମାନଙ୍କର ପ୍ରଧାନ ଶିକ୍ଷୋପକରଣ ଥିଲା ଫଳକ ଓ ବର୍ତ୍ତିକ ।

**ପ୍ରୌଢ଼ଶିକ୍ଷା**—ଆଧୁନିକ ଶିକ୍ଷାବିତ୍‌ମାନଙ୍କ ମତରେ ଶିକ୍ଷା ଏକ ଜୀବନବ୍ୟାପୀ ସାଧନା । ତେଣୁ ଜୀବନର ପ୍ରତ୍ୟେକ ସ୍ତରରେ ଶିକ୍ଷାର ଉପଯୁକ୍ତ ବ୍ୟବସ୍ଥା କରିବାକୁ ହେବ । ବହୁ ସହସ୍ର ବର୍ଷ ପୂର୍ବେ ଆମ ଦେଶର ମୁନିଋଷିଗଣ ଏକଥା ଉତ୍ତମରୂପେ ହୃଦୟଙ୍ଗମ କରି ମନୁଷ୍ୟ ଜୀବନକୁ ଚାରି-ଗୋଟି ଆଶ୍ରମରେ ବିଭକ୍ତ କରିଥିଲେ ଏବଂ ପ୍ରତ୍ୟେକ ଆଶ୍ରମରେ କାଳୋଚିତ ଶିକ୍ଷାର ବ୍ୟବସ୍ଥା କରିଥିଲେ । ଗୃହସ୍ଥର ଅବଶ୍ୟ ପାଳନୀୟ ପଞ୍ଚ ମହାଯଜ୍ଞ ମଧ୍ୟରେ ସ୍ୱାଧ୍ୟାୟକୁ ଏକ ଉଚ୍ଚସ୍ଥାନ ପ୍ରଦାନ କରାଯାଉଥିଲା । ମହର୍ଷି ଶ୍ୱେତକେତୁ ସେଥିପାଇଁ ନିୟମ କରି ଦେଇଥିଲେ ଯେ ବିଦ୍ୟାନୁରାଗୀ ଗୃହସ୍ଥଗଣ ଇଚ୍ଛାକଲେ ଗୁରୁ ଗୃହରେ ବର୍ଷରେ ଅନ୍ତତଃ ଦୁଇମାସ ଅବସ୍ଥାନକରି ବିଦ୍ୟାଧ୍ୟୟନ କରିବେ । ଏ ବ୍ୟବସ୍ଥା ଆଧୁନିକ ଯୁଗର Refresher course ସଙ୍ଗେ

ସମାନ । ଏହାଛଡ଼ା ତୀର୍ଥ, ମେଳାମହୋତ୍ସବ, ମଙ୍ଗପୀଠ ଏବଂ ରାଜ ଦରବାରର ଆଲୋଚନା ସଭା ଇତ୍ୟାଦି ପ୍ରୌଢ଼ଶିକ୍ଷା-କେନ୍ଦ୍ରର କାର୍ଯ୍ୟ କରୁଥିଲା । ଚରକ ବା ପରିବ୍ରାଜକାଚାର୍ଯ୍ୟଗଣ ମଧ୍ୟ ଦେଶ ଦେଶାନ୍ତରରେ ଭ୍ରମଣକରି ଲୋକମାନଙ୍କୁ ନାନା ସଦୁପଦେଶ ଦେଉଥିଲେ ।

## ବ୍ରାହ୍ମଣୀୟ ଶିକ୍ଷା (ସ୍ମୃତି ଓ ପୁରାଣଯୁଗ) :

**ପାଠ୍ୟବସ୍ତୁ**—ଏ ଯୁଗରେ ବୈଦିକ ପାଠ୍ୟକ୍ରମରେ ବିଶେଷ କୌଣସି ପରିବର୍ତ୍ତନ ଲକ୍ଷିତ ହୁଏ ନାହିଁ, କିନ୍ତୁ ବେଦବିତ୍ ବ୍ରାହ୍ମଣମାନଙ୍କ ସଂଖ୍ୟାରେ କ୍ରମିକ ହ୍ରାସପ୍ରାପ୍ତି ଏବଂ ଏ ଯୁଗରେ ରଚିତ ବେଦଭାଷ୍ୟ ସମୂହର ସ୍ୱଳ୍ପତାରୁ ସ୍ପଷ୍ଟ ସୂଚିତ ହୁଏ ଯେ ଯୁଗରୁଚିର ପରିବର୍ତ୍ତନ ସଙ୍ଗେ ବୈଦିକ କ୍ରିୟାକାଣ୍ଡ ତଥା ବେଦାଧ୍ୟୟନ ପ୍ରତି ଲୋକେ କ୍ରମେ ବୀତସ୍ପୃହ ହୋଇ ପଡ଼ୁଥିଲେ । ଆଲବେରୁନି ତାହାଙ୍କ ଭାରତ ସମ୍ବନ୍ଧୀୟ ବିବରଣୀରେ ଉଲ୍ଲେଖ କରି ଅଛନ୍ତି ଯେ ଏକାଦଶ ଶତାବ୍ଦୀରେ ବେଦମନ୍ତ୍ର ସମୂହର ପ୍ରକୃତ ମର୍ମ ବୁଝିପାରିବାଭଳି ବ୍ୟକ୍ତିଙ୍କର ସଂଖ୍ୟା ଦେଶରେ ଅତ୍ୟନ୍ତ ବିରଳ ଥିଲା । ବୈଦିକ ଯୁଗ ସଦୃଶ ବେଦାଧ୍ୟୟନ ଏ ଯୁଗରେ ବ୍ରାହ୍ମଣମାନଙ୍କ ପକ୍ଷରେ ବାଧ୍ୟତାମୂଳକ ନ ଥିଲା । ଯେଉଁମାନେ ରାଜକୀୟ କର୍ମ, ବ୍ୟବସାୟ ବାଣିଜ୍ୟ, କୃଷି, ଜ୍ୟୋତିଷ, ପୁରାଣ-ପାଠ ବା ବ୍ୟାକରଣ ଅଧ୍ୟାପନା କାର୍ଯ୍ୟରେ ନିଯୁକ୍ତ ହେଉଥିଲେ ଅଥବା ଯେଉଁମାନେ ବେଦାନ୍ତ, ମୀମାଂସା, ନ୍ୟାୟ, ଯୋଗ ଏବଂ ସାଂଖ୍ୟାଦି ଶାସ୍ତ୍ରରେ ବିଶେଷ ଜ୍ଞାନଲାଭ କରୁଥିଲେ ସେମାନଙ୍କପାଇଁ ବେଦାଧ୍ୟୟନ ବାଧ୍ୟତାମୂଳକ ନ ଥିଲା । ଦୈନନ୍ଦିନ ଜୀବନର ଆବଶ୍ୟକତା ତୁଲାଇବା ପାଇଁ ଅଳ୍ପ କେତୋଟି ମନ୍ତ୍ରର ଅଧ୍ୟୟନ ସେମାନଙ୍କ ପକ୍ଷରେ ପର୍ଯ୍ୟାପ୍ତ ବିବେଚିତ ହେଉଥିଲା । ଆଲବେରୁନି ପ୍ରଦତ୍ତ ବିବରଣୀରୁ ଜଣାଯାଏ ଯେ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ କ୍ଷତ୍ରିୟମାନଙ୍କର ବେଦାଧ୍ୟୟନର ଅଧିକାର ଥିଲା ଏବଂ ଶୂଦ୍ର ଓ ବୈଶ୍ୟମାନେ ସେଥିରୁ ବଞ୍ଚିତଥିଲେ ।

ବୈଦିକ ବିଦ୍ୟାପୀଠମାନଙ୍କ ବ୍ୟତୀତ ଦେଶରେ ବହୁ ଅବୈଦିକ ଶିକ୍ଷାନୁଷ୍ଠାନ ଥିଲା । ସେହି ବିଦ୍ୟାନୁଷ୍ଠାନ ମାନଙ୍କରେ ପ୍ରଚଳିତ ପାଠ୍ୟକ୍ରମ

ସମ୍ବନ୍ଧରେ ସଠିକ ବିବରଣୀ ଜାଣିବା ପାଇଁ ବୈଦେଶିକ ପରିବ୍ରାଜକ ମାନଙ୍କର ଭ୍ରମଣ ବୃତ୍ତାନ୍ତ ଆମର ଅତ୍ୟନ୍ତ ସହାୟକ । ସେଗୁଡ଼ିକରୁ ଜଣାଯାଏ, ବିଦ୍ୟାର୍ଥୀଗଣ ଛଅ ବର୍ଷ ବୟସରେ ବର୍ଣ୍ଣମାଳା ଶିକ୍ଷା ଆରମ୍ଭ କରୁଥିଲେ ଏବଂ ତାହା ଶେଷ କରିବା ପାଇଁ ସେମାନଙ୍କୁ ପ୍ରାୟ ଛଅ ମାସ ଲାଗୁଥିଲା । ବର୍ଣ୍ଣମାଳା ସମାପ୍ତ କରି ସେମାନେ ପ୍ରାଥମିକ ଗଣିତ ଶିକ୍ଷା କରୁଥିଲେ ଏବଂ ପ୍ରାୟ ନଅ ବର୍ଷ ବୟସରେ ପାଣିନୀୟ ବ୍ୟାକରଣ ଅଧ୍ୟୟନ କରୁଥିଲେ । ଦ୍ୱାଦଶ ବର୍ଷ ବୟସରେ ବ୍ୟାକରଣ ପାଠ ଶେଷକରି ସେମାନେ କାବ୍ୟ, ସାହିତ୍ୟ ଏବଂ କୋଷାଦିଗ୍ରନ୍ଥ ଅଧ୍ୟୟନରେ ମନୋନିବେଶ କରୁଥିଲେ ।

ପ୍ରାୟ ପନ୍ଦର ବର୍ଷ ବୟସରେ ଛାତ୍ରମାନେ ସାଧାରଣ ଶିକ୍ଷା ସମାପ୍ତ କରି ଆପଣାର ରୁଚି ଓ ଯୋଗ୍ୟତା ଅନୁଯାୟୀ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ବିଶେଷ-ଜ୍ଞାନ ଲାଭପାଇଁ ବ୍ରତୀ ହେଉଥିଲେ । ହୁଏନ୍‌ସାଙ୍ଗ ଭ୍ରମଣ ବୃତ୍ତାନ୍ତରୁ ଜଣାଯାଏ ଯେ ବିଶେଷ ଶିକ୍ଷା ନିମିତ୍ତ ଉଦ୍ଦିଷ୍ଟ ପାଠ୍ୟକ୍ରମ (Specialised courses of study) ପ୍ରଧାନତଃ ପାଞ୍ଚଗୋଟି ଶାଖାରେ ବିଭକ୍ତ ଥିଲା । ସେଗୁଡ଼ିକ ଯଥାକ୍ରମେ ୧-ବ୍ୟାକରଣ ବା ଶବ୍ଦ ବିଦ୍ୟା । ୨-ଶିଳ୍ପସ୍ଥାନ ବିଦ୍ୟା । ୩-ଚିକିତ୍ସା ଏବଂ ଶଲ୍ୟଶାସ୍ତ୍ର । ୪-ନ୍ୟାୟ ଶାସ୍ତ୍ର ବା ହେତୁ ବିଦ୍ୟା । ୫-ଆଧ୍ୟାତ୍ମ୍ୟବିଦ୍ୟା । ଦେଶର ଅଧିକାଂଶ ଶିକ୍ଷାନୁଷ୍ଠାନ ମାନଙ୍କରେ ବ୍ୟାକରଣ, ତର୍କ ବିଜ୍ଞାନ ଏବଂ ଦର୍ଶନ ଶାସ୍ତ୍ରରେ ଉଚ୍ଚ ଶିକ୍ଷାଦାନର ବ୍ୟବସ୍ଥା ଥିଲା । ଏସବୁ ବ୍ୟତୀତ ସ୍ମୃତି, ପୁରାଣ, କାବ୍ୟ, ନାଟକ ଏବଂ ଅଳଙ୍କାର ଶାସ୍ତ୍ରାଦି ମଧ୍ୟ ତତ୍-କାଳୀନ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା । ପଞ୍ଚମ ଖ୍ରୀଷ୍ଟାବ୍ଦରୁ ବିଦ୍ୟାଳୟ ମାନଙ୍କର ପାଠ୍ୟକ୍ରମରେ ଏଗୁଡ଼ିକର ପ୍ରାଧାନ୍ୟ ଉତ୍ତରୋତ୍ତର ବୃଦ୍ଧି ପାଇବାର ଦେଖାଯାଏ । ବୌଦ୍ଧ ଶିକ୍ଷାନୁଷ୍ଠାନ ମାନଙ୍କର ପାଠ୍ୟକ୍ରମ ହିନ୍ଦୁ ବିଦ୍ୟାପୀଠ ସମୂହର ପାଠ୍ୟକ୍ରମଠାରୁ କିଞ୍ଚିତ୍ ଭିନ୍ନ ଥିଲା । ଏ ବିଷୟ ବୌଦ୍ଧ ଶିକ୍ଷା ପ୍ରସଙ୍ଗରେ ଆଲୋଚନା କରାଯିବ ।

**ଶିକ୍ଷାପ୍ରଣାଳୀ**—ଆଗରୁ କୁହାଯାଇଛି ଆବୃତ୍ତି ସଙ୍ଗେ ଅର୍ଥବୋଧ, ବ୍ୟାଖ୍ୟା ଓ ବିଶ୍ଳେଷଣ ପ୍ରାଚୀନ ଭାରତୀୟ ଶିକ୍ଷାଦାନ ପଦ୍ଧତିର ମୂଳନୀତି ଥିଲା । ହିନ୍ଦୁ ଦର୍ଶନଶାସ୍ତ୍ର ସମୂହରେ ଉପରୋକ୍ତ ଆଲୋଚନାତ୍ମକ ପଦ୍ଧତିର

ଚରମ ବିକାଶ ଲକ୍ଷିତ ହୁଏ । ସାଂଖ୍ୟ କାରକାରେ ଶିକ୍ଷାଦାନର ନିମ୍ନଲିଖିତ କ୍ରମ ପ୍ରଦତ୍ତ ହୋଇଅଛି ।

୧-ଅଧ୍ୟୟନ (ଗୁରୁଙ୍କଠାରୁ ବଚନ ଶ୍ରବଣ କରିବା), ୨-ଶବ୍ଦ (ଅର୍ଥବୋଧ), ୩-ଊହ (ଯୁକ୍ତି ଓ ଆଲୋଚନା ଦ୍ୱାରା ଉକ୍ତ ବିଷୟର ସତ୍ୟାସତ୍ୟ ପରୀକ୍ଷା କରି ସ୍ଥିର ନିଶ୍ଚିତ ସିଦ୍ଧାନ୍ତରେ ଉପନୀତ ହେବା) ଓ ୪-ସୁହୃତ୍ ପ୍ରାପ୍ତି (ଶିକ୍ଷିତ ଅଥବା କୌଣସି ବନ୍ଧୁଙ୍କ ଦ୍ୱାରା ଏହାର ସମର୍ଥନ) ।

ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ଯେ ହିନ୍ଦୁ ଶିକ୍ଷାବିତ୍ ଓ ଦାର୍ଶନିକମାନଙ୍କର ଏହି ପଦ୍ଧତି ସହିତ ଆଧୁନିକ ଯୁଗର ଡିଉଇ ଓ ହର୍ବାଟ ପ୍ରମୁଖ ପାଶ୍ଚାତ୍ୟ ଶାସ୍ତ୍ରର ସୁପ୍ରସିଦ୍ଧ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଶିକ୍ଷାଦାନ ପଦ୍ଧତିର ଅପୂର୍ବ ସାମଞ୍ଜସ୍ୟ ଲକ୍ଷିତ ହୁଏ । ସାଂଖ୍ୟ ସଦୃଶ ନ୍ୟାୟ ଶାସ୍ତ୍ରରେ ମଧ୍ୟ ତତ୍କାଳୀନ ଉଚ୍ଚ ବିଦ୍ୟାନୁଷ୍ଠାନମାନଙ୍କରେ ଅନୁସୃତ ଶିକ୍ଷାଦାନ ପଦ୍ଧତିର ଆଭାସ ମିଳେ । ନ୍ୟାୟ ଶାସ୍ତ୍ରାନୁଯାୟୀ ବା ଜ୍ଞାନ ଲାଭର ଉପାୟ ପ୍ରଧାନତଃ ଚାରି ଗୋଟି । ଯଥା, ୧-ସାକ୍ଷାତ, ୨-ଉପମା, ୩-ଅନୁମାନ, ୪-ଶବ୍ଦ (କୌଣସି ପ୍ରତିଷ୍ଠିତ ବ୍ୟକ୍ତି ଅଥବା ଶାସ୍ତ୍ରାନୁମୋଦିତ ବାକ୍ୟ ) ।

କିନ୍ତୁ ଉପରୋକ୍ତ ଉପାୟ ଦ୍ୱାରା ଲବ୍‌ଧଜ୍ଞାନକୁ ସୈଦ୍ଧାନ୍ତିକ ଭାବେ ଗ୍ରହଣ କରିବା ପୂର୍ବରୁ ସେଗୁଡ଼ିକର ସତ୍ୟାସତ୍ୟ ପରୀକ୍ଷା ଆବଶ୍ୟକ ଏବଂ ସେଥିପାଇଁ ଯୁକ୍ତି, ବିଚାର ଓ ଆଲୋଚନାର ପ୍ରୟୋଜନ । ଏ ଆଲୋଚନା ପୁଣି ତିନି ପ୍ରକାର ।

ଯଥା, ୧-ବାଦ (ସପକ୍ଷ ଓ ପ୍ରତିପକ୍ଷ ଯୁକ୍ତି ଦ୍ୱାରା ବିଷୟବସ୍ତୁର ଉପସ୍ଥାପନ), ୨-ଜଳ୍ପ (ଯେ କୌଣସି ଉପାୟରେ ସମର୍ଥିତ ସିଦ୍ଧାନ୍ତ ସମୂହର ଖଣ୍ଡନ), ୩-ବିତଣ୍ଡା (ଅବାନ୍ତର ଯୁକ୍ତି) । ସ୍ଥୂଳତଃ ବ୍ୟାଖ୍ୟା, ବିଶ୍ଳେଷଣ ଏବଂ ଆଲୋଚନା ପ୍ରାଚୀନ ଭାରତୀୟ ଶିକ୍ଷାଦାନ ପଦ୍ଧତିର ପ୍ରଧାନ ବୈଶିଷ୍ଟ୍ୟ ଥିଲା ଏବଂ ଭାରତୀୟ ପଣ୍ଡିତଗଣ ସମଗ୍ର ପ୍ରାଚ୍ୟ ଖଣ୍ଡରେ ଏଥିପାଇଁ ସୁଖ୍ୟାତି ଅର୍ଜନ କରିଥିଲେ । ପ୍ରାଚୀନ ଭାରତର ଏହି ବରେଣ୍ୟ ଗୁରୁମାନଙ୍କଠାରୁ ଶାସ୍ତ୍ରାର୍ଥ ଶ୍ରବଣର ଲୋଭ ସମ୍ବରଣ କରିନପାରି ସୁଦୂର କୋରିଆ ଓ ଜାପାନରୁ

ଜ୍ଞାନପିପାସୁ ମେଧାବୀ ଗ୍ରୁହଗଣ ଜୀବନର ମାୟା ମମତା ତୁଚ୍ଛ କରି ସୁଦୂର ବିପତ୍ତିସଙ୍କୁଳ ପଥ ଅତିକ୍ରମ ପୂର୍ବକ ଭାରତୀୟ ବିଦ୍ୟାନୁଷ୍ଠାନ ମାନଙ୍କରେ ସମବେତ ହେଉଥିଲେ ।

**ସ୍ତ୍ରୀ ଶିକ୍ଷା**—ଉତ୍ତର ବୈଦିକ କାଳରେ ଭାରତୀୟ ନାରୀ ଶିକ୍ଷାର କ୍ରମିକ ଅବନତିର ସୂଚନା ପୂର୍ବ ଅଧ୍ୟାୟରେ ପ୍ରଦତ୍ତ ହୋଇଅଛି । ଖ୍ରୀ: ପୂ: ୨୦୦ ଶତାବ୍ଦୀ ବେଳକୁ ନାରୀ ମାନଙ୍କର ଉପନୟନ ଏକ ଅର୍ଥହୀନ ସଂସ୍କାରରେ ପରିଣତ ହୋଇ ସାରିଥିଲା ଏବଂ ଏହିପରି ଭାବରେ ଏକ ନିରର୍ଥକ ସଂସ୍କାର ରୂପେ କିଛିକାଳ ତିଷ୍ଠି ରହିବାପରେ ତୃତୀୟ-ଚତୁର୍ଥ ଶତାବ୍ଦୀ ବେଳକୁ ଏହା ସଂପୂର୍ଣ୍ଣ ଭାବରେ ଲୋପ ପାଇଲା । ଉପନୟନ ପ୍ରଥାର ଲୋପ ସାଙ୍ଗକୁ ବାଲ୍ୟ-ବିବାହ ଆଇନର କଠୋରତା ଭାରତରେ ନାରୀଶିକ୍ଷାର ଦୁର୍ଗତିର ଦ୍ୱାର ଉନ୍ମୁକ୍ତ କରିଦେଲା । ଯେଉଁ ଭାରତୀୟ ନାରୀ ଦିନେ ବେଦମନ୍ତ୍ର ସମୂହର ରଚୟିତା ରୂପରେ ଅଥବା ନିଗୂଢ଼ ଆଧ୍ୟାତ୍ମିକ ତତ୍ତ୍ୱରାଜିର ବିଶ୍ଳେଷଣରେ ବିଶ୍ୱବିଦ୍ୟାଳୟ ତଥା ସଭା ମଣ୍ଡପରେ ପୁରୁଷର ପ୍ରତିଦ୍ୱନ୍ଦ୍ୱିତା କରିବାରେ ସମର୍ଥା ଥିଲେ, ସେମାନେ ପ୍ରାଥମିକ ଶିକ୍ଷାଲାଭରୁ ବଞ୍ଚିତହୋଇ ଅତି ସୁକୋମଳ ବୟସରେ (୮-୯ ବର୍ଷ) କୁଳବଧୂ ରୂପେ ଅପରର ଗୃହ ମଣ୍ଡନ କରିବାକୁ ସୌଭାଗ୍ୟକର ମନେକଲେ ।

ଉପନୟନ ପ୍ରଥାର ଲୋପ ସାଧନ ଓ ବାଲ୍ୟବିବାହ ବିଧାନର ପ୍ରଚଳନ ଦ୍ୱାରା ଦେଶର ସାଧାରଣ ନାରୀ ଶିକ୍ଷାଲାଭର ସୁଯୋଗରୁ ବଞ୍ଚିତା ହେଲେହେଁ ରାଜ୍ୟର ଶିକ୍ଷିତ ଓ ସମ୍ଭ୍ରାନ୍ତ ପରିବାର ମାନଙ୍କରେ ବହୁକାଳ ପର୍ଯ୍ୟନ୍ତ ନାରୀ ଶିକ୍ଷାର ପ୍ରଚଳନ ଥିଲା । ବୌଦ୍ଧ ଲଳିତବିସ୍ତର ଗ୍ରନ୍ଥର ଆଲୋଚନାରୁ ଜଣାଯାଏ ଯେ ସମ୍ଭ୍ରାନ୍ତ ପରିବାରର ମହିଳାମାନେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ପର୍ଯ୍ୟନ୍ତ ଲିଖନ, ପଠନ ଓ କବିତା ରଚନାରେ ପ୍ରବୀଣା ଥିଲେ ଏବଂ ଶାସ୍ତ୍ରାର୍ଥ ହୃଦୟଙ୍ଗମ କରିବାରେ ସମର୍ଥା ଥିଲେ । ପ୍ରାକୃତ ଭାଷାରେ ରଚିତ ହାଲଙ୍କ ଗାଥା ସପ୍ତଶତୀରେ ଯେଉଁ ବରେଣ୍ୟ କବି ମାନଙ୍କର କବିତା ସମୂହ ସଂଗୃହୀତ ହୋଇଅଛି, ସେମାନଙ୍କ ମଧ୍ୟରେ ଦାକ୍ଷିଣାତ୍ୟର ସାତଜଣ ନାରୀ କବିଙ୍କର ନାମ ଉଲ୍ଲେଖଯୋଗ୍ୟ । ସେମାନେ ହେଉଛନ୍ତି ରେବା, ରୋହା, ମେଧାବୀ

ଅନୁଲକ୍ଷ୍ମୀ, ପାହାଇ, ବଢ଼ିବହ୍ନି ଏବଂ ଶଶିପ୍ରଭା । ସଂସ୍କୃତ ସାହିତ୍ୟର ଇତିହାସରେ ନାରୀ କବି ଶିଳାଭଟ୍ଟାରିକା, ଗୁର୍ଜରର କୁମାରୀ ଦେବୀ ଏବଂ ବିଦର୍ଭନନ୍ଦନୀ ବିଜୟାଙ୍କ ନାମ ସୁପ୍ରସିଦ୍ଧ । ଏ ଯୁଗର ଅପରବିଦୁଷୀ ରମଣୀମାନଙ୍କ ମଧ୍ୟରେ ମଣ୍ଡନ ମିଶ୍ରଙ୍କ ପତ୍ନୀ ସରସ୍ୱତୀଙ୍କ ନାମ ବିଶେଷ ଉଲ୍ଲେଖ-ଯୋଗ୍ୟ । ଅସାଧାରଣ ପାଣ୍ଡିତ୍ୟ ଏବଂ ବୁଦ୍ଧିମତ୍ତା ଯୋଗୁ ସେ ନିଜ ସ୍ୱାମୀ ମଣ୍ଡନ ମିଶ୍ର ଏବଂ ଭାରତର ଅଦ୍ୱିତୀୟ ବୈଦାନ୍ତିକ ଶଙ୍କରାଚାର୍ଯ୍ୟଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଚାରକ ପଦରେ ବରିତା ହୋଇଥିଲେ । ଏ ଯୁଗର କେତେକ ନାରୀ ଚିକିତ୍ସା ବିଦ୍ୟାରେ ପ୍ରବୀଣା ଥିଲେ ଏବଂ ଚିକିତ୍ସା ଶାସ୍ତ୍ରସମ୍ବନ୍ଧୀୟ କେତେକ ପ୍ରାମାଣିକ ପୁସ୍ତକ ସେମାନଙ୍କ ଦ୍ୱାରା ରଚିତ ହୋଇଥିଲା ।

ଏହି ଯୁଗରେ ରଚିତ କାବ୍ୟ ନାଟକାବଳୀର ଆଲୋଚନାରୁ ଜଣାଯାଏ ଯେ ରାଜକନ୍ୟା ଓ ସମ୍ଭ୍ରାନ୍ତ ସାମନ୍ତ ବଂଶୀୟା କନ୍ୟାମାନେ ବିବିଧ ଲଳିତ କଳାରେ ନିପୁଣା ଥିଲେ । ବାତ୍ସାୟନ ତାହାଙ୍କ କାମ ସୂତ୍ରରେ ପୁରଙ୍ଗନା ମାନଙ୍କର ଅବଶ୍ୟ ଜ୍ଞାତବ୍ୟ ୬୪ କଳାର ଉଲ୍ଲେଖ କରି ଅଛନ୍ତି । ସେଗୁଡ଼ିକ ମଧ୍ୟରେ ଗୀତ, ବାଦ୍ୟ, ନୃତ୍ୟ, ଚିତ୍ରକଳା, ମାଳାକରଣ, ବେଶରଚନା, ସମସ୍ୟାପୂରଣ,ପ୍ରହେଳିକା, ଦ୍ୟୁତାଦିକ ଯୋଗ ଆଦି ପ୍ରଧାନ । ଧନୀକ ପରିବାର ମାନଙ୍କରେ ଏଥିପାଇଁ ସ୍ୱତନ୍ତ୍ର ସୁଦକ୍ଷ ଶିକ୍ଷକ ନିଯୁକ୍ତ ହେଉଥିଲେ । ସମ୍ଭ୍ରାନ୍ତ ବଂଶୀୟା କୁଳାଙ୍ଗନା ମାନଙ୍କ ବ୍ୟତୀତ ନଟୀ, ନର୍ତ୍ତକୀ ଏବଂ ଦେବଦାସୀମାନେ ମଧ୍ୟ ବିବିଧ କଳା ଚର୍ଚ୍ଚାରେ ଅତ୍ୟନ୍ତ ପ୍ରବୀଣା ଥିଲେ ।

ରାଜକନ୍ୟା ଓ କ୍ଷତ୍ରିୟ ସାମନ୍ତ ପରିବାରର କନ୍ୟାମାନଙ୍କୁ ସୈନିକ ବିଦ୍ୟା ଓ ରାଜ୍ୟ ପରିଚାଳନା ସଂକ୍ରାନ୍ତୀୟ ବିଦ୍ୟାରେ ଶିକ୍ଷାଦେବାର ବ୍ୟବସ୍ଥା ଥିଲା । ଦେଶର ଦୁର୍ଦ୍ଦିନରେ ଦୁରୂହ ଶାସନଭାର ସ୍ୱହସ୍ତରେ ଗ୍ରହଣ କରି ଅପୂର୍ବ ଦକ୍ଷତାର ସହିତ ରାଜ୍ୟ ପରିଚାଳନା କରିବାର ଦୃଷ୍ଟାନ୍ତ ଭାରତ ଇତିହାସରେ ବିରଳ ନୁହେଁ । ଏ ପ୍ରସଙ୍ଗରେ ସାତବାହନ ବଂଶର ରାଣୀ ନୟନିକା, ବାକାଟକ ବଂଶର ପ୍ରଭାବତୀ ଗୁପ୍ତା, ଚାଲୁକ୍ୟ ବଂଶର ବିଜୟ

ଭଟ୍ଟାରିକା, କାଶ୍ମୀର ରାଜ୍ୟର ସୁଗନ୍ଧା ଏବଂ ଦିଦ୍ଦା, ଉତ୍କଳର ତ୍ରିଭୁବନ ମହାଦେବୀ ଓ ଦଣ୍ଡୀ ମହାଦେବୀଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଅତୀତ ଭାରତର ବହୁ କ୍ଷତ୍ରିୟ କନ୍ୟା ଅସ୍ତ୍ର ଚାଳନା, ସନ୍ତରଣ ଏବଂ ଅଶ୍ୱାରୋହଣାଦି ବିଦ୍ୟାରେ ପଟୁତା ଲାଭ କରିଥିଲେ ଏବଂ ଦେଶ, ଗ୍ରାମ ତଥା ପରିବାରର ସମ୍ମାନ ରକ୍ଷା ପାଇଁ ରଣାଙ୍ଗନରେ ଝାସ ଦେଇ ପ୍ରାଣପାତ କରିବାକୁ କୁଣ୍ଠାବୋଧ କରୁ ନ ଥିଲେ । ଅନ୍ୟାନ୍ୟ ବୈଷୟିକ ବିଦ୍ୟା ମଧ୍ୟରେ ସୂତାକଟା ଏବଂ ଲୁଗାବୁଣା ନାରୀମାନଙ୍କ ମଧ୍ୟରେ ପ୍ରାୟ ସାର୍ବଜନୀନ ଥିଲା । ଦୁଃଖ ଓ ବିପଦରେ ଏହା ବିଧବା ଓ ଅସହାୟା ରମଣୀମାନଙ୍କର ଜୀବନ ଧାରଣର ଏକମାତ୍ର ସମ୍ବଳ ଥିଲା । ଏ ଯୁଗରେ ନାରୀ ଶିକ୍ଷା ପ୍ରାୟ ଦେଶର ଧନାଢ୍ୟ ଅଭିଜାତ ଶ୍ରେଣୀ ମଧ୍ୟରେ ସୀମାବଦ୍ଧ ଥିଲା । ତେଣୁ ଏ ଯୁଗରେ ସ୍ତ୍ରୀମାନଙ୍କ ମଧ୍ୟରେ ସାକ୍ଷର ସଂଖ୍ୟା ଶତକଡ଼ା ଦଶରୁ ଅଧିକ ହୋଇ ନ ଥିବ ।

**ଉଦ୍ୟୋଗମୂଳକ ଶିକ୍ଷା**—ଭାରତୀୟ ଶିଳ୍ପ ଓ କଳା ଏହି ଯୁଗରେ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା । ଶିଳ୍ପ, ସ୍ଥାପତ୍ୟ, ଚିତ୍ରକଳା, ଚିକିତ୍ସା ବିଜ୍ଞାନ, ପୋତ ନିର୍ମାଣ, ବାଣିଜ୍ୟ ଓ ଧାତୁ ବିଦ୍ୟା ଇତ୍ୟାଦିରେ ପ୍ରାଚୀନ ଭାରତର ଯାହା ଶ୍ରେଷ୍ଠ ଦାନ ସେ ସମସ୍ତ ଏହି ଯୁଗର ସାଧନାର ଫଳ । ତେଣୁ ଏକଥା ନିଶ୍ଚିତ ଯେ ଶିଳ୍ପ ଏବଂ ଉଦ୍ୟୋଗ କ୍ଷେତ୍ରରେ ଏହି ଅଭୂତପୂର୍ବ ଅଗ୍ରଗତି ଓ ସଫଳତାର ମୂଳାଧାର ସ୍ୱରୂପ ଦେଶରେ ଏକ ଉନ୍ନତ ଏବଂ ଅଗ୍ରଗାମୀ ଉଦ୍ୟୋଗମୂଳକ ଶିକ୍ଷାର ବ୍ୟବସ୍ଥା ନିଶ୍ଚୟ ଥିଲା ।

**ଆୟୁର୍ବେଦ ବା ଚିକିତ୍ସା ଶାସ୍ତ୍ର**—ଚିକିତ୍ସା ଶାସ୍ତ୍ର ସମ୍ବନ୍ଧରେ କିଞ୍ଚିତ ସୂଚନା ପୂର୍ବ ଅଧ୍ୟାୟରେ ଦିଆ ଯାଇଛି । ବୌଦ୍ଧ ଜାତକ ଓ ଧର୍ମ ଗ୍ରନ୍ଥ ସମୂହର ଆଲୋଚନାରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ ଚିକିତ୍ସା ବିଦ୍ୟା ଅତ୍ୟନ୍ତ ଉନ୍ନତ ଅବସ୍ଥାରେ ଥିଲା ଏବଂ ଏକାନ୍ତ ବୈଜ୍ଞାନିକ ରୀତିରେ ପରି-ଚାଳିତ ହେଉଥିଲା । ଆୟୁର୍ବେଦ ସମ୍ବନ୍ଧୀୟ ପୁସ୍ତକ ସମୂହ ସଂସ୍କୃତ ଭାଷାରେ ରଚିତ ହୋଇଥିବାରୁ ଚିକିତ୍ସା ବିଜ୍ଞାନର ବିଦ୍ୟାର୍ଥୀମାନଙ୍କ ପକ୍ଷରେ ସମ୍ୟକ ସଂସ୍କୃତ ଜ୍ଞାନ ବାଧ୍ୟତାମୂଳକ ଥିଲା । ଆୟୁର୍ବେଦ ନିମିତ୍ତ ସ୍ୱତନ୍ତ୍ର ଉପନୟନର

ବ୍ୟବସ୍ଥା ଥିଲା । ଯେଉଁମାନେ ସୁସ୍ଥ, ସବଳ, ସୁଶ୍ରୀ, ଚରିତ୍ରବାନ, ଧୈର୍ଯ୍ୟ, ବୁଦ୍ଧି, ବିନୟ, ଉଦାରତା, ଉତ୍ସାହ ଏବଂ ଅଧ୍ୟବସାୟ ଆଦି ଗୁଣରେ ଯୁକ୍ତ ସେହିପରି ଉଚିତ ଯୋଗ୍ୟତାସମ୍ପନ୍ନ ଗୁରୁମାନେ କେବଳ ଏଥିପାଇଁ ଉପଯୁକ୍ତ ବିବେଚିତ ହେଉଥିଲେ । ଶ୍ଳୋକ ସମୂହର ଆବୃତ୍ତି ଅପେକ୍ଷା ପ୍ରକୃତ ଅର୍ଥବୋଧ ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଉଥିଲା । ରୋଗ ନିଦାନ, ଔଷଧି, ଶଲ୍ୟ, ବିଷ, ସର୍ପ ଦଂଶନ, ରକ୍ତ ପରୀକ୍ଷା ଇତ୍ୟାଦି ଚିକିତ୍ସା ବିଜ୍ଞାନର ବିଭିନ୍ନ ବିଭାଗରେ ଶିକ୍ଷାଦାନ ନିମିତ୍ତ ବିଶେଷଜ୍ଞମାନେ ନିଯୁକ୍ତ ଥିଲେ । ଚିକିତ୍ସା ଶାସ୍ତ୍ର ସମ୍ବନ୍ଧୀୟ ପାଠ୍ୟକ୍ରମ ଦୁଇ ପ୍ରଧାନ ଭାଗରେ ବିଭକ୍ତ ଥିଲା; ଯଥା—ଶାସ୍ତ୍ର ଏବଂ ପ୍ରୟୋଗ (Theory and practice)। ଉଭୟ ବିଭାଗରେ ପୂର୍ଣ୍ଣଜ୍ଞାନ ଲାଭ ନ କରି କେହି ଚିକିତ୍ସକ ହୋଇ ପାରୁ ନ ଥିଲେ । ଶଲ୍ୟ ଶାସ୍ତ୍ର ଏବଂ ଶାରୀରତନ୍ତ୍ର (anatomy) ଶିକ୍ଷା ନିମିତ୍ତ ଶବ ବ୍ୟବଚ୍ଛେଦର ବ୍ୟବସ୍ଥା ଥିଲା । ନବୀନ ବିଦ୍ୟାର୍ଥୀଗଣ ପ୍ରଥମେ ପାଣି କଖାରୁ, ତରଭୁଜ ଏବଂ କାକୁଡ଼ି ଇତ୍ୟାଦି ଫଳ ସାହାଯ୍ୟରେ ଅସ୍ତ୍ର ପ୍ରୟୋଗ ବିଦ୍ୟାରେ ପ୍ରାରମ୍ଭିକ ଜ୍ଞାନ ହାସଲ କରି ସାରିବା ପରେ ସେମାନଙ୍କୁ ମାନବ ଶରୀର ଉପରେ ଅସ୍ତ୍ରୋପଚାର କରିବା ପାଇଁ ଅନୁମତି ମିଳୁଥିଲା । ପରବର୍ତ୍ତୀ ଯୁଗରେ ବୌଦ୍ଧ ଓ ଜୈନ ଧର୍ମରେ ଅହିଂସା ନୀତିର ପରିଣତି ସ୍ୱରୂପ ଶଲ୍ୟ ଶାସ୍ତ୍ରର ବିକାଶ ବାଧା ପ୍ରାପ୍ତ ହୋଇ କାଳକ୍ରମେ ମ୍ରିୟମାଣ ହୋଇପଡ଼ିଲା ।

ଆୟୁର୍ବେଦରେ ଶିକ୍ଷାକାଳ ଅତ୍ୟନ୍ତ ଦୀର୍ଘ ଥିଲା ଏବଂ ଶିକ୍ଷା ଶେଷରେ ଏକ ପରୀକ୍ଷା ହେଉଥିଲା । ଅଯୋଗ୍ୟ ଚିକିତ୍ସକଗଣ ଚିକିତ୍ସା ବ୍ୟବସାୟରୁ ବଞ୍ଚିତ ଥିଲେ । ସମ୍ରାଟଙ୍କ ଆଜ୍ଞାପତ୍ର ବିନା କେହି ଆୟୁର୍ବେଦକୁ ଜୀବିକା ସ୍ୱରୂପ ଗ୍ରହଣ କରିବା ନିଷିଦ୍ଧ ଥିଲା । ଆଜୀବନ ଜ୍ଞାନଚର୍ଚ୍ଚା ସଙ୍ଗେ ନିଷ୍କାମ ଜନସେବା ଏବଂ ନିଃସ୍ୱାର୍ଥ ତ୍ୟାଗ ଭାରତୀୟ ଚିକିତ୍ସକର ଆଦର୍ଶ ଥିଲା । ଭାରତୀୟ ଚିକିତ୍ସକ ମାନଙ୍କର ଖ୍ୟାତି ଦେଶର ଭୌଗୋଳିକ ସୀମା ଅତିକ୍ରମ କରି ଦୂର ବିଦେଶରେ ବିସ୍ତୃତ ହୋଇ ପଡ଼ିଥିଲା । ଖଲିଫା ହାରୁନ୍ ହିନ୍ଦୁ ଚିକିତ୍ସା ଏବଂ ଔଷଧି ଜ୍ଞାନ ଅଧ୍ୟୟନ କରିବା ନିମିତ୍ତ ନିଜ ଦେଶର କେତେକ ବିଦ୍ୟାର୍ଥୀଙ୍କୁ ଭାରତ ପ୍ରେରଣ କରିଥିଲେ ଏବଂ ଭାରତର

ପ୍ରାୟ ୨୦ ଜଣ ଡାକ୍ତରଙ୍କୁ ନିଜ ରାଜ୍ୟର ଚିକିତ୍ସାଳୟ ମାନଙ୍କରେ ଅଧ୍ୟକ୍ଷତା କରିବା ପାଇଁ ଓ ସଂସ୍କୃତ ଆୟୁର୍ବେଦ ଗ୍ରନ୍ଥ ସମୂହକୁ ଆରବୀ ଭାଷାରେ ଅନୁବାଦ କରିବା ପାଇଁ ଆମନ୍ତ୍ରଣ କରିଥିଲେ । ଏହି ଡାକ୍ତର ମାନଙ୍କ ମଧ୍ୟରେ ମାଣିକ୍ୟ ସର୍ବବିଖ୍ୟାତ ଥିଲେ ।

**ପଶୁ ଚିକିତ୍ସା**—ମନୁଷ୍ୟ ଚିକିତ୍ସା ବ୍ୟତୀତ ପ୍ରାଚୀନ ଭାରତରେ ପଶୁ ଚିକିତ୍ସା ବିଜ୍ଞାନର ବିଶେଷ ଉନ୍ନତି ସାଧିତ ହୋଇଥିଲା । ପୌରାଣିକ ପରମ୍ପରା ଅନୁଯାୟୀ ଶାଳିହୋତ୍ର ଏହି ଶାସ୍ତ୍ରର ଜନ୍ମଦାତା ରୂପେ ପରିଚିତ । ଅଶ୍ୱରୋଗ ଏବଂ ଚିକିତ୍ସା ବିଦ୍ୟାରେ ପାଣ୍ଡବଭ୍ରାତା ନକୁଳ ଏବଂ ସହଦେବ ବିଶେଷ ନିପୁଣ ଥିଲେ । ଆଲୋଚିତ ଯୁଗରେ ପାଲକାପ୍ୟଙ୍କ ହସ୍ତ୍ୟାୟୁର୍ବେଦ, ଜୟଦତ୍ତଙ୍କ ଅଶ୍ୱବୈଦ୍ୟକ ଏବଂ ନକୁଳଙ୍କ ଅଶ୍ୱଚିକିତ୍ସା ଏ ସମ୍ବନ୍ଧରେ ପ୍ରଧାନ ଗ୍ରନ୍ଥ । ପୂର୍ବକାଳରେ ରାଜାମାନଙ୍କ ସୈନ୍ୟବାହିନୀରେ ବହୁ ଗଜ ଏବଂ ଅଶ୍ୱ ଥିଲେ । ଏହି ପଶୁମାନଙ୍କର ସ୍ୱାସ୍ଥ୍ୟ ନିରୀକ୍ଷଣ, ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ନିମିତ୍ତ ବହୁ ପଶୁଚିକିତ୍ସକ ଆବଶ୍ୟକ ହେଉଥିଲେ । ତେଣୁ ଏକଥା ନିଶ୍ଚିତ ଯେ ସେ କାଳରେ ପଶୁ ଚିକିତ୍ସା ଶାସ୍ତ୍ରରେ ଶିକ୍ଷା ଦାନ ନିମିତ୍ତ କୌଣସି ସୁସଂଗଠିତ ବ୍ୟବସ୍ଥା ଥିଲା; କିନ୍ତୁ ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ କଲେଜ ବା ବିଦ୍ୟାପୀଠର ଉଲ୍ଲେଖ ଦୃଷ୍ଟ ହୁଏ ନାହିଁ । ସୁତରାଂ ଯେତେ-ଦୂର ସମ୍ଭବ ଅନ୍ୟାନ୍ୟ ଉଦ୍ୟୋଗ ସଦୃଶ ଗୁରୁଶିଷ୍ୟ ଅଥବା ପିତାପୁତ୍ର ପରମ୍ପରାନୁଯାୟୀ ଛାତ୍ରମାନେ ଶିକ୍ଷାନବିସ୍ ଭାବରେ ବିଶେଷଜ୍ଞ ମାନଙ୍କଠାରୁ ଏସବୁ ବିଷୟ ଶିକ୍ଷା କରୁଥିଲେ ।

**ସୈନିକ ବିଦ୍ୟା**—ଏ ଯୁଗର ସୈନିକ ଶିକ୍ଷା ପ୍ରଣାଳୀରେ ବିଶେଷ କୌଣସି ପରିବର୍ତ୍ତନ ଲକ୍ଷିତ ହୁଏ ନାହିଁ । ପ୍ରତ୍ୟେକ ଗ୍ରାମରେ ଗ୍ରାମାଧ୍ୟକ୍ଷ ଅଥବା ଗ୍ରାମ ପଞ୍ଚାୟତ ଦ୍ୱାରା ନିୟନ୍ତ୍ରିତ ଗୋଟିଏ ଗୋଟିଏ ସୈନିକ ଶିକ୍ଷଣାଗାର ଥିଲା । ଗ୍ରାମର ସୁସ୍ଥ ସବଳ ଯୁବକଗଣ ଏଠାରେ ପ୍ରାରମ୍ଭିକ ଶିକ୍ଷାଲାଭ କରୁଥିଲେ । ଏହି ଗ୍ରାମ୍ୟ ସୈନିକ ବିଦ୍ୟାଳୟ ଗୁଡ଼ିକ ବ୍ୟତୀତ ସୁଦକ୍ଷ ସେନାପତିମାନଙ୍କ ବ୍ୟକ୍ତିଗତ ଉଦ୍ୟମରେ ପରିଚାଳିତ ବହୁ ସାମରିକ ବିଦ୍ୟାଳୟ ମଧ୍ୟ ଦେଶରେ ଥିଲା । ଏଗୁଡ଼ିକ ଯୁଦ୍ଧବେଳେ ବିଭିନ୍ନ ରାଜ୍ୟ

ସରକାରମାନଙ୍କର ସୈନ୍ୟ ଯୋଗାଣ କେନ୍ଦ୍ର ରୂପେ କାର୍ଯ୍ୟ କରୁଥିଲା । ସୈନ୍ୟ ବିନିମୟରେ ଏହି ସେନାପତି ଗଣ ରାଜାମାନଙ୍କଠାରୁ ଭୂମି, ଧନ ଅଥବା ଅଶ୍ୱପ୍ରାପ୍ତ ହେଉଥିଲେ । ରାଜ୍ୟର ସୈନ୍ୟବାହିନୀଭୁକ୍ତ ହେବା ପରେ ସୈନିକମାନଙ୍କୁ ବିଶେଷ ବ୍ୟାବହାରିକ ସାମରିକ ଶିକ୍ଷାଦାନର ବିଭାଗୀୟ ବ୍ୟବସ୍ଥା ମଧ୍ୟ ଥିଲା ।

**ଶିଳ୍ପ, ସ୍ଥାପତ୍ୟ ଓ ଚିତ୍ରକଳା**—ଏ ଯୁଗର ଶିଳ୍ପ, ସ୍ଥାପତ୍ୟ ଓ ଚିତ୍ରକଳା ବିଶ୍ୱବିଖ୍ୟାତ । ପୁରୁଷପୁର, ମଥୁରା, ବିଦିଶା, ସାଞ୍ଚି, ବରହୁତ, ସାର୍ନାଥ, ନାଲନ୍ଦା, ପାଟଳିପୁତ୍ର, ଏଲୋରା ଏବଂ ଅଜନ୍ତାରେ ଭାରତୀୟ କାରିଗର ଓ ଚିତ୍ରକରମାନଙ୍କର ଶିଳ୍ପ ଓ କଳା ଗୃହଗୁମ୍ଫା ସନ୍ଦର୍ଶନରେ ଦର୍ଶକ ମୁଗ୍ଧ ଚକିତ ହୁଏ । ସେକାଳରେ ଶିଳ୍ପ, ସ୍ଥାପତ୍ୟ ଓ ଚିତ୍ରକଳା ଶିକ୍ଷାର ମାନ ମଧ୍ୟ କିପରି ଉଚ୍ଚଥିଲା ତାହା ଏ ସବୁଥିରୁ ସ୍ପଷ୍ଟ ସୂଚିତ ହୁଏ; କିନ୍ତୁ ଉପରୋକ୍ତ ବିଦ୍ୟା ସମୂହର ଶିକ୍ଷା ପାଇଁ ଦେଶରେ କୌଣସି ସୁସଂଗଠିତ ଓ ନିୟମିତ ବ୍ୟାବସାୟିକ ବା ଟେକ୍‌ନିକାଲ୍ ଅନୁଷ୍ଠାନ ନ ଥିଲା । ଦେଶର ଉଦ୍ୟୋଗ ସମୂହ ବଂଶଗତ ହୋଇ ପଡ଼ିଥିଲା । ତେଣୁ ଦେଶର ଭବିଷ୍ୟତ ଶିଳ୍ପୀ, କାରିଗର ଓ କଳାକାରଗଣ ଶୈଶବାବସ୍ଥାରୁ ନିଜର ପିତା, ଭ୍ରାତା, ଅଥବା ଅଭିଭାବକମାନଙ୍କ ଦ୍ୱାରା ଉଦ୍ୟୋଗ ଶିକ୍ଷାରେ ତାଲିମ ହେଉଥିଲେ । ଯେଉଁଠାରେ ତାହା ସମ୍ଭବପର ହେଉ ନ ଥିଲା ସେଠାରେ ଅନ୍ୟ ପ୍ରସିଦ୍ଧ ଶିଳ୍ପୀ ଓ କାରିଗରମାନଙ୍କ ଅଧୀନରେ ଶିକ୍ଷାନବୀସ ଶିଷ୍ୟ ରୂପେ ରହି ଛାତ୍ରମାନଙ୍କୁ ଅଭିଳଷିତ ଉଦ୍ୟୋଗ ଶିକ୍ଷା କରିବାକୁ ପଡ଼ୁଥିଲା । ସୂତାକଟା, ଲୁଗାବୁଣା, କମାର, ବଢ଼େଇ ଓ ବଣିଆକାମ ଇତ୍ୟାଦି ଅନ୍ୟାନ୍ୟ ଉଦ୍ୟୋଗରେ ମଧ୍ୟ ଏହି ରୀତି ପ୍ରଚଳିତ ଥିଲା ।

ଶିଳ୍ପ, ସ୍ଥାପତ୍ୟ ଓ ଚିତ୍ରକଳା ଶିକ୍ଷାରେ ପ୍ରୟୋଗମୂଳକ ଜ୍ଞାନ ସଙ୍ଗେ ଶାସ୍ତ୍ରଜ୍ଞାନ ପ୍ରତି ଦୃଷ୍ଟି ଦିଆ ଯାଉଥିଲା । ବିଭିନ୍ନ ଉଦ୍ୟୋଗ ନିମିତ୍ତ ଆବଶ୍ୟକୀୟ ଯନ୍ତ୍ରପାତି ନିର୍ମାଣ ଓ ରଙ୍ଗାଦିର ମିଶ୍ରଣ ମଧ୍ୟ କାରିଗରମାନେ ଆରମ୍ଭରୁ ଶିକ୍ଷା କରୁଥିଲେ । ଶିଳ୍ପଶିକ୍ଷା ସଙ୍ଗେ ଛାତ୍ରମାନେ ଧର୍ମ, ପୁରାଣ, ଗଣିତ, ଚିତ୍ରକଳା,

ରେଖାଗଣିତ, ବାସ୍ତୁବିଦ୍ୟା ଇତ୍ୟାଦି ନାନା ବିଷୟରେ ସାଧାରଣ ଜ୍ଞାନ ହାସଲ କରୁଥିଲେ । ବିଦ୍ୟାର୍ଥୀମାନଙ୍କର ନୈତିକ ବିକାଶ ପ୍ରତି ଶିକ୍ଷକଗଣ ଯତ୍ନବାନ ଥିଲେ ।

ନୃତ୍ୟ, ସଙ୍ଗୀତ ଏବଂ ଚିତ୍ରକଳା ଆଦି ବିଦ୍ୟାରେ ଅନେକ ପେଶାଦାର ପରିବାର ଦେଶରେ ଥିଲେ । ଏମାନଙ୍କୁ ଛାଡ଼ିଦେଲେ ଲଳିତ କଳା ସମୂହର ଚର୍ଚ୍ଚା ସେ କାଳରେ କେବଳ ଦେଶର ଅଭିଜାତ ସାମନ୍ତ ପରିବାର ମଧ୍ୟରେ ସୀମାବଦ୍ଧ ଥିଲା । ଜନତାର ଜୀବନୋପଯୋଗୀ ସାଧାରଣ ଶିକ୍ଷାର ଅଙ୍ଗୀଭୂତ ବିଷୟ ରୂପେ ଏଗୁଡ଼ିକର ସାଂସ୍କୃତିକ ମୂଲ୍ୟ ସେ କାଳର ଭାରତୀୟମାନେ ଉପଲବ୍ଧି କରିଥିବା ଅନୁମିତ ହୁଏ ନାହିଁ । ରାଜା, କ୍ଷତ୍ରିୟ, ସାମନ୍ତ ଏବଂ ଅନ୍ୟାନ୍ୟ ଧନୀ ବ୍ୟକ୍ତିମାନଙ୍କର ନିଜର ସଙ୍ଗୀତଶାଳା ଥିଲା । ଦକ୍ଷ ଓ ଓସ୍ତାଦ୍ ରଖାଇ ସେମାନେ ନିଜର ପୁତ୍ର କନ୍ୟାମାନଙ୍କୁ ନୃତ୍ୟ, ସଙ୍ଗୀତାଦି ବିବିଧ ଲଳିତ କଳାର ଶିକ୍ଷା ପ୍ରଦାନ କରୁଥିଲେ ।

କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଏବଂ ମନୁସ୍ମୃତିରୁ ଏ ଯୁଗର ବ୍ୟବସାୟ ଓ ବାଣିଜ୍ୟକ ଶିକ୍ଷା ସମ୍ବନ୍ଧରେ ଯଥେଷ୍ଟ ସୂଚନା ମିଳେ । ଏଥିରେ ବିବିଧ ପଣ୍ୟ ଦ୍ରବ୍ୟର ପରିଚୟ ସଙ୍ଗେ ଆର୍ଥନୀତିକ ଏବଂ ବାଣିଜ୍ୟକ ଭୂଗୋଳ ଅଧ୍ୟୟନ କରିବାକୁ ହେଉ ଥିଲା । ଆନ୍ତଃପ୍ରାଦେଶିକ ଏବଂ ଆନ୍ତର୍ଜାତିକ ବାଣିଜ୍ୟ ନିମିତ୍ତ ଛାତ୍ରମାନଙ୍କୁ ବିଭିନ୍ନ ରାଜ୍ୟର ଭାଷା, ଶୁଳ୍କନୀତି, ବିନିମୟ ହାର, କ୍ରୟ ବିକ୍ରୟ ନିୟମ ସମ୍ବନ୍ଧରେ କାର୍ଯ୍ୟକାରୀ ଜ୍ଞାନ ହାସଲ କରିବାକୁ ହେଉଥିଲା । ସ୍ଥୂଳତଃ ବ୍ୟବସାୟ ଏବଂ ବାଣିଜ୍ୟ ସମ୍ବନ୍ଧରେ ବ୍ୟାବହାରିକ ଜ୍ଞାନ ବ୍ୟତୀତ ଗଣିତ, ସାଧାରଣତଃ ଭୂଗୋଳ, ବାଣିଜ୍ୟକ ଭୂଗୋଳ, କୃଷି ବିଜ୍ଞାନ ତଥା ବ୍ୟବସାୟ ପଦ୍ଧତି ବାଣିଜ୍ୟ ଶିକ୍ଷାର ଅନ୍ତର୍ଭୁକ୍ତ ଥିଲା । ଛାତ୍ରମାନେ ବ୍ୟାବହାରିକ ଦିଗରେ ନିଜର ପିତା, ଅଭିଭାବକ ଅଥବା ଗୁରୁଙ୍କଠାରୁ ଏହି ଜ୍ଞାନ ପ୍ରାପ୍ତ ହେଉଥିଲେ । ଛାତ୍ରମାନଙ୍କର ପ୍ରବେଶ, ଗୁରୁ ଗୃହରେ ଅବସ୍ଥାନ, ଗୁରୁ ଶିଷ୍ୟ ସମ୍ପର୍କ ଏବଂ ଉଭୟଙ୍କର କର୍ତ୍ତବ୍ୟାକର୍ତ୍ତବ୍ୟ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ନିୟମମାନ ଥିଲା । ମନୁସ୍ମୃତିରେ ଏ ସବୁର ସବିଶେଷ ବର୍ଣ୍ଣନା ପ୍ରଦତ୍ତ ହୋଇଅଛି ।

**ପ୍ରାଥମିକ ଶିକ୍ଷା**—ବେଦ ଓ ବ୍ରାହ୍ମଣ ଯୁଗରେ ପ୍ରାଥମିକ ଶିକ୍ଷା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିଲା । ୮ । ୧୬ ବର୍ଷ ବୟସରେ ଗ୍ରୁହମାନଙ୍କର ଉପନୟନ ହେଉଥିଲା ଏବଂ ସେମାନେ ଗୁରୁ ଗୃହରେ ରହି ବେଦାଧ୍ୟୟନ କରୁଥିଲେ । ଏଥିରୁ ସ୍ପଷ୍ଟ ବୁଝାଯାଉଅଛି ଯେ ସେ କାଳରେ ପ୍ରାଥମିକ ଶିକ୍ଷା ଏବଂ ମାଧ୍ୟମିକ ଶିକ୍ଷା ମଧ୍ୟରେ ଗୋଟାଏ ନିର୍ଦ୍ଦିଷ୍ଟ ସୀମାରେଖା ଗଢ଼ି ଉଠିନ ଥିଲା । ତାର କାରଣ ବୈଦିକ ଭାଷା କଥିତ ଭାଷା ଥିଲା ଏବଂ ବୈଦିକ ପାଠ୍ୟ-ନିର୍ଘଣ୍ଟର ପରିସର ମଧ୍ୟ ଅତ୍ୟନ୍ତ ସୀମାବଦ୍ଧ ଥିଲା; କିନ୍ତୁ ପ୍ରାକୃତ ଭାଷା ସମୂହର ଆବିର୍ଭାବ, ଲିଖନ କଳାର ପ୍ରଚଳନ ଏବଂ ବେଦାଙ୍ଗ ସମୂହର ବିକାଶ ଫଳରେ ପ୍ରାରମ୍ଭିକ ଶିକ୍ଷାର ବ୍ୟବସ୍ଥା ଏବଂ ବିଦ୍ୟାରମ୍ଭ କାଳରେ ପରିବର୍ତ୍ତନ ଅନିବାର୍ଯ୍ୟ ହୋଇ ପଡ଼ିଲା । ସୁତରାଂ ଉପନୟନ ପୂର୍ବରୁ ବିଦ୍ୟାରମ୍ଭ ବା ଅକ୍ଷର ସ୍ୱୀକରଣ ନାମକ ଅନ୍ୟ ଏକ ସଂସ୍କାର କାଳକ୍ରମେ ଗଢ଼ି ଉଠିଲା । ଏହି ବିଦ୍ୟାରମ୍ଭ ବା ଅକ୍ଷର ସ୍ୱୀକରଣ ଏକ ପ୍ରତିଷ୍ଠିତ ସାମାଜିକ ସଂସ୍କାରରୂପେ ଗୃହୀତ ହେବା ପରେ ପ୍ରାଥମିକ ଶିକ୍ଷା ଦେଶର ଶିକ୍ଷା ବ୍ୟବସ୍ଥାରେ ଏକ ସୁନିର୍ଦ୍ଦିଷ୍ଟ ଆସନ ଅଧିକାର କରିବାରେ ସମର୍ଥ ହେଲା । ଏ ଶିକ୍ଷା ସାଧାରଣତଃ ୫।୬ ବର୍ଷ ବୟସରେ ଆରମ୍ଭ ହୋଇ ୯।୧୦ ବର୍ଷ ବୟସରେ ସମାପ୍ତ ହେଉଥିଲା । ଲଳିତ ବିସ୍ତର, ରଘୁବଂଶ ଏବଂ ଉତ୍ତର ରାମଚରିତଆଦି ଗ୍ରନ୍ଥ ପାଠରୁ ଜଣାଯାଏ ଯେ ଗୌତମ, ରଘୁ ଏବଂ ଲବ ଓ କୁଶ ପ୍ରତ୍ୟେକେ ପାଞ୍ଚ ବର୍ଷ ବୟସରେ ବିଦ୍ୟାରମ୍ଭ କରିଥିଲେ । ଚିନ୍ ଦେଶୀୟ ପର୍ଯ୍ୟଟକ ଇତ୍ସିଂଙ୍କ ବିବରଣୀରୁ ଜଣାଯାଏ ଯେ ବର୍ଣ୍ଣମାଳା ଶିକ୍ଷା ସଙ୍ଗେ ସାମାନ୍ୟ ଗଣିତ, ବ୍ୟାକରଣ ଏବଂ କୋଷ ଗ୍ରନ୍ଥାଦିର ଅଧ୍ୟୟନ ସେ ଯୁଗର ପ୍ରାଥମିକ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା । ଖ୍ରୀଷ୍ଟ ଚତୁର୍ଥ ଶତାବ୍ଦୀ ବେଳକୁ ପ୍ରାକୃତ ଭାଷାଗୁଡ଼ିକର ଅଧ୍ୟୟନ, ପ୍ରାଥମିକ ଶିକ୍ଷାର ଅଂଶୀଭୂତ ହୋଇଥିବା ଖୁବ୍ ସମ୍ଭବପର । ବୌଦ୍ଧ ଜାତକ ଏବଂ ଲଳିତ ବିସ୍ତରାଦି ଗ୍ରନ୍ଥ ପାଠରୁ ସୂଚିତ ହୁଏ ଯେ ସେକାଳର ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଲିପିଶାଳା ଏବଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଦାରକାଚାର୍ଯ୍ୟ କୁହାଯାଉଥିଲା । ଶିକ୍ଷାର ପ୍ରଧାନ ଉପକରଣ ଥିଲା ବର୍ଣ୍ଣିକ ଏବଂ ଫଳକ । ଶିକ୍ଷକ ପ୍ରଥମେ ଗୋଟିଏ ଅକ୍ଷର ଉଚ୍ଚାରଣ କରି କାଷ୍ଠଫଳକ ଉପରେ ଲେଖି ଦେବାପରେ ବାଳକଗଣ ସମବେତ ଭାବରେ

ଅକ୍ଷରଗୁଡ଼ିକୁ ବଡ଼ପାଟିରେ ଡାକି, ନିଜ ନିଜ ସ୍ଲେଟ୍ ଉପରେ ଲେଖି ମଡ଼ାଉଥିଲେ । ପଣିକିଆ ବା ଗୁଣନ ଖଦା ମଧ୍ୟ ଏହି ଉପାୟରେ କଣ୍ଠସ୍ଥ କରିବାକୁ ପଡୁଥିଲା । ଏବେ ବି ଛାତ୍ର କଣ୍ଠର ସମବେତ ଧ୍ୱନିରେ ଗ୍ରାମ ବିଦ୍ୟାଳୟର ପ୍ରାଙ୍ଗଣ ଉଚ୍ଛୁଳି ଉଠେ । ପ୍ରାଥମିକ ବିଦ୍ୟାଳୟର ଶୃଙ୍ଖଳା ଉଚ୍ଚ ବିଦ୍ୟାଳୟ ସଦୃଶ କଠୋର ନ ଥିଲା । ଖାଦ୍ୟ, ପାନୀୟ, ପରିଚ୍ଛଦ ଏବଂ କ୍ରୀଡ଼ାଦି ସମ୍ବନ୍ଧରେ କୌଣସି ପ୍ରକାର କଠୋର ନିୟମ ବା ବାଧ୍ୟବାଧକତା ନ ଥିଲା । ଉଚ୍ଚ ଶିକ୍ଷାର କଠୋର ଶୃଙ୍ଖଳାମୟ ଜୀବନ ପଥରେ ପଦାର୍ପଣ କରିବା ପୂର୍ବରୁ ଛାତ୍ରମାନଙ୍କର ସ୍ୱାଧୀନ ସ୍ୱଚ୍ଛନ୍ଦ ଶାରୀରିକ ଓ ମାନସିକ ବିକାଶ ପ୍ରତି ସେକାଳର ଶିକ୍ଷକଗଣ ସଜାଗ ଥିଲାପରି ମନେହୁଏ । ସାଧାରଣତଃ ଗ୍ରାମର ଧନୀ ବ୍ୟକ୍ତିମାନେ ଶିକ୍ଷକ ନିଯୁକ୍ତ କରି ସେମାନଙ୍କର ପିଲାମାନଙ୍କୁ ପଢ଼ାଉଥିଲେ ଏବଂ ଗ୍ରାମର ଅନ୍ୟାନ୍ୟ ଦରିଦ୍ର ବାଳକ ସେଠାରେ ଶିକ୍ଷା ପାଉଥିଲେ । ଉତ୍ସାହୀ ଯୁବକ ଶିକ୍ଷକମାନଙ୍କ ବ୍ୟକ୍ତିଗତ ଉଦ୍ୟମରେ ପରିଚାଳିତ ବହୁ ବିଦ୍ୟାଳୟ ମଧ୍ୟ ଦେଶରେ ଥିଲା । ଏହା ବ୍ୟତୀତ ବୌଦ୍ଧ ବିହାର ଏବଂ ହିନ୍ଦୁ ମଠ ମନ୍ଦିର ମାନଙ୍କରେ ପ୍ରାଥମିକ ଶିକ୍ଷାର କୌଣସି ପ୍ରକାର ବନ୍ଦୋବସ୍ତ ଥିବା ମଧ୍ୟ ଖୁବ୍ ସମ୍ଭବପର ।

ବ୍ରାହ୍ମଣମାନଙ୍କ ଛଡ଼ା କ୍ଷତ୍ରିୟ ଓ ବୈଶ୍ୟ ଜାତିର ଲୋକେ ମଧ୍ୟ ଶିକ୍ଷକତା କରୁଥିଲେ । ନବମ ଓ ଦଶମ ଶତାବ୍ଦୀରେ ପ୍ରାଦେଶିକ ଭାଷା ସମୂହର ଅଭ୍ୟୁଦୟ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ଘଟଣା । ସଂସ୍କୃତର ପ୍ରାଧାନ୍ୟ ଲୋପ ପାଇବା ଦ୍ୱାରା ଭାଷାଶିକ୍ଷା ପ୍ରାଥମିକ ଶିକ୍ଷାର ଏକ ଅପରିହାର୍ଯ୍ୟ ଅଙ୍ଗରୂପେ ବିବେଚିତ ହେଲା । ପ୍ରସିଦ୍ଧ ଭକ୍ତ କବି ସୁରଦାସ ସେଥିପାଇଁ ଠାଏ କହି ଅଛନ୍ତି, "ସଂସ୍କୃତ ହେ କୂପଜଲ ଭାଷାବହିତା ନୀର" ବ୍ରାହ୍ମଣ ଛାତ୍ରମାନେ ସଂସ୍କୃତ ପ୍ରତି ପୂର୍ବପରି ଆସ୍ଥାବାନ ଥିଲେହେଁ ଜନସଂଖ୍ୟାର ବୃହତ୍ତମ ଅଂଶ ବିଦ୍ୟାଳୟର ଅବ୍ରାହ୍ମଣ ଛାତ୍ରମାନଙ୍କ ପାଇଁ ପ୍ରଧାନ । ପାଠ୍ୟକ୍ରମ ଥିଲା ପଠନ, ଲିଖନ, ଗଣିତ, ହସ୍ତଲିପି ଏବଂ ସାମାନ୍ୟ ସଂସ୍କୃତ ଜ୍ଞାନ । ଦେଶରେ ସାକ୍ଷର ସଂଖ୍ୟା ନବମ ଶତାବ୍ଦୀରେ ୪୦ ଏବଂ ୧୨ଶ ଶତାବ୍ଦୀରେ ୬୦ ଥିଲା ।

**ପ୍ରୌଢ଼ ଶିକ୍ଷା**—ବୈଦିକ ଯୁଗରେ ବେଦାଧ୍ୟୟନ ପ୍ରତ୍ୟେକ ଗୃହସ୍ଥର ପବିତ୍ର ଆଧ୍ୟାତ୍ମ୍ୟ କର୍ତ୍ତବ୍ୟ ରୂପେ ବିବେଚିତ ହେଉଥିଲା । କିନ୍ତୁ କାଳକ୍ରମେ ଯେତେବେଳେ ବୈଦିକ ଭାଷା ଲୋକମାନଙ୍କର ବୋଧଗମ୍ୟ ହେଲା ନାହିଁ ସେତେବେଳେ ବେଦର ସାରତତ୍ତ୍ୱକୁ ସହଜ ସରସ ଭାଷାରେ ଲୋକଙ୍କୁ ବୁଝାଇବା ପାଇଁ ପୁରାଣମାନ ଲେଖାଗଲା । କଠିନ ଆଧ୍ୟାତ୍ମ୍ୟ ତତ୍ତ୍ୱକୁ, ଦୃଷ୍ଟାନ୍ତ, ରୂପକ, ଉପାଖ୍ୟାନ ଇତ୍ୟାଦି ସାହାଯ୍ୟରେ ସ୍ୱାଦ୍ୟ ରୁଚିକର ଆକାରରେ ଲୋକଙ୍କ ନିକଟରେ ପହଞ୍ଚାଇ ଲୋକଚରିତ୍ର ଗଠନ କରିବା ଥିଲା ପୁରାଣ ରଚନାର ମୂଳ ଉଦ୍ଦେଶ୍ୟ । ତାହାହିଁ ମଧ୍ୟଯୁଗର ଭକ୍ତି ସାହିତ୍ୟର ଅଭିପ୍ରାୟ ଥିଲା । ଏଗୁଡ଼ିକ ବସ୍ତୁତଃ ଗଣସାହିତ୍ୟ । ଏହାକୁ ଲୋକଙ୍କ ଭିତରେ ପ୍ରଚ୍ଚର କରିବା ପାଇଁ ଦଳେ ଲୋକ ବି ବାହାରିଲେ । ଉପଯୁକ୍ତ ସଂସ୍ଥା ମଧ୍ୟ ଗଢ଼ି ଉଠିଲା । ଚଉପାଢ଼ି, ଚଣ୍ଡୀମଣ୍ଡପ, ଭାଗବତ ଟୁଙ୍ଗୀ, ଆଖଡ଼ା ଘରଗୁଡ଼ିକ ଯଥାର୍ଥରେ ଆମ ଦେଶର ପ୍ରୌଢ଼ଶିକ୍ଷାକେନ୍ଦ୍ର । ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ଦେଶର ସେହି ପ୍ରୌଢ଼ ଶିକ୍ଷାନୁଷ୍ଠାନମାନ ଆଜି ମୃତ ।

---

# ବୌଦ୍ଧ ଶିକ୍ଷା

## [ ୧ ]

**ଉପକ୍ରମ**—ଭାରତୀୟ ଧର୍ମ, ସଭ୍ୟତା, ସଂସ୍କୃତି ଓ ଶିକ୍ଷାର ଇତିହାସରେ ବୌଦ୍ଧ ଧର୍ମର ଆବିର୍ଭାବ ଯେ ଏକ ଯୁଗାନ୍ତକାରୀ ଗୌରବମୟ ଅଧ୍ୟାୟ ଏଥିରେ ସନ୍ଦେହର ଅବକାଶ ନାହିଁ; କିନ୍ତୁ ବୌଦ୍ଧ ଧର୍ମ ସମ୍ପୂର୍ଣ୍ଣ ଏକ ନୂତନ ଧର୍ମ ନୁହେଁ । ଏଥିରେ ଯାହା ଅଭିନବ, ମୌଳିକ ଏବଂ ବିପ୍ଳବାତ୍ମକ ବୋଲି ମନେ ହୁଏ ତାହାର ମୂଳବୀଜ ନିହିତ ଥିଲା ବ୍ରାହ୍ମଣୀୟ ଧର୍ମରେ; କିନ୍ତୁ ଅନ୍ଧ ପରମ୍ପରା ଏବଂ ଗତାନୁଗତିକତାର ବଶବର୍ତ୍ତୀ ହୋଇ ଅନ୍ୟମାନେ ଯାହା ଉପଲବ୍ଧି କରିବାକୁ ଅସମର୍ଥ ହେଲେ ବୁଦ୍ଧ ଆପଣାର ଅସାମାନ୍ୟ ପ୍ରତିଭା ଓ ଦିବ୍ୟ ଚେତନା ବଳରେ ତାହା ଯେ କେବଳ ହୃଦୟଙ୍ଗମ କଲେ ସେତିକି ନୁହେଁ; ଆପଣାର ଅଦମ୍ୟ କର୍ମନିଷ୍ଠା ଓ ବଳିଷ୍ଠ ବ୍ୟକ୍ତିତ୍ୱଦ୍ୱାରା ତାହାକୁ ଏକ ସୁନିର୍ଦ୍ଦିଷ୍ଟ ରୂପ ଦେଇ ଏକ ସ୍ୱତନ୍ତ୍ର ଧର୍ମରୂପେ ପ୍ରତିଷ୍ଠିତ କରିବାକୁ ସମର୍ଥ ହେଲେ । ଏହି ଦୁଇ ଧର୍ମ ମଧ୍ୟରେ ବହୁ ଆପାତ ବିରୋଧିତା ସତ୍ତ୍ୱେ ଅନେକ ମୌଳିକ ସାମଞ୍ଜସ୍ୟ ବିଦ୍ୟମାନ । ଆତ୍ମା, ଦୁଃଖ, କର୍ମ, ମୋକ୍ଷ ଓ ପୁନର୍ଜନ୍ମବାଦ ସମ୍ବନ୍ଧୀୟ ସିଦ୍ଧାନ୍ତ ଉଭୟ ଧର୍ମରେ ପ୍ରାୟ ସମାନ । ବୌଦ୍ଧ ସନ୍ନ୍ୟାସ ବ୍ରାହ୍ମଣ୍ୟ ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ ଏବଂ ସନ୍ନ୍ୟାସାଶ୍ରମ ସଦୃଶ । ବୁଦ୍ଧଦେବ କେବଳ ଗୃହସ୍ଥାଶ୍ରମକୁ ବର୍ଜନ କରିଅଛନ୍ତି । ସୁତରାଂ ବୌଦ୍ଧଧର୍ମ ବ୍ରାହ୍ମଣ୍ୟ ଧର୍ମବୃକ୍ଷର ଏକ ନବୀନ ଶାଖା ମାତ୍ର । ଏହି କାରଣରୁ ଉଭୟ ଧର୍ମର ଶିକ୍ଷାପଦ୍ଧତି ମଧ୍ୟରେ ନିଗୂଢ଼ ଯୋଗ ଓ ମୌଳିକ ସାମ୍ୟ ଦୃଷ୍ଟ ହୁଏ ।

ବ୍ରାହ୍ମଣ୍ୟ ଶିକ୍ଷା ସଦୃଶ ବୌଦ୍ଧ ଶିକ୍ଷା ଧର୍ମମୂଳକ ଥିଲା ଏବଂ ବ୍ରାହ୍ମଣ୍ୟ ଶିକ୍ଷା ବୈଦିକ କ୍ରିୟା କାଣ୍ଡ ଓ ଯଜ୍ଞପୀଠକୁ କେନ୍ଦ୍ର କରି ଗଢ଼ି ଉଠିବାପରି ବୌଦ୍ଧ ଶିକ୍ଷା ବୌଦ୍ଧ ଧର୍ମ ଓ ବୌଦ୍ଧ ବିହାର ସମୂହକୁ ଆଶ୍ରୟ କରି ଗଢ଼ି ଉଠିଥିଲା । ବୌଦ୍ଧକାଳୀନ ଶିକ୍ଷା ପଦ୍ଧତିର ଇତିହାସ ବାସ୍ତବିକ୍, ବୌଦ୍ଧ

ସଂଘର ଇତିହାସ । ବୌଦ୍ଧ ମଠ ନ ହୋଇ ଯେପରି କୌଣସି ବୌଦ୍ଧ ଶିକ୍ଷାନୁଷ୍ଠାନ ନ ଥିଲା ବୌଦ୍ଧ ଭିକ୍ଷୁମାନଙ୍କୁ ଛାଡ଼ି ସେହିପରି ଅନ୍ୟ କୌଣସି ଶିକ୍ଷକ ନ ଥିଲେ, ବୌଦ୍ଧ ଶିକ୍ଷାସଂସ୍ଥାର ଏକମାତ୍ର କର୍ଣ୍ଣଧାର ଥିଲେ ସେହି ବୌଦ୍ଧ ଭିକ୍ଷୁ ଓ ଶିକ୍ଷକଗଣ । ଧାର୍ମିକ ତଥା ବୈଷୟିକ ଶିକ୍ଷାର ସମ୍ପୂର୍ଣ୍ଣ ବ୍ୟବସ୍ଥା ସେମାନଙ୍କ ହାତରେ ଥିଲା ।

**ପ୍ରବ୍ରଜ୍ୟା**—ହିନ୍ଦୁ ଉପନୟନ ପରି ବୌଦ୍ଧ ବିଦ୍ୟାର୍ଥୀଗଣ ବିଦ୍ୟାରମ୍ଭ ପୂର୍ବରୁ ଦୀକ୍ଷା ଗ୍ରହଣ କରୁଥିଲେ । ଏହି ପ୍ରାରମ୍ଭିକ ଦୀକ୍ଷାଗ୍ରହଣର ନାମ ଥିଲା ପ୍ରବ୍ରଜ୍ୟା । ପ୍ରାୟ ୮ ବର୍ଷ ବୟସରେ ବୌଦ୍ଧ ବିଦ୍ୟାର୍ଥୀଗଣ ପ୍ରବ୍ରଜ୍ୟା ଗ୍ରହଣ ପୂର୍ବକ ଶ୍ରମଣେର ରୂପରେ ବୌଦ୍ଧ ବିହାରମାନଙ୍କରେ ଉପାଧ୍ୟାୟ-ମାନଙ୍କ ନିକଟରେ ଅବସ୍ଥାନ କରୁଥିଲେ । ପ୍ରବ୍ରଜ୍ୟାଗ୍ରହଣ ପୂର୍ବରୁ ସେମାନଙ୍କୁ ଶରଣତ୍ରୟ ଗ୍ରହଣ କରିବାକୁ ପଡ଼ୁଥିଲା; ଯଥା—"ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଙ୍ଘଂ ଶରଣଂ ଗଚ୍ଛାମି ।" ହିନ୍ଦୁ ବ୍ରହ୍ମଚାରୀମାନଙ୍କ ସଦୃଶ ବୌଦ୍ଧ ଶ୍ରମଣେରମାନଙ୍କର ଜୀବନ କଠୋର ଶୃଙ୍ଖଳାମୟ ଥିଲା । ହିଂସା, ଅନାଚାର, ଅସତ୍ୟ, ମାଦକ ଦ୍ରବ୍ୟ ସେବନ, ଅମିତାହାର, ସଙ୍ଗୀତ, ନୃତ୍ୟ, ମାଳା ଓ ଅଙ୍ଗରାଗାଦି ପ୍ରସାଧନ ସାମଗ୍ରୀ ସେମାନଙ୍କ ପାଇଁ ନିଷିଦ୍ଧ ଥିଲା ।

ବୌଦ୍ଧ ବିଦ୍ୟାପୀଠମାନଙ୍କରେ ପ୍ରବେଶ ନିମିତ୍ତ କୌଣସି ଜାତି-ଭେଦ ନ ଥିଲା । ମହାତ୍ମା ବୁଦ୍ଧ କହୁଥିଲେ ଯେ ନଦୀସବୁ ଯେପରି ସମୁଦ୍ରରେ ବିଲୀନ ହୋଇ ଏକାକାର ହୋଇ ଯାଆନ୍ତି, ଭିନ୍ନ ଭିନ୍ନ ଜାତି ସେହିପରି ସଙ୍ଘରେ ବିଲୀନ ହୋଇ ଏକରୂପ ପ୍ରାପ୍ତ ହୁଅନ୍ତି । ପିତାମାତାଙ୍କ ବିନାନୁମତିରେ ସଙ୍ଘ ପ୍ରବେଶ ମନାଥିଲା । ଅନ୍ଧ, ବଧିର ଅଥବା ଯକ୍ଷ୍ମା, କ୍ଷୟ ଓ କୁଷ୍ଠାଦି ଅସାଧ୍ୟ ବ୍ୟାଧିଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ପ୍ରବ୍ରଜ୍ୟା ନିଷିଦ୍ଧ ଥିଲା । ଏହା ବ୍ୟତୀତ ଅଭିଯୁକ୍ତ ଦସ୍ୟୁ ଏବଂ ରାଜକର୍ମଚାରୀ ( ସୈନ୍ୟ ବିଭାଗୀୟ କର୍ମଚାରୀ) ମାନଙ୍କ ପାଇଁ ସଂଘର ପ୍ରବେଶଦ୍ୱାର ରୁଦ୍ଧ ଥିଲା ।

**ଉପସଂପଦା**—ବୌଦ୍ଧ ଭିକ୍ଷୁମାନଙ୍କର ଅନ୍ତିମ ସଂସ୍କାରର ନାମ ଥିଲା ଉପସଂପଦା । ପ୍ରବ୍ରଜ୍ୟା ଉତ୍ତାରୁ ୧୦।୧୨ ବର୍ଷକାଳ ବୌଦ୍ଧ ବିଦ୍ୟାର୍ଥୀ

( ସିଦ୍ଧ ବିହାରିକ ) ଉପାଧ୍ୟାୟଙ୍କ ଅଧୀନରେ ଅବସ୍ଥାନ କରିବା ପରେ ଉପସଂପଦା ସଂସ୍କାର ପାଇଁ ଯୋଗ୍ୟ ବିବେଚିତ ହେଉଥିଲେ । ସାଧାରଣତଃ ୨୦ ବର୍ଷ ବୟସ ପୂର୍ବରୁ ଉପସଂପଦା ସଂପାଦନ ନିଷିଦ୍ଧ ଥିଲା । ଉପସଂପଦା ସ୍ୱୀକାର ପରେ ଶ୍ରମଣେର ପୂର୍ଣ୍ଣ ଭିକ୍ଷୁଙ୍କର ପଦବୀରେ ଉପନୀତ ହୋଇ ବୌଦ୍ଧ ସଂଘର ନିୟମିତ ସଭ୍ୟରୂପେ ପରିଗଣିତ ହେଉଥିଲା । ପ୍ରବ୍ରଜ୍ୟା ସଂସ୍କାର ସଂପୂର୍ଣ୍ଣ ବ୍ୟକ୍ତିଗତ ଥିଲା; ଅର୍ଥାତ୍ ପ୍ରବେଶ ପାଇଁ ଏଥିରେ ଶିଷ୍ୟର ମନୋନୀତ ଉପାଧ୍ୟାୟଙ୍କ ଅନୁମତି ପ୍ରାପ୍ତ ହିଁ ଯଥେଷ୍ଟ ଥିଲା । କିନ୍ତୁ ଉପସଂପଦା ସମ୍ପୂର୍ଣ୍ଣଭାବରେ ଗଣତାନ୍ତ୍ରିକ ନୀତି ଉପରେ ପ୍ରତିଷ୍ଠିତ ଥିଲା । ଏଥିପାଇଁ ବୌଦ୍ଧ ସଂଘର ଏକ ବିଶେଷ ଅଧିବେଶନ ଆହୂତ ହେଉଥିଲା ଏବଂ ଏହି ବିଷୟର ପ୍ରତ୍ୟେକ ସୋପାନ ଉପସ୍ଥିତ ସଦସ୍ୟମାନଙ୍କ ଦ୍ୱାରା ସମର୍ଥିତ ହେଉଥିଲା । ଏହିପରି ଭାବରେ ସମଗ୍ର ସଂଘର ଅନୁମତି ପ୍ରାପ୍ତ ହୋଇ ଶ୍ରମଣେର ଭିକ୍ଷୁରୂପେ ପ୍ରତିଷ୍ଠିତ ହେଉଥିଲେ ।

**ଗୁରୁ ଶିଷ୍ୟ ସଂପର୍କ** ବୈଦିକ ଶିକ୍ଷା ସଦୃଶ ବୌଦ୍ଧ ପଦ୍ଧତିରେ ମଧ୍ୟ ଗୁରୁ ଶିଷ୍ୟ ସମ୍ପର୍କ ଅତ୍ୟନ୍ତ ମଧୁର ଥିଲା । ଗୁରୁସେବା ଶିକ୍ଷାର ଅପରିହାର୍ଯ୍ୟ ଅଙ୍ଗରୂପେ ବିବେଚିତ ହେଉଥିଲା । ଗୁରୁଙ୍କର ନିଦ୍ରାଭଙ୍ଗ ପୂର୍ବରୁ ଶଯ୍ୟା ତ୍ୟାଗ କରିବା, ଗୁରୁ ନିଦ୍ରା ଯିବା ପରେ ଶୟନ କରିବା, ଗୁରୁଙ୍କୁ ଦାନ୍ତକାଠି ପାଣି ଦେବା, ତାହାଙ୍କ ଯୋତା ପରିଷ୍କାର କରିବା, ନିର୍ଦ୍ଦିଷ୍ଟ ସମୟରେ ତାହାଙ୍କୁ ଔଷଧ, ପାନୀୟ ଏବଂ ଆହାରାଦି ଯୋଗାଇ ଦେବା, ଛତା ଧରିବା, ବିହାର ପରିସର, ବାରଣ୍ଡା ଏବଂ ଅଗଣା ସଫା କରିବା ଆଦି ବିହାରିକମାନଙ୍କର ଦୈନନ୍ଦିନ କର୍ତ୍ତବ୍ୟ ଥିଲା । ଏହା ବ୍ୟତୀତ ଗୁରୁଙ୍କର ପାଦ ପ୍ରକ୍ଷାଳନ, ରୋଗାବସ୍ଥାରେ ଗୁରୁଙ୍କର ସେବା-ଶୁଶ୍ରୂଷା ଏବଂ ଗୁରୁଙ୍କର ଆଦେଶ ପାଳନ ଇତ୍ୟାଦି ଅନ୍ୟାନ୍ୟ ଅନେକ କାର୍ଯ୍ୟ ବୌଦ୍ଧ ବିଦ୍ୟାର୍ଥୀମାନଙ୍କର ପବିତ୍ର ଅବଶ୍ୟ କର୍ତ୍ତବ୍ୟରୂପେ ବିବେଚିତ ହେଉଥିଲା । ଶିଷ୍ୟ ପ୍ରତି ଗୁରୁଙ୍କର ମଧ୍ୟ ଅନେକଗୁଡ଼ିଏ କର୍ତ୍ତବ୍ୟ ଥିଲା । ସେଗୁଡ଼ିକ ମଧ୍ୟରେ ନିମ୍ନଲିଖିତ କେତୋଟି ପ୍ରଧାନ; ଯଥା : –

୧ । ଶିଷ୍ୟର ମାନସିକ ଓ ଆଧ୍ୟାତ୍ମିକ ଶକ୍ତିର ବିକାଶ ।

୨ । ଶିଷ୍ୟ ପ୍ରତି ଯଥୋଚିତ ସ୍ନେହ ପ୍ରଦର୍ଶନ ଏବଂ ଭିକ୍ଷାପାତ୍ର, ଜମଣ୍ଡଳୁ ଓ ଜସ୍ୱାଦ ଅଭାବ ମୋଚନ ।

୩ । ପୀଡ଼ିତାବସ୍ଥାରେ ଶିଷ୍ୟର ସେବା-ଶୁଶ୍ରୂଷା ।

ଶିଷ୍ୟଠାରୁ ସେବା ଗ୍ରହଣ କରିବା ସେ କାଳରେ ଗୁରୁଙ୍କର ଏକ ଅଧିକାରରେ ପରିଣତ ହୋଇଥିଲା ଏବଂ କୌଣସି ଶିଷ୍ୟ ଗୁରୁଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ପ୍ରଦର୍ଶନରେ ଅସମର୍ଥ ହେଲେ ତାହାଙ୍କୁ ସଙ୍ଘରୁ ବିତାଡ଼ିତ କରି ଦିଆଯିବାର ବ୍ୟବସ୍ଥା ଥିଲା । ଅନ୍ୟ ପକ୍ଷରେ ଶିଷ୍ୟଠାରୁ ଶୀର୍ଷତମ ସମ୍ମାନର ଅଧିକାରୀ ହେବା ପାଇଁ ଗୁରୁଙ୍କର ମଧ୍ୟ ଅନୁରୂପ ଯୋଗ୍ୟତା ରହିଥିବା ଦରକାର । ପ୍ରସିଦ୍ଧ ବୌଦ୍ଧ ଧର୍ମଗ୍ରନ୍ଥରେ ଉଲ୍ଲେଖ ଅଛି ଯେ ଉପାଧ୍ୟାୟ ବିଦ୍ୱାନ, ଉଚ୍ଚ ଚରିତ୍ରବାନ, ଆତ୍ମନିର୍ଭରଶୀଳ, ଆତ୍ମସଂଯମୀ ଏବଂ ଆତ୍ମଦର୍ଶୀ ହୋଇଥିବା ଏକାନ୍ତ ଆବଶ୍ୟକ ।

**ସଂଗଠନ** —ବ୍ରାହ୍ମଣୀୟ ଶିକ୍ଷା ସଦୃଶ ବୌଦ୍ଧ ଶିକ୍ଷାରେ ଗୁରୁକୁଳ ପ୍ରଥାର ପ୍ରଚଳନ ନ ଥିଲା । ବିଦ୍ୟାର୍ଥୀଗଣ ବୌଦ୍ଧ ମଠମାନଙ୍କରେ ଉପାଧ୍ୟାୟମାନଙ୍କ ଅଧୀନରେ ରହି ଶିକ୍ଷା କରୁଥିଲେ । ପ୍ରତ୍ୟେକ ଉପାଧ୍ୟାୟ ସ୍ୱସାମର୍ଥ୍ୟ ଅନୁଯାୟୀ କୋଡ଼ିଏ ବା ତହିଁରୁ ଅଧିକ ବିଦ୍ୟାର୍ଥୀ ଗ୍ରହଣ କରୁଥିଲେ ଏବଂ ବ୍ୟକ୍ତିଗତ ଭାବରେ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଆଚାର-ବ୍ୟବହାର ଏବଂ ଆଧ୍ୟାତ୍ମିକ ବିକାଶ ପାଇଁ ଦାୟିତ୍ୱ ନେଉଥିଲେ ।

ଏହି କ୍ଷୁଦ୍ର ଗୁରୁ ଶିଷ୍ୟ ଗୋଷ୍ଠୀହିଁ ବୌଦ୍ଧଶିକ୍ଷା ସଂଗଠନର ସର୍ବପ୍ରଧାନ ଏକକ । ଏହିପରି ଅନେକଗୁଡ଼ିଏ ଗୁରୁଶିଷ୍ୟ ଗୋଷ୍ଠୀର ସମନ୍ୱୟରେ ବୌଦ୍ଧ ବିହାର ବା ସଂଘାରାମମାନ ଗଢ଼ି ଉଠିଥିଲା । ବିଭିନ୍ନ ଗୁରୁଶିଷ୍ୟ ଗୋଷ୍ଠୀର ସୁଷ୍ଠୁ ବିକାଶ, ବିଭିନ୍ନ ଗୋଷ୍ଠୀ ମଧ୍ୟରେ ପାରସ୍ପରିକ ସଂପର୍କ ନିର୍ଣ୍ଣୟ ଏବଂ ସାମୂହିକ ଜୀବନର ଉନ୍ନତି ଓ ନିୟନ୍ତ୍ରଣ ପାଇଁ କେତେଗୁଡ଼ିଏ ନିୟମ ଥିଲା ଏବଂ ଏହି ନିୟମଗୁଡ଼ିକୁ ଯଥାଯଥ ଭାବରେ ପାଳନ କରିବା ମଠର ପ୍ରତ୍ୟେକ ଭିକ୍ଷୁ ପକ୍ଷରେ ବାଧ୍ୟତାମୂଳକ ଥିଲା ।

**ପାଠ୍ୟକ୍ରମ**—ଆଗରୁ କୁହାଯାଇଛି ଯେ ବୌଦ୍ଧ ବିଦ୍ୟାର୍ଥୀ ବା ଶ୍ରମଣେରମାନେ ପୂର୍ଣ୍ଣ ଭିକ୍ଷୁରୂପରେ ପ୍ରତିଷ୍ଠିତ ହେବା ପୂର୍ବରୁ ଅନ୍ତତଃ ୧୦

ବର୍ଷକାଳ ଉପାଧ୍ୟାୟଙ୍କ ନିକଟରେ ରହି ଅଧ୍ୟୟନ କରିବା ବିଧି ଥିଲା । ଏ ଶିକ୍ଷା ମୁଖ୍ୟତଃ ନିବୃତ୍ତିପ୍ରଧାନ ଥିଲା । ଦୁଃଖନାଶ ଓ ନିର୍ବାଣପ୍ରାପ୍ତି ଥିଲା ଏହାର ଚରମ ଲକ୍ଷ୍ୟ । କିନ୍ତୁ ଜନସାଧାରଣଙ୍କ ମଧ୍ୟରେ ବୌଦ୍ଧଧର୍ମର ପ୍ରଚାର ପାଇଁ ବହୁ ଧର୍ମପ୍ରଚାରକ ଆବଶ୍ୟକ ହେଉଥିଲେ । ତେଣୁ ନିର୍ବାଣପଦ୍ଧତିର ମାର୍ଗ ସୁଗମ କରିବା ସଙ୍ଗେ ସଙ୍ଗେ ଉପଯୁକ୍ତ ଧର୍ମପ୍ରଚାରକ ତିଆରି କରିବା ମଧ୍ୟ ବୌଦ୍ଧ ଶିକ୍ଷାନୁଷ୍ଠାନମାନଙ୍କର ଅନ୍ୟତମ ଲକ୍ଷ୍ୟ ଥିଲା । ବିନୟ, ସୁତ୍ତ, ଧମ୍ମ ଆଦି ପ୍ରଧାନ ପ୍ରଧାନ ବୌଦ୍ଧ ଧର୍ମଗ୍ରନ୍ଥ ସମୂହର ଆବୃତ୍ତି, ଆଲୋଚନା, ବ୍ୟାଖ୍ୟାନ ଏବଂ ବିଶ୍ଳେଷଣ ଥିଲା ବୌଦ୍ଧ ଶିକ୍ଷାର ସର୍ବପ୍ରଧାନ ପାଠ୍ୟକ୍ରମ । ବ୍ରାହ୍ମଣୀୟ ଶିକ୍ଷାର ମାଧ୍ୟମ ଥିଲା ସଂସ୍କୃତ । ତେଣୁ ଏ ଶିକ୍ଷା ଅଳ୍ପସଂଖ୍ୟକ ପଣ୍ଡିତ ଏବଂ ଅଭିଜାତ ଶ୍ରେଣୀର ଲୋକଙ୍କୁ ଲୁଭାଉଥିଲେ ଅନ୍ୟମାନଙ୍କ ପାଖେ ପହଞ୍ଚି ପାରୁନଥିଲା । ସେଥିପାଇଁ ମହାତ୍ମା ବୁଦ୍ଧ ସଂସ୍କୃତ ପରିବର୍ତ୍ତେ ଜନସାଧାରଣଙ୍କ ଦ୍ୱାରା କଥିତ ଆଞ୍ଚଳିକ ଭାଷା ସମୂହକୁ ଧର୍ମପ୍ରଚାରର ବାହନରୂପେ ଗ୍ରହଣ କରିଥିଲେ ଏବଂ ଆଦେଶ ଦେଇଥିଲେ ଯେ ବିଦ୍ୟାର୍ଥୀଗଣ ବୌଦ୍ଧ ଧର୍ମର ତତ୍ତ୍ୱ ସମସ୍ତ ନିଜ ନିଜର ଆଞ୍ଚଳିକ ଭାଷାରେ ଶିକ୍ଷା କରିବେ । ତେଣୁ ଧର୍ମଶିକ୍ଷା ସଙ୍ଗେ ଆଞ୍ଚଳିକ ଭାଷା ସମୂହର ଆଲୋଚନା ମଧ୍ୟ ବୌଦ୍ଧ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା ।

କିନ୍ତୁ ବୌଦ୍ଧ ଶିକ୍ଷା କେବଳ ଧର୍ମମୂଳକ ନ ଥିଲା । ବୌଦ୍ଧ ଧର୍ମର ପ୍ରାରମ୍ଭିକ ଅବସ୍ଥାରେ ଉକ୍ତ ଧର୍ମର ସିଦ୍ଧାନ୍ତ ସମୂହ ଶିକ୍ଷାର ଏକମାତ୍ର ବିଷୟବସ୍ତୁରୂପେ ଗୃହୀତ ହୋଇଥିଲେ ହେଁ ପରବର୍ତ୍ତୀ ଯୁଗରେ ବୌଦ୍ଧ ଧର୍ମର ବିକାଶ ସଙ୍ଗେ ସଙ୍ଗେ ଧର୍ମଶିକ୍ଷା ବ୍ୟତୀତ ଜନୋପଯୋଗୀ ନାନା ଭୌତିକ ବିଦ୍ୟାର ଆଲୋଚନା ମଧ୍ୟ ଏହାର ଅଙ୍ଗୀଭୂତ ହୋଇଥିଲା ।

ପରବର୍ତ୍ତୀ ଯୁଗର ବୌଦ୍ଧଶିକ୍ଷା ପ୍ରଧାନତଃ ଦୁଇଭାଗରେ ବିଭକ୍ତ ଥିଲା; ଯଥା :—(୧) ପ୍ରାରମ୍ଭିକ ଶିକ୍ଷା; (୨) ଉଚ୍ଚଶିକ୍ଷା ।

ସାଧାରଣତଃ ପ୍ରାରମ୍ଭିକ ଶିକ୍ଷାର ବିଷୟବସ୍ତୁ ଥିଲା ଲିଖନ, ପଠନ, ଗଣିତ ଏବଂ ବ୍ୟାକରଣ । ଶବ୍ଦବିଦ୍ୟା, ହେତୁବିଦ୍ୟା, ଧର୍ମ, ଦର୍ଶନ ଏବଂ ଆୟୁର୍ବେଦ ଉଚ୍ଚଶିକ୍ଷାର ବିଷୟବସ୍ତୁ ଥିଲା । ବିଭିନ୍ନ ଧର୍ମର ତୁଳନାମୂଳକ

ଆଲୋଚନା ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଉଥିଲା । ଜାତକ ଗ୍ରନ୍ଥମାନଙ୍କରେ ବିଜ୍ଞାନ, ଶିଳ୍ପ ଏବଂ ଲଳିତ କଳା ଇତ୍ୟାଦିର ଉଲ୍ଲେଖ ଅଛି । 'ମିଳିନ୍ଦ-ପହ୍ନ'ରୁ ଅଷ୍ଟାଦଶ ଶିଳ୍ପର ପରିଚୟ ମିଳେ । ତକ୍ଷଶିଳାର କେତେକ କଲେଜରେ ହସ୍ତୀବିଦ୍ୟା ତନ୍ତ୍ର, ମୃଗୟା, ପଶୁବିଦ୍ୟା, ଧନୁର୍ବିଦ୍ୟା, ସାମୁଦ୍ରିକ ବିଦ୍ୟା, ସର୍ପବିଦ୍ୟା ଏବଂ ଆୟୁର୍ବେଦ ଶିକ୍ଷାର ବ୍ୟବସ୍ଥା ଥିଲା । ଏହି ବିଷୟମାନଙ୍କ ମଧ୍ୟରୁ କୌଣସି ଗୋଟିକରେ ବିଶେଷ ଯୋଗ୍ୟତା ହାସଲ କରିବାକୁ ପଡ଼ୁଥିଲା । ଏ ପ୍ରତ୍ୟେକ ବିଷୟରେ ସୈଦ୍ଧାନ୍ତିକ ତଥ୍ୟ ଆଲୋଚନା ସଙ୍ଗେ ବ୍ୟବହାରିକ ଜ୍ଞାନ ମଧ୍ୟ ପ୍ରଦତ୍ତ ହେଉଥିଲା । ଯାତ୍ରା ଏବଂ ଦେଶାଟନ ବ୍ୟାବହାରିକ ଶିକ୍ଷାର ଅଙ୍ଗରୂପେ ବିବେଚିତ ହେଉଥିଲା ।

ମିଳିନ୍ଦପହ୍ନ ଗ୍ରନ୍ଥରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ ବୌଦ୍ଧ ଯୁଗରେ ବ୍ରାହ୍ମଣୀୟ ଶିକ୍ଷାର ପ୍ରଚାର ମଧ୍ୟ ଥିଲା । ଯଥାର୍ଥରେ ଉଭୟ ଶିକ୍ଷା ପରସ୍ପରର ପରିପୂରକରୂପେ କାର୍ଯ୍ୟ କରୁଥିଲେ । ବ୍ରାହ୍ମଣୀୟ ଶିକ୍ଷାର ଋଗ୍‌ବେଦ, ଇତିହାସ, ପୁରାଣ, କାବ୍ୟ, ବ୍ୟାକରଣ, ବେଦାଙ୍ଗ, ଜ୍ୟୋତିଷ, ସାମୁଦ୍ରିକ-ବିଦ୍ୟା, ଶକୁନବିଦ୍ୟା, ସାଂଖ୍ୟ, ଯୋଗ, ନ୍ୟାୟ, ବୈଶେଷିକ, ସଙ୍ଗୀତ, ଚିକିତ୍ସାଶାସ୍ତ୍ର ତଥା ତନ୍ତ୍ରବିଦ୍ୟା ଇତ୍ୟାଦି ବିଷୟ ବିଭିନ୍ନ ବୌଦ୍ଧ ବିଦ୍ୟାପୀଠରେ ପଠିତ ଓ ଆଲୋଚିତ ହେଉଥିଲା । ପଞ୍ଚମ ଶତାବ୍ଦୀର ଚୈନିକ ପର୍ଯ୍ୟଟକ ଫାହିୟାନ ବର୍ଣ୍ଣନା କରିଅଛନ୍ତି ଯେ, ସେ ସମୟରେ ବ୍ରାହ୍ମଣୀୟ ଶିକ୍ଷାର ବିଶେଷ ପ୍ରତିପତ୍ତି ଥିଲା । 'ବିନୟ' ବୌଦ୍ଧ ଭିକ୍ଷୁମାନଙ୍କର ପ୍ରଧାନ ପାଠ୍ୟବସ୍ତୁ-ରୂପେ ଗୃହୀତ ହେଉଥିଲେହେଁ ଉଚ୍ଚଶିକ୍ଷା ନିମନ୍ତେ ସଂସ୍କୃତଜ୍ଞାନ ଅନିବାର୍ଯ୍ୟ ଥିଲା । ସେ ନିଜେ ପାଟଳିପୁତ୍ରରେ ୨ବର୍ଷକାଳ ରହି ସଂସ୍କୃତ ଶିକ୍ଷା କରିଥିଲେ । ଅଧିକାଂଶ ବୌଦ୍ଧ ଧର୍ମଗ୍ରନ୍ଥ ପାଲିଭାଷାରେ ରଚିତ ହୋଇଥିବାରୁ ପାଲି ତଥା ଅନ୍ୟାନ୍ୟ ଆଞ୍ଚଳିକ ଭାଷା ବୌଦ୍ଧ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇଥିଲା ।

ସପ୍ତମ ଶତାବ୍ଦୀର ପ୍ରସିଦ୍ଧ ଚୀନ ପରିବ୍ରାଜକ ହୁଏନ୍‌ସାଂ ଲେଖିଯାଇଛନ୍ତି ଯେ ଲିଖନ, ପଠନ, ଗଣିତ ଏବଂ ବୌଦ୍ଧ ଧର୍ମତତ୍ତ୍ୱ ପ୍ରାରମ୍ଭିକ ଶିକ୍ଷାର

ବିଷୟବିବସ୍ତୁ ଥିଲା । ବ୍ୟାକରଣପାଠ ବାଧ୍ୟତାମୂଳକ ଥିଲା । ନାଳନ୍ଦା ବିଶ୍ୱବିଦ୍ୟାଳୟରେ ବୌଦ୍ଧ ଦର୍ଶନ ଏବଂ ବିନୟ ବ୍ୟତୀତ ବେଦ, ଉପନିଷଦ୍, ସାଂଖ୍ୟ, ଯୋଗ, ବୈଶେଷିକ ଏବଂ ନ୍ୟାୟ ଆଦି ପଢ଼ାଯାଉଥିଲା । ବିକ୍ରମଶିଳା ତର୍କଶାସ୍ତ୍ରର ଆଲୋଚନା ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ବୌଦ୍ଧ ବିହାରମାନଙ୍କରେ ଜ୍ଞାନଚର୍ଚ୍ଚା ସଙ୍ଗେ ଶରୀରଚର୍ଚ୍ଚା ପ୍ରତି ମଧ୍ୟ ଯଥୋଚିତ ଦୃଷ୍ଟି ଦିଆଯାଉଥିଲା । ଭ୍ରମଣ, ଅଶ୍ୱ, ରଥ ଏବଂ ଶକଟାରୋହଣ ତୀର ବର୍ଚ୍ଛା ଦିର ଗୃଳନା, କନ୍ଦୁକ ଓ ଦ୍ୟୂତକ୍ରୀଡ଼ା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ଆଦି ବୌଦ୍ଧ ବିହାର ବା ସମଭିକ୍ଷୁମାନଙ୍କର ଚିତ୍ତବିନୋଦନର ପ୍ରଧାନ ସାମଗ୍ରୀ ଥିଲା ।

**ଉଦ୍ୟୋଗମୂଳକ ଧନ୍ଦା**—ବୌଦ୍ଧଭିକ୍ଷୁ ତଥା ବୌଦ୍ଧଧର୍ମ ପ୍ରତି ସହାନୁଭୂତିଶୀଳ ଅନ୍ୟାନ୍ୟ ଧର୍ମପ୍ରାଣ ବ୍ୟକ୍ତିଙ୍କୁ ଧର୍ମ ସମ୍ବନ୍ଧେ ଶିକ୍ଷା ପ୍ରଦାନ କରିବା ବୌଦ୍ଧଶିକ୍ଷା ପଦ୍ଧତିର ମୂଳ ଲକ୍ଷ୍ୟ ହୋଇଥିଲେହେଁ ଜୀବନୋପଯୋଗୀ ବିବିଧ ଉଦ୍ୟୋଗ ସମୂହର ବିକାଶ ପ୍ରତି ଏହା ଏକାନ୍ତ ଉଦାସୀନ ନଥିଲା । ବୌଦ୍ଧ ଧର୍ମଗ୍ରନ୍ଥ ମହାବିଗ୍‌ଧରୁ ସୂତାକଟା, ଲୁଗାବୁଣା ଓ ସିଲାଇଶିକ୍ଷା ଇତ୍ୟାଦି ବିଭିନ୍ନ ଉଦ୍ୟୋଗମୂଳକ ଶିକ୍ଷାର ପରିଚୟ ମିଳେ । ବୌଦ୍ଧ ଭିକ୍ଷୁମାନଙ୍କୁ ସୂତାକଟା ଏବଂ ଲୁଗାବୁଣା ଶିକ୍ଷା କରିବାକୁ ହେଉଥିଲା । କାରଣ ବସ୍ତ୍ରାଦି ସମ୍ବନ୍ଧରେ ସେମାନଙ୍କୁ ବରାବର ସ୍ୱାବଲମ୍ବନଶୀଳ ହେବାକୁ ପଡ଼ୁଥିଲା । ବିନୟଗ୍ରନ୍ଥରୁ ଲେଖା, ରୂପ, ଗଣନା ଆଦି ଜନସାଧାରଣଙ୍କର ଜୀବିକା ନିର୍ବାହର ବିଭିନ୍ନ ପନ୍ଥା ସମ୍ବନ୍ଧରେ ପରିଚୟ ମିଳେ । ମିଳିନ୍ଦପହ୍ନବର୍ଣ୍ଣିତ ଅଷ୍ଟାଦଶ ଶିଳ୍ପର କଥା ଆଗରୁ କୁହାଯାଇଛି । ଏସବୁ ବ୍ୟତୀତ ଆୟୁର୍ବେଦ ଏବଂ ଶଲ୍ୟଶାସ୍ତ୍ରରେ ବୌଦ୍ଧ ଭାରତ ବିଶେଷ ଉନ୍ନତି ଲାଭ କରିଥିଲା । ଏ ଯୁଗର ସର୍ବପ୍ରସିଦ୍ଧ ଡାକ୍ତର ଏବଂ ସର୍ଜନ ଜୀବକ ଜଣେ ବୌଦ୍ଧ ଥିଲେ ଏବଂ ମସ୍ତିଷ୍କ ଓ ପେଟ ରୋଗର ଚିକିତ୍ସାରେ ତାଙ୍କର ଅସାଧାରଣ ଦକ୍ଷତା ଥିଲା । ଆୟୁର୍ବେଦଶାସ୍ତ୍ରର ଜନକ ଚରକ ବୌଦ୍ଧ ସମ୍ରାଟ କନିଷ୍କଙ୍କର ରାଜବୈଦ୍ୟ ଥିଲେ । ଚିକିତ୍ସାଶାସ୍ତ୍ର ଅଧ୍ୟୟନର ସର୍ବପ୍ରଧାନ କେନ୍ଦ୍ର ଥିଲା ତକ୍ଷଶିଳା । ରାଜଗୃହ, ବନାରସ, ମଗଧ ଇତ୍ୟାଦି ଦୂର

ପ୍ରାନ୍ତମାନଙ୍କରୁ ବିଦ୍ୟାର୍ଥୀଗଣ ସେଠାକୁ ଅଧ୍ୟୟନ ପାଇଁ ଯାଉଥିଲେ । ଆୟୁର୍ବେଦ ବ୍ୟତୀତ ଅନ୍ୟାନ୍ୟ ଜୀବନୋପଯୋଗୀ ଉଦ୍ୟୋଗମୂଳକ ଶିକ୍ଷା ମଧ୍ୟରେ ବାସ୍ତୁକଳା ପ୍ରଧାନ ଥିଲା । ବିକ୍ରମଶିଳା ବିଶ୍ୱବିଦ୍ୟାଳୟର ବିଶାଳ ଭବନ, ଚିତ୍ରକଳା, ମୂର୍ତ୍ତିକଳା ଏବଂ ବୌଦ୍ଧ ଚୈତ୍ୟ ଓ ସ୍ତୂପ ଇତ୍ୟାଦି ଏହାର ପ୍ରମାଣ ।

**ଶିକ୍ଷା ପ୍ରଣାଳୀ**—ବୌଦ୍ଧଯୁଗ ବେଳକୁ ଭାରତରେ ଲିଖନକଳାର ପ୍ରଚାର ହୋଇସାରିଥିଲେ ମଧ୍ୟ ଜନସାଧାରଣଙ୍କ ମଧ୍ୟରେ ଏହାର ବହୁଳ ପ୍ରଚଳନ ହୋଇପାରି ନଥିଲା । ସେଥିପାଇଁ ବ୍ରାହ୍ମଣୀୟ ଶିକ୍ଷା ସଦୃଶ ବୌଦ୍ଧଶିକ୍ଷା ମଧ୍ୟ ମୌଖିକ ଥିଲା । ସିଦ୍ଧ ବିହାରିକଗଣ ନିଜ ନିଜର ଆଚାର୍ଯ୍ୟମାନଙ୍କଠାରୁ ବୌଦ୍ଧଧର୍ମର ସିଦ୍ଧାନ୍ତ ସମ୍ବନ୍ଧ ଶୁଣି ଶୁଣି ମନେ ରଖୁଥିଲେ । ଛାତ୍ରମାନଙ୍କୁ ବ୍ୟାକରଣ, ତର୍କ ଓ ଦର୍ଶନ ଆଦି ବିଭିନ୍ନ ବିଦ୍ୟାର ସୂତ୍ର ସମୂହ ଉତ୍ତମ ଭାବରେ କଣ୍ଠସ୍ଥ କରିବାକୁ ପଡ଼ୁଥିଲା । ଆବୃତ୍ତି ବୌଦ୍ଧ, ଶିକ୍ଷାର ଏକ ପ୍ରଧାନ ଅଙ୍ଗ ହୋଇଥିଲେ ମଧ୍ୟ ତର୍କବିତର୍କ ଓ ଆଲୋଚନା ଉପରେ ବିଶେଷ ଜୋର ଦିଆଯାଉଥିଲା । ମଠ ଓ ବିହାରମାନଙ୍କରେ ବିଭିନ୍ନ ଧର୍ମ ଏବଂ ଦର୍ଶନ ବିଷୟ ନେଇ ନିତ୍ୟ ବିବାଦ ଚାଲୁଥିଲା ଏବଂ ବିଭିନ୍ନ ଧର୍ମାବଲମ୍ବୀଗଣ ଆମନ୍ତ୍ରିତ ହୋଇ ଶାସ୍ତ୍ରାର୍ଥ ଆଲୋଚନା କରୁଥିଲେ । ବିଶେଷଜ୍ଞଗଣ ବିବିଧ ବିଷୟରେ ଭାଷଣମାନ ପ୍ରଦାନ କରୁଥିଲେ । ସାରିପୁତ୍ର, ମହାମୋଗଦଲ୍ୟାୟନ, ଅନିରୁଦ୍ଧ, ଆନନ୍ଦ ଏବଂ ରାହୁଲଙ୍କ ସଦୃଶ ବୌଦ୍ଧଧର୍ମର ବିଶିଷ୍ଟ ଆଚାର୍ଯ୍ୟଗଣ ଦେଶାଟନରେ ବହିର୍ଗତ ହୋଇ ଲୋକମାନଙ୍କ ମଧ୍ୟରେ ବୌଦ୍ଧଧର୍ମ ଓ ସଂସ୍କୃତିର ପ୍ରଚାରରେ ସାହାଯ୍ୟ କରୁଥିଲେ । ବୌଦ୍ଧ ଭିକ୍ଷୁମାନଙ୍କର ପାକ୍ଷିକ, ମାସିକ ତଥା ବିଶେଷ ଅଧିବେଶନମାନଙ୍କରେ ନାନାପ୍ରକାର ଶାସ୍ତ୍ରାର୍ଥ ଓ ବହୁ ଜଟିଳ ସମସ୍ୟାର ଆଲୋଚନା ହେଉଥିଲା ଏବଂ ଭାଷଣମାନ ପ୍ରଦତ୍ତ ହେଉଥିଲା । ଏହି ସମ୍ମିଳନୀମାନଙ୍କରେ ଯୋଗ ଦେବାପାଇଁ ବୌଦ୍ଧ ବିଦ୍ୟାର୍ଥୀମାନଙ୍କୁ ପ୍ରଚୁର ସୁଯୋଗ ମିଳୁଥିଲା । ଏ ପ୍ରକାର ତର୍କବିତର୍କ, ଶାସ୍ତ୍ରାର୍ଥ ଆଲୋଚନା ଏବଂ ଭାଷଣାଦି ଶ୍ରବଣଦ୍ୱାରା ଛାତ୍ରମାନଙ୍କର ପ୍ରଭୂତ ଉପକାର ସାଧିତ ହେଉଥିଲା । ବିଦ୍ୟାଳୟର ଗତାନୁଗତିକ ଶିକ୍ଷାଠାରୁ

ଏଗୁଡ଼ିକ ଯେ ଛାତ୍ରର ମାନସିକ ଶକ୍ତିର ପରିପୂର୍ଣ୍ଣ ବିକାଶରେ ଯଥେଷ୍ଟ ସହାୟକ, ଏଥିରେ ସନ୍ଦେହ ନାହିଁ ।

ଆଧୁନିକ ଯୁଗରେ ଶ୍ରେଣୀଗତ ଅଧ୍ୟାପନା ଅପେକ୍ଷା Seminar method ବା ଯୌଥ ଆଲୋଚନା ଉଚ୍ଚ ଶିକ୍ଷାର ମହତ୍ତ୍ୱ ସାଧନରୂପେ ବିବେଚିତ ହେଉଅଛି; କିନ୍ତୁ ସହସ୍ର ସହସ୍ର ବର୍ଷ ପୂର୍ବରେ ଭାରତୀୟମାନେ ଏହି ପଦ୍ଧତିର ବିକାଶ ସାଧନ କରିଥିଲେ । ଉଚ୍ଚ ଶିକ୍ଷା ସମାପ୍ତ କରି ଛାତ୍ରମାନେ ଦେଶାଟନରେ ବହିର୍ଗତ ହେଉଥିଲେ ଏବଂ ଜଗତ ଓ ଜୀବନ ସମ୍ବନ୍ଧରେ ନାନା ପ୍ରତ୍ୟକ୍ଷ ଓ ବ୍ୟାବହାରିକ ଜ୍ଞାନ ଅର୍ଜନ କରୁଥିଲେ ।

**ସ୍ତ୍ରୀଶିକ୍ଷା**—ଭିକ୍ଷୁମାନଙ୍କ ସଦୃଶ ଭିକ୍ଷୁଣୀମାନଙ୍କ ପାଇଁ ବୌଦ୍ଧ ସଙ୍ଘାଶ୍ରମମାନଙ୍କରେ ସ୍ୱତନ୍ତ୍ର ଶିକ୍ଷାର ବନ୍ଦୋବସ୍ତ ଥିଲା । ଏଥିପାଇଁ ଯେଉଁ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଥିଲେ ସେମାନଙ୍କୁ ଉପାଧ୍ୟାୟା କୁହାଯାଉଥିଲା; କିନ୍ତୁ ବୌଦ୍ଧ ସଙ୍ଘର ନିୟମାନୁଯାୟୀ ଭିକ୍ଷୁଣୀମାନେ ସର୍ବଦା ଭିକ୍ଷୁମାନଙ୍କ ତୁଳନାରେ ମର୍ଯ୍ୟାଦା, ବୁଦ୍ଧି, ମାନସିକ ତଥା ନୈତିକ ବିକାଶରେ ନ୍ୟୂନ ବିବେଚିତ ହେଉଥିଲେ ଏବଂ ସେମାନଙ୍କୁ ସଙ୍ଘର କୌଣସି ନା କୌଣସି ଭିକ୍ଷୁଙ୍କ କର୍ତ୍ତୃତ୍ୱାଧୀନରେ ରହି ଚଳିବାକୁ ହେଉଥିଲା । ସ୍ଥୂଳତଃ ବୌଦ୍ଧ ଧର୍ମସଂସ୍ଥାମାନଙ୍କରେ ନାରୀମାନଙ୍କର ସ୍ୱାଧୀନ ଓ ସ୍ୱଚ୍ଛନ୍ଦ ବିକାଶ ପାଇଁ ବିଶେଷ ସୁଯୋଗ ନଥିଲା । ହେଲେହେଁ ଏହି ସୀମିତ ପରିସର ମଧ୍ୟରେ ବୌଦ୍ଧ ମଠ ସମୂହର ଭାରତୀୟ ନାରୀଶିକ୍ଷା ପ୍ରତି ଯେ ଦାନ, ତାହା ନିତାନ୍ତ ଉପେକ୍ଷାର ବସ୍ତୁ ନୁହେଁ । ଭିକ୍ଷୁଣୀମାନଙ୍କ ପାଇଁ ସ୍ୱତନ୍ତ୍ର ମଠ ସ୍ଥାପନ ବ୍ୟବସ୍ଥା ଭାରତୀୟ ନାରୀ ସମକ୍ଷରେ ଶିକ୍ଷା ଓ ସମାଜସେବାର ଦ୍ୱାର ଉଦ୍‌ଘାଟିତ କରିଦେଲା ।

ବହୁ ଉଚ୍ଚକୁଳସମ୍ଭୂତା ତରୁଣୀ ସାଂସାରିକ ସୁଖ-ସ୍ୱାଚ୍ଛନ୍ଦ୍ୟରେ ଜଳାଞ୍ଜଳି ଦେଇ ବିଦ୍ୟାଚର୍ଚ୍ଚା, ଧର୍ମପ୍ରଚାର ଏବଂ ପୀଡ଼ିତ ମାନବର ସେବାକୁ ଜୀବନର ପରମ ପବିତ୍ର ବ୍ରତରୂପେ ଗ୍ରହଣ କରିନେଲେ । ବହୁ ବିଦୁଷୀ ମହିଳା ନିଜର ଶକ୍ତି ଓ ସାଧନା ବଳରେ ସମାଜକୁ ନେତୃତ୍ୱ ଦେବାରେ ସମର୍ଥ ହୋଇ-

ଥିଲେ । ବୌଦ୍ଧ ଭାରତର ସେହି ନାରୀ ନେତ୍ରୀମାନଙ୍କ ମଧ୍ୟରେ ପାତାଗୃହା, ସୁକ୍ଳା ଏବଂ ସଙ୍ଘମିତ୍ରା ପ୍ରଧାନ । ସୁକ୍ଳାଙ୍କର ଓଜସ୍ୱିନୀ ବକ୍ତୃତା ଶୁଣିବା ଲାଗି ଲୋକେ କ୍ଲାନ୍ତି ଓ ଅବସାଦ ଭୁଲି ଉତ୍କଣ୍ଠ ନୟନରେ ତାଙ୍କର ପଥ ଚାହିଁ ରହୁଥିଲେ । ସଙ୍ଘମିତ୍ରା ଲଙ୍କା ଇତ୍ୟାଦି ଦୂର ଦେଶରେ ବୌଦ୍ଧଧର୍ମର ବିଜୟ-କେତନ ଉଡ଼ାଇଥିଲେ ।

**ବୌଦ୍ଧ ଶିକ୍ଷା ଓ ବ୍ରାହ୍ମଣୀୟ ଶିକ୍ଷା ମଧ୍ୟରେ ଭେଦ**—ବୌଦ୍ଧ ଓ ବ୍ରାହ୍ମଣୀୟ ଶିକ୍ଷାର ମୂଳ ନୀତି ପ୍ରାୟ ସମାନ । ପାଠ୍ୟବସ୍ତୁ, ଶିକ୍ଷାଦାନପଦ୍ଧତି, ଛାତ୍ରଜୀବନ ଏବଂ ଗୁରୁଶିଷ୍ୟ ସମ୍ପର୍କ ଇତ୍ୟାଦି ବହୁ ବିଷୟରେ ବୌଦ୍ଧ ଶିକ୍ଷା ବ୍ରାହ୍ମଣୀୟ ଶିକ୍ଷାଦ୍ୱାରା ପ୍ରଭାବିତ ହେଲେହେଁ ଉଭୟ ଶିକ୍ଷାପଦ୍ଧତି ମଧ୍ୟରେ ସାମାନ୍ୟ କେତେକ ଭେଦ ଲକ୍ଷିତ ହୁଏ ।

୧ । ବ୍ରାହ୍ମଣୀୟ ଶିକ୍ଷା ଗୁରୁକୁଳର ପବିତ୍ର ପାରିବାରିକ ବାତାବରଣ ମଧ୍ୟରେ ପ୍ରଦତ୍ତ ହେଉଥିଲା ଏବଂ ପରିବାରର କୋମଳ ପ୍ରାକୃତିକ ସମ୍ବନ୍ଧ ଶିକ୍ଷାର ଏକ ଅପରିହାର୍ଯ୍ୟ ଅଙ୍ଗରୂପେ ବିବେଚିତ ହେଉଥିଲା । ଶିକ୍ଷା ସହିତ ଗୁରୁକୁଳର ଏହି ନିକଟ ଓ ଅବିଚ୍ଛେଦ୍ୟ ସମ୍ପର୍କ ହେତୁ ବ୍ରାହ୍ମଣୀୟ ଶିକ୍ଷା ସଂସ୍ଥାଗୁଡ଼ିକ ଆକାରରେ ଅତ୍ୟନ୍ତ କ୍ଷୁଦ୍ର ଥିଲା । କାରଣ ଜଣେ ଶିକ୍ଷକ ଯେତେ ଜଣ ଛାତ୍ରଙ୍କୁ ଆପଣା ଘରେ ରଖି ଶିକ୍ଷା ଦେଇପାରିବେ ସେତିକି ମାତ୍ର ଗ୍ରହଣ କରୁଥିଲେ । କିନ୍ତୁ ବୌଦ୍ଧ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ସ୍ୱତନ୍ତ୍ର ଥିଲା । ଏହି ଶିକ୍ଷା ପଦ୍ଧତିରେ ଗୁରୁକୁଳ ପରିବର୍ତ୍ତେ ବୌଦ୍ଧ ମଠ ଓ ବିହାରଗୁଡ଼ିକ ଶିକ୍ଷାନୁଷ୍ଠାନର କାର୍ଯ୍ୟ ସମ୍ପାଦନ କରୁଥିଲେ । ତେଣୁ ଶିକ୍ଷାନୁଷ୍ଠାନଗୁଡ଼ିକର ବିକାଶ ଓ ପ୍ରସାର ପଥରେ କୌଣସି ଅନ୍ତରାୟ ନଥିଲା । ହଜାର ହଜାର ଛାତ୍ର ଓ ଶିକ୍ଷକ ଏକତ୍ର ଅବସ୍ଥାନ କରି ଆପଣାକୁ ଅଧ୍ୟୟନ ଓ ଅଧ୍ୟାପନା କାର୍ଯ୍ୟରେ ନିୟୋଜିତ କରିପାରୁଥିଲେ । ହୁଏନସାଂଙ୍କ ବିବରଣୀରୁ ଜଣାଯାଏ ଯେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ୧୦୦୦ ଛାତ୍ର ଏବଂ ୧୦୦୦ ଶିକ୍ଷକ ଅବସ୍ଥାନ କରୁଥିଲେ । ସୁସଂଗଠିତ ଓ ସାମୂହିକ (Corporate) ଶିକ୍ଷାନୁଷ୍ଠାନ ସମୂହର ବିକାଶ ବୌଦ୍ଧ ଶିକ୍ଷାପଦ୍ଧତିର ଭାରତୀୟ ସଭ୍ୟତାକୁ ଏକ ଅଭିନବ ଦାନ, ଏଥିରେ ସନ୍ଦେହ ନାହିଁ । ବ୍ରାହ୍ମଣୀୟ ଶିକ୍ଷାରେ ଗୁରୁକୁଳଗୁଡ଼ିକର ସଙ୍କୋଚ

କର୍ତ୍ତା ଥିଲେ ଗୁରୁ; କିନ୍ତୁ ବୌଦ୍ଧ ଶିକ୍ଷା ସଂସ୍ଥାଗୁଡ଼ିକ ଶିକ୍ଷକ ବା ଭିକ୍ଷୁସଂଘ ଦ୍ୱାରା ନିୟନ୍ତ୍ରିତ ହେଉଥିଲା ।

୨ । ବ୍ରାହ୍ମଣୀୟ ଶିକ୍ଷା ଏକପ୍ରକାର ଏକଚ୍ଛତ୍ରବାଦ ଉପରେ ପ୍ରତିଷ୍ଠିତ ଥିଲା । କାରଣ ଏଥିରେ ଗୁରୁଙ୍କର ଆସନ ସର୍ବଥା ଉଚ୍ଚ ଥିଲା ଏବଂ ଶିଷ୍ୟ ପକ୍ଷରେ ତାଙ୍କର ଆଦେଶ ଅଲଂଘନୀୟ ଥିଲା । ପରନ୍ତୁ ବୌଦ୍ଧଶିକ୍ଷା ଗଣତାନ୍ତ୍ରିକ ନୀତି ଉପରେ ଅବଲମ୍ବିତ ଥିଲା ଏବଂ ଗୁରୁ ଶିଷ୍ୟ ନିର୍ବିଶେଷରେ ସମସ୍ତଙ୍କର ଶ୍ରେଷ୍ଠ ଅଧିକାର ସମାନ ଥିଲା । ତେଣୁ ବୈଧାନିକ ଦୃଷ୍ଟିରୁ ବିଚାର କଲେ ଅନୁଷ୍ଠାନ ଭିତରେ ଗୁରୁଶିଷ୍ୟ ମଧ୍ୟରେ ଆସନଗତ କୌଣସି ପ୍ରକାର ଭେଦ ନଥିଲା । ଅବଶ୍ୟ ଗୁରୁ ଆପଣାର ବିଦ୍ୱତ୍ତା, ଚରିତ୍ରନିଷ୍ଠା ଏବଂ ଆଧ୍ୟାତ୍ମିକ ବିକାଶ ପାଇଁ ସର୍ବଦା ଶିଷ୍ୟର ଶ୍ରଦ୍ଧା ଓ ସମ୍ମାନର ପାତ୍ରରୂପେ ବିବେଚିତ ହେଉଥିଲେ ।

୩ । ବ୍ରାହ୍ମଣୀୟ ଶିକ୍ଷାରେ ଛାତ୍ରମାନଙ୍କୁ କଠୋର ଶୃଙ୍ଖଳାମୟ ଜୀବନ-ଯାପନ କରିବାକୁ ପଡ଼ୁଥିଲା । ଛାତ୍ରଜୀବନ ଏକ କଠୋର ତପଶ୍ଚର୍ଯ୍ୟା ସ୍ୱରୂପ ବିବେଚିତ ହେଉଥିଲା ଏବଂ ସୁଖସମ୍ଭୋଗର ସକଳ ସାମଗ୍ରୀ ଛାତ୍ର ପକ୍ଷରେ ନିଷିଦ୍ଧ ଥିଲା । ତ୍ୟାଗ ଓ ସାରଲ୍ୟ ଭିକ୍ଷୁ ଜୀବନର ଆଦର୍ଶରୂପେ ଗୃହୀତ ହୋଇଥିଲେହେଁ ବୌଦ୍ଧ ବିହାରମାନଙ୍କରେ ଛାତ୍ରମାନଙ୍କର ସୁଖ-ସ୍ୱାଚ୍ଛନ୍ଦ୍ୟ ପ୍ରତି ସମୁଚିତ ଦୃଷ୍ଟି ଦିଆଯାଉଥିଲା । ଫଳରେ ପରବର୍ତ୍ତୀ ଯୁଗରେ ଜୀବନରେ କଠୋର ସଂଯମ ପ୍ରତି ପରାଙ୍ମୁଖ ବହୁ ଅଯୋଗ୍ୟ ଅକର୍ମଣ୍ୟ ଛାତ୍ର ଏଥିରେ ପ୍ରବେଶ କରିବାଦ୍ୱାରା ବୌଦ୍ଧଧର୍ମର ଆଶୁ ପତନର ପଥ ସୁଗମ ହୋଇଥିଲା ।

## ବୌଦ୍ଧ ଶିକ୍ଷା ପଦ୍ଧତିର ଦୋଷ ଗୁଣ ବିବେଚନା :

ଆଗରୁ କୁହାଯାଇଛି ଯେ ବୌଦ୍ଧ ସଂଘ ଗଣତନ୍ତ୍ର ନୀତି ଉପରେ ପ୍ରତିଷ୍ଠିତ ଥିଲା । କିନ୍ତୁ ମହାତ୍ମା ବୁଦ୍ଧଙ୍କର ତିରୋଧାନ ପରେ ଗଣତନ୍ତ୍ର ନାମରେ ବହୁ ସ୍ୱେଚ୍ଛାଚାର ଏଥିରେ ପ୍ରବେଶ କଲା ଏବଂ ସଂଘୀୟ ନିୟନ୍ତ୍ରଣକ୍ରମେ ଶିଥିଳ ହୋଇପଡ଼ିଲା । ଫଳରେ ଯେଉଁ ବୌଦ୍ଧ ମଠ ଓ ବିହାରଗୁଡ଼ିକ ଏକଦା ତ୍ୟାଗ ଓ ସାଧନାର ପୀଠରୂପେ ପୂଜିତ ହେଉଥିଲା, ସେଗୁଡ଼ିକ କାଳକ୍ରମେ

ଭିକ୍ଷୁ-ଭିକ୍ଷୁଣୀମାନଙ୍କର ବିଭିନ୍ନ ଲୀଳାସ୍ଥଳୀରେ ପରିଣତ ହେଲା । ଯେଉଁ ସଂଘ ଦିନେ ବୌଦ୍ଧଧର୍ମର ଅପୂର୍ବ ସଫଳତାର କାରଣ ଥିଲା, ତାହା ପୁଣି ଧ୍ୱଂସ ଓ ପତନର ରାସ୍ତା ପରିଷ୍କାର କରିଦେଲା ।

ବୌଦ୍ଧ ଶିକ୍ଷା ଅହିଂସା-ପ୍ରଧାନ ଏବଂ ନିବୃତ୍ତିମୂଳକ ହୋଇଥିବାରୁ ଏଥିରେ ଅସ୍ତ୍ରଶସ୍ତ୍ର ନିର୍ମାଣ, କଳା, ଯୁଦ୍ଧବିଦ୍ୟା ସମୂହର ବିକାଶ ହୋଇପାରି-ନ ଥିଲା । ତେଣୁ ପରବର୍ତ୍ତୀ ଯୁଗରେ ଯେତେବେଳେ ଭାରତ ବୈଦେଶିକ ଶତ୍ରୁମାନଙ୍କ ଦ୍ୱାରା ଆକ୍ରାନ୍ତ ହେଲା, ସେତେବେଳେ ଭାରତର ସୈନିକ ଶକ୍ତି ଏହି ଜାତୀୟ ବିପଦର ସମ୍ମୁଖୀନ ହେବାପାଇଁ ଅସମର୍ଥ ହେଲା । ବୌଦ୍ଧ ଧର୍ମର ସିଦ୍ଧାନ୍ତ ଅନୁଯାୟୀ କାମନାର ବିନାଶ, ଇଚ୍ଛାର ନିରୋଧ ଏବଂ ନିର୍ବାଣ-ପ୍ରାପ୍ତି ମନୁଷ୍ୟ ଜୀବନର ଚରମ ଲକ୍ଷ୍ୟ । ଏପରି ଏକ ନୀତିବାଚକ ଦୃଷ୍ଟିଭଙ୍ଗୀର ଅନୁସରଣ ଫଳରେ ଭିକ୍ଷୁମାନଙ୍କ ଆଚରଣରେ ବହୁ ଅଯଥା ଆଡ଼ମ୍ବର, କୃତ୍ରିମତା ଓ କପଟତା ଫୁଟିଉଠିଥିଲା ଏବଂ ଜୀବନର ସ୍ୱାଭାବିକ ବିକାଶର ପଥ ରୁଦ୍ଧ ହୋଇ ଯାଇଥିଲା ।

କିନ୍ତୁ ଭାରତୀୟ ଶିକ୍ଷା, ସଭ୍ୟତା ଓ ସଂସ୍କୃତିକୁ ବୌଦ୍ଧଧର୍ମର ଦାନ ତୁଳନାରେ ଏହି ସାମାନ୍ୟ କେତୋଟି ତ୍ରୁଟି ଯେ ଏକାନ୍ତ ନଗଣ୍ୟ, ଏଥିରେ ସନ୍ଦେହ ନାହିଁ । ବୌଦ୍ଧ ଭିକ୍ଷୁମାନଙ୍କର ତ୍ୟାଗ, ନିଷ୍ଠା, ସରଳତାର ଆଦର୍ଶ ଏବ ପବିତ୍ର ସଂଯତ ଜୀବନ ଭାରତୀୟ ଜନତାର ନୈତିକମାନ ବଢ଼ାଇବାରେ ବିଶେଷ ସହାୟତା କରିଥିଲା । ବୌଦ୍ଧ ବିଶ୍ୱବିଦ୍ୟାଳୟ ସମୂହର ମହାନ ଆଦର୍ଶ ଏବଂ ବିଦ୍ୟାଚର୍ଚ୍ଚାର ବିପୁଳ ପ୍ରତିଷ୍ଠା ଭାରତର ଭୌଗୋଳିକ ସୀମା ଅତିକ୍ରମ କରି ସୁଦୂର ଜାପାନ, ଚୀନ ଓ କୋରିଆ ଆଦି ଦେଶରେ ବିସ୍ତୃତ ହୋଇ ପଡ଼ିଥିଲା । ସେସବୁ ଦେଶରୁ ବହୁ ଜ୍ଞାନପିପାସୁ ବିଦ୍ୟାର୍ଥୀ ଓ ଜିଜ୍ଞାସୁ ଧାର୍ମିକ ଦୂର ପଥଯାତ୍ରାର କ୍ଳେଶ ତୁଚ୍ଛ କରି ଶାସ୍ତ୍ରାଧ୍ୟୟନ ପାଇଁ ଭାରତ ଆସୁଥିଲେ ଏବଂ ଅଧ୍ୟୟନ ଶେଷରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରି ଭାରତୀୟ ସଭ୍ୟତା ଓ ସଂସ୍କୃତିର ବାଣୀ ପ୍ରଚାର କରୁଥିଲେ । ସୁତରାଂ ବୌଦ୍ଧ ବିଦ୍ୟାପୀଠ ସମୂହ ଭାରତୀୟ ସଭ୍ୟତା ଓ ସଂସ୍କୃତିର ପ୍ରଚାର କେନ୍ଦ୍ରରୂପେ କାର୍ଯ୍ୟ କରୁଥିଲା । ବୌଦ୍ଧଧର୍ମର ଆନୁକୂଲ୍ୟରେ ଓ ଦେଶର ଇତିହାସରେ ସର୍ବପ୍ରଥମ ଆନ୍ତର୍ଜାତିକ

ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟମାନ ବିକଶିତ ହୋଇଥିଲା । ଜାତି, ଧର୍ମ, ବର୍ଣ୍ଣ ଓ ଅବସ୍ଥା ନିର୍ବିଶେଷରେ ବୌଦ୍ଧ ବିଦ୍ୟାପୀଠମାନଙ୍କର ଦ୍ୱାର ସମସ୍ତଙ୍କପାଇଁ ଉନ୍ମୁକ୍ତ ଥିଲା । ଫଳରେ ଆଚଣ୍ଡାଳବ୍ରାହ୍ମଣ ସବୁ ଶ୍ରେଣୀର ଲୋକେ ନିଜ ନିଜର ଯୋଗ୍ୟତା ଓ ଦକ୍ଷତା ଅନୁଯାୟୀ ଚରିତ୍ର ବିକାଶର ଅପୂର୍ବ ସୁଯୋଗ ଲଭ କରି ଜୀବନକୁ ସାର୍ଥକ କରୁଥିଲେ । ଧାର୍ମିକ ଓ ଦାର୍ଶନିକ ଶିକ୍ଷା ବ୍ୟତୀତ ବୌଦ୍ଧ-ଯୁଗରେ ନାନା ସାଂସାରିକ ବିଦ୍ୟାର ବିକାଶ ସାଧିତ ହୋଇଥିଲା । ବୌଦ୍ଧ ପ୍ରଚେଷ୍ଟା ଫଳରେ ନାଳନ୍ଦା, ତକ୍ଷଶିଳା ଓ ବିକ୍ରମଶିଳା ଆଦି ଯେଉଁ ମହାନ ଆନ୍ତର୍ରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟମାନ ଏ ଦେଶରେ ଗଢିଉଠିଥିଲା, ସେଗୁଡ଼ିକରେ ଏହି ଉଭୟ ପ୍ରକାର ଶିକ୍ଷାର ବ୍ୟବସ୍ଥା ଥିଲା । ବୌଦ୍ଧଯୁଗରେ ବାସ୍ତବ ଜୀବନ ସହିତ ଶିକ୍ଷାର ପ୍ରତ୍ୟକ୍ଷ ସମ୍ବନ୍ଧ ଥିଲା । ତେଣୁ ଆଧ୍ୟାତ୍ମିକ ଉନ୍ନତି ସଙ୍ଗେ ଭୌତିକ ସ୍ୱଚ୍ଛନ୍ଦତା ଦେଶରେ ବିରାଜମାନ କରୁଥିଲା ।

# ପ୍ରାଚୀନ ଭାରତର ଶିକ୍ଷାକେନ୍ଦ୍ର

[ ୩ ]

ବ୍ରାହ୍ମଣୀୟ ଶିକ୍ଷାର ଆଲୋଚନା ପ୍ରସଙ୍ଗରେ ଏ କଥା ପୂର୍ବରୁ ସୂଚିତ ହୋଇଅଛି ଯେ ପ୍ରାଚୀନ ଭାରତରେ କୌଣସି ସୁସଙ୍ଗଠିତ ଶିକ୍ଷାନୁଷ୍ଠାନ ନ ଥିଲା । ଉପନୟନଯୋଗ୍ୟ ବୟସରେ ଛାତ୍ରମାନେ ଗୁରୁଗୃହକୁ ଗମନ କରୁଥିଲେ ଏବଂ ସମାବର୍ତ୍ତନ ପର୍ଯ୍ୟନ୍ତ ସେଠାରେ ରହି ବିଦ୍ୟାର୍ଜନ କରୁଥିଲେ । ଏ ଶିକ୍ଷା ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତିଗତ ଥିଲା ଏବଂ ବାହ୍ୟ ଉପକରଣ ଅପେକ୍ଷା ଛାତ୍ରମାନଙ୍କର ଅନ୍ତରର ବିକାଶ ଉପରେ ସମଧିକ ଦୃଷ୍ଟି ଦିଆଯାଉଥିଲା । ଗୁରୁ ଶିଷ୍ୟ ମଧ୍ୟରେ ଘନିଷ୍ଠ ସମ୍ପର୍କ ଉପରେ ପ୍ରତିଷ୍ଠିତ ଥିବାରୁ ବ୍ରାହ୍ମଣୀୟ ଶିକ୍ଷାରେ ବୌଦ୍ଧ ବା ଆଧୁନିକ ଯୁଗ ସଦୃଶ ବିରାଟ ସାମୂହିକ ଶିକ୍ଷାନୁଷ୍ଠାନ ଗଢ଼ିଉଠିବା ସମ୍ଭବପର ହୋଇ ନ ଥିଲା ।

ସୁତରାଂ ଏହି ଗୁରୁକୁଳ ବା ଋଷିଆଶ୍ରମଗୁଡ଼ିକ ହିଁ ସେହି କାଳରେ ଦେଶର ସର୍ବପ୍ରଧାନ ଶିକ୍ଷାନୁଷ୍ଠାନ ଥିଲା ଏବଂ ଭାରତୀୟ ସଭ୍ୟତା ଓ ସଂସ୍କୃତିର ପ୍ରଚାରକେନ୍ଦ୍ର ସ୍ୱରୂପ ଏହି ଗୁରୁକୁଳ ଓ ଋଷିଆଶ୍ରମଗୁଡ଼ିକରୁ ଶିକ୍ଷାର ବିମଳ ଆଲୋକ ନିର୍ଗତ ହୋଇ ସାରା ଦେଶରେ ବିଚ୍ଛୁରିତ ହୋଇ ପଡ଼ୁଥିଲା । ସତ୍ୟକାମ, ଜାବାଳ, ଉଦ୍ଧାଳକ, ଆରୁଣି, ଶ୍ୱେତକେତୁ, ଯାଜ୍ଞବଲ୍କ୍ୟ ପ୍ରମୁଖ ପ୍ରାଚୀନ ଭାରତର ବରେଣ୍ୟ ଆଚାର୍ଯ୍ୟବୃନ୍ଦଙ୍କର ଆଶ୍ରମପଦ ଦେଶ ଦେଶାନ୍ତରରୁ ଆଗତ ଶିଷ୍ୟମାନଙ୍କର କଳ-କୋଳାହଳରେ ସର୍ବଦା ମୁଖରିତ ହେଉଥିଲା ।

ପ୍ରାଚୀନ ଭାରତର ଅନ୍ୟତମ ଶିକ୍ଷାନୁଷ୍ଠାନ ଥିଲା ପରିଷଦ । ବିଭିନ୍ନ ଅଞ୍ଚଳର ବ୍ରାହ୍ମଣ ପଣ୍ଡିତମାନଙ୍କର ସଭାକୁ କୁହାଯାଉଥିଲା ପରିଷଦ । ଧାର୍ମିକ ତଥା ସାମାଜିକ ନୀତି-ନିୟମାଦିର ବ୍ୟାଖ୍ୟା ଓ ସେଗୁଡ଼ିକର ବିରୋଧା-ଚରଣରେ ଉଚିତ ଦଣ୍ଡବିଧାନ ଏହି ପରିଷଦଗୁଡ଼ିକର କାର୍ଯ୍ୟ ଥିଲା; କିନ୍ତୁ କାଳକ୍ରମେ ବିଭିନ୍ନ ବିଦ୍ୟାରେ ବିଶାରଦ ପରିଷଦର ସଦସ୍ୟମାନଙ୍କୁ ସେହି ସେହି

ବିଦ୍ୟାରେ ସର୍ବୋଚ୍ଚ ଅଧିକାରୀ ବିଚାର ସେକାଳର ବିଦ୍ୟାର୍ଥୀଗଣ ଉଚ୍ଚଶିକ୍ଷାର ସମାପ୍ତି ପରେ ସ୍ୱୀୟ ବିଦ୍ୟାବତ୍ତାର ପ୍ରମାଣ ଦେବାପାଇଁ ସେମାନଙ୍କର ଦ୍ୱାରସ୍ଥ ହେଉଥିଲେ ଏବଂ ସେମାନଙ୍କର ସ୍ୱୀକୃତି ପ୍ରାପ୍ତ ହୋଇ ନିଜକୁ ଧନ୍ୟ ମନେ କରୁଥିଲେ । ଏହି ସ୍ୱୀକୃତିପ୍ରାପ୍ତି ନିମନ୍ତେ ଶିକ୍ଷକଗଣ ସେମାନଙ୍କର ଛାତ୍ରମାନଙ୍କୁ ଆଞ୍ଚଳିକ ପରିଷଦ ନିକଟରେ ଉପସ୍ଥାପିତ କରିବା ଏକ ବିଧିରେ ପରିଣତ ହୋଇଯାଇଥିଲା । ଏହି କୃତବିଦ୍ୟ ପଣ୍ଡିତମାନଙ୍କ ନିକଟରେ ଅବସ୍ଥାନ କରି କେତେକ ଛାତ୍ର ଶାସ୍ତ୍ରାଧ୍ୟୟନ କରିବାକୁ ମଧ୍ୟ ସୁଖକର ମଣୁଥିଲେ । ଏହି ଦୃଷ୍ଟିରୁ ବିଚାର କଲେ ପ୍ରାଚୀନ ଭାରତର ପରିଷଦଗୁଡ଼ିକ ଆଧୁନିକ ବିଶ୍ୱ-ବିଦ୍ୟାଳୟ ସଙ୍ଗେ ତୁଳନୀୟ । ପରବର୍ତ୍ତୀ କାଳରେ ଏଗୁଡ଼ିକରୁ ବୌଦ୍ଧ ଯୁଗର ବିରାଟ ବିଶ୍ୱବିଦ୍ୟାଳୟମାନ ବିକଶିତ ହୋଇଥିଲା । ବୃହଦାରଣ୍ୟକ ଓ ଅନ୍ୟାନ୍ୟ କେତେକ ଉପନିଷଦ୍‌ରେ କୁରୁ, ପାଞ୍ଚାଳ, ବିଦେହ, ମତ୍ସ୍ୟ, ଉଶୀନର ଓ ତକ୍ଷଶିଳାସ୍ଥିତ ପରିଷଦମାନଙ୍କର ବର୍ଣ୍ଣନା ଦେଖିବାକୁ ମିଳେ ।

ଆଞ୍ଚଳିକ ପରିଷଦମାନଙ୍କ ବ୍ୟତୀତ ରାଜଦରବାର, ଯଜ୍ଞପୀଠ ଓ ତୀର୍ଥାଦି ମଧ୍ୟ ପ୍ରାଚୀନ ଭାରତରେ ଶିକ୍ଷାକେନ୍ଦ୍ରର କାର୍ଯ୍ୟ କରୁଥିଲା । କାଶୀରାଜ ଅଜାତଶତ୍ରୁ, ବିଦେହରାଜ ଜନକ, ପାଞ୍ଚାଳରାଜ ପ୍ରବାହଣ, ଜାବାଲି ଏବଂ ରାଜା ଅଶ୍ୱପତି ଓ କୈକେୟଙ୍କ ଦରବାରମାନ ବିଦ୍ୟାଚର୍ଚ୍ଚାର କେନ୍ଦ୍ରରୂପେ ପ୍ରାଚୀନ ଭାରତରେ ଅଶେଷ ଖ୍ୟାତି ଲାଭ କରିଥିଲା । ଯଜ୍ଞପୀଠମାନଙ୍କ ମଧ୍ୟରେ ନୈମିଷାରଣ୍ୟ ମହାଭାରତକାଳ ପର୍ଯ୍ୟନ୍ତ ପ୍ରସିଦ୍ଧ ଶିକ୍ଷାକେନ୍ଦ୍ରରୂପେ ଆପଣାର ଖ୍ୟାତି ଅକ୍ଷୁଣ୍ଣ ରଖି ପାରିଥିଲା ଏବଂ ଅସଂଖ୍ୟ ଶାସ୍ତ୍ରପୁରାଣ ଏଠାରେ ରଚିତ ହୋଇ ସମଗ୍ର ଭାରତରେ ପ୍ରଚାରିତ ହେଉଥିଲା । ପୁରାଣ-ପ୍ରସିଦ୍ଧ ଶୌନକ ଥିଲେ ଏହାର କୁଳପତି । * ବାରାଣସୀ, କାଞ୍ଚୀ, ନାସିକ ଆଦି ପ୍ରାଚୀନ ଶିକ୍ଷାକେନ୍ଦ୍ର ସମୂହର ସାଂସ୍କୃତିକ ପରମ୍ପରା ଓ ପଠପତ୍ତି ମୂଳରେ ବିଦ୍ୟମାନ ତୀର୍ଥକେନ୍ଦ୍ର । ଯେଗୁଡ଼ିକର ପ୍ରସିଦ୍ଧି । ପରବର୍ତ୍ତୀ ଯୁଗରେ ହିନ୍ଦୁ ମଠମନ୍ଦିର

* ଦଶସହସ୍ର ବିପ୍ରାଣାଂ ଯୋଽନ୍ନଂ ଦାନାଦି ପୋଷଣାତ୍ ଅଧ୍ୟାପୟତି ବିପ୍ରର୍ଷି ରସୌ କୁଳପତି ସ୍ମୃତଃ ।

ସମୂହ ସୁସଙ୍ଗଠିତ ଶିକ୍ଷା ସଂସ୍ଥାରେ ପରିଣତ ହୋଇଥିଲା; କିନ୍ତୁ ଏ ସମସ୍ତ ନିଶ୍ଚିତ ଭାବରେ ବୌଦ୍ଧ ପ୍ରଭାବର ଫଳ ।

ଭାରତରେ ସୁସଙ୍ଗଠିତ ଓ ସାମୂହିକ ଶିକ୍ଷା ସଂସ୍ଥାର ସୃଷ୍ଟି ସର୍ବପ୍ରଥମେ ବୌଦ୍ଧଯୁଗରେ ହୋଇଥିଲା । ବୁଦ୍ଧଦେବ ଭିକ୍ଷୁ, ଭିକ୍ଷୁଣୀ ଓ ବୌଦ୍ଧଧର୍ମ ପ୍ରତି ସହାନୁଭୂତିଶୀଳ ସାଧାରଣ ଉପାସକମାନଙ୍କ ପାଇଁ ଏକ ସୁସଙ୍ଗଠିତ ଶିକ୍ଷାନୁଷ୍ଠାନର ଉପଯୋଗିତା ଅନୁଭବ କଲେ । ଫଳରେ ମଠମାନ ସ୍ଥାପିତ ହେଲା ଏବଂ ଏହି ମଠମାନଙ୍କରୁ କାଳକ୍ରମେ ବିରାଟ ଶିକ୍ଷାନୁଷ୍ଠାନମାନ ଗଢି ଉଠିଲା । ବୌଦ୍ଧ-ଭାରତର ଏହି ଶିକ୍ଷାନୁଷ୍ଠାନଗୁଡିକରେ ଭିକ୍ଷୁ, ଭିକ୍ଷୁଣୀ ଏବଂ ବୌଦ୍ଧ-ଧର୍ମ ପ୍ରତି ଶ୍ରଦ୍ଧାବାନ ସାଧାରଣ ଜନତା ପାଇଁ ଶିକ୍ଷାର ବ୍ୟବସ୍ଥା କରାଯାଇ ଥିଲା । ଦୂର ଜନପଦମାନଙ୍କରୁ ଜାତିବର୍ଣ୍ଣ-ନିର୍ବିଶେଷରେ ସର୍ବଶ୍ରେଣୀର ବିଦ୍ୟାର୍ଥୀ ଆସି ଏଠାରେ ବିନା ବେତନରେ ଶିକ୍ଷାଲାଭ କରୁଥିଲେ । ଏପରି କି ଚୀନ, ଜାପାନ, କୋରିଆ, ମଧ୍ୟ-ଏସିଆ ଏବଂ ତିବ୍ବତ ଆଦି ଦୂରଦେଶ-ମାନଙ୍କରୁ ବିଦ୍ୟାର୍ଥୀଗଣ ବୌଦ୍ଧ ଧର୍ମଶାସ୍ତ୍ରମାନ ଅଧ୍ୟୟନ କରିବା ନିମିତ୍ତ ଏଠାରେ ଆସି ସମବେତ ହେଉଥିଲେ ଏବଂ ବୌଦ୍ଧ ଧର୍ମଗ୍ରନ୍ଥ ସମୂହ ଅନୁବାଦ କରି ସ୍ୱଦେଶକୁ ନେଇଯାଉଥିଲେ । ନାଳନ୍ଦା ଏବଂ ତକ୍ଷଶିଳା ବିରାଟ ବିଶ୍ୱ-ବିଦ୍ୟାଳୟରୂପେ ବିକଶିତ ହୋଇ ଉଠିଥିଲା ।

ବୌଦ୍ଧକାଳୀନ ଶିକ୍ଷାକେନ୍ଦ୍ର ସମୂହର ପରିଚାଳନା ଓ ନିୟନ୍ତ୍ରଣ ଗଣତନ୍ତ୍ର ନୀତି ଉପରେ ପ୍ରତିଷ୍ଠିତ ଥିଲା । ସାଧାରଣତଃ କୌଣସି ବିଦ୍ୱାନ୍ ଭିକ୍ଷୁ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ନିଯୁକ୍ତ ହେଉଥିଲେ । ପ୍ରତ୍ୟେକ ବିଭାଗ, ଯଥା—ପ୍ରବେଶ, ପରୀକ୍ଷା, ପାଠ୍ୟକ୍ରମ, ଛାତ୍ରାବାସ, ଭୋଜନ ବ୍ୟବସ୍ଥା, ଭବନ ନିର୍ମାଣ, ଚିକିତ୍ସା, ପୁସ୍ତକାଳୟ ତଥା ବିଭିନ୍ନ ପାଠ୍ୟବସ୍ତୁର ଅଧ୍ୟାପନାରେ ଭିନ୍ନ ଭିନ୍ନ ଅଧ୍ୟକ୍ଷ ନିଯୁକ୍ତ ହେଉଥିଲେ । ବୌଦ୍ଧ-ଭାରତର ଶିକ୍ଷା କେନ୍ଦ୍ରମାନଙ୍କ ମଧ୍ୟରେ ପୁରୁଷପୁର, ତକ୍ଷଶିଳା, କାଶ୍ମୀରର ଜୈନେନ୍ଦ୍ର ବିହାର, ନାଳନ୍ଦା, ବିକ୍ରମଶିଳା, ଜଗଦ୍ଦଳା, ଓଦନ୍ତପୁରୀ, ତାମ୍ରଲିପ୍ତି, କାଞ୍ଚିପୁର ଓ ବଲ୍ଲଭି ଇତ୍ୟାଦି ପ୍ରଧାନ ଥିଲା । ତନ୍ମଧ୍ୟରୁ ନିମ୍ନରେ କେତୋଟି ବିଶ୍ୱବିଦ୍ୟାଳୟର ବର୍ଣ୍ଣନା ପ୍ରଦତ୍ତ ହେଉଅଛି ।

**ତକ୍ଷଶିଳା**—ଅତି ପ୍ରାଚୀନ କାଳରୁ ତକ୍ଷଶିଳା ବ୍ରାହ୍ମଣୀୟ ଶିକ୍ଷା ଓ ସଂସ୍କୃତିର କେନ୍ଦ୍ରରୂପେ ସମଗ୍ର ଭାରତରେ ପ୍ରତିଷ୍ଠା ଅର୍ଜନ କରିଥିଲା । ବୌଦ୍ଧଯୁଗରେ ମଧ୍ୟ ଏହା ଉତ୍ତର-ଭାରତର ସର୍ବପ୍ରଧାନ ଶିକ୍ଷାକେନ୍ଦ୍ର ଥିଲା । ତକ୍ଷଶିଳାର ଇତିହାସ ଅତି ପ୍ରାଚୀନ । ରାମାୟଣ ଏବଂ ମହାଭାରତରେ ଏହାର ଉଲ୍ଲେଖ ଅଛି । ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀରେ ବିଦ୍ୟାନଗରୀ ତକ୍ଷଶିଳାର ଖ୍ୟାତି ଓ ପ୍ରତିପତ୍ତି ଉନ୍ନତିର ଚରମସୀମାରେ ଉପନୀତ ହୋଇଥିଲା ।* ବାରାଣସୀ, ମିଥିଳା, ରାଜଗୃହ, ଉଜ୍ଜୟିନୀ, କୁରୁ ଓ କୋଶଳ ଇତ୍ୟାଦି ଦେଶମାନଙ୍କରୁ ବିଦ୍ୟାର୍ଥୀଗଣ ଦୂର ପଥଯାତ୍ରାର କ୍ଳେଶ ତୁଚ୍ଛ ମଣି ଏଠାରେ ସମବେତ ହେଉଥିଲେ ଏବଂ ଏଠାର ଭୁବନବନ୍ଦିତ ଆଚାର୍ଯ୍ୟମାନଙ୍କଠାରୁ ବିଦ୍ୟାଧ୍ୟୟନ କରି ଆପଣା ଜୀବନକୁ ସାର୍ଥକ କରୁଥିଲେ । ଆଫଗାନିସ୍ଥାନ, ମଧ୍ୟ-ଏସିଆ ଏବଂ ଏସିଆ ମାଇନର ଆଦି ଦେଶର ଛାତ୍ରଗଣ ମଧ୍ୟ ଏଠାକୁ ଅଧ୍ୟୟନ ପାଇଁ ଆସୁଥିଲେ । ତକ୍ଷଶିଳା ସହିତ ଆପଣାର ସମ୍ବନ୍ଧକୁ ବିଦ୍ୟାର୍ଥୀଗଣ ପରମ ଗୌରବର ବସ୍ତୁ ବୋଲି ମନେ କରୁଥିଲେ । ବ୍ୟାକରଣ ବିଦ୍ୟାର ଜନକ ପାଣିନୀ ଏବଂ ବୌଦ୍ଧ-ଭାରତର ସୁପ୍ରସିଦ୍ଧ ଡାକ୍ତର ଓ ସର୍ଜନ ଜୀବକ ତକ୍ଷଶିଳାର ଛାତ୍ର ଥିଲେ । ଅର୍ଥଶାସ୍ତ୍ର-ରଚୟିତା କୌଟିଲ୍ୟ ମଧ୍ୟ ଏଠାରେ ଉଚ୍ଚଶିକ୍ଷା ପ୍ରାପ୍ତ ହୋଇଥିଲେ ।

ତକ୍ଷଶିଳାରେ କୌଣସି ସୁସଂଗଠିତ କଲେଜ ବା ବିଦ୍ୟାଳୟ ନ ଥିଲା । ଆଚାର୍ଯ୍ୟଗଣ ବ୍ୟକ୍ତିଗତ ଭାବରେ ଛାତ୍ରମାନଙ୍କୁ ବିଦ୍ୟା ପ୍ରଦାନ କରୁଥିଲେ । ଛାତ୍ରମାନେ ସାଧାରଣତଃ ୧୬।୧୭ ବର୍ଷ ବୟସରେ ତକ୍ଷଶିଳା ଯାତ୍ରା କରୁଥିଲେ ଏବଂ ସେଠାରେ ସେମାନଙ୍କୁ ପ୍ରାୟ ୭।୮ ବର୍ଷ ଅବସ୍ଥାନ କରିବାକୁ ପଡୁଥିଲା । ବେଦ, ବେଦାନ୍ତ, ବ୍ୟାକରଣ, ଆୟୁର୍ବେଦ, ଅଷ୍ଟାଦଶ ଶିଳ୍ପ, ସୈନ୍ୟବିଦ୍ୟା, ଜ୍ୟୋତିଷବିଦ୍ୟା, କୃଷି, ବାଣିଜ୍ୟ, ସର୍ପବିଦ୍ୟା ତଥା ତନ୍ତ୍ର ଏଠାକାର ପାଠ୍ୟ ନିର୍ଘଣ୍ଟର ପ୍ରଧାନ ବିଷୟବସ୍ତୁ ଥିଲା ।

ଯବନ ଆକ୍ରମଣ ଫଳରେ ତକ୍ଷଶିଳା ଯବନ ସଂସ୍କୃତି ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥିଲା । ଗ୍ରୀକ୍ ଭାଷା ଏବଂ ଗ୍ରୀକ୍ ଯୁଦ୍ଧକଳା ଶିକ୍ଷଣ ନିମିତ୍ତ

---

* University Education in India—A. N. Basu.

ଏଠାରେ ବନ୍ଦୋବସ୍ତ ଥିଲା । ଗ୍ରୀକ୍ ସମ୍ରାଟ୍ ହେଲିଓଡୋରସ୍ ଏବଂ ଗ୍ରୀକ୍ ଦାର୍ଶନିକ ଆପୋଲୋନିୟସ୍ ଏଠାକାର ଛାତ୍ର ଥିଲେ । *

ତୃତୀୟ ଶତାବ୍ଦୀରେ କୁଶାଣ ରାଜତ୍ୱ ପର୍ଯ୍ୟନ୍ତ ଶିକ୍ଷାକେନ୍ଦ୍ର ରୂପେ ତକ୍ଷଶିଳାର ଖ୍ୟାତି ଅକ୍ଷୁଣ୍ଣ ଥିଲା । ଭାରତର ନାନା ଉତ୍ଥାନ ପତନ, ପରିବର୍ତ୍ତନର ବହୁ ଝଡ଼ ଝଞ୍ଜା ମଧ୍ୟଦେଇ ତକ୍ଷଶିଳା ଏକହଜାର ବର୍ଷ ପର୍ଯ୍ୟନ୍ତ ଜ୍ଞାନର ଅମ୍ଳାନ ଦୀପଶିଖା ଜଳାଇ ରଖି ଅବଶେଷରେ ବର୍ବର ହୁନମାନଙ୍କ ଆକ୍ରମଣ ଫଳରେ ଚିରଦିନ ପାଇଁ ନଷ୍ଟ ହୋଇଗଲା । ପଞ୍ଚମ ଶତାବ୍ଦୀରେ ଫାହିୟାନ୍ ଯେତେବେଳେ ତକ୍ଷଶିଳା ପରିଦର୍ଶନ କରନ୍ତି, ସେତେବେଳେ ଏହି ବିଶ୍ୱବିଦ୍ୟାଳୟର କୌଣସି ଚିହ୍ନବର୍ତ୍ତି ନ ଥିଲା । ସପ୍ତମ ଶତାବ୍ଦୀରେ ଏହି ଭୁବନବିଦିତ ଶିକ୍ଷାନୁଷ୍ଠାନର ଦୁରବସ୍ଥା ଦର୍ଶନ କରି ହୁଏନ୍‌ସାଂ ଦୀର୍ଘ ନିଃଶ୍ୱାସ ତ୍ୟାଗ କରିଥିଲେ ।

**ନାଳନ୍ଦ**—ବିହାର ପ୍ରଦେଶର ରାଜଧାନୀ ପାଟନା ସହରର ଦକ୍ଷିଣ-ପଶ୍ଚିମ ଏବଂ ରାଜଗୃହର ସାତମାଇଲ ଉତ୍ତରକୁ ନାଳନ୍ଦା ମହାବିଦ୍ୟାଳୟର ଭଗ୍ନାବଶେଷ ବିଦ୍ୟମାନ । ଅତି ପ୍ରାଚୀନ କାଳରେ ଏହା ଏକ କ୍ଷୁଦ୍ର ଗ୍ରାମ ଥିଲା ଏବଂ ଶିକ୍ଷା ଦୃଷ୍ଟିରୁ ଏହାର କୌଣସି ମହତ୍ତ୍ୱ ନ ଥିଲା । ବୁଦ୍ଧଙ୍କ ପ୍ରିୟ ଶିଷ୍ୟ ସାରିପୁତ୍ର ଚୈତ୍ୟ ଦର୍ଶନ ଉପଲକ୍ଷରେ ଆସି ସମ୍ରାଟ୍ ଅଶୋକ ପ୍ରଥମେ ଏଠାରେ ଗୋଟିଏ କ୍ଷୁଦ୍ର ବିହାର ନିର୍ମାଣ କରିଥିଲେ । ଏହି କ୍ଷୁଦ୍ର ବିହାର କାଳକ୍ରମେ ବିକାଶପ୍ରାପ୍ତ ହୋଇ ବୌଦ୍ଧ-ଭାରତର ସର୍ବଶ୍ରେଷ୍ଠ ବିଶ୍ୱ-ବିଦ୍ୟାଳୟରେ ପରିଣତ ହୋଇଥିଲା । ଫାହିୟାନଙ୍କ ଭାରତ ବିବରଣୀରୁ ଜଣାଯାଏ ଯେ ଖ୍ରୀ: ୪୧୦ ପର୍ଯ୍ୟନ୍ତ ଶିକ୍ଷାକ୍ଷେତ୍ରରେ ନାଳନ୍ଦାର ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇ ନ ଥିଲା । ବାସ୍ତବରେ ଗୁପ୍ତ ସମ୍ରାଟ୍‌ମାନଙ୍କ ଅମଳରେ ଏବଂ ସେମାନଙ୍କର ଅକୁଣ୍ଠଦାନ ଓ ପୋଷକତାରେ ନାଳନ୍ଦା ମହାବିଦ୍ୟାଳୟର ପ୍ରକୃତ ବିକାଶ ସାଧିତ ହୋଇଥିଲା । ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ ଯେତେ-ବେଳେ ଭାରତ ପରିଦର୍ଶନ କରନ୍ତି ସେତେବେଳକୁ ଏହା ଉନ୍ନତିର ପରାକାଷ୍ଠାରେ ଉପନୀତ ।

---

* Vision of India—S. K. Mitra

ହୁଏନ୍‌ସାଂଙ୍କ ବିବରଣୀରୁ ଜଣାଯାଏ ଯେ ନାଳନ୍ଦା ବିଶ୍ୱବିଦ୍ୟାଳୟ ଏକ ବିଶାଳ ନଭଶ୍ଚୁମ୍ବୀ ଅଟ୍ଟାଳିକା ମଧ୍ୟରେ ଅବସ୍ଥିତ ଥିଲା । ଏଥିରେ ସାମୂହିକ ଭାଷଣ ନିମିତ୍ତ ଆଠଟି ଦୀର୍ଘାୟତନ ଭବନ ଏବଂ ବିଦ୍ୟାର୍ଥୀମାନଙ୍କ ଅଧ୍ୟୟନ ନିମିତ୍ତ ତିନିଶତ କକ୍ଷାଗୃହ ଥିଲା । ଏହା ବ୍ୟତୀତ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଏକ ବିରାଟ ପୁସ୍ତକାଗାର ଥିଲା । ଏହି ପୁସ୍ତକାଗାରରେ ତିନୋଟି ବିଭାଗ ଥିଲା । ସେଗୁଡ଼ିକର ନାମ ଯଥାକ୍ରମେ ୧-ରତ୍ନସାଗର, ୨-ରତ୍ନୋଦଧି, ୩-ରତ୍ନରଞ୍ଜନ । ସମଗ୍ର ପୁସ୍ତକାଗାରର ନାମ ଥିଲା ଧର୍ମଗଞ୍ଜ । ଏହି ପୁସ୍ତକାଳୟରେ ଧର୍ମ, ଦର୍ଶନ, ବିଜ୍ଞାନ, କଳା ଏବଂ ଉଦ୍ୟୋଗ ସମ୍ବନ୍ଧରେ ବହୁ ମୂଲ୍ୟବାନ ପୁସ୍ତକ ରକ୍ଷିତ ଥିଲା ।

ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଛାତ୍ରାବାସର ବ୍ୟବସ୍ଥା ଥିଲା ଏବଂ ଦଶ ହଜାର ଛାତ୍ର ଏଠାରେ ରହି ବିନା ବେତନରେ ଉଚ୍ଚଶିକ୍ଷା ପ୍ରାପ୍ତ ହେଉଥିଲେ । ଚୀନ ପରିବ୍ରାଜକମାନଙ୍କ ବିବରଣୀରୁ ଜଣାଯାଏ ଯେ ଛାତ୍ରମାନଙ୍କର ଭୋଜନ ଏବଂ ଚିକିତ୍ସାଦିର ସମସ୍ତ ବ୍ୟୟ ବିଶ୍ୱବିଦ୍ୟାଳୟ ବହନ କରୁଥିଲା ।

ଚୀନ ପର୍ଯ୍ୟଟକ ଇତ୍‌ସିଂ ନାଳନ୍ଦା ବିଶ୍ୱବିଦ୍ୟାଳୟ ସମ୍ବନ୍ଧରେ ନିଜର ଯେଉଁ ପ୍ରତ୍ୟକ୍ଷ ଅନୁଭୂତି ଲିପିବଦ୍ଧ କରି ଯାଇଛନ୍ତି, ତହିଁରୁ ଉକ୍ତ ବିଶ୍ୱବିଦ୍ୟାଳୟର ଶିକ୍ଷାଦାନ ପଦ୍ଧତି ଓ ପାଠ୍ୟକ୍ରମ ବିଷୟରେ ବହୁ ମୂଲ୍ୟବାନ ତଥ୍ୟର ଆଭାସ ମିଳେ । ନାଳନ୍ଦା ମହାଯାନ ବୌଦ୍ଧଧର୍ମର ସର୍ବପ୍ରଧାନ କେନ୍ଦ୍ର ଥିଲେ ମଧ୍ୟ ଏଠାରେ ମହାଯାନ ଶାଖାର ସିଦ୍ଧାନ୍ତ ସଙ୍ଗେ ହୀନଯାନ ଶାଖା, ବୈଦିକଧର୍ମ ଏବଂ ଜୈନଧର୍ମ ସମ୍ବନ୍ଧରେ ଶିକ୍ଷା ପ୍ରଦତ୍ତ ହେଉଥିଲା । ଏସବୁ ବ୍ୟତୀତ ବେଦାନ୍ତ, ସାଂଖ୍ୟ, ବୈଶେଷିକ, ବ୍ୟାକରଣ, ଜ୍ୟୋତିଷବିଦ୍ୟା, ହେତୁବିଦ୍ୟା, ଚିକିତ୍ସାଶାସ୍ତ୍ର ଏବଂ ତନ୍ତ୍ର ଆଦି ବିଭିନ୍ନ ବିଷୟ ନାଳନ୍ଦା ବିଶ୍ୱବିଦ୍ୟାଳୟର ପାଠ୍ୟନିର୍ଘଣ୍ଟର ଅନ୍ତର୍ଭୁକ୍ତ ଥିଲା । ନାଳନ୍ଦାର ମୂର୍ତ୍ତି ଏବଂ ବିଶାଳ ଅଟ୍ଟାଳିକା ସମୂହର ଭଗ୍ନାବଶେଷରୁ ଅନୁମିତ ହୁଏ ଯେ ଏଠାରେ ବାସ୍ତୁକଳା, ଭାସ୍କର୍ଯ୍ୟ ଏବଂ ମୂର୍ତ୍ତିକଳାର ଅଧ୍ୟୟନ ପ୍ରତି ସମୁଚିତ ଦୃଷ୍ଟି ଦିଆଯାଉଥିଲା ।

ସମଗ୍ର ଦେଶରେ ନାଳନ୍ଦାର ଆଦର ଏବଂ ସମ୍ମାନ ଥିଲା । ଆଧୁନିକ ଯୁଗରେ ଅକ୍ସଫୋର୍ଡ଼ ବା କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ସଦୃଶ ବିଦ୍ୟାର୍ଥୀଗଣ ସେ କାଳରେ ନାଳନ୍ଦା ସହିତ ଆପଣାର ସମ୍ପର୍କକୁ ଗୋଟିଏ ଗୌରବର ବସ୍ତୁରୂପେ ମନେ କରୁଥିଲେ; କିନ୍ତୁ ନାଳନ୍ଦାର ଖ୍ୟାତି କେବଳ ଭାରତ ମଧ୍ୟରେ ସୀମାବଦ୍ଧ ନ ଥିଲା । ଭାରତର ଭୌଗୋଳିକ ସୀମା ଅତିକ୍ରମ କରି ତାହା ସମଗ୍ର ପ୍ରାଚ୍ୟ ଭୂଖଣ୍ଡରେ ବିକୀର୍ଣ୍ଣ ହୋଇ ପଡ଼ିଥିଲା । ଏଠାକାର ବିଶ୍ୱବିଶ୍ରୁତ ଅଧ୍ୟାପକମାନଙ୍କ ନିକଟରେ ଶାସ୍ତ୍ରାଧ୍ୟୟନ କରିବାପାଇଁ ସୁଦୂର ଚୀନ, ଜାପାନ, କୋରିଆ, ତିବ୍ବତ, ଜାଭା, ସୁମାତ୍ରା, ସିଂହଳ ଓ ମଧ୍ୟ-ଏସିଆରୁ ଦଳ ଦଳ ଛାତ୍ର ଆସି ନାଳନ୍ଦାରେ ଭର୍ତ୍ତି ହେଉଥିଲେ । ଛାତ୍ର ଗ୍ରହଣ ପାଇଁ ନାଳନ୍ଦାରେ ଏକ ପ୍ରବେଶିକା ପରୀକ୍ଷାର ବ୍ୟବସ୍ଥା ଥିଲା । ସେଥିପାଇଁ ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ପ୍ରବେଶ ଦ୍ୱାରରେ ବିଶେଷଜ୍ଞ ପଣ୍ଡିତଗଣ ଦ୍ୱାରପାଳରୂପେ ନିଯୁକ୍ତ ହୋଇଥିଲେ । ପ୍ରବେଶପ୍ରାର୍ଥୀ ଛାତ୍ରମାନଙ୍କୁ ସେମାନେ ବିଭିନ୍ନ ବିଷୟରେ ନାନା ଜଟିଳ ପ୍ରଶ୍ନ ପଚାରି ଅସ୍ଥିର କରି ପକାଉଥିଲେ । ଯେଉଁମାନେ ତାଙ୍କର ପ୍ରଶ୍ନର ସନ୍ତୋଷଜନକ ଉତ୍ତରଦାନରେ ସମର୍ଥ ହେଉଥିଲେ, ସେମାନଙ୍କୁ କେବଳ ପ୍ରବେଶଲାଭର ସୁଯୋଗ ମିଳୁଥିଲା । ହୁଏନସାଂଙ୍କ ବିବରଣୀରୁ ଜଣାଯାଏ ଯେ ଶତକଡ଼ା ତିରିଶ ଛାତ୍ର ଏହି ପରୀକ୍ଷାରେ କୃତକାର୍ଯ୍ୟ ହେଉଥିଲେ ।

ନାଳନ୍ଦା ବିଶ୍ୱବିଦ୍ୟାଳୟର ୯୦୦୦ ବିଦ୍ୟାର୍ଥୀଙ୍କୁ ଶିକ୍ଷା ଦେବାପାଇଁ ୧୦୦୦ଶିକ୍ଷକ ନିଯୁକ୍ତ ଥିଲେ । ନାଳନ୍ଦାର ଭୁବନବିଖ୍ୟାତ ଅଧ୍ୟାପକମାନଙ୍କ ମଧ୍ୟରେ ଦୀପଙ୍କର, ଚନ୍ଦ୍ରପାଳ, ଧର୍ମପାଳ, ଗୁଣମତି, ସ୍ଥିରମତି, ପ୍ରଭାକରମତି, ଜ୍ଞାନଚନ୍ଦ୍ର ତଥା ଶୀଳଭଦ୍ରଙ୍କର ନାମ ବିଶେଷ ଉଲ୍ଲେଖଯୋଗ୍ୟ ।

ନାଳନ୍ଦାର ଶିକ୍ଷାପଦ୍ଧତି ବ୍ରାହ୍ମଣୀୟ ଶିକ୍ଷା ସଦୃଶ ଥିଲା । ଶିକ୍ଷା ପ୍ରଧାନତଃ ବ୍ୟକ୍ତିଗତ ଥିଲା ଏବଂ ଆବୃତ୍ତି ଅପେକ୍ଷା ତର୍କ ବିତର୍କ ଓ ଆଲୋଚନା ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଉଥିଲା । ଏହା ବ୍ୟତୀତ ବିଦ୍ୟାର୍ଥୀମାନଙ୍କ ଜ୍ଞାନର ବିକାଶ ନିମନ୍ତେ ଭିନ୍ନ ଭିନ୍ନ ବିଦ୍ୟାରେ ବିଶେଷଜ୍ଞମାନଙ୍କଦ୍ୱାରା ପ୍ରତ୍ୟହ ୧୦୦ଟି ଭାଷଣର ବ୍ୟବସ୍ଥା ଥିଲା । ଏକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟରୂପେ ନାଳନ୍ଦା ସମସ୍ତ ପ୍ରାଚ୍ୟଖଣ୍ଡରେ ବିପୁଳ ପ୍ରତିଷ୍ଠା

ଅର୍ଜନ କରିବାକୁ ସମର୍ଥ ହୋଇଥିଲା । ଏହିପରି ଭାବରେ ଦୀର୍ଘ ୮୦୦ ବର୍ଷ ପର୍ଯ୍ୟନ୍ତ ଭାରତୀୟ ସଭ୍ୟତା ଓ ସଂସ୍କୃତିର ସମୁଜ୍ଜ୍ୱଳ ଦୀପସ୍ତମ୍ଭରୂପେ ଜ୍ଞାନ ଓ ସଭ୍ୟତାର ଆଲୋକ ବିତରଣ କରି ନାଳନ୍ଦା ବିଶ୍ୱବିଦ୍ୟାଳୟ ମୁସଲମାନ ବିଜେତା ବଖ୍ତିଆର ଖିଲିଜଙ୍କ ବର୍ବର ଆକ୍ରମଣ ଫଳରେ ଧରାପୃଷ୍ଠରୁ ବିଲୀନ ହୋଇଗଲା । ଏହାର ବିଶାଳ ଶିକ୍ଷାୟତନ, ପୁସ୍ତକାଗାରମାନ ଅଗ୍ନି ସଂଯୋଗ କରି ଦଗ୍ଧ କରି ଦିଆଗଲା ଏବଂ ଭିକ୍ଷୁ ଓ ଅଧ୍ୟାପକମାନଙ୍କୁ ନିଷ୍ଠୁର ଭାବରେ ହତ୍ୟା କରାଗଲା ।

**ବଲ୍ଲଭି**—କାଥିଆବାଡ଼ର ରାଜଧାନୀ ବଲ୍ଲଭି ହୀନଯାନ ବୌଦ୍ଧଧର୍ମର ପ୍ରଧାନ ଶିକ୍ଷା କେନ୍ଦ୍ର ଥିଲା ଏବଂ ନାଳନ୍ଦା ବିଶ୍ୱବିଦ୍ୟାଳୟର ପ୍ରତିଦ୍ୱନ୍ଦ୍ୱୀ ଶିକ୍ଷା-ପ୍ରତିଷ୍ଠାନରୂପେ ବିଶେଷ ଖ୍ୟାତି ଅର୍ଜନ କରିଥିଲା । ଭାରତର ଦୂରପ୍ରାନ୍ତମାନ-ଙ୍କରୁ ବହୁ ଛାତ୍ର ଏଠାରେ ଅଧ୍ୟୟନ ପାଇଁ ଆସୁଥିଲେ । ହୁଏନ୍‌ସାଂଙ୍କ ଭାରତ ବିବରଣୀରୁ ଜଣାଯାଏ ଯେ ଏଠାରେ ଏକଶତ ବୌଦ୍ଧ ସଂଘାରାମ ଥିଲା ଏବଂ ନାଳନ୍ଦାର ପ୍ରସିଦ୍ଧ ଆଚାର୍ଯ୍ୟ ସ୍ଥିରମତି ଓ ଗୁଣମତି କେତେ କାଳ ପାଇଁ ଏହାର ପରିଚାଳନା ଦାୟିତ୍ୱରେ ଥିଲେ । ବୌଦ୍ଧଧର୍ମ ବ୍ୟତୀତ ଅନ୍ୟାନ୍ୟ ଧର୍ମଶାସ୍ତ୍ର, ଅର୍ଥଶାସ୍ତ୍ର, ସାହିତ୍ୟ ଏବଂ ଚିକିତ୍ସା ବିଜ୍ଞାନ ଇତ୍ୟାଦି ବହୁ ବିଷୟରେ ଏଠାରେ ଶିକ୍ଷା ଦିଆଯାଉଥିଲା । ୧୨୦୦ ଖ୍ରୀଷ୍ଟାବ୍ଦରେ ମୁସଲମାନ ଆକ୍ରମଣ ଫଳରେ ଏହା ଧ୍ୱଂସପ୍ରାପ୍ତ ହେଲା ।

**ବିକ୍ରମଶିଳା**—ବିକ୍ରମଶିଳା ବିହାର ଅଷ୍ଟମ ଶତାବ୍ଦୀରେ ସମ୍ରାଟ ଧର୍ମ-ପାଳଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ଏବଂ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଏକ ଶିକ୍ଷାକେନ୍ଦ୍ର ରୂପେ ଦୀର୍ଘ ଚାରିଶତ ବର୍ଷ ପର୍ଯ୍ୟନ୍ତ ବୌଦ୍ଧଧର୍ମ ପ୍ରଚାରରେ ସହାୟତା କରିଥିଲା । ବୌଦ୍ଧଧର୍ମର ଅନ୍ୟତମ ପ୍ରଧାନ ପୀଠ ତିବ୍ବତ ସହିତ ଏହାର ଘନିଷ୍ଠ ସମ୍ବନ୍ଧ ଥିଲା । ଏଠାକାର ଭାରତ-ବିଖ୍ୟାତ ଆଚାର୍ଯ୍ୟମାନଙ୍କ ନିକଟରେ ଅଧ୍ୟୟନ କରି ଆପଣାର ଜ୍ଞାନପିପାସା ଚରିତାର୍ଥ କରିବା ନିମିତ୍ତ ବହୁ ତିବ୍ବତୀୟ ଛାତ୍ର ହିମାଳୟର ଦୁର୍ଗମ ଗିରି-ସଙ୍କଟ ଅତିକ୍ରମ କରି ବିକ୍ରମ-ଶିଳାରେ ସମବେତ ହେଉଥିଲେ । ବିକ୍ରମଶିଳାର କୁଳପତି ଦୀପଙ୍କର ଶ୍ରୀଜ୍ଞାନ ତିବ୍ବତ ରାଜାଙ୍କର ଆମନ୍ତ୍ରଣ ଓ ସନିର୍ବନ୍ଧ ଅନୁରୋଧକ୍ରମେ ସେଠାକୁ ଯାଇ

ସେ ଦେଶର ପ୍ରଚଳିତ ବୌଦ୍ଧ ଧର୍ମରେ ବହୁ ସଂସ୍କାର ଆନୟନ କରିଥିଲେ । ତିବ୍ବତୀୟ ଭାଷାରେ ସେ ଅନ୍ୟୂନ ୨୦୦ ଖଣ୍ଡ ପୁସ୍ତକ ପ୍ରଣୟନ କରିଥିଲେ । ବିକ୍ରମଶିଳା ବିଶ୍ୱବିଦ୍ୟାଳୟରେ ୩୦୦୦ ଛାତ୍ର ଏବଂ ୧୧୪ ଜଣ ଶିକ୍ଷକ ଥିଲେ ।

ବିକ୍ରମଶିଳା ବିହାରର ଶିକ୍ଷାବିଭାଗର ନିୟନ୍ତ୍ରଣ ପାଇଁ କେତେ ଜଣ ବିଦ୍ୱାନ ଭିକ୍ଷୁଙ୍କୁ ନେଇ ଗଠିତ ଏକ ପରିଚାଳନା ସମିତି ଥିଲା । ନାଳନ୍ଦା ବିଶ୍ୱବିଦ୍ୟାଳୟ ସଦୃଶ ଏଠାରେ ମଧ୍ୟ ପ୍ରବେଶିକା ପରୀକ୍ଷାର ବ୍ୟବସ୍ଥା ଥିଲା । ମହାଯାନ ବୌଦ୍ଧଧର୍ମ ଓ ତନ୍ତ୍ର ବ୍ୟତୀତ ବ୍ୟାକରଣ, ତର୍କ, ଦର୍ଶନ ଏବଂ ଅନ୍ୟାନ୍ୟ ବୈଷୟିକ ବିଦ୍ୟା ଏଠାରେ ପ୍ରଧାନ ପାଠ୍ୟବସ୍ତୁ ଥିଲା । ଏହି ବିଶ୍ୱ-ବିଦ୍ୟାଳୟର ଏକ ପ୍ରଧାନ ବୈଶିଷ୍ଟ୍ୟ ହେଉଛି ଏହି ଯେ ଏଥିରେ କୃତବିଦ୍ୟ ଛାତ୍ରମାନଙ୍କୁ ଶିକ୍ଷାଶେଷରେ ପ୍ରମାଣପତ୍ର ମିଳୁଥିଲା ଏବଂ ଉପାଧି ବିତରଣ କରା-ଯାଉଥିଲା । ବିଦ୍ୱାନ ଓ ନିଷ୍ଠାପର ଆଚାର୍ଯ୍ୟଗଣଙ୍କର ପବିତ୍ର ସ୍ମୃତି ଓ ଉନ୍ନତ ଆଦର୍ଶ ଛାତ୍ର ହୃଦୟରେ ଜାଗ୍ରତ ରଖିବା ପାଇଁ ସେମାନଙ୍କର ଆଲେଖ୍ୟ ପ୍ରାସାଦ ଭିତ୍ତିରେ ଅଙ୍କିତ ହୋଇ ପ୍ରଚାର କରାଯାଉଥିଲା । ବିକ୍ରମଶିଳା ବଖ୍ତିଆର ଖିଲିଜଙ୍କ ଆକ୍ରମଣ ଫଳରେ ଧ୍ୱଂସପ୍ରାପ୍ତ ହେଲା ।

ବୌଦ୍ଧ-ଭାରତର ଅନ୍ୟ ଦୁଇଗୋଟି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ଓଦନ୍ତପୁରୀ ଓ ଜଗଦ୍ଦଳା ମଧ୍ୟଯୁଗରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେହେଁ ସେଗୁଡ଼ିକ ସମ୍ବନ୍ଧରେ ବିଶେଷ କିଛି ଜଣାଯାଏ ନାହିଁ । ଉପରୋକ୍ତ ପ୍ରସିଦ୍ଧ ବିଶ୍ୱ-ବିଦ୍ୟାଳୟଗୁଡ଼ିକ ବ୍ୟତୀତ ଦେଶରେ ଅସଂଖ୍ୟ ବୌଦ୍ଧ ମଠ ଓ ବିହାର ସେ କାଳର ଶିକ୍ଷାକେନ୍ଦ୍ରର କାର୍ଯ୍ୟ ସଂପାଦନ କରୁଥିଲା । ହୁଏନ୍ସାଂ ତାହାଙ୍କ ବିବରଣୀରେ କ୍ଷୁଦ୍ର କ୍ଷୁଦ୍ର ଶିକ୍ଷାକେନ୍ଦ୍ରଗୁଡ଼ିକର ବିଷୟ ଉଲ୍ଲେଖ କରିଅଛନ୍ତି । ସେଗୁଡ଼ିକ ମଧ୍ୟରେ କାଶ୍ମୀରର ଜୈୟେନ୍ଦ୍ର ବିହାର, ପଞ୍ଜାବର ଜଳନ୍ଧର, କାନ୍ୟକୁବ୍ଜର ଭଦ୍ର ବିହାର, ଆନ୍ଧ୍ର ଦେଶର ଅମରାବତୀ ଏବଂ ଉତ୍କଳର ପୁଷ୍ପଗିରି ବିଶେଷ ଉଲ୍ଲେଖଯୋଗ୍ୟ ।

**ବାରାଣସୀ**—ତୀର୍ଥରାଜ ବାରାଣସୀ ବହୁକାଳରୁ ଭାରତର ବିଦ୍ୟା-ନଗରୀରୂପେ ପୂଜିତ ହୋଇ ଆସୁଛି । ବିଶେଷତଃ ଦର୍ଶନ ଏବଂ ସଙ୍ଗୀତ ଶାସ୍ତ୍ରର ଚର୍ଚ୍ଚା ପାଇଁ ଏହା ଚିର ପ୍ରସିଦ୍ଧ । ବହୁ ପୁରାଣ ଶାସ୍ତ୍ର ଏବଂ କାବ୍ୟ

କବିତାରେ ଏହାର ମହିମା କୀର୍ତ୍ତିତ ହୋଇଅଛି । ବୌଦ୍ଧ ଜାତକ ସମୂହର ଆଲୋଚନାରୁ ଜଣାଯାଏ ଯେ ସେକାଳରେ ମଧ୍ୟ ଏହା ଏକ ବିଖ୍ୟାତ ଶିକ୍ଷା-କେନ୍ଦ୍ର ରୂପେ ପ୍ରତିଷ୍ଠା ଲାଭ କରିଥିଲା ଏବଂ ତିନି ବେଦ ଓ ଅଷ୍ଟାଦଶ ଶିଳ୍ପରେ ଏଠାରେ ଶିକ୍ଷା ପ୍ରଦତ୍ତ ହେଉଥିଲା । ସଂସ୍କୃତ ଚର୍ଚ୍ଚାର ସର୍ବପ୍ରଧାନ ପୀଠରୂପେ ବାରାଣସୀ ଆଜିପର୍ଯ୍ୟନ୍ତ ତାହାର ପୂର୍ବ ଖ୍ୟାତି ଅକ୍ଷୁଣ୍ଣ ରଖିଅଛି । କିନ୍ତୁ ବାରାଣସୀରେ କୌଣସି ସୁସଙ୍ଗଠିତ ବିଦ୍ୟାନୁଷ୍ଠାନ ନ ଥିଲା । ଏଠାକାର ଦିଗ୍‌ବିଜୟୀ ପଣ୍ଡିତଗଣ ଆପଣା ସାମର୍ଥ୍ୟ ଅନୁଯାୟୀ ପାଞ୍ଚରୁ ପନ୍ଦର ଜଣ ପର୍ଯ୍ୟନ୍ତ ଛାତ୍ର ଗ୍ରହଣ କରୁଥିଲେ ଏବଂ ସେମାନଙ୍କୁ ସ୍ୱଗୃହରେ ରଖାଇ ଶିକ୍ଷା ପ୍ରଦାନ କରୁଥିଲେ । ବିଭିନ୍ନ ବିଦ୍ୟାରେ ବ୍ୟୁତ୍ପତ୍ତି ଲାଭ କରିବା ପାଇଁ ବିଦ୍ୟାର୍ଥୀମାନଙ୍କୁ ଅନେକ ସମୟରେ ଏକାଧିକ ବିଶେଷଜ୍ଞ ପଣ୍ଡିତଙ୍କର ଶିଷ୍ୟତ୍ୱ ଗ୍ରହଣ କରିବାକୁ ପଡୁଥିଲା ।

**ମିଥିଳା**—ମିଥିଳାର ସାଂସ୍କୃତିକ ପରମ୍ପରା ବହୁ ପ୍ରାଚୀନ । ଉପନିଷଦ୍ ଯୁଗରେ ରାଜା ଜନକଙ୍କ ଶାସନ କାଳରେ ଏହା ବ୍ରାହ୍ମଣୀୟ ଶିକ୍ଷା ଓ ସଂସ୍କୃତିର ସର୍ବପ୍ରଧାନ କେନ୍ଦ୍ର ଥିଲା । ଭାରତର ନାନାଞ୍ଚଳରୁ ବ୍ରହ୍ମବିଦ୍ୟା ଓ ଶାସ୍ତ୍ରାର୍ଥ ଅଧ୍ୟୟନ ନିମିତ୍ତ ବିଦ୍ୟାନ୍ୱେଷୀ ପଣ୍ଡିତ ଓ ଛାତ୍ରଗଣ ବିଦେହ ( ମିଥିଳା ) ରାଜଧାନୀରେ ସମବେତ ହେଉଥିଲେ । ରାମାୟଣ, ମହାଭାରତ ତଥା ବୌଦ୍ଧ ଯୁଗରେ ମଧ୍ୟ ମିଥିଳା ତାର ପୂର୍ବ ଖ୍ୟାତି ଅକ୍ଷୁଣ୍ଣ ରଖିଥିଲା । ଭାଗ୍ୟର ନାନା ବିପର୍ଯ୍ୟୟ ପରେ ଦ୍ୱାଦଶ ଶତାବ୍ଦୀରେ ମିଥିଳା ତାର ସାଂସ୍କୃତିକ ଖ୍ୟାତି ଫେରି ପାଇଲା ଏବଂ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ପୂର୍ବ ଭାରତର ସର୍ବ-ପ୍ରଧାନ ଶିକ୍ଷା କେନ୍ଦ୍ରରୂପେ ତିଷ୍ଠି ରହିଲା । ଗୀତା, ଦେବୀ ମାହାତ୍ମ୍ୟ, ମେଘଦୂତ, ଗୀତଗୋବିନ୍ଦ, ମାଳତୀମାଧବ ପ୍ରଭୃତି ଗ୍ରନ୍ଥର ଭାଷ୍ୟ ରଚୟିତା ବିଖ୍ୟାତ ପଣ୍ଡିତ ଜଗଦ୍ଧର, ପଦାବଳୀ ରଚୟିତା ରାଜକବି ବିଦ୍ୟାପତି, ନବ୍ୟନ୍ୟାୟର ପ୍ରତିଷ୍ଠାତା ଗଙ୍ଗେଶ ଉପାଧ୍ୟାୟଙ୍କ ଯୋଗେ ମିଥିଳା ସଂସ୍କୃତ ସାହିତ୍ୟର ଇତିହାସରେ ଚିରସ୍ମରଣୀୟ ହୋଇ ରହିବ । ସାହିତ୍ୟ ଏବଂ ଲଳିତ କଳା ବ୍ୟତୀତ ଏଠାରେ ବିବିଧ ବୈଜ୍ଞାନିକ ବିଷୟର ଚର୍ଚ୍ଚା ମଧ୍ୟ ହେଉଥିଲା । ବିଶେଷତଃ ନ୍ୟାୟ ଶାସ୍ତ୍ର ଚର୍ଚ୍ଚାର କେନ୍ଦ୍ରରୂପେ ମିଥିଳା ନାଳନ୍ଦା

ସଦୃଶ ସମଗ୍ର ଭାରତରେ ବିପୁଳ ପ୍ରତିଷ୍ଠା ଅର୍ଜନ କରିଥିଲା । ଭାରତର ନାନା ଅଞ୍ଚଳରୁ ଏଠାକାର ପଣ୍ଡିତମାନଙ୍କ ନିକଟରେ ଅଧ୍ୟୟନ କରିବା ପାଇଁ ବିଦ୍ୟାର୍ଥୀଗଣ ଆସୁଥିଲେ । ଉଚ୍ଚ ଶିକ୍ଷା ସମାପ୍ତି ପରେ ଶଲାକାନିର୍ଣ୍ଣୟ ନାମକ ଏକ ପରୀକ୍ଷା ହେଉଥିଲା । ଯେଉଁମାନେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିଲେ ସେମାନଙ୍କୁ ବିବିଧ ଉପାଧିଦ୍ୱାରା ଭୂଷିତ କରାଯାଉଥିଲା ।

**ନଦିଆ**—ମୁସଲମାନ ଆକ୍ରମଣ ଫଳରେ ବୌଦ୍ଧବିଦ୍ୟାପୀଠ ସମୂହର ପତନ ପରେ ଯେ କେତୋଟି ହିନ୍ଦୁ ଶିକ୍ଷାକେନ୍ଦ୍ର ଗଢ଼ିଉଠି ଭାରତର ସଂସ୍କୃତି ଓ ସଂସ୍କୃତର ଚର୍ଚ୍ଚାକୁ ବଞ୍ଚାଇ ରଖାଇବାରେ ସାହାଯ୍ୟ କରିଥିଲେ ସେମାନଙ୍କ ମଧ୍ୟରେ ନଦିଆ ବା ନବଦ୍ୱୀପ ଅନ୍ୟତମ । ମିଥିଳାର ପ୍ରତିଦ୍ୱନ୍ଦୀ ଶିକ୍ଷାନୁଷ୍ଠାନ ରୂପେ ଏହା ସାରା ଭାରତରେ ଖ୍ୟାତି ଲାଭ କରିଥିଲା । ପଞ୍ଜାବ, କାନ୍ୟକୁବ୍ଜ ଓ ତାମିଲନାଡ଼ୁ ପ୍ରଭୃତି ଭାରତର ସର୍ବାଞ୍ଚଳରୁ ବିଦ୍ୟୋତ୍ସାହୀ ଛାତ୍ରଗଣ ଏଠାକୁ ଅଧ୍ୟୟନ ପାଇଁ ଆସୁଥିଲେ । ନବ୍ୟନ୍ୟାୟର ଚର୍ଚ୍ଚା ପାଇଁ ନଦିଆ ପ୍ରସିଦ୍ଧି ଲାଭ କରିଥିଲେ ହେଁ ସ୍ମୃତି, କାବ୍ୟ, ଅଳଙ୍କାର, ବ୍ୟାକରଣ, ଜ୍ୟୋତିଷବିଦ୍ୟା ଓ ତନ୍ତ୍ରାଦି ଶିକ୍ଷାଦାନର ବ୍ୟବସ୍ଥା ମଧ୍ୟ ଏଠାରେ ଥିଲା । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ନଦିଆରେ ତିରିଶଟି ଟୋଲ ଥିଲା ଏବଂ ସେଥିରେ ଆଠଶହ ଛାତ୍ର ଥିଲେ । ନଦିଆର ଭାରତବିଖ୍ୟାତ ପଣ୍ଡିତମାନଙ୍କ ମଧ୍ୟରେ ବାସୁଦେବ ସାର୍ବଭୌମ, ରଘୁନାଥ ଶିରୋମଣି, ରଘୁନନ୍ଦନ ସ୍ମାର୍ତ୍ତ ଭଟ୍ଟାଚାର୍ଯ୍ୟ, କୃଷ୍ଣାନନ୍ଦ ଆଗମବାଗୀଶଙ୍କ ନାମ ସଂସ୍କୃତ ସାହିତ୍ୟର ଇତିହାସରେ ଉଜ୍ଜ୍ୱଳାକ୍ଷରରେ ଲିପିବଦ୍ଧ ହୋଇ ରହିବ । ତର୍କ-ବିତର୍କ ଏଠାକାର ଶିକ୍ଷାଦାନ ପ୍ରଣାଳୀର ପ୍ରଧାନ ବିଶେଷତ୍ୱ ଥିଲା ।

ଉତ୍ତର ଭାରତର ବୌଦ୍ଧ ବିହାରମାନଙ୍କ ସଦୃଶ ନବମ ଓ ଦଶମ ଶତାବ୍ଦୀରେ ଦକ୍ଷିଣ ଭାରତର ବହୁ ମଠ ଓ ମନ୍ଦିର ମଧ୍ୟ ହିନ୍ଦୁଧର୍ମ ଶିକ୍ଷା ଓ ସଂସ୍କୃତର କେନ୍ଦ୍ର ରୂପେ ବିକଶିତ ହୋଇଥିଲା । ଏହି ମଠ ଓ ମନ୍ଦିରଗୁଡ଼ିକରେ ବିନା ବେତନରେ ଶିକ୍ଷାଦାନ ବ୍ୟତୀତ ଭୋଜନ ଏବଂ ଚିକିତ୍ସାର ବନ୍ଦୋବସ୍ତ ଥିଲା । ଦକ୍ଷିଣ ଭାରତର ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ବିଜାପୁର ଜିଲ୍ଲା ଅନ୍ତର୍ଗତ ସାଲଟୋଗିର ମହାବିଦ୍ୟାଳୟ, ଆର୍କଟ ଜିଲ୍ଲା ଅନ୍ତର୍ଗତ

ଏନାଶିରୟମ ମହାବିଦ୍ୟାଳୟ ଏବଂ ତାଞ୍ଜୋର, ଚିଙ୍ଗଲପୁଟ, ଚିତଲଦୁର୍ଗ, ଶିକାରପୁର ଏବଂ ଗୁଣ୍ଟୁର ଜିଲ୍ଲାସ୍ଥିତ ମହାବିଦ୍ୟାଳୟମାନ ପ୍ରସିଦ୍ଧ । ସାଲ୍‌ଟୋଗି ମହାବିଦ୍ୟାଳୟରେ ୨୭ଟି ଛାତ୍ରାବାସ ଥିଲା । ଏକାଦଶ ଶତାବ୍ଦୀରେ ମାଳବର ରାଜା ଭୋଜ ନିଜ ରାଜଧାନୀ ଧାରାସ୍ଥିତ ବାଗ୍‌ଦେବୀ ପ୍ରାଙ୍ଗଣରେ ଏକ କଲେଜ ସ୍ଥାପନ କରିଥିଲେ ।

ମଠ ଓ ମନ୍ଦିରସ୍ଥିତ ଶିକ୍ଷାନୁଷ୍ଠାନମାନଙ୍କ ବ୍ୟତୀତ ମହାରାଷ୍ଟ୍ରର ଅଗ୍ରହାର ଗ୍ରାମ ଏବଂ ଉତ୍କଳର ବ୍ରାହ୍ମଣଶାସନଗୁଡ଼ିକ ବ୍ରାହ୍ମଣୀୟ ଶିକ୍ଷା ଓ ସଂସ୍କୃତିର କେନ୍ଦ୍ର ଥିଲା । ଏହି ଗ୍ରାମ ବା ଶାସନଗୁଡ଼ିକରେ ଧାର୍ମିକ ବ୍ରାହ୍ମଣ ପଣ୍ଡିତଗଣ ଧର୍ମ ଓ ଶାସ୍ତ୍ର ଚର୍ଚ୍ଚାରେ ଆତ୍ମନିୟୋଗ କରି ହିନ୍ଦୁ ସଭ୍ୟତା ଓ ସଂସ୍କୃତିର ପ୍ରସାରରେ ବିଶେଷ ସହାୟତା କରୁଥିଲେ । ପୁରୀ ମୁକ୍ତିମଣ୍ଡପ ସଭାର ନାମ ଏ ପ୍ରସଙ୍ଗରେ ବିଶେଷ ଉଲ୍ଲେଖଯୋଗ୍ୟ । ଏହି ସଭା ସଂସ୍କୃତିଚର୍ଚ୍ଚାର କେନ୍ଦ୍ର-ରୂପେ ସମଗ୍ର ଭାରତରେ ପ୍ରତିଷ୍ଠା ଅର୍ଜନ କରିଥିଲା । ଭାରତର ବିଭିନ୍ନ ଅଞ୍ଚଳରୁ ଦିଗ୍‌ବିଜୟୀ ପଣ୍ଡିତଗଣ ସ୍ୱ ବିଦ୍ୟାବତ୍ତାର ପରିଚୟ ଓ ପରୀକ୍ଷା ଦେବାପାଇଁ ଏଠାରେ ସମବେତ ହେଉଥିଲେ । ସଂସ୍କୃତ ଅଥବା ଆଞ୍ଚଳିକ ପ୍ରାକୃତ ଭାଷାରେ ରଚିତ କୌଣସି ପୁସ୍ତକ ଏହି ସଭାର ସମର୍ଥନ ବିନା ଜନସମାଜରେ ଆଦୃତ ହୋଇ ପାରୁନଥିଲା । ଭାରତର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଏହିପରି ସଭାମାନ ଥିଲା । ଦକ୍ଷିଣ ଭାରତର ଏହି ସଭାମାନ ବ୍ରହ୍ମପୁରୀ ଏବଂ ଘଟିକା ନାମରେ ପରିଚିତ ।

# ପ୍ରାଚୀନ ଭାରତୀୟ ଶିକ୍ଷାଦର୍ଶ

[ ୪ ]

**ଉପକ୍ରମ**—ସକଳ ବ୍ୟକ୍ତିଗତ ତଥା ଜାତୀୟ ଉନ୍ନତିର ମୂଳରେ ଶିକ୍ଷା । ଶିକ୍ଷା ରାଷ୍ଟ୍ରୀୟ ସଭ୍ୟତା ଓ ସଂସ୍କୃତିର ସ୍ୱଚ୍ଛଦର୍ପଣ । ଶିକ୍ଷା ବିନା ମନୁଷ୍ୟ ଯଥାର୍ଥରେ ପଶୁପଦବାଚ୍ୟ । ପ୍ରାଚୀନ ଭାରତର ଆର୍ଯ୍ୟ ଋଷିଗଣ ଜାତୀୟ ଜୀବନର ବିକାଶରେ ଶିକ୍ଷାର ଉପାଦେୟତା ଉତ୍ତମରୂପେ ହୃଦୟଙ୍ଗମ କରିଥିଲେ ଏବଂ ଦେଶର ପ୍ରତ୍ୟେକ ନାଗରିକ ପାଇଁ ଶିକ୍ଷାର ବ୍ୟବସ୍ଥା କରିଥିଲେ । ଅବଶ୍ୟ ପଞ୍ଚମ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦେଶରେ କୌଣସି ସୁସଂଗଠିତ ଶିକ୍ଷାନୁଷ୍ଠାନ ନ ଥିଲା । କିନ୍ତୁ ଉପନୟନଯୋଗ୍ୟ ବୟସରେ ଛାତ୍ରମାନେ ଗୁରୁଗୃହକୁ ଯାଉଥିଲେ ଏବଂ ପ୍ରାୟ ପଚିଶ ବର୍ଷ ପର୍ଯ୍ୟନ୍ତ ସେଠାରେ ରହି ବିଦ୍ୟାଶିକ୍ଷା କରୁଥିଲେ । ହିନ୍ଦୁ ବ୍ୟବସ୍ଥାପକଗଣ ଦେଶର ସମାଜ ବ୍ୟବସ୍ଥାରେ ଏପରି ଗୋଟିଏ ଶ୍ରେଣୀ ସୃଷ୍ଟି କରିଥିଲେ ଯେଉଁମାନେ କି ସାଂସାରିକ ସୁଖସ୍ୱାଚ୍ଛନ୍ଦ୍ୟ ଭୁଲି, ଐହିକ ଭୋଗ ବିଳାସରେ ଜଳାଞ୍ଜଳି ଦେଇ ଅଧ୍ୟୟନ ଏବଂ ଅଧ୍ୟାପନାକୁ ଜୀବନର ଶ୍ରେଷ୍ଠ କର୍ତ୍ତବ୍ୟରୂପେ ବରଣ କରି ନେଇଥିଲେ । ଧନୀ ଦରିଦ୍ର ନିର୍ବିଶେଷରେ ବିଦ୍ୟା-ଭିଳାଷୀ ଯେ କେହି ଛାତ୍ର ଗୁରୁଦ୍ୱାରରେ ଉପସ୍ଥିତ ହେଲେ ଗୁରୁ ତାହାଙ୍କୁ ଅକୁଣ୍ଠିତ ଚିତ୍ତରେ ବିଦ୍ୟା ଦାନ କରୁଥିଲେ । ଫଳରେ ପ୍ରାସାଦବିହାରୀ ରାଜକୁମାରଠାରୁ କୁଟୀରବାସୀ ଦରିଦ୍ରତମ ପ୍ରଜା ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଛାତ୍ରଙ୍କ ପାଇଁ ଶିକ୍ଷାର ଦ୍ୱାର ଉନ୍ମୁକ୍ତ ଥିଲା । ସ୍ୱେଚ୍ଛାପ୍ରଣୋଦିତ ଉଦ୍ୟମ ଉପରେ ପ୍ରତିଷ୍ଠିତ ଏ ଯେଉଁ ଶିକ୍ଷା ବ୍ୟବସ୍ଥା ପ୍ରାଚୀନ ଭାରତରେ ଗଢ଼ି ଉଠି-ଥିଲା ପୃଥିବୀର ଇତିହାସରେ ତାର ପଟାନ୍ତର ନାହିଁ ।

ହିନ୍ଦୁର ପାରିବାରିକ ଜୀବନରେ ସ୍ୱାଧ୍ୟାୟ ଏବଂ ଋଷିତର୍ପଣ ଶ୍ରେଷ୍ଠ କର୍ତ୍ତବ୍ୟରୂପେ ବିବେଚିତ ହେଉଥିଲା ଏବଂ ଗୃହସ୍ଥର ଅବଶ୍ୟ ପାଳନୀୟ ପଞ୍ଚ ମହାଯଜ୍ଞ ମଧ୍ୟରେ ଏ ଦୁଇଟିକୁ ସ୍ଥାନ ଦିଆଯାଇଥିଲା । ମହର୍ଷି ଶ୍ୱେତକେତୁ

ନିୟମ କରି ଦେଇଥିଲେ ଯେ ପ୍ରତ୍ୟେକ ଗୃହସ୍ଥ ଅବସର କେତେକାଂଶ ନିଶ୍ଚୟ ଶାସ୍ତ୍ରାଧ୍ୟୟନରେ ବ୍ୟୟ କରିବେ ଏବଂ ବର୍ଷରେ ଅନ୍ତତଃ ଦୁଇମାସ ଗୁରୁଗୃହରେ ରହି ବିଦ୍ୟାଭ୍ୟାସ କରିବେ । ଏହି ବ୍ୟବସ୍ଥା ବାସ୍ତବ କର୍ମକ୍ଷେତ୍ରରେ କେତେ ଦୂର କାର୍ଯ୍ୟକାରୀ ହେଉଥିଲା ତାହା ଅବଶ୍ୟ ସଠିକ ଭାବରେ କହିବା ସମ୍ଭବପର ନୁହେଁ; କିନ୍ତୁ ପ୍ରାଚୀନ ଭାରତର ଆଚାର୍ଯ୍ୟଗଣ ଦେଶବାସୀମାନଙ୍କର ଶିକ୍ଷା ପ୍ରତି କିପରି ଯତ୍ନବାନ ଥିଲେ ତାହା ଏଥିରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ।

୧ **ଉଦ୍ଦେଶ୍ୟ**—ଆଧ୍ୟାତ୍ମିକ ମୁକ୍ତି ସଙ୍ଗେ ସାଂସାରିକ ସ୍ୱଚ୍ଛନ୍ଦତା ଥିଲା ଶିକ୍ଷାର ପ୍ରଧାନ ଉଦ୍ଦେଶ୍ୟ । "ବିଦ୍ୟାତୁ ବୈଦୁଷ୍ୟମୁପାର୍ଜୟନ୍ତୀ ଜାଗର୍ତି ଲୋକ ଦ୍ୱୟ ସାଧନାୟ" । ହିନ୍ଦୁ ଦାର୍ଶନିକମାନଙ୍କ ମତରେ ମନୁଷ୍ୟ ଜୀବନର ପ୍ରଧାନତଃ ଚାରିଗୋଟି ଲକ୍ଷ୍ୟ; ଯଥା—ଧର୍ମ, ଅର୍ଥ, କାମ ଓ ମୋକ୍ଷ । ଏହି ଚାରିଗୋଟି ଲକ୍ଷ୍ୟ ମଧ୍ୟରେ କେହି କାହାଠାରୁ ନ୍ୟୂନ ନୁହନ୍ତି; ବରଂ ପ୍ରତ୍ୟେକଟିର ପରିପୂର୍ଣ୍ଣ ବିକାଶରେ ମନୁଷ୍ୟ ଜୀବନର ସାର୍ଥକତା । ବଂଶରକ୍ଷା ପାଇଁ କାମ ଯେପରି ସେବ୍ୟ, ସମାଜ ସଂରକ୍ଷଣ ପାଇଁ ସେହିପରି ପାଳନୀୟ । ଏଥିରୁ କୌଣସିଟିକି ଉପେକ୍ଷା କରାଯାଇ ନ ପାରେ । ଶିକ୍ଷକଙ୍କର କାର୍ଯ୍ୟ ଏ ପ୍ରତ୍ୟେକଟିର ବିକାଶରେ ସହାୟତା ପ୍ରଦାନ କରିବା । ପ୍ରାଚୀନ ଭାରତର ମନୀଷୀଗଣ ସେଥିପାଇଁ ଦେଶର ଶିକ୍ଷା ପଦ୍ଧତିକୁ ଅତ୍ୟନ୍ତ ବ୍ୟାପକ କରି ଗଢ଼ିଥିଲେ ଏବଂ ଜୀବନର ପ୍ରତ୍ୟେକ ବିଭାବ ସହିତ ଏହାକୁ ସଂବନ୍ଧିତ କରିଥିଲେ । ବେଦବେଦାନ୍ତଠାରୁ ଯୌନ ବିଜ୍ଞାନ ଓ ନୃତ୍ୟକଳା ପର୍ଯ୍ୟନ୍ତ କୌଣସି ବାଦ୍ ପଡ଼ୁନଥିଲା । ସ୍ଥୂଳତଃ ମାନବ ଜୀବନର ସର୍ବାଙ୍ଗୀନ ବିକାଶ ଅର୍ଥାତ୍ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ, ଶିକ୍ଷାର ଚରମ ଲକ୍ଷ୍ୟ ଥିଲା । ଯଦ୍ୟପି ପ୍ରାଚୀନ ଭାରତୀୟ ଶିକ୍ଷା ଧର୍ମ-ପ୍ରଧାନ ଥିଲା ତଥାପି ସାଂସାରିକ ବିଷୟସମୂହର ଚର୍ଚ୍ଚା ପ୍ରତି ଏଥିରେ ଅବହେଳା ପ୍ରଦର୍ଶିତ ହେଉନଥିଲା । ସମଗ୍ର ଅଥର୍ବବେଦ ନାନା ବୈଷୟିକ ଶିକ୍ଷାର ଅକ୍ଷୟ ଭଣ୍ଡାର । ସଂକ୍ଷେପରେ ଚରିତ୍ର ନିର୍ମାଣ, ବ୍ୟକ୍ତିତ୍ୱର ବିକାଶ, ଧାର୍ମିକ ତଥା ସାମାଜିକ କର୍ତ୍ତବ୍ୟ ସମୂହର ସୁଚାରୁ ସମ୍ପାଦନ, ରାଷ୍ଟ୍ରୀୟ ସଂସ୍କୃତିର ସୁରକ୍ଷା ପ୍ରାଚୀନ ଭାରତୀୟ

ଶିକ୍ଷାର ଉଦ୍ଦେଶ୍ୟ ଥିଲା । ଏହି ଉଦ୍ଦେଶ୍ୟ ସାଧନରେ ସେ ଶିକ୍ଷା କେତେଦୂର ସଫଳ ହୋଇଥିଲା ତାହା ପରେ ଆଲୋଚନା କରାଯାଉଅଛି ।

**ଶିକ୍ଷା ସିଦ୍ଧାନ୍ତ**—ପ୍ରାଚୀନ ଭାରତୀୟ ଶିକ୍ଷାବିତ୍‌ମାନଙ୍କର ଶିକ୍ଷା ସିଦ୍ଧାନ୍ତ ସମ୍ବନ୍ଧରେ କୌଣସି ଧାରାବାହିକ ଲିପିବଦ୍ଧ ବିବରଣୀ ନାହିଁ । ତା'ର ଗୋଟିଏ ପ୍ରଧାନ କାରଣ, ପ୍ରାଚୀନ ଭାରତରେ ଦେଶର ଶିକ୍ଷାପଦ୍ଧତି ଉପରେ କୌଣସି ପ୍ରକାର ରାଷ୍ଟ୍ରୀୟ ନିୟନ୍ତ୍ରଣ ନ ଥିଲା । ଶିକ୍ଷା ପରିଚାଳନା ଓ ସଂଗଠନର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ଶିକ୍ଷକମାନଙ୍କର ବ୍ୟକ୍ତିଗତ ଉଦ୍ୟମ ଓ ପ୍ରଚେଷ୍ଟା ଉପରେ ଛାଡ଼ି ଦିଆଯାଇଥିଲା । ହେଲେହେଁ ସଂସ୍କୃତ ସାହିତ୍ୟର ପୃଷ୍ଠାମାନଙ୍କରେ ଇତସ୍ତତଃ ବିକ୍ଷିପ୍ତ ଉପାଦାନ ସମୂହରୁ ପ୍ରାଚୀନ ଭାରତୀୟ ଶିକ୍ଷାଦର୍ଶ ସମ୍ବନ୍ଧରେ ବହୁ ମୂଲ୍ୟବାନ ତଥ୍ୟର ଆଭାସ ମିଳିଥାଏ ।

୧ । ଶିଶୁର ଅନ୍ତର୍ନିହିତ ଶକ୍ତି ନିଚୟର ବିକାଶ ହିଁ ଶିକ୍ଷା । ଏହି ଶକ୍ତି ସ୍ୱଭାବଦତ୍ତ । ଏଥିରେ ବୃଦ୍ଧି ବା ହ୍ରାସ ଘଟାଇବା ଶିକ୍ଷକଙ୍କ ହାତରେ ନାହିଁ । ତାଙ୍କର କାର୍ଯ୍ୟ ହେଲା, କେବଳ ଏହି ଶକ୍ତିସମୂହର ସର୍ବାଙ୍ଗୀନ ବିକାଶରେ ସହାୟତା ପ୍ରଦାନ କରିବା । ବୀଜସ୍ଥିତ କ୍ଷୁଦ୍ର ବୃକ୍ଷାଙ୍କୁରଟି ଯେପରି ଉଦ୍ୟାନପାଳର ଯତ୍ନ ଲାଭକରି ବିକଶିତ ହୁଏ, ଶିଶୁଠାରେ ଅନ୍ତର୍ନିହିତ ଜ୍ଞାନାଙ୍କୁର ସେହିପରି ଗୁରୁଙ୍କର ଉପଯୁକ୍ତ ପରିଚାଳନା ଓ ସହାୟତାଦ୍ୱାରା ବିକଶିତ ହୋଇ ଯଥା ସମୟରେ ଫଳବତୀ ହୁଏ । ✻

୨ । ଶିକ୍ଷା ଏକ ଜୀବନବ୍ୟାପୀ ସାଧନା । ଜନ୍ମଠାରୁ ମୃତ୍ୟୁ, ଗର୍ଭାଧାନଠାରୁ ଚିତାରୋହଣ ପର୍ଯ୍ୟନ୍ତ ମନୁଷ୍ୟ ଜୀବନରେ ଶିକ୍ଷାର ବିରାମ ନାହିଁ । ଅବଶ୍ୟ ବୟସ ଓ ଅବସ୍ଥା ଭେଦରେ ଶିକ୍ଷାର ବିଭିନ୍ନ ସ୍ତର ଅଛି । ସ୍ତର-ଭେଦରେ ଶିକ୍ଷାର ପ୍ରକାର ଓ ପଦ୍ଧତିରେ ମଧ୍ୟ ବୈଶିଷ୍ଟ୍ୟ ଅଛି; କିନ୍ତୁ ଶିକ୍ଷା

---

✻ ବିତରତି ଗୁରୁପ୍ରାଜ୍ଞେ ବିଦ୍ୟାଂ ଯଥୈବ ତଥା ଜଡ଼େ
ନଚଖଲୁ ତୟୋର୍ଜ୍ଞାନେ ଚ ଶକ୍ତିଂ କରୋତ୍ୟପହନ୍ତି ବା
ଭବତି ଚ ପୁନର୍ଭୂୟାନ ଭେଦଃ ଫଲଂପ୍ରତି ତଦ୍‌ଯଥା
ପ୍ରଭବତି ମଣି ବିମ୍ବୋଦ୍‌ଗ୍ରାହେ ନ ଚୂନଃ ମୃଦାଞ୍ଚୟଃ ।

ଯେ ଜୀବନ କାଳସ୍ଥାୟୀ ଏକ ଅବିଚ୍ଛିନ୍ନ ପ୍ରବାହ ଏଥିରେ ମତଦ୍ୱୈଧ ନାହିଁ । ପ୍ରାଚୀନ ଭାରତର ଆର୍ଯ୍ୟଋଷିଗଣ ଏକଥା ଉତ୍ତମରୂପେ ହୃଦୟଙ୍ଗମ କରିଥିଲେ ଏବଂ ମନୁଷ୍ୟ ଜୀବନକୁ ବ୍ରହ୍ମଚର୍ଯ୍ୟ ଗାର୍ହସ୍ଥ୍ୟାଦି ଚାରିଗୋଟି ଆଶ୍ରମରେ ବିଭକ୍ତକରି ପ୍ରତ୍ୟେକ ଆଶ୍ରମରେ ଆଶ୍ରମାନୁକୂଳ ଶିକ୍ଷାର ବ୍ୟବସ୍ଥା କରିଥିଲେ ।

୩ । ଆମର ଏହି ପୃଥିବୀ କୋଟି କୋଟି ଲୋକଙ୍କର ଆବାସସ୍ଥଳ; କିନ୍ତୁ ଏହି କୋଟି କୋଟି ଲୋକଙ୍କ ଭିତରେ କୌଣସି ଜଣକ ସହିତ ଅନ୍ୟ ଜଣକର ପୂର୍ଣ୍ଣ ସାମଞ୍ଜସ୍ୟ ନାହିଁ । କଥାରେ ଅଛି, ମଣିଷ ଗୋଟିକେ ପ୍ରକୃତି ଗୋଟିଏ । ରୁଚି, ଗୁଣ, ଶକ୍ତି, ସ୍ୱଭାବ ଭେଦରେ ପ୍ରତ୍ୟେକ ଲୋକଠାରେ କୌଣସି ନା କୌଣସି ସ୍ୱାତନ୍ତ୍ର୍ୟ ଅଛି । ତେଣୁ ଏହି ଅସଂଖ୍ୟ ସ୍ୱାତନ୍ତ୍ର୍ୟଯୁକ୍ତ ବ୍ୟକ୍ତିତ୍ୱ ସମୂହର ପୂର୍ଣ୍ଣାଙ୍ଗ ବିକାଶ ଏକପ୍ରକାର ଶିକ୍ଷାଦ୍ୱାରା ଯେ ସମ୍ଭବପର ହୋଇପାରିବ ତାହା କଦାପି ଆଶା କରାଯାଇନପାରେ । ନିରଙ୍କୁଶ ସମାନତା ହୁଏତ ରାଜନୀତି ଅଥବା ଅର୍ଥନୀତି କ୍ଷେତ୍ରରେ ସମ୍ଭବ; କିନ୍ତୁ ଶିକ୍ଷା କ୍ଷେତ୍ରରେ ନୁହେଁ । ପ୍ରତ୍ୟେକ ଲୋକର ରୁଚି, ଦୃଷ୍ଟିଭଙ୍ଗୀ, ସାମାଜିକ ବେଷ୍ଟନୀ ଏବଂ ମାନସିକ ବିକାଶ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖି ଶିକ୍ଷାର ମାର୍ଗ ସ୍ଥିର ନ କଲେ ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ଯେ ଘୋର ବାଧା ପ୍ରାପ୍ତ ହେବ ଏଥିରେ ସନ୍ଦେହ ନାହିଁ । ଉଦାହରଣସ୍ୱରୂପ, ଯେଉଁ ଛାତ୍ର ଗଣିତର ମୂଳସୂତ୍ରମାନ ଆୟତ୍ତ କରିନାହିଁ ତାହାକୁ ପରିମିତିର କଠିନ ସୂତ୍ର ଧରାଇଦେଲେ ତାହାର ଉନ୍ନତି ନ ହୋଇ ଅବନତି ଘଟିବା ସୁନିଶ୍ଚିତ । ସେହିପରି ଯେଉଁ ବ୍ୟକ୍ତି ଜ୍ଞାନୀ, ପଣ୍ଡିତ ଓ ବିଚକ୍ଷଣ ତାଙ୍କପାଇଁ ଜ୍ଞାନମାର୍ଗ ପ୍ରଶସ୍ତ ବିବେଚିତ ହୋଇପାରେ; କିନ୍ତୁ ସାଧାରଣ ଲୋକମାନଙ୍କ ପାଇଁ କର୍ମ ବା ଭକ୍ତିମାର୍ଗ ଯେ ମୁକ୍ତିର ପ୍ରକୃଷ୍ଟ ପନ୍ଥା ଏଥିରେ ଦ୍ୱିମତ ହୋଇ ନ ପାରେ । ସଂସ୍କୃତ ଭାଷାରେ ଏହାକୁ ଅଧିକାର ଭେଦ କୁହାଯାଏ । ଅର୍ଥାତ୍ ରୁଚି, ଗୁଣ, ସ୍ୱଭାବ, ପ୍ରାକ୍ତନ, ସଂସ୍କାର ଓ ପରିବେଷ୍ଟନୀ ଦୃଷ୍ଟିରୁ ଯାହାର ଯେଉଁଥିରେ ଅଧିକାର (aptitude ବା fitness) ଅଛି, ସେ ତାହାହିଁ ଶିକ୍ଷା କରୁ । ଏହା ତାହାର ସ୍ୱଧର୍ମ । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଅଛନ୍ତି, 'ସ୍ୱଧର୍ମ ଅନୁସରଣ କରୁ କରୁ ମୃତ୍ୟୁ ବରଣ କରିନେବା ପଛକେ ଶ୍ରେୟସ୍କର । ଆପାତ ରମଣୀୟ ଭୟାବହ

ପରଧର୍ମ ପଛରେ ଦୌଡ଼ିବା ଉଚିତ ନୁହେଁ ।' ପ୍ରାଚୀନ ଭାରତରେ ଉଚ୍ଚ-ଶିକ୍ଷା ଏହି ନୀତି ଉପରେ ପ୍ରତିଷ୍ଠିତ ଥିଲା ।

(୪) ପ୍ରାଚୀନ ଭାରତର ଶିକ୍ଷାବିତ୍‌ଗଣ ବୁଝିଥିଲେ ଯେ ସାକ୍ଷରତା ଏବଂ ଶିକ୍ଷା ଦୁଇଟି ସମାନ ବସ୍ତୁ ନୁହେଁ । ସାକ୍ଷରତା ଶିକ୍ଷାର ଏକ ସାଧନ ଏବଂ ସାକ୍ଷରତାରେ ଶିକ୍ଷାର ଆରମ୍ଭ; କିନ୍ତୁ ଏହା ଶିକ୍ଷାର ଶେଷ ସୀମା ନୁହେଁ । ଚରମ ସତ୍ୟର ଉପଲବ୍ଧି ବା ଆତ୍ମଜ୍ଞାନ ହିଁ ପ୍ରକୃତ ଶିକ୍ଷା । କେବଳ ପୁସ୍ତକୀୟ ଜ୍ଞାନରେ କୌଣସି ମୂଲ୍ୟ ନାହିଁ । ସେଥିପାଇଁ ପ୍ରାଚୀନ ଭାରତର ଆଚାର୍ଯ୍ୟଗଣ ଶ୍ରବଣ ସଙ୍ଗେ ମନନ ଏବଂ ନିଦିଧ୍ୟାସନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରୁଥିଲେ । ଥରେ ମହର୍ଷି ନାରଦ ସନତ୍‌କୁମାରଙ୍କୁ ଆସି କହିଲେ—"ହେ ସନତ୍ କୁମାର ! ମୁଁ ଅଖିଳ ବ୍ରହ୍ମାଣ୍ଡର ଗ୍ରନ୍ଥରାଶି ଅଧ୍ୟୟନ କରି ମନ୍ତ୍ରବିତ୍ ହୋଇଅଛି; କିନ୍ତୁ ଆତ୍ମବିତ୍ ହୋଇ ପାରିନାହିଁ । ଆତ୍ମଜ୍ଞାନ ବିନା ମୋର ଚିତ୍ତ ନିରନ୍ତର ବ୍ୟାକୁଳ ହେଉଅଛି । ଅନୁଗ୍ରହ କରି ମୋର ସନ୍ଦେହ ମୋଚନ କରନ୍ତୁ ।" ସନତ୍‌କୁମାର ନାରଦଙ୍କୁ ଲକ୍ଷ୍ୟ କରି କହିଲେ, "ହେ ନାରଦ ! ତୁମେ ଯେ ସମସ୍ତ ଶାସ୍ତ୍ର ଅଧ୍ୟୟନ କରିଅଛ ବୋଲି କହୁଅଛ ସେ ସମସ୍ତ କେବଳ ଶୂନ୍ୟଗର୍ଭ ଶବ୍ଦ, ଫମ୍ପା ଆବାଜ; ମାତ୍ର ଶବ୍ଦର ଅନ୍ତରାଳରେ ଯେଉଁ ମହାନ୍ ସତ୍ୟ ନିହିତ ତାହା ତୁମେ ଦେଖିପାରି ଦେଖିନାହଁ । ତେଣୁ ତୁମେ ମନ୍ତ୍ରବିତ୍ ହୋଇ ମଧ୍ୟ ଆତ୍ମବିତ୍ ହୋଇ ପାରିନାହଁ । ସନତ୍‌କୁମାରଙ୍କର ଏ ଉକ୍ତି ଆମ ଦେଶର ପୁସ୍ତକ-ସର୍ବସ୍ୱ ଶିକ୍ଷା ପ୍ରତି କେତେଦୂର ପ୍ରଯୁଜ୍ୟ ତାହା ପାଠକ ସ୍ଥିର କରନ୍ତୁ ।

(୫) ଆଧୁନିକ ଭାରତୀୟ ଶିକ୍ଷା ପଦ୍ଧତିର ଏକ ପ୍ରଧାନ ତ୍ରୁଟି ହେଉଛି, ଏହା ସମ୍ପୂର୍ଣ୍ଣ ଭାବରେ ପୁସ୍ତକୀୟ ଜ୍ଞାନ ଉପରେ ପ୍ରତିଷ୍ଠିତ । ବାସ୍ତବ ଜୀବନ ସଙ୍ଗେ ଏହାର କୌଣସି ପ୍ରତ୍ୟକ୍ଷ ସମ୍ବନ୍ଧ ନାହିଁ । ଜୀବନର ଜଟିଳ ସମସ୍ୟା-ଗୁଡ଼ିକର ସମାଧାନ ପାଇଁ ଏଥିରେ ପ୍ରୟାସ ନାହିଁ । ଅଧୀତ ବିଦ୍ୟା ଅଭ୍ୟାସ ଓ ଆଚରଣରେ ଫୁଟି ଉଠୁନାହିଁ । ଶାସ୍ତ୍ରଜ୍ଞାନ ଜୀବନରୂପୀ କଳାରେ ଅଭିବ୍ୟକ୍ତ ହେଉନାହିଁ । କିନ୍ତୁ ପ୍ରାଚୀନ ଭାରତର ବିଦ୍ୟାପୀଠମାନଙ୍କରେ ଅଧ୍ୟୟନ ସଙ୍ଗେ ଆଚରଣ, ସୈଦ୍ଧାନ୍ତିକ ଜ୍ଞାନ ସଙ୍ଗେ ଜୀବନ-ରୂପ ପ୍ରୟୋଗଶାଳାରେ

ତାହାର ବ୍ୟବହାର ଉପରେ ବିଶେଷ ଦୃଷ୍ଟି ଦିଆଯାଉଥିଲା । ସେଥିପାଇଁ ଶିକ୍ଷାର ନାମ ରଖାଯାଇଥିଲା ବ୍ରହ୍ମଚର୍ଯ୍ୟ; ଅର୍ଥାତ୍ ଯାହା କେବଳ ପଠନ ବା ଆବୃତ୍ତିର ବିଷୟ ନୁହେଁ, ଅଭ୍ୟାସ ଓ ଆଚରଣର ବିଷୟ । ପ୍ରାଚୀନ ଭାରତର ସମଗ୍ର ଶିକ୍ଷା ସଙ୍ଗଠନ ଏହି ନୀତି ଉପରେ ପ୍ରତିଷ୍ଠିତ ଥିଲା । ସ୍ଥୂଳତଃ ପରିପୂର୍ଣ୍ଣ ଜୀବନ ପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତ କରିବା ଥିଲା ଶିକ୍ଷାର ମୂଳ ଉଦ୍ଦେଶ୍ୟ ।

(୬) ଶ୍ରମ ସଙ୍ଗେ ଜ୍ଞାନର ସମ୍ବନ୍ଧ ଅତି ନିବିଡ଼ । ଶ୍ରମରେ ଜ୍ଞାନର ପ୍ରୟୋଗ ଓ ପରଖ ହୁଏ । ଏଥିରୁ ପୁଣି ନୂତନ ଜ୍ଞାନର ସୃଷ୍ଟି ପାଇଁ ପ୍ରେରଣା ମିଳେ । ଜ୍ଞାନଦ୍ୱାରା ଶ୍ରମ ମାର୍ଜିତ ଓ ବିକଶିତ ହୁଏ । ଶ୍ରମ ବା ଆଚରଣ ବିନା ଜ୍ଞାନ ନିରର୍ଥକ । ଜ୍ଞାନ ବିନା ଶ୍ରମ ସଙ୍କୁଚିତ ହୋଇଯାଏ । ମଣିଷ କାମ କରିବାର ଗୋଟିଏ ଯନ୍ତ୍ର ପାଲଟି ଯାଏ । ଉଭୟର ସୁମଧୁର ସମନ୍ୱୟରେ ହିଁ ପ୍ରକୃତ ଶିକ୍ଷା ।

ପ୍ରାଚୀନ ଭାରତର ଶିକ୍ଷାଦର୍ଶ ଏହି ମୂଳତତ୍ତ୍ୱ ଉପରେ ପ୍ରତିଷ୍ଠିତ ଥିଲା । ଏହାର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ରାଜର୍ଷି ଜନକ, ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନ ବୃତ୍ତାନ୍ତ ଓ କୁରୁକ୍ଷେତ୍ରର ରଣାଙ୍ଗନରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାର ନିଗୂଢ଼ ଅଧ୍ୟାତ୍ମ ତତ୍ତ୍ୱ ବୁଝାଇଥିଲେ । ତହିଁ ସଙ୍ଗେ ପୁଣି ତାଙ୍କ ରଥର ଘୋଡ଼ାକୁ ବି ଅଡ଼ାଉ ଥିଲେ ।

ପ୍ରାଚୀନ ଭାରତର ଆଚାର୍ଯ୍ୟଗଣ ଉଚ୍ଚ ଅଧ୍ୟାତ୍ମଜ୍ଞାନ ପ୍ରଦାନ କରିବା ପୂର୍ବରୁ ଗୋପାଳନ, କୃଷି ଏବଂ ଦକ୍ଷକର୍ମ ଇତ୍ୟାଦି ବିବିଧ ଶରୀରଶ୍ରମମୂଳକ ଉଦ୍ୟୋଗ ଜରିଆରେ ଛାତ୍ରର ଚିତ୍ତବୃତ୍ତି, କର୍ମନିଷ୍ଠା ଏବଂ ଚରିତ୍ରବଳ ପରୀକ୍ଷା କରୁଥିଲେ ଏବଂ ତାହାକୁ ଉପଯୁକ୍ତ ମନେ କଲେ ଉଚ୍ଚଶିକ୍ଷା ପ୍ରଦାନ କରୁଥିଲେ । ଅନେକ ସମୟରେ ଏଥିପାଇଁ ଛାତ୍ରମାନଙ୍କୁ ଦୀର୍ଘକାଳ ପର୍ଯ୍ୟନ୍ତ ଗୁରୁଗୃହରେ ରହି କଠିନ ଶରୀରଶ୍ରମ ଅଭ୍ୟାସ କରିବାକୁ ପଡ଼ୁଥିଲା । ଛାନ୍ଦୋଗ୍ୟ ଉପନିଷଦ୍‌ରେ ବର୍ଣ୍ଣିତ ଅଛି ଯେ, ସତ୍ୟକାମ ଜାବାଳଙ୍କୁ ମଧ୍ୟ ଗୁରୁଙ୍କର ଗୋ-ସେବା କାର୍ଯ୍ୟ କରିବାକୁ ପଡ଼ୁଥିଲା । ତାହାଙ୍କ ତତ୍ତ୍ୱାବଧାନରେ ଗୁରୁଙ୍କର ୪୦୦ ଗାଈ ବୃଦ୍ଧିପ୍ରାପ୍ତ ହୋଇ ୧୦୦୦ରେ ପରିଣତ

ହୋଇଥିଲେ । ଉପାକୋଶଲ କାମଲାୟନ ଦୀର୍ଘ ୧୨ ବର୍ଷ କାଳ ଗୁରୁଗୃହରେ ରହି ଅଗ୍ନି ସେବା କରିବା ପରେ ମଧ୍ୟ ଗୁରୁ ତାହାଙ୍କୁ ଉଚ୍ଚ ଅଧ୍ୟାତ୍ମବିଦ୍ୟା ପାଇଁ ଉପଯୁକ୍ତ ନ ମଣି ତପସ୍ୟା ପାଇଁ ବାହାର ଗୃହକୁ ଯାଇଥିଲେ । ଏହିପରି ଭାବରେ ପ୍ରାଚୀନ ଭାରତରେ ଉଚ୍ଚ ଶିକ୍ଷା ସଙ୍ଗେ କଠିନ ଶାରୀରିକ ଶ୍ରମର ସଂଯୋଗ ଦେଖିବାକୁ ମିଳେ । ଆଜି କର୍ମ ମାଧ୍ୟମରେ ଶିକ୍ଷା (learning by doing ବା project method)କୁ ମାର୍କିନ ମନୀଷୀର-ଶିକ୍ଷା-ଜଗତକୁ ସର୍ବଶ୍ରେଷ୍ଠ ଦାନରୂପେ ଅଭିହିତ କରାଯାଇଛି । କିନ୍ତୁ ସହସ୍ର ସହସ୍ର ବର୍ଷ ପୂର୍ବରୁ ଆମ ଦେଶର ଆର୍ଯ୍ୟ ଋଷିଗଣ ଏହାକୁ ଶିକ୍ଷାର ମୂଳଭିତ୍ତିରୂପେ ଗ୍ରହଣ କରିଥିଲେ ।

(୭) ଆଧୁନିକ ଶିକ୍ଷାବିତ୍‌ମାନଙ୍କ ମତରେ ନାଗରିକତା ଓ ସାମାଜିକତା ଶିକ୍ଷା କୌଣସି ଶିକ୍ଷାପଦ୍ଧତିର ଏକ ପ୍ରଧାନ ଲକ୍ଷ୍ୟ । ଏହା ବିନା ଶିକ୍ଷା ଅସମ୍ପୂର୍ଣ୍ଣ । ସେମାନଙ୍କର ଏହି ମତବାଦ ପଛରେ ଯେ ବଳିଷ୍ଠ ଯୁକ୍ତି ରହିଅଛି ଏଥିରେ ସନ୍ଦେହ ନାହିଁ । ଆମେ ସମସ୍ତେ ସାମାଜିକ ଜୀବ । ଆମର ଦେହ, ମନ ଓ ପ୍ରାଣ ସମାଜର ଦାନରେ ପରିପୁଷ୍ଟ । ଆମର ସୁଖ, ସ୍ୱାଚ୍ଛନ୍ଦ୍ୟ, ଖ୍ୟାତି, ପ୍ରତିପତ୍ତି, ଉନ୍ନତି ଓ ଅବନତି ମୂଳରେ ସେହି ସମାଜ । ସମାଜର ଯେଉଁ ସଞ୍ଚିତ ପୁଞ୍ଜି ଖର୍ଚ୍ଚ କରି ଆମେ ମଣିଷ ହୋଇଛୁ ସେହି ଋଣକୁ ଆମକୁ ମୂଳ ଓ କଳାନ୍ତରସହ ପରିଶୋଧ କରିବାକୁ ହେବ । ତା ନୋହିଲେ ସମାଜ ତିଷ୍ଠି ପାରିବ ନାହିଁ । ଜାତି ଦେବାଳିଆ ହୋଇଯିବ । ପ୍ରାଚୀନ ଭାରତର ଆର୍ଯ୍ୟ ଋଷିଗଣ ସେଥିପାଇଁ ଦେଶର ଶିକ୍ଷାବ୍ୟବସ୍ଥାରେ ନାଗରିକତା ଶିକ୍ଷାକୁ ଉଚ୍ଚ ସ୍ଥାନ ଦେଇଥିଲେ । ଛାତ୍ର ଜୀବନର ପ୍ରାରମ୍ଭରୁ ବିଦ୍ୟାର୍ଥୀଗଣ ସାମାଜିକ ଶିକ୍ଷାରେ ତାଲିମ ପ୍ରାପ୍ତ ହେଉଥିଲେ । ଗୁରୁକୁଳର କଠିନ ଶୃଙ୍ଖଳାମୟ ଜୀବନ ଏବଂ ପାରିବାରିକ ବାତାବରଣ ଏଥିପାଇଁ ଅନୁକୂଳ ଥିଲା । ସମାବର୍ତ୍ତନ କାଳରେ ଗୁରୁ ତାହାଙ୍କ ଦୀକ୍ଷାନ୍ତ ଭାଷଣରେ ଛାତ୍ରମାନଙ୍କର ସାମାଜିକ ଦାୟିତ୍ୱ ଉପରେ ବିଶେଷ ଜୋର ଦେଉଥିଲେ । ଆୟୁର୍ବେଦ ତଥା ଧନୁର୍ବେଦ ଛାତ୍ରମାନଙ୍କୁ ଜୀବନ ବିନିମୟରେ ଅତ୍ୟାଚାରିତ ଓ ପୀଡ଼ିତ ମାନବର ସେବା କରିବା ପାଇଁ କୁହାଯାଉଥିଲା । ସମାଜ ସେବାର କଳ୍ପନାରୁ ପୁଣି ବାହାରି ଥିଲା, ହିନ୍ଦୁ

ଗୃହସ୍ଥ ଜୀବନରେ ପଞ୍ଚ ମହାଯଜ୍ଞର କଳ୍ପନା । ସେଗୁଡିକ ଯଥାକ୍ରମେ— ଦେବଯଜ୍ଞ, ଋଷିଯଜ୍ଞ, ପିତୃଯଜ୍ଞ, ଭୂତଯଜ୍ଞ, ନୃଯଜ୍ଞ । ଏଠାରେ ସମାଜସେବା କେବଳ ନିଜର ପ୍ରତିବେଶୀଠାରେ ସୀମାବଦ୍ଧ ନୁହେଁ, ସାରା ଜୀବନ ସୃଷ୍ଟି ପ୍ରତି ଅଭିପ୍ରେତ । ସାମାଜିକତା ଓ ନାଗରିକତାର ଏହି ଉଦାର କଳ୍ପନା ଆଜି କାହିଁ ? ଆଧୁନିକ ଯୁଗରେ ହୁଏତ ସାମାଜିକତା ଓ ନାଗରିକତା ଶିକ୍ଷା ବିଦ୍ୟାଳୟର ପାଠ୍ୟ ନିର୍ଘଣ୍ଟର ଅନ୍ତର୍ଭୁକ୍ତ ହୋଇଅଛି; କିନ୍ତୁ ପ୍ରାଚୀନ ଭାରତର ଆର୍ଯ୍ୟ ଋଷିଗଣ ତାହାକୁ ଦୈନନ୍ଦିନ ଜୀବନର ଅଙ୍ଗୀଭୂତ କରିଥିଲେ ।

ହେଲେହେଁ ଭାରତ ଯୁଗେ ଯୁଗେ ବ୍ୟକ୍ତିଗତ ସ୍ୱାଧୀନତାକୁ ସର୍ବଶ୍ରେଷ୍ଠ ସମ୍ମାନ ଦେଇ ଆସିଛି । ଭାରତୀୟ ସଭ୍ୟତା, ସଂସ୍କୃତି, ପରମ୍ପରା, ଧର୍ମ, ସାହିତ୍ୟ, ଇତିହାସ, ସମାଜସଂଗଠନ ସର୍ବତ୍ର ଏହାର ସ୍ପଷ୍ଟ ସଙ୍କେତ ବିଦ୍ୟମାନ । ସେଥିପାଇଁ ପ୍ରାଚୀନ ସ୍ପାର୍ଟା, ଆଧୁନିକ ଯୁଗର ଫାସିଷ୍ଟ ଇଟାଲି, ନାତ୍‌ସି ଜର୍ମାନି, ସୋଭିଏଟ ଋଷ ଅଥବା କମ୍ୟୁନିଷ୍ଟ ଚୀନ ଇତ୍ୟାଦି ସମଷ୍ଟିବାଦୀ ଦେଶମାନଙ୍କ ସଦୃଶ ରାଷ୍ଟ୍ରଦେବତାର ସ୍ୱାର୍ଥ ଯଜ୍ଞରେ ବ୍ୟକ୍ତିଗତ ସ୍ୱାଧୀନତାକୁ ଆହୁତି ଦେବାର ପ୍ରୟାସ ଭାରତରେ କେବେ ହୋଇନାହିଁ । ଏପ୍ରକାର ରୀତି ଯେଉଁ ଦର୍ଶନ ଉପରେ ପ୍ରତିଷ୍ଠିତ ତଦନୁଯାୟୀ ରାଷ୍ଟ୍ରୀୟ ସାର୍ବଭୌମତ୍ୱ ନିକଟରେ ବ୍ୟକ୍ତିତ୍ୱର କୌଣସି ମୂଲ୍ୟ ନାହିଁ । ବ୍ୟକ୍ତିର ଇଚ୍ଛା, କଳ୍ପନା, ଚିନ୍ତା, ଧର୍ମ, କର୍ମ-ସମସ୍ତ ରାଷ୍ଟ୍ରର ମଙ୍ଗଳ ବିଧାନ ପାଇଁ ଉତ୍ସର୍ଗୀକୃତ । ଏ ସବୁ ଦେଶରେ ରାଷ୍ଟ୍ରୀୟ ବିଗ୍ରହଧାରାକୁ ବ୍ୟକ୍ତିର ମନ ଉପରେ ଜବରଦସ୍ତି ଲଦିଦିଆହୋଇଥାଏ । କାରିଗର ଗୋଟିଏ ମାଟି ପିଣ୍ଡୁଳାକୁ ହାତରେ ଧରି ଆପଣାର ବାଞ୍ଛିତରୂପ ପ୍ରଦାନ କଲାପରି ଏହି ଦେଶମାନଙ୍କରେ ବ୍ୟକ୍ତିର ମାନସନିର୍ମାଣ ରାଷ୍ଟ୍ରୀୟ ଶିକ୍ଷା ପଦ୍ଧତିଦ୍ୱାରା ନିୟନ୍ତ୍ରିତ ହୁଏ ।

କିନ୍ତୁ ପ୍ରାଚୀନ ଭାରତୀୟ ଶିକ୍ଷାପଦ୍ଧତି ବ୍ୟକ୍ତିଗତ ସ୍ୱାଧୀନତା ଉପରେ ପ୍ରତିଷ୍ଠିତ ଥିଲା । ବ୍ୟକ୍ତିର ସର୍ବାଙ୍ଗୀନ ଓ ସର୍ବୋଚ୍ଚ ବିକାଶଥିଲା—ଏହାର ଚରମ ଲକ୍ଷ୍ୟ । ବ୍ୟକ୍ତିଥିଲା—ଏହି ଶିକ୍ଷା ପଦ୍ଧତିର ମଧ୍ୟବିନ୍ଦୁ । ବ୍ୟକ୍ତିତ୍ୱର

ଗୌରବରକ୍ଷା ପ୍ରାଚୀନ ଭାରତରେ ଏକ ପବିତ୍ର କର୍ତ୍ତବ୍ୟରୂପେ ବିବେଚିତ ହେଉଥିଲା । ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନାନା ଉପଦେଶ ଦେଇ ସାରିବା ପରେ କହୁଛନ୍ତି "ଯଥେଚ୍ଛସି ତଥା କୁରୁ" । ଆପଣାର ଇଚ୍ଛାନୁରୂପେ କାର୍ଯ୍ୟକର । ସେ ନିଜର ବିଗ୍ଭରକୁ ଆପଣାର ବାଧ୍ୟଶିଷ୍ୟ, ପ୍ରିୟବନ୍ଧୁ ଅର୍ଜୁନଙ୍କ ଉପରେ ଲଦି ଦେଇ ନାହାନ୍ତି । ସେ କହୁଛନ୍ତି "ମୁଁ ନିଜେ ସତ୍ୟକୁ ଯେପରି ଭାବରେ ଦେଖିଅଛି ଠିକ୍ ସେହିପରି ଭାବରେ ତୁମ ଆଗରେ ରଖି ଦେଇଅଛି । ମୋର ନିଜର ଦୃଷ୍ଟିଭଙ୍ଗୀକୁ ତୁମ ମନ ଉପରେ ଚପାଇଦେବା ମୋର କାର୍ଯ୍ୟ ନୁହେଁ । ଏଣିକି ତୁମେ ତୁମର ଅନ୍ତରର ଆଲୋକରେ ସତ୍ୟର ସନ୍ଧାନ କରି କର୍ତ୍ତବ୍ୟ ପନ୍ଥା ନିରୂପଣ କର ।" ଏହାହିଁ ହେଉଛି ପ୍ରକୃତ ଭାରତୀୟ ପରମ୍ପରା, ଭାରତୀୟ ଶିକ୍ଷା ଏହି ଆଦର୍ଶ ଉପରେ ପ୍ରତିଷ୍ଠିତ ଥିଲା । ❋

(୮) କେହି କେହି ଆକ୍ଷେପ କରିବାର ଶୁଣାଯାଏ ଯେ ଜାତୀୟତା ଏବଂ ଦେଶାତ୍ମବୋଧ ପ୍ରାଚୀନ ଭାରତୀୟ ଶିକ୍ଷାର ଅନ୍ତର୍ଭୁକ୍ତ ନ ଥିଲା । ସେମାନଙ୍କର ଏ ଉକ୍ତି କେତେକ ପରିମାଣରେ ସତ୍ୟ । ଜାତୀୟତା ବା ଦେଶାତ୍ମବୋଧ ବୋଇଲେ ପ୍ରଚଳିତ ଅର୍ଥରେ କୌଣସି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଅଧିବାସୀମାନଙ୍କ ପ୍ରତି ଅନୁରକ୍ତି ବୁଝାଏ । କିନ୍ତୁ ପ୍ରାଚୀନ ଭାରତର ଆର୍ଯ୍ୟଗଣ ଜାତୀୟତାର ଏପରି ଏକ ସଙ୍କୀର୍ଣ୍ଣ ଗଣ୍ଡି ମଧ୍ୟରେ ଆପଣାକୁ ବାନ୍ଧି ରଖିବାକୁ ଗ୍ଭହିଁ ନ ଥିଲେ । ଦେଶକୁ ଏକ ଭୌଗୋଳିକ ଅଥବା ରାଜନୈତିକ ଏକକ (unit) ରୂପେ ଦେଖିବାରେ ସେମାନେ ଅଭ୍ୟସ୍ତ ନ ଥିଲେ । ସେମାନଙ୍କ ନିକଟରେ ଦେଶ ଥିଲା ଏକ ସୁମହତ ସଂସ୍କୃତି, ଏକ ସ୍ୱତନ୍ତ୍ର ପରମ୍ପରା, ଜୀବନଯାପନର ଏକ ସୁନିର୍ଦ୍ଦିଷ୍ଟ ଆଦର୍ଶର ପ୍ରତୀକ । କେବଳ ଭାରତୀୟତା ନୁହେଁ, ସମଗ୍ର ମାନବତାର ବିକାଶ ଥିଲା—ସେମାନଙ୍କର ଲକ୍ଷ୍ୟ । 'ବସୁଧୈବ କୁଟୁମ୍ବକ' ଥିଲା ସେମାନଙ୍କ ଜୀବନର ମୂଳମନ୍ତ୍ର । ବିଶ୍ୱ ମାନବତାର ସ୍ୱପ୍ନରେ ସେମାନେ ବିଭୋର ହେଉଥିଲେ ଏବଂ ଅଖିଳ ବିଶ୍ୱର

❋ କାଙ୍ଗ୍ରି ଗୁରୁକୁଳର ସମାବର୍ତ୍ତନ ଉତ୍ସବରେ ଡାକ୍ତର ରାଧାକୃଷ୍ଣଙ୍କ ଦୀକ୍ଷାନ୍ତ ଭାଷଣ ।

ଜୀବମାନଙ୍କର କଲ୍ୟାଣ ସାଧନକୁ ସେମାନେ ଜୀବନର ପରମ ବ୍ରତ ରୂପେ ଗ୍ରହଣ କରି ନେଇଥିଲେ । ଆଧୁନିକ ଜାତୀୟତା (nationalism) ବିଦେଶରୁ ଆମ ଦେଶକୁ ଆମଦାନି ହୋଇଅଛି । ଏହି ତଥାକଥିତ ଜାତୀୟତାର ବିଷମ ପରିଣତିରେ ଏକାନ୍ତ ବିବ୍ରତ ହୋଇ ବିଶ୍ୱର ଭାବୁକସମାଜ ଆଜି ବିଶ୍ୱରାଷ୍ଟ୍ର ଏବଂ ବିଶ୍ୱ ନାଗରିକତାର କଳ୍ପନା କରୁଅଛନ୍ତି । ❊

(୯) ପ୍ରାଚୀନ ଭାରତୀୟ ଶିକ୍ଷାର ଅନ୍ତିମ ଲକ୍ଷ୍ୟ ଥିଲା ଆତ୍ମଲାଭ ବା ମୁକ୍ତି । ଭାଗବତକାର ଜଗନ୍ନାଥ ଦାସ ଠାଏ କହିଛନ୍ତି, "ସଂସାରେ ଯେତେ ନଦୀ ନଦୀ । ସମସ୍ତେ ମିଳନ୍ତି ଜଳଧି ।" ମନୁଷ୍ୟ ଜୀବନରେ ସକଳ ଲକ୍ଷ୍ୟ, ଆଦର୍ଶ ଓ ସାର୍ଥକତାର ସଙ୍ଗମସ୍ଥଳ ଏହିଠାରେ । ଏହାର ପ୍ରାପ୍ତିରେ ମନୁଷ୍ୟ ଜୀବନରେ ଅଲବ୍ଧ ଓ ଅପ୍ରାପ୍ତ ହୋଇ କିଛି ରହେ ନାହିଁ । ଛାନ୍ଦୋଗ୍ୟ ଉପନିଷଦ୍‌ରେ ବର୍ଣ୍ଣିତ ଅଛି ଯେ ଶ୍ୱେତକେତୁ ଗୁରୁଗୃହରେ ୧୨ ବର୍ଷ କାଳ ଅଧ୍ୟୟନ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ । କଥାବାର୍ତ୍ତାରେ ତାଙ୍କର ସଫଳତାର ଗର୍ବ, ପ୍ରତି ଅଙ୍ଗଭଙ୍ଗୀରେ ଜ୍ଞାନର ଅହମିକା ଫୁଟି ଉଠୁଛି । ପିତା ଉଦ୍ଦାଳକ ଆରୁଣୀ ପୁତ୍ରର ଭାବଭଙ୍ଗୀ ଲକ୍ଷ୍ୟ କରି ପଚାରିଲେ, "ବତ୍ସ ! ଯାହାର ଦର୍ଶନରେ ଅଦୃଷ୍ଟ ହୋଇ କିଛି ରହେ ନାହିଁ, ଯାହାର ଜ୍ଞାନରେ ଅଜ୍ଞାତ ହୋଇ କିଛି ରହେ ନାହିଁ, ଯାହାର ଶ୍ରବଣରେ ଅଖିଳ ବ୍ରହ୍ମାଣ୍ଡ ଜ୍ଞାନରାଶି ଶ୍ରୁତିଗୋଚର ହୁଏ, ସେହି ଅପୂର୍ବ ବସ୍ତୁଟି କଣ ?" ଶ୍ୱେତକେତୁଙ୍କର ମସ୍ତକ ଲଜ୍ଜାରେ ଅବନତ ହେଲା । ଉତ୍ତରଦାନରେ ଅସମର୍ଥ ହୋଇ ସେ ନୀରବ ରହିଲେ । ତତ୍ପରେ ଉଦ୍ଦାଳକ ଆରୁଣୀ ଶ୍ୱେତକେତୁଙ୍କୁ ସକଳ ଜ୍ଞାନର ମୂଳାଧାର ପବିତ୍ର ବ୍ରହ୍ମଜ୍ଞାନ ଶିକ୍ଷା ଦେଇଥିଲେ ।

ସୁତରାଂ ଶିକ୍ଷାର ମୂଳ ଉଦ୍ଦେଶ୍ୟ ମୁକ୍ତି ବା ଆତ୍ମାର ସ୍ୱାଧୀନତା । ଶାସ୍ତ୍ରରେ ଅଛି "ସା ବିଦ୍ୟା ଯା ବିମୁକ୍ତୟେ" । ସେହି ହେଉଛି ପ୍ରକୃତ ବିଦ୍ୟା ଯାହା ମନୁଷ୍ୟକୁ ମୁକ୍ତିର ସନ୍ଧାନ ଦିଏ । ମୁକ୍ତି କହିଲେ କେବଳ

---

❊ Education ବା social order—Bertand Russel.

ଆଧ୍ୟାତ୍ମିକ ମୁକ୍ତି ନୁହେଁ । ଏକ ବୃହତ୍ତର ବୃତ୍ତ ଭିତରେ ଯେପରି ଅସଂଖ୍ୟ କ୍ଷୁଦ୍ରତର ବୃତ୍ତ ବିଦ୍ୟମାନ, ସେହିପରି ଆଧ୍ୟାତ୍ମିକ ମୁକ୍ତି ବା ଆତ୍ମାର ସ୍ୱାଧୀନତା ସଙ୍ଗେ ଅନ୍ୟାନ୍ୟ ଅନେକ ପ୍ରକାର ସ୍ୱାଧୀନତା ଆସି ଯାଉଛି । ଆଳସ୍ୟ, ଭୟ, ଜଡ଼ତା, ଅନ୍ତର ତଥା ବାହ୍ୟ ସକଳ ପ୍ରକାର ପରାଧୀନତାରୁ ମୁକ୍ତି ଏଥିରେ ନିହିତ । କେତେକଙ୍କର ଧାରଣା ଆଧ୍ୟାତ୍ମିକ ସ୍ୱାଧୀନତାରେ କୌଣସି ପ୍ରକାର ମାନବୀୟ ଭାବନା ଅଥବା ଭୌତିକ ସୁଖ ସମୃଦ୍ଧିର ସ୍ଥାନ ନାହିଁ; କିନ୍ତୁ ଏହା ଠିକ୍ ନୁହେଁ । ଅମୃତ କଣ ? ପ୍ରଶ୍ନର ଉତ୍ତରରେ ଜଣେ ଋଷି କହୁ ଅଛନ୍ତି—

"ପ୍ରାଣାନାଂ ଆରାମଃ
ମନସଃ ଆନନ୍ଦଃ
ଶାନ୍ତି ସମୃଦ୍ଧିଃ"

ଅର୍ଥାତ୍ ଦେହର ଆରାମ, ମନର ଆନନ୍ଦ ଏବଂ ଆତ୍ମାର ଶାନ୍ତି ହିଁ ପ୍ରକୃତ ଅମୃତତ୍ୱ । *

(୧୦) ପ୍ରାଚୀନ ଭାରତୀୟ ଶିକ୍ଷା ମନୋବୈଜ୍ଞାନିକ ସିଦ୍ଧାନ୍ତ ଉପରେ ପ୍ରତିଷ୍ଠିତ ଥିଲା । ଶାରୀରିକ ଦଣ୍ଡ ଏକ ଅପରାଧ ରୂପେ ପରିଗଣିତ ହେଉଥିଲା । ଆପସ୍ତମ୍ଭ, ଗୌତମ ଏବଂ ବିଷ୍ଣୁଶର୍ମା ପ୍ରଭୃତି ସ୍ମୃତିକାରଗଣ ବିଦ୍ୟାଳୟରେ ଶାରୀରିକ ଦଣ୍ଡର ସମ୍ପୂର୍ଣ୍ଣ ବିରୋଧୀ ଥିଲେ । ଯାଜ୍ଞବଲ୍କ୍ୟ ଏବଂ ମନୁ ନିହାତି ଗୁରୁତର ଅପରାଧରେ ସାମାନ୍ୟ ଦଣ୍ଡର ବ୍ୟବସ୍ଥା ଦେଇଅଛନ୍ତି । ଗୌତମଙ୍କ ମତରେ କୌଣସି ଶିକ୍ଷକ ଶିଷ୍ୟକୁ କଠିନ ଶାରୀରିକ ଦଣ୍ଡ ପ୍ରଦାନ କଲେ, ଦେଶର ସାଧାରଣ ବିଚାରାଳୟରେ ତାଙ୍କର ବିଚାର ହେବା ଉଚିତ । ଗୁରୁକୁଳର କଠୋର ଶୃଙ୍ଖଳା ଏବଂ ସରଳ ଅନାଡ଼ମ୍ବର ଜୀବନ ପ୍ରାରମ୍ଭ ଯୌବନୋଚିତ ସହଜ ପ୍ରବୃତ୍ତି ସମୂହର ନିୟମନରେ ବିଶେଷ ସହାୟତା କରୁଥିଲା ।

---

* ଗୁରୁକୁଳରେ ଡାକ୍ତର ରାଧାକୃଷ୍ଣଙ୍କର ଦୀକ୍ଷାନ୍ତ ଭାଷଣ ।

(୧୧) ପ୍ରାଚୀନ ଭାରତର ଶିକ୍ଷାପ୍ରଣାଳୀ ବ୍ୟକ୍ତିଗତ ସମ୍ପର୍କ ଉପରେ ପ୍ରତିଷ୍ଠିତ ଥିଲା । ବିଦ୍ୟାଳୟ ବା ଗୁରୁକୁଳମାନଙ୍କର ଛାତ୍ରସଂଖ୍ୟା ଅତ୍ୟନ୍ତ ଅଳ୍ପ ଥିଲା । ପ୍ରତ୍ୟେକ ଛାତ୍ରର ଶକ୍ତି, ସାମର୍ଥ୍ୟ, ଅଭାବ ଅସୁବିଧା ଭଲ ଭାବରେ ବୁଝି ଗୁରୁ ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର ଭାବରେ ଶିକ୍ଷା ଦେଉଥିଲେ । ଏହା ଫଳରେ ବିଦ୍ୟାଳୟର ମେଧାବୀ ଛାତ୍ରଗଣ ଶୀଘ୍ର ଆଗକୁ ବଢ଼ିବାର ସୁଯୋଗ ପାଉଥିଲେ ଏବଂ ଅପେକ୍ଷାକୃତ ସ୍ଥୂଳ ବୁଦ୍ଧି ସଂପନ୍ନ ଛାତ୍ରମାନଙ୍କୁ ଠେଙ୍ଗୁଆ ପଛରେ କଇଁଅ ଦଉଡ଼ିବା ପରି ମେଧାବୀ ଛାତ୍ରମାନଙ୍କ ପଛରେ ଦୌଡ଼ି ବୃଥା ଶ୍ରମ ଓ ସମୟର ଅପଚୟ କରିବାକୁ ପଡ଼ୁ ନ ଥିଲା ।

କହିବା ବାହୁଲ୍ୟ ଯେ ଶିକ୍ଷାଦାନର ଏହି ପ୍ରଣାଳୀ ଶିକ୍ଷାତତ୍ତ୍ୱ ତଥା ମନସ୍ତତ୍ତ୍ୱ ଦୃଷ୍ଟିରୁ ସର୍ବୋତ୍ତମ ଅଟେ । ଆଧୁନିକ ଯୁଗର ଶ୍ରେଣୀଗତ ଅଧ୍ୟାପନାରେ ଜଣେ ଶିକ୍ଷକ ଶତାଧିକ ଛାତ୍ରଙ୍କୁ ଏକତ୍ର ଭାଷଣ ଦିଅନ୍ତି । କିଏ ବୁଝିଲା, କିଏ ନ ବୁଝିଲା ଜାଣିବା ପାଇଁ ଶିକ୍ଷକଙ୍କୁ ଅବସର ନ ଥାଏ । ସମସ୍ତଙ୍କୁ ଚହ୍ନିବାର ସୁଯୋଗ ମଧ୍ୟ ଶିକ୍ଷକ ପାଆନ୍ତି ନାହିଁ । ଯୌଥ ଉତ୍ପାଦନ ପ୍ରଣାଳୀ ଶିଳ୍ପ ବା ଅର୍ଥନୈତିକ କ୍ଷେତ୍ରରେ ଉପଯୁକ୍ତ ବିବେଚିତ ହୋଇପାରେ; କିନ୍ତୁ ଶିକ୍ଷା କ୍ଷେତ୍ରରେ ତାର ସ୍ଥାନ ନାହିଁ । ବିଭିନ୍ନ ରୋଗ ଭୋଗ କରୁଥିବା ଅନେକଗୁଡ଼ିଏ ରୋଗୀଙ୍କର ଯୌଥ ଚିକିତ୍ସା ଯେପରି ଅସମ୍ଭବ, ବିଭିନ୍ନ ବ୍ୟକ୍ତିତ୍ୱସଂପନ୍ନ ଅନେକଗୁଡ଼ିଏ ଛାତ୍ରଙ୍କର ଯୌଥ ଅଧ୍ୟାପନା ସେହିପରି ଅସମ୍ଭବ । ମନସ୍ତାତ୍ତ୍ୱିକ ଗବେଷଣା ଫଳରେ ଆଜି ଏକଥା ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇ ଯାଇଛି ଯେ ବୁଦ୍ଧିର ବିକାଶ, ଅନୁଭୂତିର ତୀବ୍ରତା, କର୍ମପଦ୍ଧତି ପ୍ରଭୃତି ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ବ୍ୟକ୍ତିଠାରୁ ସ୍ୱତନ୍ତ୍ର । ପରିବେଶ ପ୍ରଭାବରୁ ମଧ୍ୟ ଜଣକର କର୍ମଦକ୍ଷତା ଓ ଗ୍ରାହିକାଶକ୍ତି ସହିତ ଅନ୍ୟ ଜଣକର ସାମଞ୍ଜସ୍ୟ ନାହିଁ । ଏହିସବୁ କାରଣରୁ ଶିକ୍ଷାଦାନର ବ୍ୟକ୍ତିଗତ ପଦ୍ଧତି ଯେ ସର୍ବଶ୍ରେଷ୍ଠ ଏଥିରେ ସନ୍ଦେହ ନାହିଁ ।

(୧୨) ପ୍ରାଚୀନ ଭାରତୀୟ ଶିକ୍ଷାର ସର୍ବଶ୍ରେଷ୍ଠ ବିଶେଷତା ହେଉଛି, ତାହାର ଗୁରୁଶିଷ୍ୟ ସମ୍ବନ୍ଧ । ସେ ସମ୍ବନ୍ଧ ଥିଲା ଏକ ଗଭୀର ଆଧ୍ୟାତ୍ମିକ ସମ୍ବନ୍ଧ । ଦିଆନିଆ, ଟଙ୍କା ପଇସାର ମଳିନ ସମ୍ପର୍କ ସେଥିରେ ନ ଥିଲା ।

ଆନ୍ତରିକ ବିନୟ, ପ୍ରେମ ଓ ଶ୍ରଦ୍ଧାର ମୂଳଦୂଆ ଉପରେ ହୋଇଥିଲା, ତାହାର ପ୍ରାଣପ୍ରତିଷ୍ଠା । ପ୍ରବେଶ ପତ୍ର, ପ୍ରମାଣ ପତ୍ର ଏବଂ ଆଇନକାନୁନର ଏ ଯୁଗରେ ତାହାର କଳ୍ପନା କରିବା କଦାପି ସମ୍ଭବପର ନୁହେଁ । ପ୍ରମାଣ ପତ୍ର ପରିବର୍ତ୍ତିରେ ସେହି ଯୁଗର ଛାତ୍ର ହାତରେ ସମିଧ ଧାରଣ କରି ଗୁରୁ ସମୀପରେ ଉପସ୍ଥିତ ହେଉଥିଲା । ଏହାର ଅର୍ଥ ସେ ଗୁରୁ ସେବାପାଇଁ ପ୍ରସ୍ତୁତ । ଗୁରୁ ମଧ୍ୟ ବିଦ୍ୟାର୍ଥୀକୁ ପୁତ୍ରପରି ସ୍ନେହ କରୁଥିଲେ ଏବଂ ନିର୍ମଳ ହୃଦୟରେ ସମସ୍ତ ବିଦ୍ୟା ପ୍ରଦାନ କରୁଥିଲେ । ଗୁରୁସେବା ଏକ ପବିତ୍ର ଅଧିକାର ସ୍ୱରୂପ ବିବେଚିତ ହେଉଥିଲା । ଦରିଦ୍ର ଛାତ୍ରମାନଙ୍କୁ ଛାଡ଼ିଦେଲେ ବହୁ ଧନୀ, ଅଭିଜାତ ପରିବାରର ଛାତ୍ର ମଧ୍ୟ ଗୋଚାରଣ, କୃଷି ଓ ଭିକ୍ଷା ଇତ୍ୟାଦି କାର୍ଯ୍ୟ ଦ୍ୱାରା ଗୁରୁ ସେବା କରୁଥିଲେ । ସ୍ଥୂଳତଃ ଗୁରୁସେବା ଆଧ୍ୟାତ୍ମିକ ଉନ୍ନତିର ଏକ ପବିତ୍ର ଓ ଶକ୍ତିଶାଳୀ ସାଧନା ରୂପେ ପରିଗଣିତ ହେଉଥିଲା । ଛାତ୍ରମାନଙ୍କ ଅଧ୍ୟୟନରେ ବିଘ୍ନ ଘଟାଇ କେବଳ ଆତ୍ମସ୍ୱାର୍ଥ ସାଧନ ପାଇଁ ସେମାନଙ୍କ ଶ୍ରମର ଉପଯୋଗ କରିବା ଶାସ୍ତ୍ରରେ ନିଷିଦ୍ଧ ଅଛି ।

ଗୁରୁକୁଳ ପ୍ରଥା ପ୍ରାଚୀନ ଭାରତୀୟ ଶିକ୍ଷାର ଏକ ଶ୍ରେଷ୍ଠ ଅବଦାନ । ଏଥିରେ ଉପନୟନ ଠାରୁ ସମାବର୍ତ୍ତନ ପର୍ଯ୍ୟନ୍ତ ବିଦ୍ୟାର୍ଥୀ ଗୁରୁଗୃହରେ ରହି ଅଧ୍ୟୟନ କରେ । ତେଣୁ ଶିଷ୍ୟର ରୁଚି, ଗୁଣ, ସାମର୍ଥ୍ୟ ଓ ମାନସିକ ଅବସ୍ଥା ଜାଣି ତଦନୁଯାୟୀ ଶିକ୍ଷା ପଦ୍ଧତି ନିର୍ଣ୍ଣୟ କରିବା ପାଇଁ ଗୁରୁଙ୍କୁ ପର୍ଯ୍ୟାପ୍ତ ଅବସର ମିଳେ । ଗୁରୁ ଶିଷ୍ୟଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ସ୍ଥାପିତ ହେବା ଫଳରେ ଉଭୟ ପରସ୍ପରକୁ ଜାଣିବାର ସୁଯୋଗ ପାଆନ୍ତି । ଗୁରୁଙ୍କର ଆଦର୍ଶ ଏବଂ ସୁଗୁଣାବଳୀ ଛାତ୍ରର ହୃଦୟ ଫଳକରେ ସହଜରେ ପ୍ରତିବିମ୍ବିତ ହୁଏ । ଏହିପରି ଭାବରେ ଗୁରୁକୁଳର ସ୍ନେହ ଓ ପ୍ରୀତିପୂର୍ଣ୍ଣ ବାତାବରଣ ଛାତ୍ରର ବ୍ୟକ୍ତିତ୍ୱର ସର୍ବାଙ୍ଗୀଣ ଓ ସୁଷମ ବିକାଶରେ ଅତ୍ୟନ୍ତ ସହାୟକ ହେଉଥିଲା ।

# ଭାରତୀୟ ଶିକ୍ଷା ପର୍ଯ୍ୟାଲୋଚନା

## [ ୪ ]

ବୈଦିକ ଶିକ୍ଷାର ପ୍ରଧାନ ଉଦ୍ଦେଶ୍ୟ ଥିଲା ବାହ୍ୟ ଓ ଆନ୍ତର ପବିତ୍ରତା, ଶୁଦ୍ଧ ଜୀବନ ଯାପନ ଏବଂ ସର୍ବୋପରି ମୋକ୍ଷ ପ୍ରାପ୍ତି । ଏହି ମହାନ୍ ଉଦ୍ଦେଶ୍ୟ ସାଧନରେ ସେ ଶିକ୍ଷା ଆଶାତୀତ ସଫଳତା ଲାଭ କରିଥିଲା । ଆଜି ମଧ୍ୟ ଭାରତୀୟ ସମାଜ ପୃଥିବୀର ଅନ୍ୟାନ୍ୟ ସମାଜ ଅପେକ୍ଷା ଜୀବନର ଧାର୍ମିକ ଏବଂ ଆଧ୍ୟାତ୍ମିକ ଦିଗ ପ୍ରତି ଅଧିକ ଆସ୍ଥାବାନ । ଏ ଦେଶର ଋଷୀ ମୂଲ୍ୟ ବିଶ୍ୱର ଅତୁଳନୀୟ ବିଭବ ତୁଳନାରେ ହୃଦୟର ସ୍ୱଚ୍ଛତା, ଚରିତ୍ରର ଉଚ୍ଚତା ଏବଂ ସାଧୁତାକୁ ଅଧିକ ସମ୍ମାନ କରେ । ସମଗ୍ର ବିଶ୍ୱରେ ଜଡ଼ବାଦର ଅପ୍ରତିହତ ପ୍ରଭାବ ସତ୍ତ୍ୱେ ଭାରତର ଆଧ୍ୟାତ୍ମିକ ପରମ୍ପରା ଛିନ୍ନ ହୋଇ ନାହିଁ । ତା'ର ପ୍ରମାଣ ଗାନ୍ଧି, ତାର ପ୍ରମାଣ ବିନୋବା । ଏହା ପ୍ରାଚୀନ ଭାରତୀୟ ଶିକ୍ଷାର ଆଶୀର୍ବାଦ ।

ଶିକ୍ଷାର ଆଉ ଗୋଟିଏ ଉଦ୍ଦେଶ୍ୟ ଚରିତ୍ର ଗଠନ । ଆମ ଓଡ଼ିଆରେ ଗୋଟିଏ ପ୍ରବଚନ ଅଛି—"ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନ ଥିଲେ ସବୁ ଅସାର ।" ଜାତୀୟ ଚରିତ୍ର ଗଠନରେ ଭାରତୀୟ ଶିକ୍ଷା ପଦ୍ଧତି ଅସାଧାରଣ ସଫଳତା ଲାଭ କରିଥିଲା । ମନୁସ୍ମୃତିରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ, ଚରିତ୍ରହୀନ ବ୍ୟକ୍ତି ପକ୍ଷରେ ଦାନ, ଧ୍ୟାନ, ଯଜ୍ଞ ଓ ବେଦପାଠର କୌଣସି ମୂଲ୍ୟ ନାହିଁ । ବେଦବିତ୍ ହେଲେ ବି ସେ ଶୂଦ୍ର ସଙ୍ଗେ ସମାନ ।

ଆଶ୍ରମର ସ୍ନିଗ୍ଧ ପ୍ରଶାନ୍ତ ପ୍ରକୃତି, ଗୁରୁକୁଳର ପବିତ୍ର ବାତାବରଣ ଏବଂ କଠୋର ଶୃଙ୍ଖଳାମୟ ଜୀବନ ଛାତ୍ରର ଚରିତ୍ର ଗଠନ ପକ୍ଷରେ ଅତ୍ୟନ୍ତ ଅନୁକୂଳ ଥିଲା । ସେ କାଳର ଶିକ୍ଷକଗଣ ବାହ୍ୟ ଶୃଙ୍ଖଳା ଅପେକ୍ଷା ଆନ୍ତର ସଂଯମ ଉପରେ ଅଧିକ ଜୋର ଦେଉଥିଲେ ଏବଂ ଛାତ୍ରମାନଙ୍କର ଦୈନନ୍ଦିନ କ୍ରିୟାକଳାପରେ ତାହା ପ୍ରତିବିମ୍ବିତ ହେଉଥିଲା । ଆଶ୍ରମ ଜୀବନ କଠୋର

ନୀତିମୟ ଥିଲା । ଆଶ୍ରମବାସୀ ଛାତ୍ରମାନଙ୍କ ପାଇଁ ଶୀଘ୍ର ଜାଗରଣ, ପ୍ରାତଃ ସ୍ନାନ, ଭୂମି ଶୟନ, ନଗ୍ନପାଦ, ସ୍ୱଳ୍ପ ବସ୍ତ୍ର ଏବଂ ଅଳ୍ପାହାରର ବ୍ୟବସ୍ଥା ଥିଲା । ଛାତ୍ର ଜୀବନରେ ମଧୁ, ମାଂସ, ସୁଗନ୍ଧ, ପୁଷ୍ପ, ପଦତ୍ରାଣ, କ୍ରୋଧ, ଲାଳସା, ନୃତ୍ୟ ତଥା ଅନ୍ୟାନ୍ୟ ବିଳାସ ସାମଗ୍ରୀ ସମ୍ପୂର୍ଣ୍ଣ ନିଷିଦ୍ଧ ଥିଲା । ବ୍ରହ୍ମଚର୍ଯ୍ୟ ଥିଲା ଛାତ୍ର ଜୀବନର ଆଦର୍ଶ । ଆଶ୍ରମ ଜୀବନର କଠୋର ବ୍ୟବସ୍ଥା ସଙ୍ଗେ ରାମଚନ୍ଦ୍ର, ଭୀଷ୍ମ, ହରିଶ୍ଚନ୍ଦ୍ର ପ୍ରଭୃତି ଜାତୀୟ ବୀରମାନଙ୍କର ତ୍ୟାଗପୂତ ଉଦାତ୍ତ ଆଦର୍ଶ ଛାତ୍ରମାନଙ୍କର ମାନସିକ ଓ ଆଧ୍ୟାତ୍ମିକ ବିକାଶରେ ଅତ୍ୟନ୍ତ ସାହାଯ୍ୟ କରୁଥିଲା । ସେମାନଙ୍କ ଜୀବନରେ ବିନୟ, ପବିତ୍ରତା ଏବଂ ମହାନତା ଫୁଟି ଉଠୁଥିଲା । ଗ୍ରୀକ୍, ଚୈନିକ, ମୁସଲମାନ ଏବଂ ପାଶ୍ଚାତ୍ୟ ପର୍ଯ୍ୟଟକଗଣ ଏକ ସ୍ୱରରେ ଭାରତୀୟ ଜାତୀୟ ଚରିତ୍ରର ପ୍ରଶଂସା ଗାନ କରିଅଛନ୍ତି ।

ଶିକ୍ଷାର ଅପର ଏକ ଉଦ୍ଦେଶ୍ୟ ଥିଲା ବ୍ୟକ୍ତିତ୍ୱର ବିକାଶ । ଆତ୍ମସମ୍ମାନ, ଆତ୍ମ ନିର୍ଭରଶୀଳତା ଏବଂ ଆତ୍ମ ସଂଯମ ଶିକ୍ଷା ଦେଇ ପ୍ରାଚୀନ ଭାରତୀୟ ଶିକ୍ଷା ପଦ୍ଧତି ଛାତ୍ରର ବ୍ୟକ୍ତିତ୍ୱ ବିକାଶରେ ଯଥେଷ୍ଟ ସହାୟତା କରୁଥିଲା । ଛାତ୍ର (ବ୍ରହ୍ମଚାରୀ) ଥିଲା ଜାତୀୟ ସଭ୍ୟତା ଓ ସଂସ୍କୃତିର ରକ୍ଷକ । ବ୍ରହ୍ମଚାରୀର କର୍ତ୍ତବ୍ୟନିଷ୍ଠା ଉପରେ ଦେଶର କଲ୍ୟାଣ ନିର୍ଭର କରୁଥିଲା । ସେଥିପାଇଁ ସମାଜରେ ଛାତ୍ରର ଯଥେଷ୍ଟ ସମ୍ମାନ ଥିଲା । ଦରିଦ୍ର ଛାତ୍ରମାନଙ୍କୁ ସାହାଯ୍ୟ କରିବା ସମାଜର ଏକ ପବିତ୍ର କର୍ତ୍ତବ୍ୟ ରୂପେ ବିବେଚିତ ହେଉଥିଲା ଏବଂ ଏହାର ଅନ୍ୟଥାଚରଣକୁ ଲୋକେ ମହା ଅପରାଧ ଜ୍ଞାନ କରୁଥିଲେ । ମହାଭାରତରେ ବର୍ଣ୍ଣିତ ଅଛି ଯେ ରାଜା ପୌଷ୍ୟ ନିଜ ପତ୍ନୀଙ୍କୁ ତାଙ୍କର ମହା ମୂଲ୍ୟବାନ ସ୍ୱର୍ଣ୍ଣ କୁଣ୍ଡଳଦ୍ୱୟ ଉତ୍ତଙ୍କ ନାମକ ଜଣେ ଦରିଦ୍ର ସ୍ନାତକଙ୍କୁ ଦାନ କରିବା ପାଇଁ ଆଦେଶ ଦେଇଥିଲେ । ସେ କାଳରେ ଜଣେ ଛାତ୍ରର ସମ୍ମାନ ଜଣେ ରାଜାର ସମ୍ମାନଠାରୁ ଅଧିକ ଥିଲା ଏବଂ ଏହା ଛାତ୍ରର ପୌରୁଷ ଗଠନରେ ବିଶେଷ ସାହାଯ୍ୟ କରୁଥିଲା ।

ସେ କାଳରେ ଧନୀ ଦରିଦ୍ର ନିର୍ବିଶେଷରେ ଶିକ୍ଷାର ଦ୍ୱାର ସମସ୍ତଙ୍କପାଇଁ ଉନ୍ମୁକ୍ତ ଥିଲା । ଆଧୁନିକ ଭାରତୀୟ ଛାତ୍ରମାନଙ୍କ ସଦୃଶ ସେ କାଳରେ ଛାତ୍ର ମାନଙ୍କୁ ଶିକ୍ଷା ଶେଷରେ ଦରିଦ୍ର ପଞ୍ଚାକ୍ଷର ମନ୍ତ୍ର ଜପ କରିବାକୁ ପଡ଼ୁ ନ ଥିଲା ।

ଉଦ୍ୟୋଗମାନ ବଂଶାନୁଗତ ହୋଇ ପଡ଼ି ଥିବାରୁ ଯେଉଁମାନେ ଉଦ୍ୟୋଗ-ମୂଳକ ଶିକ୍ଷା ପାଉଥିଲେ ସେମାନଙ୍କୁ ଭବିଷ୍ୟତ ଜୀବନ ସମ୍ବନ୍ଧରେ ଆଦୌ ଚିନ୍ତା କରିବାକୁ ପଡ଼ୁ ନ ଥିଲା । ବିଭିନ୍ନ ଉଦ୍ୟୋଗ ମଧ୍ୟରେ ବିଶେଷ ପ୍ରତିଯୋଗିତା ମଧ୍ୟ ନ ଥିଲା । ଯେଉଁମାନେ ଧାର୍ମିକ ଏବଂ ସାହିତ୍ୟିକ ଶିକ୍ଷାପ୍ରାପ୍ତ ହେଉଥିଲେ, ଉଚ୍ଚ ଚିନ୍ତା ଏବଂ ସରଳ ନିରାଡ଼ମ୍ବର ଜୀବନ ଥିଲା ସେମାନଙ୍କର ଆଦର୍ଶ । ଆଜି ଆମେ ଅଭାବ ସଂଖ୍ୟା ବଢ଼ାଇବାରେ ଲାଗିଛୁ ଏବଂ ତାହାକୁ ସଭ୍ୟତାର ଚିହ୍ନ ବୋଲି ଧରି ନେଇଛୁ; କିନ୍ତୁ ଅଳ୍ପକରେ ସନ୍ତୋଷ ଲାଭ କରିବା ଥିଲା ସେ କାଳ ସଭ୍ୟତାର ମାନଦଣ୍ଡ । ତେଣୁ ବଞ୍ଚି ରହିବାପାଇଁ ଯେତିକି ନିତାନ୍ତ ଦରକାର ସେତିକି ଯୋଗାଡ଼ କରିଦେବା ପାଇଁ ସମାଜରେ ଧାର୍ମିକ ବଦାନ୍ୟ ଲୋକଙ୍କର ଅଭାବ ନ ଥିଲା ।

ନ୍ୟାୟ, ଦର୍ଶନ, ସାହିତ୍ୟ ଏବଂ ଅଳଙ୍କାର ଆଦି ବିଦ୍ୟା, ଗ୍ରନ୍ଥମାନଙ୍କର ନ୍ୟାୟପରାୟଣତା ଓ ସୂକ୍ଷ୍ମ ବିଚାରବୋଧର ବିକାଶ ପକ୍ଷରେ ଏକାନ୍ତ ଅନୁକୂଳ ଥିଲା । ଶିଳ୍ପ, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଦର୍ଶନ, ବ୍ୟବସାୟ, ବାଣିଜ୍ୟ ଆଦି ଜୀବନର ବିଭିନ୍ନ କ୍ଷେତ୍ରରେ ହିନ୍ଦୁମାନଙ୍କର ଅସାଧାରଣ କୃତିତ୍ୱ ତତ୍କାଳୀନ ଶିକ୍ଷାପଦ୍ଧତିର ଅପୂର୍ବ ସଫଳତାର ପରିଚୟ ଦିଏ ।

ଶିକ୍ଷାର ସର୍ବପ୍ରଧାନ ଲକ୍ଷ୍ୟ ଥିଲା ପ୍ରାଚୀନ ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା । ଏହି ଉଦ୍ଦେଶ୍ୟର ସାଧନ ପାଇଁ ସମଗ୍ର ଜାତିର ଶକ୍ତି ନିୟୋଜିତ ହୋଇଥିଲା । ଏ ଦେଶର ପ୍ରତ୍ୟେକ ନାଗରିକ ଏହାକୁ ଏକ ପବିତ୍ର ଜାତୀୟ କର୍ତ୍ତବ୍ୟ ବିଚାରି କାର୍ଯ୍ୟ କରୁଥିଲେ । ବୈଦିକ ଯୁଗରେ ଲିଖନ କଳାର ବ୍ୟବହାର ନ ଥିଲା । ମୁନି ଋଷିମାନେ ବିଶାଳ ବୈଦିକ ସାହିତ୍ୟକୁ ଅସାଧାରଣ ସ୍ମରଣ ଶକ୍ତି ବଳରେ କଣ୍ଠସ୍ଥ କରୁଥିଲେ ଏବଂ ମୌଖିକ ଉପାୟରେ ଗ୍ରନ୍ଥ ଓ ଉତ୍ତରାଧିକାରୀମାନଙ୍କୁ ପ୍ରଦାନ କରୁଥିଲେ । ଦଶମ ଶତାବ୍ଦୀରେ କାଶ୍ମୀରବାସୀ ବସୁନ୍ଧ ପ୍ରଥମେ ବେଦକୁ ଲିପିବଦ୍ଧ କଲେ । ଅଥଚ ଏହି ଦୀର୍ଘକାଳ ମଧ୍ୟରେ ବିଶାଳ ବା ବୈଦିକ ସାହିତ୍ୟର ଗୋଟିଏ ଅକ୍ଷର ବା ଗୋଟିଏ ମାତ୍ରା ପରିବର୍ତ୍ତିତ ହୋଇନାହିଁ । ପ୍ରାଚୀନାଚାର୍ଯ୍ୟମାନଙ୍କର ଏ ସାଧନା, ଏ ଅଧ୍ୟବସାୟ ଓ ଏହି ଏକାଗ୍ରତା ସମକ୍ଷରେ ଆମର ମସ୍ତକ ସ୍ୱତଃ

ଅବନତ ହୁଏ । ପୃଥିବୀର ଇତିହାସରେ ଏ ସାଧନାର ତୁଳନା ନାହିଁ । ପରବର୍ତ୍ତୀ ଯୁଗରେ ଭାରତର ନାନା ଭାଗ୍ୟ ବିପର୍ଯ୍ୟୟ ଭିତରେ ମଧ୍ୟ ବିଶାଳ ସଂସ୍କୃତ ସାହିତ୍ୟର ଯାହା କିଛି ନଷ୍ଟ ହୋଇଛି ତାହାର ପରିମାଣ ଅତି ସାମାନ୍ୟ । ପ୍ରାଚୀନ ଭାରତର ଆର୍ଯ୍ୟର୍ଷିଗଣ ଉତ୍ତମରୂପେ ବୁଝିଥିଲେ ଯେ କୌଣସି ଦେଶର ସଭ୍ୟତା ଓ ସଂସ୍କୃତିକୁ ବଞ୍ଚେଇ ରଖିବାର ସର୍ବଶ୍ରେଷ୍ଠ ଉପାୟ ହେଉଛି ତାହାକୁ ଦେଶର ଜନସାଧାରଣଙ୍କ ଭିତରେ ଉଜ୍ଜୀବିତ କରି ରଖିବା । ସେଥିପାଇଁ ଯେତେବେଳେ ବୈଦିକ ସାହିତ୍ୟ ଗଣ ସହିତ ସମସ୍ତ ସମ୍ପର୍କ ହରାଇ କେବଳ ମୁଷ୍ଟିମେୟ ବିଶେଷଜ୍ଞ ପଣ୍ଡିତଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହିଲା ସେତେବେଳେ ଭାରତୀୟ ସଭ୍ୟତା ଓ ସଂସ୍କୃତିର ପ୍ରଚାର ପାଇଁ ସୃଷ୍ଟି ହେଲା ପୁରାଣ ସାହିତ୍ୟ । ମଧ୍ୟଯୁଗରେ ହିନ୍ଦି, ଓଡ଼ିଆ, ମରହଟ୍ଟା ଇତ୍ୟାଦି ଆଞ୍ଚଳିକ ଭାଷା ସମୂହରେ ଯେଉଁ ଭକ୍ତି ସାହିତ୍ୟ ସୃଷ୍ଟି ହେଲା ତାର ମୂଳ ଲକ୍ଷ୍ୟ ମଧ୍ୟ ଥିଲା ଭାରତୀୟ ଧର୍ମ ଓ ସଂସ୍କୃତିର ପ୍ରଚାର । ଜାତି, ଧର୍ମ, ସମ୍ପ୍ରଦାୟ ଓ ଭାଷାର ଅସଂଖ୍ୟ ବିଭେଦ ସତ୍ତ୍ୱେ ଭାରତରେ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଯେଉଁ ସାଂସ୍କୃତିକ ଏକତା ଓ ସମାନତା ଦୃଷ୍ଟିଗୋଚର ହୁଏ ତାହା କେବଳ ପ୍ରାଚୀନ ଭାରତୀୟ ଶିକ୍ଷା ପଦ୍ଧତି ଯୋଗୁ ସମ୍ଭବପର ହୋଇଅଛି । ସୁତରାଂ ଏହି ଉଦ୍ଦେଶ୍ୟ ସାଧନରେ ପ୍ରାଚୀନ ଭାରତୀୟ ଶିକ୍ଷା ପଦ୍ଧତି ପୂର୍ଣ୍ଣତଃ ସଫଳ ହୋଇଅଛି ।

ଭୌତିକ ଉନ୍ନତି ଦୃଷ୍ଟିରୁ ମଧ୍ୟ ଏ ଶିକ୍ଷା ବିଶେଷ ସଫଳତା ଲାଭ କରିଥିଲା । ଆଗରୁ କୁହାଯାଇଛି, ଏଥିରେ ଧାର୍ମିକ ସାହିତ୍ୟର ପ୍ରାଧାନ୍ୟ ଥିଲେ ମଧ୍ୟ କୃଷି, ଶିଳ୍ପ, ବିଜ୍ଞାନ, ଚିକିତ୍ସାଦି ବୈଷୟିକ ବିଦ୍ୟା ପ୍ରତି ଅବହେଳା ପ୍ରଦର୍ଶିତ ହେଉ ନ ଥିଲା । ଆଧ୍ୟାତ୍ମିକ ବିକାଶ ସଙ୍ଗେ ଭୌତିକ ଉନ୍ନତି ଥିଲା ଏହାର ପ୍ରଧାନ ଧ୍ୟେୟବସ୍ତୁ । ଏହା ବ୍ୟତୀତ ସାମାଜିକ ସଫଳତା ଏବଂ ନାଗରିକତା ମଧ୍ୟ ଥିଲା ଶିକ୍ଷାର ଅନ୍ୟତମ ଉଦ୍ଦେଶ୍ୟ । ପ୍ରାଚୀନ ଭାରତୀୟ ଶିକ୍ଷା ଏହି ଉଦ୍ଦେଶ୍ୟ ସାଧନରେ ପୂର୍ଣ୍ଣ ସଫଳତା ଲାଭ କରିଥିଲା ।

ବ୍ୟକ୍ତିତ୍ୱର ବିଭିନ୍ନ ଦିଗର ବିକାଶ ଓ ପରିପୂର୍ଣ୍ଣ ଜୀବନ ଗଠନରେ ପ୍ରାଚୀନ ଭାରତୀୟ ଶିକ୍ଷା କିପରି ଅସାଧାରଣ ସଫଳତା ଲାଭ କରିଥିଲା ତାହା

ଦେଖାଗଲା; କିନ୍ତୁ ଯେତେ ଉନ୍ନତ ଓ ସମୃଦ୍ଧ ହେଲେ ମଧ୍ଯ ଜଗତରେ କୌଣସି ଶିକ୍ଷାପଦ୍ଧତି ଏକାବେଳକେ ନିର୍ଦ୍ଦୋଷ ନୁହେଁ । ସମାଲୋଚନାତ୍ମକ ଦୃଷ୍ଟିକୋଣରୁ ବିଚାର କଲେ ପ୍ରାଚୀନ ଭାରତୀୟ ଶିକ୍ଷାରେ ସାମାନ୍ୟ କେତେକ ତ୍ରୁଟି ଓ ଅଭାବ ପରିଲକ୍ଷିତ ହୁଏ । ନିମ୍ନରେ ସେଗୁଡ଼ିକର ସଂକ୍ଷିପ୍ତ ଆଲୋଚନା କରାଯାଇଅଛି ।

ଆଗରୁ କୁହାଯାଇଛି, ପ୍ରାଚୀନ ଭାରତୀୟ ଶିକ୍ଷା ଧର୍ମପ୍ରଧାନ ଥିଲା । ସେ କାଳର ଅନ୍ୟାନ୍ୟ ଦେଶ ସଦୃଶ ଏ ଦେଶରେ ମଧ୍ଯ ଶିକ୍ଷା ମୁଖ୍ୟତଃ ପୁରୋହିତ ଏବଂ ଧର୍ମଯାଜକମାନଙ୍କ ହାତରେ ଥିଲା । ଏ ଦେଶରେ ସେମାନେ ସମସ୍ତେ ଥିଲେ ବ୍ରାହ୍ମଣ । ଭାରତୀୟ ଶିକ୍ଷା ଓ ସଂସ୍କୃତିର ପ୍ରଚାର ଓ ସୁରକ୍ଷା ପାଇଁ ସେମାନଙ୍କ ଦାନ ଓ ନିଃସ୍ୱାର୍ଥ ସେବାର ତୁଳନା ନାହିଁ; କିନ୍ତୁ ଶିକ୍ଷାର ପରିଚାଳନା ଓ ନିୟନ୍ତ୍ରଣ ସେମାନଙ୍କ ହାତରେ ରହିବା ଫଳରେ ଯଜ୍ଞ ଓ ଧାର୍ମିକ କର୍ମକାଣ୍ଡ ଏଥିରେ ବିଶେଷ ପ୍ରାଧାନ୍ୟ ଲଭିକଲା । ଇତିହାସ, ଅର୍ଥନୀତି, ରାଜନୀତି, ଗଣିତ ଓ ବିଜ୍ଞାନ ଆଦି ବିଦ୍ୟାର ବିକାଶ ଅବଶ୍ୟ ହୋଇଥିଲା । କିନ୍ତୁ ଧର୍ମ, ଦର୍ଶନ ଓ ଧାର୍ମିକ କର୍ମକାଣ୍ଡ ତୁଳନାରେ ଏ ଉନ୍ନତି ଯଥେଷ୍ଟ ନୁହେଁ । ବୈଦିକ ଯୁଗରେ ଏହାର ବିଶେଷ କୌଣସି ପ୍ରତିକ୍ରିୟା ଦେଖିବାକୁ ନ ମିଳିଲେ ସୁଦ୍ଧା ପରବର୍ତ୍ତୀ ଯୁଗରେ ଜନସାଧାରଣଙ୍କର ଜୀବନ ଯାପନ ପ୍ରଣାଳୀ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଲା । କାଳକ୍ରମେ ଭୌତିକ ଉନ୍ନତିକୁ ଲୋକେ ଅତ୍ୟନ୍ତ ହୀନ ଦୃଷ୍ଟିରେ ଦେଖିବାକୁ ଲାଗିଲେ । ମୋକ୍ଷ ଜୀବନର ଏକମାତ୍ର କାମ୍ୟବସ୍ତୁ ରୂପେ ବିବେଚିତ ହେଲା । ଫଳରେ ଦେଶରେ ଭୌତିକ ଅଗ୍ରଗତି ବାଧାପ୍ରାପ୍ତ ହେଲା ।

କେତେକ ସମାଲୋଚକଙ୍କର ଧାରଣା ଯେ ପ୍ରାଚୀନ ଭାରତୀୟ ଶିକ୍ଷା ଲୋକମାନଙ୍କୁ ପରଲୋକବାଦୀ ଏବଂ ସାଂସାରିକ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ଏକାନ୍ତ ଉଦାସୀନ କରି ପକାଉଥିଲା । ସେମାନଙ୍କର ଏ ଉକ୍ତି ପ୍ରକୃତରେ ଯଥାର୍ଥ ନୁହେଁ । ସନ୍ନ୍ୟାସ ଏବଂ ବାନପ୍ରସ୍ଥ ଆଶ୍ରମଦ୍ୱୟର ଅନ୍ତରାଳରେ ଅବଶ୍ୟ ପରଲୋକବାଦର ସୂଚନା ବିଦ୍ୟମାନ; କିନ୍ତୁ ପରିପୂର୍ଣ୍ଣ ଜୀବନ ଗଠନ ଥିଲା ବ୍ରହ୍ମଚର୍ଯ୍ୟର ଏକମାତ୍ର ଆଦର୍ଶ । ସାମାଜିକ, ନାଗରିକ ଓ ପାରିବାରିକ

ଦାୟିତ୍ୱ ସମ୍ପାଦନକୁଶଳ ଯୁବକ ତିଆରି କରିବା ଥିଲା ଏହାର ଏକମାତ୍ର ଲକ୍ଷ୍ୟ ।

କିନ୍ତୁ ଭାରତରେ ସାମାଜିକ ଓ ପାରିବାରିକ ଜୀବନରେ ଧର୍ମର ପ୍ରାଧାନ୍ୟ କ୍ରମେ ଲୋକମାନଙ୍କର ତର୍କ ଓ କଳ୍ପନାଶକ୍ତିକୁ ଦୁର୍ବଳ କରି ପକାଇଲା । ଲୋକଚକ୍ଷୁରେ ଶାସ୍ତ୍ରର ମହତ୍ତ୍ୱ ବଢ଼ିବା ସଙ୍ଗେ ସଙ୍ଗେ ସ୍ୱାଧୀନ ଚିନ୍ତା ଲୋପ ପାଇଲା । ମନୁଷ୍ୟ ତିଆରି ବେଦବାକ୍ୟ ଈଶ୍ୱରାଦିଷ୍ଟ ଦେବବାଣୀରେ ପରିଣତ ହେଲା । ଏଥିରୁ କ୍ରମେ ଲୋକମାନଙ୍କର ଧାରଣା ହେଲା ଯେ, ଶାସ୍ତ୍ରରେ ଯାହା ଲେଖାଅଛି ତାହା କଦାପି ଅନ୍ୟଥା ହୋଇ ନ ପାରେ । ଶାସ୍ତ୍ରରେ ଯାହା ଲେଖା ନାହିଁ ତାହା ପକ୍ଷରେ ଯେତେ ବଳିଷ୍ଠ ଯୁକ୍ତି ଓ ସାକ୍ଷାତ ପ୍ରମାଣ ଥିଲେ ମଧ୍ୟ ତାହା କଦାପି ସତ୍ୟ ହୋଇ ନପାରେ । ବାସ୍ତବ ଜଗତର ପ୍ରମାଣଠାରୁ ଶାସ୍ତ୍ରବର୍ଣ୍ଣିତ ବାକ୍ୟ ଉଚ୍ଚ ଆସନ ଅଧିକାର କଲା । ଏହାର ଗୋଟିଏ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଚନ୍ଦ୍ର ଓ ସୂର୍ଯ୍ୟ ଗ୍ରହଣ ସମ୍ବନ୍ଧରେ ପୌରାଣିକ କିମ୍ବଦନ୍ତୀ ।

କିନ୍ତୁ ଏ ପ୍ରକାର ମନୋବୃତ୍ତି ବହୁ ପରବର୍ତ୍ତୀ କାଳର କଥା । ବେଦ ଓ ଉପନିଷଦ ଯୁଗରେ ଜାତୀୟ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଦେଖିବାକୁ ମିଳେ ସ୍ୱାଧୀନତାର ଜୁଆର । ମୁକ୍ତ ମାନବର ଶାଣିତ ଯୁକ୍ତି ଓ ଉଦାର କଳ୍ପନାରେ ବେଦ ଉପନିଷଦର ପୃଷ୍ଠା ଭରପୂର । ବେଦାନ୍ତର ସୋଽହଂଠାରୁ ସାଂଖ୍ୟର ନିରୀଶ୍ୱରବାଦ ଓ ଚାର୍ବାକବାଦର ନିରୁତା, ନାସ୍ତିକତା ପର୍ଯ୍ୟନ୍ତ ସର୍ବତ୍ର ଏହାର ଆଭାସ ସୁସ୍ପଷ୍ଟ । ଏହିପରି ଭାବରେ ନବମ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଧର୍ମତତ୍ତ୍ୱ, ଦର୍ଶନ, ଭାଷାତତ୍ତ୍ୱ, ବ୍ୟାକରଣ, ନ୍ୟାୟ, ଜ୍ୟୋତିଷ, ଗଣିତ ଆଦି ଜ୍ଞାନର ବିଭିନ୍ନ ବିଭାଗରେ ହିନ୍ଦୁ ପ୍ରତିଭାର ନିତ୍ୟ ନବୀନ ଦାନରେ ଭାରତୀୟ ସଂସ୍କୃତି ସମୃଦ୍ଧ ହୋଇଥିବାର ଦେଖାଯାଏ । କିନ୍ତୁ ନବମ ଖ୍ରୀଷ୍ଟାବ୍ଦ ପରେ ହିନ୍ଦୁର ଜୀବନ ଗଙ୍ଗା କ୍ରମେ ଶୁଷ୍କ ହୋଇ ଆସିଲା । ପ୍ରତ୍ୟକ୍ଷ ଅନୁଭୂତି ଓ ସ୍ୱାଧୀନ ଚିନ୍ତାର ସ୍ଥାନ ଅଧିକାର କଲା ଶାସ୍ତ୍ର ପୁରାଣ । ବେଦ ବାକ୍ୟ ହେଲା ଈଶ୍ୱର ବାକ୍ୟ । ନୂଆ ନୂଆ ସୃଷ୍ଟିରେ ମନ ନ ବଳାଇ ଏ ଯୁଗର ପଣ୍ଡିତଗଣ ପୁରୁଣା ଶାସ୍ତ୍ର ପୁରାଣକୁ ଦୋହରାଇଲେ, ତହିଁ

ଉପରେ ଟିକା ଟିପପଣୀ ଲେଖିବାରେ ବ୍ୟସ୍ତ ରହିଲେ । ଭବିଷ୍ୟତର କଳ୍ପନା ଓ ବର୍ତ୍ତମାନର ସମସ୍ୟା ଛାଡ଼ି ସେମାନେ କେବଳ ଅତୀତର ଆରାଧନାରେ ମଜ୍ଜି ରହିଲେ । ରକ୍ଷଣଶୀଳତା ଓ ପ୍ରାଚୀନତାର ମୋହ ସେମାନଙ୍କୁ ସମ୍ପୂର୍ଣ୍ଣଭାବରେ ଗ୍ରାସ କଲା । ସତ୍ୟାନୁସନ୍ଧିତ୍ସା ଓ ଆହରଣପଟୁତା ହରାଇ ସେମାନେ କୂପମଣ୍ଡୂକ ପାଲଟିଲେ । ବିଦେଶ ଯାତ୍ରା ନିଷିଦ୍ଧ କରି ଦିଆଯିବା ଫଳରେ ଭାରତ କ୍ରମେ ବିଶ୍ୱ ଚିନ୍ତାଧାରାରୁ ବିଚ୍ଛିନ୍ନ ହୋଇ ପଡ଼ିଲା ।

ଆଗରୁ କୁହାଯାଇଛି ବେଦ, ଉପନିଷଦ୍ ତଥା ବୌଦ୍ଧ ଯୁଗରେ ଦେଶରେ ଶ୍ରମର ମର୍ଯ୍ୟାଦା ଥିଲା । ବ୍ରାହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ ଜାତିବର୍ଣ୍ଣ-ନିର୍ବିଶେଷରେ ସମସ୍ତେ ଶରୀର ଶ୍ରମମୂଳକ କର୍ମରେ ଅଂଶ ଗ୍ରହଣ କରୁଥିଲେ; କିନ୍ତୁ କାଳକ୍ରମେ ବର୍ଣ୍ଣ ବ୍ୟବସ୍ଥା ଜଟିଳ ହେବା ଫଳରେ କୃଷି ଶିଳ୍ପାଦି ହସ୍ତକର୍ମ ଓ ନୃତ୍ୟ, ଗୀତ, ଚିତ୍ରକଳା ଆଦି ବ୍ୟାବହାରିକ ଓ ଲଳିତକଳା ଅତ୍ୟନ୍ତ ହୀନ କାର୍ଯ୍ୟ, ସୁତରାଂ ସ୍ତ୍ରୀ ଏବଂ ଶୂଦ୍ର ଜାତିର କାର୍ଯ୍ୟ ବୋଲି ମନେ କରାଗଲା । ବ୍ରାହ୍ମଣ, କ୍ଷତ୍ରିୟ ଆଦି ଦେଶର ବୁଦ୍ଧିଜୀବୀମାନଙ୍କର ଉଦ୍ୟମ ଓ ପୋଷକତା ହରାଇ ଏ ସବୁ ବିଦ୍ୟାର ବିକାଶ କ୍ରମେ ମନ୍ଥର ପଡ଼ିଲା । ସେଥିପାଇଁ ନବମ ଶତାବ୍ଦୀ ପରେ ଶିଳ୍ପ, ଚିତ୍ରକଳା, ଧାତୁବିଦ୍ୟା, ଖଣିଜ ବିଦ୍ୟା ଚିକିତ୍ସା ଓ ଶଲ୍ୟ ଶାସ୍ତ୍ରରେ କୌଣସି ଉଲ୍ଲେଖଯୋଗ୍ୟ ଅଗ୍ରଗତି ଦେଖିବାକୁ ମିଳେ ନାହିଁ ।

ପ୍ରାଚୀନ ଭାରତୀୟ ଶିକ୍ଷାର ଅନ୍ୟ ଏକ ତ୍ରୁଟି ହେଉଛି ଦେଶର ଆଞ୍ଚଳିକ କଥିତ ଭାଷାସମୂହର ବିକାଶ ପ୍ରତି ଅଯତ୍ନ ଏବଂ ଅବହେଳା । କାଳର କୁଟିଳ ଗତିରେ ସଂସ୍କୃତ କ୍ରମେ ଜନସାଧାରଣଙ୍କ ସହିତ ସମ୍ପର୍କ ହରାଇ ମୁଷ୍ଟିମେୟ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହିଲା । ଦେଶର ଜନସାଧାରଣ କ୍ରମେ ସଂସ୍କୃତଠାରୁ ଦୂରରୁ ଦୂରାନ୍ତରକୁ ଚାଲି-ଗଲେ । ସଂସ୍କୃତ ଭାଷାରେ ରଚିତ ଗ୍ରନ୍ଥ ସମୂହର ମର୍ମ ଗ୍ରହଣ କରିବା ସେମାନଙ୍କର ସାଧ୍ୟାତୀତ ହେଲା; କିନ୍ତୁ ଏଣେ ଦେଶର ଶିକ୍ଷା ପଦ୍ଧତି ଏହି ସ୍ୱାଭାବିକ ପରିଣତିର ଗୁରୁତ୍ୱ ହୃଦୟଙ୍ଗମ କରି ଆଞ୍ଚଳିକ ଭାଷାସମୂହର ବିକାଶ

ପାଇଁ କୌଣସି ଉଦ୍ୟମ କଲା ନାହିଁ । ଫଳରେ ଦେଶର ଲୋକସାଧାରଣ ଏବଂ ଶିକ୍ଷାପଦ୍ଧତି ମଧ୍ୟରେ ଏକ ବିରାଟ ଲୌହ ପ୍ରାଚୀର ଗଢ଼ି ଉଠିଲା ।

ପ୍ରାଚୀନ ଭାରତୀୟ ଶିକ୍ଷାର ଆଉ ଗୋଟିଏ ଦୋଷ ହେଉଛି ଯେ ଏଥିରେ ବିଭିନ୍ନ ବିଷୟ ମଧ୍ୟରେ ପାରସ୍ପରିକ ସହଯୋଗ ଓ ସାମଞ୍ଜସ୍ୟ ନ ଥିଲା । ଛାତ୍ରର ସର୍ବାଙ୍ଗୀନ ମାନସିକ ବିକାଶ ପ୍ରତି ଲକ୍ଷ୍ୟ ରଖି ବିଭିନ୍ନ ବିଷୟର ଉପଯୋଗିତା ବିଚାର କରାଯାଉ ନ ଥିଲା । କେଉଁ ବୟସରେ କେଉଁ ବିଷୟରୁ କେତେ ପଢ଼ାଇଲେ ଛାତ୍ରର ସର୍ବାଙ୍ଗୀନ ମାନସିକ ବିକାଶ ସୁଗମ ହେବ ସେଥିପ୍ରତି କାହାରି ଧ୍ୟାନ ନ ଥିଲା । ନିଜ ନିଜର ବିଷୟ ନେଇ ପ୍ରତ୍ୟେକ ଶିକ୍ଷକ ବ୍ୟସ୍ତ ଥିଲେ ଏବଂ ପ୍ରତ୍ୟେକ ବିଷୟରେ ପ୍ରାରମ୍ଭରୁ ବୈଶିଷ୍ଟ୍ୟ ଅର୍ଜନ କରିବା (specialisation) ପାଇଁ ଚେଷ୍ଟା କରାଯାଉଥିଲା । ଫଳରେ କେତେକ ନିର୍ଦ୍ଦିଷ୍ଟ ବିଷୟରେ ଛାତ୍ରମାନଙ୍କର ଜ୍ଞାନ ଗଭୀର ଏବଂ ପରିପକ୍ୱ ହେଉଥିଲେ ମଧ୍ୟ ସେମାନଙ୍କର ସାଧାରଣ ଶିକ୍ଷା ବିଶାଳ ଏବଂ ବ୍ୟାପକ ହୋଇ ପାରୁ ନ ଥିଲା ।

ଉପରେ ପ୍ରାଚୀନ ଭାରତୀୟ ଶିକ୍ଷାର ଯେ କେତେକ ତ୍ରୁଟି ଏବଂ ଅଭାବ ଦର୍ଶାଇ ଦିଆଗଲା ଗୁଣ ତୁଳନାରେ ସେଗୁଡ଼ିକ ଏକାନ୍ତ ନଗଣ୍ୟ । ଏଗୁଡ଼ିକ ମଧ୍ୟରୁ ଅନେକ ଗୁଡ଼ିଏ ଦୋଷ ପୁଣି ସମସାମୟିକ ପ୍ରତ୍ୟେକ ଦେଶର ଶିକ୍ଷା ପଦ୍ଧତି ପ୍ରତି ପ୍ରଯୁଜ୍ୟ । ଆଧୁନିକ ଯୁଗର ମାନଦଣ୍ଡରେ ପ୍ରାଚୀନ ଭାରତୀୟ ଶିକ୍ଷାର ପ୍ରତ୍ୟେକ ବିଭାଗକୁ ତୁଳି ବସିବା ଆମ ପକ୍ଷରେ ଠିକ୍ ହେବ ନାହିଁ ।

ଏ କଥା କିନ୍ତୁ ନିଶ୍ଚିତ ଭାବରେ ସତ୍ୟ ଯେ ପ୍ରାଚୀନ ଭାରତୀୟ ଶିକ୍ଷା ମାନବଜୀବନର ପ୍ରତ୍ୟେକ ବିଭାଗ ଯଥା:—ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶରେ ଅଭୂତପୂର୍ବ ସଫଳତା ହାସଲ କରିଥିଲା । ଚରିତ୍ର ନିର୍ମାଣ, ବ୍ୟକ୍ତିତ୍ୱର ବିକାଶ, ସାମାଜିକତା, ନାଗରିକତା ଆଦି ଯାହା ଯୁଗେ ଯୁଗେ ଶିକ୍ଷାର ଚରମ ଧ୍ୟେୟ ରୂପରେ ବର୍ଣ୍ଣିତ ତହିଁରେ ଅସାଧାରଣ କୃତିତ୍ୱ ଲାଭ କରିଥିଲା । ଜାତୀୟ ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ଦିଗରେ ତା'ର ଦାନ ତୁଳନା-ରହିତ । ଭାରତୀୟ ସଭ୍ୟତା ଓ ସଂସ୍କୃତି ଯାହା କିଛି ଗର୍ବ ଓ ଗୌରବର ସାମଗ୍ରୀରୂପେ ସମଗ୍ର ବିଶ୍ୱରେ ପୂଜିତ ତାହା ଏହି ଶିକ୍ଷା ପଦ୍ଧତିର ଅବଦାନ ।

ଏହି ଶିକ୍ଷା ପଦ୍ଧତିର କେତେଗୁଡ଼ିଏ ବିଶେଷତ୍ୱ; ଯଥା:—ଗୁରୁ ଶିଷ୍ୟ ସମ୍ବନ୍ଧ, ମାନସିକ ସ୍ୱାଧୀନତା, ନୈତିକ ଅନୁଶାସନ, ବ୍ୟକ୍ତିଗତ ଧ୍ୟାନ, ଗୁରୁକୁଳ ଓ ବଡ଼ଗୃହ ପ୍ରଥା, ସୁସଂଗଠିତ ଗଣଶିକ୍ଷା, ସାଧାରଣ ଓ ବୈଷୟିକ ଶିକ୍ଷାର ସମନ୍ୱୟ, ସ୍ତ୍ରୀଶିକ୍ଷା, ସରଳ ଜୀବନ ଏବଂ ଉଚ୍ଚ ଚିନ୍ତାର ଆଦର୍ଶ କେବଳ ଯେ ଆଧୁନିକ ଶିକ୍ଷା ସିଦ୍ଧାନ୍ତର ଅନୁକୂଳ ତାହା ନୁହେଁ, ପ୍ରତ୍ୟେକ ଦେଶ ପକ୍ଷରେ ଅନୁକରଣୀୟ ମଧ୍ୟ ।

# ମୁସଲମାନ ଅମଳରେ ଭାରତୀୟ ଶିକ୍ଷା

[ ୬ ]

ମୁସଲମାନ ଆକ୍ରମଣର ପ୍ରାରମ୍ଭରେ ଭାରତରେ ବୌଦ୍ଧ ତଥା ବ୍ରାହ୍ମଣୀୟ ଶିକ୍ଷାର ଯଥେଷ୍ଟ ପ୍ରସାର ଥିଲା । ଏହି କାଳ ଯଥାର୍ଥରେ ବୌଦ୍ଧଶିକ୍ଷାର ସୁବର୍ଣ୍ଣଯୁଗ । ବିହାରର ନାଳନ୍ଦା ଏବଂ ପଶ୍ଚିମ ଭାରତର ବଲ୍ଲଭି ବିଶ୍ୱବିଦ୍ୟାଳୟ ଦ୍ୱୟର ଖ୍ୟାତି ଭାରତର ଭୌଗୋଳିକ ସୀମା ଅତିକ୍ରମକରି ସମଗ୍ର ପ୍ରାଚ୍ୟ ଖଣ୍ଡରେ ବିଚ୍ଛୁରିତ ହୋଇ ପଡ଼ିଥିଲା । ଉତ୍ତର ଭାରତର କାଶୀ ଏବଂ ବିକ୍ରମଶିଳା ମଧ୍ୟ ପ୍ରସିଦ୍ଧ ଶିକ୍ଷାକେନ୍ଦ୍ର ଥିଲା । ମାଳବ ରାଜ୍ୟର ରାଜଧାନୀ ଧାରାଠାରେ ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା । ସୁତରାଂ ମୁସଲମାନ ଶାସନର ପ୍ରାକ୍‌କାଳରେ ଭାରତର ଏହି ପ୍ରସିଦ୍ଧ ବିଦ୍ୟା-କେନ୍ଦ୍ରମାନଙ୍କରୁ ଶିକ୍ଷାର ବିମଳ ଆଲୋକ ନିର୍ଗତ ହୋଇ ସମଗ୍ର ଦେଶକୁ ଆଲୋକିତ କରୁଥିଲା ।

ପ୍ରାଥମିକ ମୁସଲମାନ ଆକ୍ରମଣକାରୀଗଣ ଭାରତରେ ଶିକ୍ଷାର ପ୍ରସାର ପାଇଁ କୌଣସି ପ୍ରକାର ଉଦ୍ୟମ କରିନଥିଲେ । ବରଂ ସେମାନଙ୍କର ବର୍ବର ଆକ୍ରମଣ ଦ୍ୱାରା ଭାରତର ପ୍ରସିଦ୍ଧ ଶିକ୍ଷାକେନ୍ଦ୍ର ସମୂହ ସମୂଳେ ଧ୍ୱଂସପ୍ରାପ୍ତ ହେବା ଫଳରେ ଦେଶରେ ଉଚ୍ଚ ଶିକ୍ଷାର ପ୍ରସାର ଘୋର ବାଧାପ୍ରାପ୍ତ ହୋଇଥିଲା । ଗଜନୀର ମାମୁଦ ଜଣେ ପଣ୍ଡିତ ଏବଂ କଳାପ୍ରେମୀ ବ୍ୟକ୍ତି ଥିଲେ; କିନ୍ତୁ ଭାରତୀୟ ଶିକ୍ଷାର ଉନ୍ନତି ପାଇଁ ସେ କୌଣସି ପ୍ରକାର ଉଦ୍ୟମ କରି ନ ଥିଲେ । ବରଂ ଗଜନୀରେ ସେ ଯେଉଁ ବିଶ୍ୱବିଦ୍ୟାଳୟ ଏବଂ ବିରାଟ ପୁସ୍ତକାଗାର ସ୍ଥାପନ କରିଥିଲେ ତାହା ଭାରତରୁ ଲୁଣ୍ଠନ କରି ନେଇଥିବା ଧନରେ ନିର୍ମିତ ହୋଇଥିଲା । ଏହାଙ୍କ ପରେ ମହମ୍ମଦ ଘୋରୀ ୧୧୯୬ ଖ୍ରୀଷ୍ଟାବ୍ଦରେ ଭାରତରେ ମୁସଲମାନ ସାମ୍ରାଜ୍ୟର ଭିତ୍ତି ସ୍ଥାପନ କରିଥିଲେ । ସେ ବହୁ ହିନ୍ଦୁ ମନ୍ଦିର, ଟୋଲ ଏବଂ ପାଠଶାଳା ଉଠାଇ ଦେଇ ସେ ସ୍ଥାନରେ ମସ୍‌ଜିଦ୍, ମଦ୍ରାସା ଏବଂ ମକ୍‌ତବ୍ ବସାଇଥିଲେ । ତାହାଙ୍କ ପରେ

କୁତବୁଦ୍ଦିନ ଦିଲ୍ଲୀର ସିଂହାସନ ଆରୋହଣ କଲେ । ସେ ମଧ୍ୟ କେତେଗୁଡ଼ିଏ ମସଜିଦ୍ ଏବଂ ମକ୍ତବ ନିର୍ମାଣ କରିଥିଲେ । ତାହାଙ୍କ ରାଜତ୍ୱ କାଳରେ ବଖ୍ତିଆର ନାମକ ତାଙ୍କର ଜଣେ ସେନାପତିଙ୍କର ବର୍ବର ଆକ୍ରମଣ ଫଳରେ ପ୍ରସିଦ୍ଧ ବିକ୍ରମଶୀଳା ବିଶ୍ୱ ବିଦ୍ୟାଳୟ ଚିରଦିନ ପାଇଁ ଭାରତଭୂମିରୁ ନିଶ୍ଚିହ୍ନ ହୋଇଗଲା । କୁତବୁଦ୍ଦିନଙ୍କ ପରେ ଆଲଟାମସ୍, ସୁଲତାନା ରେଜିଆ, ନାସିରୁଦ୍ଦିନ, ବଲବନ ପ୍ରଭୃତି ଦାସ ବଂଶର ଅନ୍ୟାନ୍ୟ ଶାସକଗଣ ବହୁ ମସଜିଦ୍, ମକ୍ତବ ଏବଂ ମଦ୍ରାସା ନିର୍ମାଣ କରି ମୁସଲମାନ ଶିକ୍ଷାର ପ୍ରସାରରେ ଯଥେଷ୍ଟ ସାହାଯ୍ୟ କରିଥିଲେ ।

ଖିଲିଜି ରାଜାମାନଙ୍କ ରାଜତ୍ୱ କାଳରେ ମୁସଲମାନ ଶିକ୍ଷାର ବିଶେଷ କୌଣସି ଉନ୍ନତି ହୋଇନଥିଲା । ଆଲ୍ଲାଉଦ୍ଦିନ ଖିଲିଜି ରାଜ୍ୟ ପକ୍ଷରୁ ଶିକ୍ଷାର ଉନ୍ନତି କଳ୍ପେ ମଞ୍ଜୁର କରାଯାଇଥିବା ସମସ୍ତ ଇନାମ ବନ୍ଦ କରିଦେବା ଫଳରେ ଶିକ୍ଷା ଘୋର ବାଧାପ୍ରାପ୍ତ ହୋଇଥିଲା । ଟୋଗଲକ ରାଜାମାନଙ୍କ ମଧ୍ୟରେ ଗିୟାସୁଦ୍ଦିନ ଏବଂ ମହମ୍ମଦ ଟୋଗଲକ ଉଭୟେ ପଣ୍ଡିତ ଏବଂ ଶିକ୍ଷାପ୍ରେମୀ ଥିଲେ । ମହମ୍ମଦଙ୍କ ରାଜଦରବାର ବହୁ କବି, ଦାର୍ଶନିକ, ଚିକିତ୍ସକ ଓ ନୈୟାୟିକଙ୍କର ଲୀଳାସ୍ଥଳୀ ଥିଲା । ମହମ୍ମଦ ନିଜେ ଶାସ୍ତ୍ରାର୍ଥ ଆଲୋଚନାରେ ଅଂଶ ଗ୍ରହଣ କରୁଥିଲେ । ଫିରୋଜ ଟୋଗଲକଙ୍କ ପ୍ରଯତ୍ନରେ ଦିଲ୍ଲୀ ମୁସଲିମ୍ ଶିକ୍ଷାର ସର୍ବପ୍ରଧାନ କେନ୍ଦ୍ରରେ ପରିଣତ ହୋଇଥିଲା । ସେ ୩୦ଟି କଲେଜ ସ୍ଥାପନ କରିଥିଲେ ଏବଂ ସେହି କଲେଜଗୁଡ଼ିକର ଶିକ୍ଷକ ଓ ଛାତ୍ରମାନଙ୍କ ପାଇଁ ରାଜ୍ୟ ପକ୍ଷରୁ ଆର୍ଥିକ ସାହାଯ୍ୟର ବ୍ୟବସ୍ଥା କରିଥିଲେ । ୧୮୦୦୦ ଦାସ ବାଳକ ତାହାଙ୍କ ରାଜଭବନରେ ଅବସ୍ଥାନ କରି ବିଦ୍ୟାଧ୍ୟୟନ କରୁଥିଲେ । ଫିରୋଜ ଟୋଗଲକ ଅନେକଗୁଡ଼ିଏ ସଂସ୍କୃତ ଗ୍ରନ୍ଥ ଫାରସୀ ଭାଷାରେ ଅନୁବାଦ କରିଥିଲେ । ଟୋଗଲକ ରାଜତ୍ୱ ପରେ ତୈମୁରଙ୍କ ଭାରତ ଆକ୍ରମଣ ଏବଂ ସୟଦ ଓ ଲୋଦୀ ରାଜାମାନଙ୍କ ଉଦାସୀନତା ଫଳରେ ଭାରତରେ ମୁସଲମାନ ଶିକ୍ଷା କିଞ୍ଚିତ ହ୍ରାସପ୍ରାପ୍ତ ହୋଇଥିଲା । ବାବର ସେଥିପାଇଁ ଭାରତରେ ମୁସଲମାନ ଶିକ୍ଷାର ଅବନତି ସନ୍ଦର୍ଶନରେ ଅତ୍ୟନ୍ତ ବ୍ୟଥିତ ହୋଇ ଗଭୀର ଖେଦ

ପ୍ରକାଶ କରିଥିଲେ । ବାବର ନିଜେ ଜଣେ ପ୍ରସିଦ୍ଧ କବି ଓ ଉଚ୍ଚକୋଟିର ବିଦ୍ୱାନ ଥିଲେ ସୁଦ୍ଧା ନିଜର ସ୍ୱଳ୍ପକାଳସ୍ଥାୟୀ ରାଜତ୍ୱକାଳ ମଧ୍ୟରେ ଶିକ୍ଷାର ଉନ୍ନତି ପାଇଁ ବିଶେଷ କିଛି କରିପାରି ନ ଥିଲେ । ତାଙ୍କ ପୁତ୍ର ହୁମାୟୁନ ମଧ୍ୟ ପିତାଙ୍କ ସଦୃଶ ସୁପଣ୍ଡିତ ଥିଲେ । ଦିଲ୍ଲୀଠାରେ ସେ ଏକ ବିଶାଳ କଲେଜ ନିର୍ମାଣ କରିଥିଲେ ଏବଂ ସେଖ୍ ହୁସେନଙ୍କୁ ଉକ୍ତ କଲେଜର ଅଧ୍ୟକ୍ଷ ପଦରେ ନିଯୁକ୍ତ କରିଥିଲେ । ଏହା ବ୍ୟତୀତ ଦିଲ୍ଲୀଠାରେ ସେ ଏକ ବିଶାଳ ପୁସ୍ତକାଗାର ପ୍ରତିଷ୍ଠା କରିଥିଲେ । ଶେରସାହ ନାରନୌଲଠାରେ ଗୋଟିଏ କଲେଜ ସ୍ଥାପନ କରିଥିଲେ ଏବଂ ଜନସାଧାରଣଙ୍କ ପାଇଁ ଶିକ୍ଷାର ବନ୍ଦୋବସ୍ତ କରିଥିଲେ ।

ହୁମାୟୁନଙ୍କ ମୃତ୍ୟୁ ପରେ ଆକବର ଭାରତର ସମ୍ରାଟ ହେଲେ । ତାହାଙ୍କ ସିଂହାସନ ଆରୋହଣରେ ଭାରତୀୟ ଶିକ୍ଷା ଓ ସଂସ୍କୃତିର ଇତିହାସରେ ଏକ ନବଯୁଗର ସୂତ୍ରପାତ ହେଲା । ନିରକ୍ଷର ଥିଲେ ମଧ୍ୟ ସେ ବିଚକ୍ଷଣ ବୁଦ୍ଧିମାନ, ବହୁ ଶାସ୍ତ୍ରଦର୍ଶୀ ସୁପଣ୍ଡିତ ଏବଂ ସର୍ବୋପରି ଜଣେ ଉଦାରଚେତା ରାଜନୀତିଜ୍ଞ ଥିଲେ । ଜ୍ଞାନ ଆହରଣ ପାଇଁ ତାଙ୍କର ସ୍ପୃହା ଅସୀମ ଥିଲା । ଶାସ୍ତ୍ରାଲାପ ଏବଂ ଧର୍ମଚର୍ଚ୍ଚାରେ ସେ ଅପାର ଆନନ୍ଦ ଅନୁଭବ କରୁଥିଲେ । ଜାତି, ଧର୍ମ, ବର୍ଣ୍ଣ ଓ ମତବାଦ ନିର୍ବିଶେଷରେ ସେ ଦେଶର ବିଦ୍ୱାନ ପଣ୍ଡିତମାନଙ୍କୁ ଆମନ୍ତ୍ରଣ କରି ସେମାନଙ୍କ ସଙ୍ଗେ ଗମ୍ଭୀର ଶାସ୍ତ୍ର-ଚର୍ଚ୍ଚାରେ ନିମଗ୍ନ ରହୁଥିଲେ । ବିଭିନ୍ନ ଧର୍ମ ଓ ମତବାଦର ଆଲୋଚନା ପାଇଁ ସେ ନିଜ ରାଜଧାନୀଠାରେ ଏକ ଆଲୋଚନାଗାର ବା ଇବାଦତଖାନା ସ୍ଥାପନ କରିଥିଲେ । ତାହାଙ୍କ ବ୍ୟକ୍ତିଗତ ଉଦ୍ୟମ ଓ ପୋଷକତା ଫଳରେ ଭାରତୀୟ ଶିକ୍ଷା, ସାହିତ୍ୟ, ଦର୍ଶନ, କଳା ଓ ଇତିହାସ ଇତ୍ୟାଦି ଜ୍ଞାନର ବିଭିନ୍ନ ବିଭାଗରେ ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା । ସେ ଜଣେ ଶିକ୍ଷାପ୍ରେମୀ ଥିଲେ ଏବଂ ତତ୍କାଳୀନ ମୁସଲମାନ ଶିକ୍ଷାରେ ବହୁ ସଂସ୍କାର ଆନୟନ କରିଥିଲେ । ସେ ନିଜ ରାଜଧାନୀରେ ଏକ ବିଶାଳ ପୁସ୍ତକାଗାର ନିର୍ମାଣ କରିଥିଲେ । ଏଥିରେ ଧର୍ମ, ସାହିତ୍ୟ, ଇତିହାସ ଏବଂ ବିଜ୍ଞାନ ଇତ୍ୟାଦି ବିଭିନ୍ନ ବିଷୟରେ ଅସଂଖ୍ୟ ଦୁଷ୍ପ୍ରାପ୍ୟ ମୂଲ୍ୟବାନ ଗ୍ରନ୍ଥ ରକ୍ଷିତ ଥିଲା ।

ଗୁଜରାଟ, ଫତେପୁର ସିକ୍ରି, ଆଗ୍ରା ଏବଂ ଅନ୍ୟାନ୍ୟ ସ୍ଥାନରେ ସେ ବହୁ ମଦ୍ରାସା ସ୍ଥାପନ କରିଥିଲେ । ଏହି ସରକାରୀ ଅନୁଷ୍ଠାନମାନଙ୍କ ବ୍ୟତୀତ ସଙ୍ଗୀତ, ଚିତ୍ରକଳା, ଦର୍ଶନ ଏବଂ ଗଣିତରେ ଉପାଧି ଉଚ୍ଚ ଶିକ୍ଷାଦାନ ନିମିତ୍ତ ବ୍ୟକ୍ତିଗତ ଉଦ୍ୟମରେ ପରିଚାଳିତ କେତେକ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟ ଦେଶରେ ଥିଲା ।

ମୁସଲମାନ ଶିକ୍ଷାର ଉନ୍ନତି ବିଧାନ ସଙ୍ଗେ ସଙ୍ଗେ ଆକବର ହିନ୍ଦୁ ଶିକ୍ଷାର ବିକାଶ ପାଇଁ ମଧ୍ୟ ଯତ୍ନଶୀଳ ଥିଲେ । ରାମାୟଣ, ମହାଭାରତ, ଅଥର୍ବବେଦ, ଲୀଳାବତୀ ସୂତ୍ର ଆଦି ଅନେକ ସଂସ୍କୃତ ଗ୍ରନ୍ଥ ସେ ଫାରସୀ ଭାଷାରେ ଅନୁବାଦ କରାଇଥିଲେ । ସେ ମୁସଲମାନ ମଦ୍ରାସାମାନଙ୍କରେ ହିନ୍ଦୁ ବିଦ୍ୟାର୍ଥୀମାନଙ୍କ ପାଇଁ ଶିକ୍ଷାର ବ୍ୟବସ୍ଥା କରିଥିଲେ । ତାଙ୍କର ଧର୍ମ, ସହିଷ୍ଣୁତା ଓ ଉଦାରନୀତି ଯୋଗୁଁ ବହୁ ହିନ୍ଦୁ ଫାରସୀ ଭାଷା ଶିକ୍ଷା କରିବା ପାଇଁ ଉତ୍ସାହିତ ହୋଇଥିଲେ । ହିନ୍ଦୁ ବାଳକମାନଙ୍କ ଅଧ୍ୟୟନ ନିମିତ୍ତ ଆକବର ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟ ଖୋଲିଥିଲେ ।

ଆକବରଙ୍କ ପୁତ୍ର ଜାହାଙ୍ଗୀର ଉତ୍ତମ ଶିକ୍ଷାପ୍ରାପ୍ତ ହୋଇଥିଲେ । ତାହାଙ୍କ ରାଜତ୍ୱ କାଳରେ ଆକବରଙ୍କ ଦ୍ୱାରା ପ୍ରବର୍ତ୍ତିତ ଉଦାର ଶିକ୍ଷା ନୀତିରେ ବିଶେଷ କୌଣସି ପରିବର୍ତ୍ତନ ଲକ୍ଷିତ ହୁଏ ନାହିଁ । ସେ ଅନେକ-ଗୁଡ଼ିଏ ଜରାଜୀର୍ଣ୍ଣ ଶିକ୍ଷାନୁଷ୍ଠାନ ମରାମତି କରାଇ ଶିକ୍ଷାର ପ୍ରସାରରେ ସାହାଯ୍ୟ କରିଥିଲେ । କୌଣସି ଯାତ୍ରୀ ଅଥବା ଓ୍ୱାରିସହୀନ ବ୍ୟକ୍ତିଙ୍କର ମୃତ୍ୟୁ ପରେ ତାଙ୍କର ସ୍ଥାବରାସ୍ଥାବର ସକଳ ସମ୍ପତ୍ତି ଶିକ୍ଷାର ଉନ୍ନତି, ନୂତନ ମଦ୍ରାସା ନିର୍ମାଣ ଏବଂ ପୁରାତନ ମଦ୍ରାସାର ମରାମତି କାର୍ଯ୍ୟରେ ବ୍ୟୟିତ ହେବ ବୋଲି ସେ ଆଇନ କରି ଦେଇଥିଲେ । ସଙ୍ଗୀତ ଓ ଚିତ୍ରକଳାର ସେ ଜଣେ ପ୍ରଧାନ ପୃଷ୍ଠପୋଷକ ଥିଲେ ।

ସାହାଜାହାନ ସଙ୍ଗୀତାଦି ଲଳିତ କଳା, ଚିତ୍ର କଳା ଏବଂ ବସ୍ତୁ ବିଦ୍ୟାର ଜଣେ ପୃଷ୍ଠପୋଷକ ଥିଲେ ମଧ୍ୟ ତାହାଙ୍କ ରାଜତ୍ୱ କାଳରେ ଦେଶର ଶିକ୍ଷା ବ୍ୟବସ୍ଥାରେ କୌଣସି ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଲକ୍ଷିତ ହୁଏ ନାହିଁ । ଦିଲ୍ଲୀଠାରେ ଏକ ବିଶାଳ କଲେଜ ନିର୍ମାଣ ଏବଂ ଦରୁଲବିକା ନାମକ

କଲେଜର ସଂସ୍କାର ତାହାଙ୍କ ରାଜତ୍ୱର ପ୍ରଧାନ କାର୍ଯ୍ୟ । ସାହାଜାହାନଙ୍କ ଜ୍ୟେଷ୍ଠପୁତ୍ର ଦାରସିକୋହ ଜଣେ ଉଚ୍ଚକୋଟିର ବିଦ୍ୱାନ ଥିଲେ । ଆରବୀ, ଫାରସି ଓ ସଂସ୍କୃତ ଭାଷାରେ ତାଙ୍କର ଗଭୀର ବ୍ୟୁତ୍ପତ୍ତି ଥିଲା । ସେ ଉପନିଷଦ, ଶ୍ରୀମଦ୍ ଭଗବତ ଗୀତା, ଯୋଗବାଶିଷ୍ଟ, ରାମାୟଣ ଇତ୍ୟାଦି ଅନେକ ସଂସ୍କୃତ ଗ୍ରନ୍ଥ ଫାରସୀ ଭାଷାରେ ଅନୁବାଦ କରିଥିଲେ । ସୁଫି ଦର୍ଶନ ଓ ହିନ୍ଦୁ ଧର୍ମ ସମ୍ବନ୍ଧରେ ବହୁ ମୂଲ୍ୟବାନ ପୁସ୍ତକ ମଧ୍ୟ ସେ ପ୍ରଣୟନ କରିଥିଲେ । ଏପରି କୁହାଯାଇଥାଏ ଯେ, ଦାରସିକୋହ ସିଂହାସନ ଆରୋହଣ କରିଥିଲେ ଭାରତର ଇତିହାସ ଭିନ୍ନ ପ୍ରକାର ହୋଇଥାନ୍ତା ।

ଆଉରଙ୍ଗଜେବ ହିନ୍ଦୁ ଧର୍ମ ଓ ହିନ୍ଦୁ ସଂସ୍କୃତିର ପ୍ରଧାନ ବିରୋଧୀ ଥିଲେ । ସେ ହିନ୍ଦୁ ମନ୍ଦିର ଓ ବିଦ୍ୟାକେନ୍ଦ୍ର ସମୂହ ଭାଙ୍ଗି ଧ୍ୱଂସ କରି ସେ ସ୍ଥାନରେ ମସଜିଦ୍ ଓ ମଦ୍ରାସାମାନ ନିର୍ମାଣ କରିଥିଲେ । ଶିକ୍ଷା କହିଲେ ସେ କହୁଥିଲେ, ଏକମାତ୍ର ମୁସଲମାନ ଶିକ୍ଷା ଏବଂ ସେହି ଶିକ୍ଷାର ସର୍ବାଙ୍ଗୀନ ବିକାଶ ଓ ଉନ୍ନତି ପାଇଁ ସେ ଏକାନ୍ତ ଯତ୍ନଶୀଳ ଥିଲେ । ପ୍ରଚଳିତ ମୁସଲମାନ ଶିକ୍ଷାର ପାଠ୍ୟକ୍ରମରେ ବହୁ ସଂସ୍କାର ଆନୟନ କରି ସେ ତାହାକୁ ଜୀବନୋପଯୋଗୀ କରି ଗଢ଼ିଥିଲେ ଏବଂ ମୁସଲମାନ ଜନସାଧାରଣଙ୍କ ମଧ୍ୟରେ ଶିକ୍ଷାର ବ୍ୟାପକ ପ୍ରସାର ନିମିତ୍ତ ଦେଶରେ ଅସଂଖ୍ୟ ମକ୍ତବ ଏବଂ ମଦ୍ରାସା ସ୍ଥାପନ କରିଥିଲେ । ବିଦ୍ୱାନ୍ ଶିକ୍ଷକ ଓ ମେଧାବୀ ଛାତ୍ରମାନଙ୍କ ସାହାଯ୍ୟ ପାଇଁ ରାଜ୍ୟ ତରଫରୁ ସ୍ୱତନ୍ତ୍ର ଭତ୍ତାର ବନ୍ଦୋବସ୍ତ କରାଇ ସେ ଦେଶରେ ଜ୍ଞାନ ପ୍ରସାରକୁ ଉତ୍ସାହିତ କରିଥିଲେ ।

କିନ୍ତୁ ଆଉରଙ୍ଗଜେବ ମୁସଲମାନ ଶିକ୍ଷାର ଉନ୍ନତି ଓ ବିକାଶ ପାଇଁ ଏକାନ୍ତ ଯତ୍ନଶୀଳ ଥିଲେ ମଧ୍ୟ ହିନ୍ଦୁ ଶିକ୍ଷା ଓ ସଂସ୍କୃତି ପ୍ରତି ତାଙ୍କର ଘୋର ବିଦ୍ୱେଷ ଓ ପ୍ରତ୍ୟକ୍ଷ ଶତ୍ରୁତା ଥିଲା । ୧୬୬୯ ଖ୍ରୀଷ୍ଟାବ୍ଦରେ ସେ ହିନ୍ଦୁ ମନ୍ଦିର ଓ ବିଦ୍ୟାକେନ୍ଦ୍ର ସମୂହ ଭାଙ୍ଗି ସେ ସ୍ଥାନରେ ମସଜିଦ୍ ଏବଂ ମକ୍ତବ ପ୍ରତିଷ୍ଠା କରିବା ନିମିତ୍ତ ବିଭିନ୍ନ ପ୍ରଦେଶର ସୁବାଦାରମାନଙ୍କ ନିକଟକୁ ଏକ ଆଦେଶନାମା ପ୍ରେରଣ କରିଥିଲେ । ୧୬୬୮ ଖ୍ରୀଷ୍ଟାବ୍ଦରେ ସେ ଗୁଜରାଟର ମୁସଲମାନ ଧର୍ମାବଲମ୍ବୀ ଅନୁନ୍ନତ ବୌହାରମାନଙ୍କ ଶିକ୍ଷା ନିମିତ୍ତ ରାଜ୍ୟ

ତରଫରୁ ଶିକ୍ଷକ ନିଯୁକ୍ତ କରିଥିଲେ ଏବଂ ବାଧ୍ୟତାମୂଳକ ଉପସ୍ଥାନ ଓ ମାସିକ ପରୀକ୍ଷାର ପ୍ରଚଳନ କରାଇଥିଲେ ।

ଆଉରଙ୍ଗଜେବଙ୍କ ପରେ ମୋଗଲ ସାମ୍ରାଜ୍ୟର ଗୌରବରବି ଚିରଦିନ ପାଇଁ ଅସ୍ତମିତ ହୋଇଗଲା । ପ୍ରକୃତରେ କହିବାକୁ ଗଲେ, ଆଉରଙ୍ଗଜେବଙ୍କ ଜୀବନକାଳ ଭିତରେହିଁ ଏହାର ପତନ ଆରମ୍ଭ ହୋଇ ଯାଇଥିଲା । ପ୍ରାଦେଶିକ ସୁବାଦାରମାନଙ୍କ ବିଦ୍ରୋହ, ଦକ୍ଷିଣରେ ମରହଟ୍ଟାମାନଙ୍କ ଆକ୍ରମଣ, ରାଜ୍ୟବ୍ୟାପୀ ବିପ୍ଳବ, ବିଶୃଙ୍ଖଳା ଏବଂ ଅଶାନ୍ତି ମଧ୍ୟରେ ଶିକ୍ଷାର ଅଗ୍ରଗତି ଭୀଷଣ ବାଧାପ୍ରାପ୍ତ ହୋଇଥିଲା । ଆଉରଙ୍ଗଜେବଙ୍କ ପରେ ମୁସଲିମ୍ ଶିକ୍ଷାର ପ୍ରସାର ପାଇଁ ଯେ କ୍ଷୀଣ ପ୍ରଯତ୍ନ ହୋଇଥିଲା ତନ୍ମଧ୍ୟରେ ବାହାଦୁର ଶାହଙ୍କଦ୍ୱାରା ସ୍ଥାପିତ ଦୁଇଟି କଲେଜ ଏବଂ ଅମ୍ବରର ରାଜା ଜୟସିଂହଙ୍କ ଦ୍ୱାରା ପ୍ରତିଷ୍ଠିତ ଯନ୍ତ୍ରର ମନ୍ତ୍ରର (observatory) ବିଶେଷ ଉଲ୍ଲେଖ-ଯୋଗ୍ୟ । ମହମ୍ମଦ ଶାହଙ୍କ ରାଜତ୍ୱରେ ନାଦିରସାହଙ୍କ ଭାରତ ଆକ୍ରମଣ ଦ୍ୱାରା ମୁସଲିମ୍ ଶିକ୍ଷା ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା ।

ଦିଲ୍ଲୀ, ଆଗ୍ରା, ଜନପୁର ଓ ବିଦର ଭାରତରେ ମୁସଲମାନ ଶିକ୍ଷାର ପ୍ରଧାନ କେନ୍ଦ୍ର ଥିଲା ।

ଇସ୍‌ଲାମୀ ଶିକ୍ଷା ସଙ୍ଗଠନରେ ମକ୍ତବ ପ୍ରାଥମିକ ଶିକ୍ଷା ଏବଂ ମଦ୍ରାସା ଉଚ୍ଚ ଶିକ୍ଷାର କେନ୍ଦ୍ର ଥିଲା । ଅଧିକାଂଶ ସ୍ଥଳରେ ଏଗୁଡ଼ିକ ସ୍ଥାନୀୟ ମସଜିଦ୍ ସହିତ ସଂଯୁକ୍ତ ଥିଲା । ବ୍ରାହ୍ମଣୀୟ ଏବଂ ବୌଦ୍ଧ ଶିକ୍ଷା ସଦୃଶ ମୁସଲମାନ ଶିକ୍ଷା ଧର୍ମପ୍ରଧାନ ଥିଲା । ଧର୍ମ, ତର୍କଶାସ୍ତ୍ର, ଦର୍ଶନ ତଥା ରାଜନୀତି ମଦ୍ରାସାମାନଙ୍କର ପ୍ରଧାନ ପାଠ୍ୟବସ୍ତୁ ଥିଲା । ବ୍ରାହ୍ମଣୀୟ ଶିକ୍ଷା ସଦୃଶ ଏଥିରେ ମଧ୍ୟ ଶିକ୍ଷଣ ବିଧି ମୌଖିକ ଏବଂ ବ୍ୟକ୍ତିଗତ ଥିଲା । ଗୁରୁ ଶିଷ୍ୟ ସମ୍ପର୍କ ଅତ୍ୟନ୍ତ ନିବିଡ଼ ଥିଲା । ପରଦାପ୍ରଥାର ବ୍ୟାପକ ପ୍ରଚଳନ ହେତୁ ମୁସଲମାନ ଅମଳରେ ସ୍ତ୍ରୀ ଶିକ୍ଷାର ବିଶେଷ ପ୍ରସାର ହୋଇ ପାରିନଥିଲା । ଦେଶରେ ଯାହା ବା ସ୍ତ୍ରୀ ଶିକ୍ଷା ଥିଲା ତାହା କେବଳ ନଗର ଏବଂ ଧନୀକ ଅଭିଜାତ ପରିବାର ମଧ୍ୟରେ ସୀମାବଦ୍ଧ ଥିଲା । ମୁସଲମାନ ଅମଳରେ ହସ୍ତକଳା ଓ ଲଳିତକଳାର ବିଶେଷ ବିକାଶ ସାଧିତ ହୋଇଥିଲା । ସଙ୍ଗୀତ ଏବଂ ଚିତ୍ରକଳା ଆଦି ଲଳିତକଳା ଦୃଷ୍ଟିରୁ

ମୁସଲମାନ ଯୁଗକୁ ସୁବର୍ଣ୍ଣଯୁଗ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଅଧିକାଂଶ ମୁସଲମାନ ନବାବ ଏବଂ ବାଦଶାହ ବିଳାସୀ ଓ ଆଡ଼ମ୍ବରପ୍ରିୟ ଥିଲେ । ସେମାନଙ୍କର ଅବସର ବିନୋଦନ ନିମିତ୍ତ ବହୁ ଉଚ୍ଚକୋଟିର ଗାୟକ, ନର୍ତ୍ତକୀ ଏବଂ ଚିତ୍ରକର ନିଯୁକ୍ତ ହୋଇଥିଲେ । ନୃତ୍ୟକଳା ଏବଂ ସଙ୍ଗୀତ ବିଦ୍ୟାରେ ଶିକ୍ଷାଦାନ ନିମିତ୍ତ ସୁଦକ୍ଷ ଓସ୍ତାଦ୍ ରହୁଥିଲେ । ମୁସଲମାନ ସମ୍ରାଟମାନଙ୍କର ଅନ୍ୟ ଏକ ବିଳାସ ଥିଲା ସୁରମ୍ୟ ଅଟ୍ଟାଳିକା ନିର୍ମାଣ । ସେଥିପାଇଁ ଏ ଯୁଗରେ ଇଣ୍ଡୋ-ମୁସ୍‌ଲିମ୍ ବାସ୍ତୁକଳାର ବିଶେଷ ଉନ୍ନତି ସାଧିତ ହୋଇଥିଲା । ଏସବୁ ବ୍ୟତୀତ ମୁସଲମାନ ରାଜତ୍ୱରେ ଯୁଦ୍ଧକଳା ଓ ସୈନିକ ବିଦ୍ୟାର ଯଥେଷ୍ଟ ବିକାଶ ସାଧିତ ହୋଇ ଥିଲା । ଫାରସି ସାହିତ୍ୟ ଓ ଇତିହାସ ରଚନାରେ ମୁସଲମାନ ଲେଖକମାନଙ୍କର କୃତିତ୍ୱ ମଧ୍ୟ କୌଣସି ଗୁଣରେ ନ୍ୟୂନ ନୁହେଁ ।

କିନ୍ତୁ ଏ ସବୁ ସତ୍ତ୍ୱେ ଏକଥା ସ୍ୱୀକାର କରିବାକୁ ହେବ ଯେ ମୁସ୍‌ଲିମ୍ ଶିକ୍ଷା ଏ ଦେଶର ସ୍ୱଳ୍ପ ସଂଖ୍ୟକ ମୁସଲମାନ ଏବଂ ଧର୍ମାନ୍ତରିତ ହିନ୍ଦୁମାନଙ୍କ ମଧ୍ୟରେ ସୀମାବଦ୍ଧ ଥିଲା । ଏହି କ୍ଷୁଦ୍ର ଗୋଷ୍ଠୀର ବାହାରେ ଦେଶର ବିରାଟ ହିନ୍ଦୁ ଜନତା ସଙ୍ଗେ ଏ ଶିକ୍ଷାର କୌଣସି ସମ୍ବନ୍ଧ ନ ଥିଲା । କେବଳ ଆକବରଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ମୁସଲମାନ ଶାସକ ବିଜିତ ହିନ୍ଦୁ ଜାତିର ଶିକ୍ଷା ସଭ୍ୟତା ଓ ସଂସ୍କୃତି ପ୍ରତି ଏକାନ୍ତ ଉଦାସୀନ ଥିଲେ । ଆଉରଙ୍ଗଜେବଙ୍କ ପରି ଉତ୍କଟ ସାଂପ୍ରଦାୟିକ ମନୋଭାବାପନ୍ନ ସମ୍ରାଟମାନେ ସେହି ଶିକ୍ଷା ପ୍ରତି ପ୍ରତ୍ୟକ୍ଷ ଶତ୍ରୁତା ଆଚରଣ କରି ସମୟ ସମୟରେ ଘୋର ଅନିଷ୍ଟ ଘଟାଉ ଥିଲେ । ହେଲେହେଁ ଦୁଇଟି ଜାତି ବହୁକାଳ ଧରି ଏକାଠି ବାସ କରିବା ଫଳରେ ଉଭୟଙ୍କ ମଧ୍ୟରେ ଭାବ ବିନିମୟ, ସଭ୍ୟତା ଏବଂ ସଂସ୍କୃତିର ଆଦାନ ପ୍ରଦାନ ସ୍ୱାଭାବିକ । ଫାରସି ରାଜଭାଷା ହୋଇଥିବାରୁ ବହୁ ହିନ୍ଦୁ ସେ ଶିକ୍ଷା ପ୍ରତି ଆକୃଷ୍ଟ ହୋଇ ତହିଁରେ ବ୍ୟୁତ୍ପତ୍ତି ଲାଭ କରିଥିଲେ । ଆକବରଙ୍କ ଉଦାର ସାମ୍ୟ ନୀତି ସେମାନଙ୍କୁ ଏଥିପାଇଁ ଗଭୀର ପ୍ରୋତ୍ସାହନ ଦେଇଥିଲା । ଫଳରେ କାଳକ୍ରମେ ଏକ ଇଣ୍ଡୋ-ମୁସଲିମ୍ ସଂସ୍କୃତିର ଉଦ୍ଭବ ହୋଇଥିଲା । ମୁସଲମାନୀ ଶିକ୍ଷାର ଭାରତକୁ ସର୍ବଶ୍ରେଷ୍ଠ

ଦାନ ହେଉଛି ଉର୍ଦ୍ଦୁ ଭାଷା ଏବଂ ସାହିତ୍ୟ । ହିନ୍ଦୁ ଶିକ୍ଷା ମଧ୍ୟ ମୁସଲମାନ ଶିକ୍ଷାକୁ କେତେକ ପରିମାଣରେ ପ୍ରଭାବିତ କରିଥିଲା ।

**ମଧ୍ୟ ଯୁଗରେ ହିନ୍ଦୁ ଶିକ୍ଷା**—ମୁସଲମାନ ରାଜତ୍ୱକାଳ ଭାରତୀୟ ଶିକ୍ଷା ଓ ସଂସ୍କୃତିର ଇତିହାସରେ ଏକ ଘୋର ଅନ୍ଧକାରମୟ ଯୁଗ । ମୁସଲମାନମାନେ ଏ ଦେଶକୁ ବିଜେତା ରୂପରେ ଆସିଥିଲେ । ସୁତରାଂ ବିଜିତ ଦେଶର ଶିକ୍ଷା, ସଭ୍ୟତା ଓ ସଂସ୍କୃତି ପ୍ରତି ସେମାନଙ୍କର ଆଦୌ ସହାନୁଭୂତି ନ ଥିଲା । ଏ ଦେଶର ଶିକ୍ଷା ସଂସ୍କୃତିକୁ ଲୋପ କରି ତାହାର ଧ୍ୱଂସସ୍ତୂପ ଉପରେ ନୂତନ ଇସ୍‌ଲାମୀ ଶିକ୍ଷା ଓ ସଂସ୍କୃତିର ଇମାରତ ପ୍ରତିଷ୍ଠା କରିବା ଥିଲା ସେମାନଙ୍କର ଏକମାତ୍ର ଲକ୍ଷ୍ୟ । ସେଥିପାଇଁ ମୁସଲମାନ ରାଜତ୍ୱର ପ୍ରାରମ୍ଭରେ ସେମାନଙ୍କର ପ୍ରଧାନ ଶରବ୍ୟ ହୋଇଥିଲା ଏ ଦେଶର ସୁସଙ୍ଗଠିତ ବୌଦ୍ଧ ଓ ହିନ୍ଦୁ ଶିକ୍ଷାନୁଷ୍ଠାନମାନ; କିନ୍ତୁ ନାଳନ୍ଦା ଓ ବିକ୍ରମଶିଳା ପ୍ରଭୃତି ବିରାଟ ଶିକ୍ଷାନୁଷ୍ଠାନମାନ ଧ୍ୱଂସପ୍ରାପ୍ତ ହୋଇଥିଲେ ମଧ୍ୟ ଏ ଦେଶର ସ୍ୱୟଂଶାସିତ ଅସଂଖ୍ୟ ଜନପଦ ଏବଂ ନିର୍ଜନ ଅରଣ୍ୟସ୍ଥିତ ମୁନି ଋଷିମାନଙ୍କର ଆଶ୍ରମରେ ଭାରତୀୟ ଶିକ୍ଷା ଓ ସଭ୍ୟତା ଆତ୍ମରକ୍ଷା କରିବାକୁ ସମର୍ଥ ହୋଇଥିଲା । ପ୍ରକୃତରେ ଦେଖିବାକୁ ଗଲେ ମୁସଲମାନ ଶାସନର ପ୍ରଭାବ ପ୍ରଧାନତଃ ବଡ଼ ବଡ଼ ସହରମାନଙ୍କ ମଧ୍ୟରେ ସୀମାବଦ୍ଧ ଥିଲା । ଦୂର ଜନପଦମାନଙ୍କରେ ଯେଉଁ ବିଶିଷ୍ଟ ସାମାଜିକ ଓ ଆର୍ଥିକ ସଂଗଠନ, ସୁଦୃଢ଼ ଧାର୍ମିକ ପରମ୍ପରା ଏବଂ ଗଣତାନ୍ତ୍ରିକ ଶିକ୍ଷା ବ୍ୟବସ୍ଥା ବହୁକାଳରୁ ଚାଲି ଆସୁଥିଲା, ମୁସଲମାନ ଶାସନଜନିତ ରାଜନୈତିକ ପରିବର୍ତ୍ତନ ତାହାର ବିଶେଷ ଅନିଷ୍ଟ ଘଟାଇବାରେ ସମର୍ଥ ହୋଇ ନ ଥିଲା । ଅନ୍ୟ ପକ୍ଷରେ ମୁସଲମାନ ଅତ୍ୟାଚାରର ପ୍ରତିକ୍ରିୟା ସ୍ୱରୂପ ଏ ଦେଶର ବହୁ ଧର୍ମପ୍ରାଣ ଯୋଦ୍ଧା ଏବଂ ସାଧୁସନ୍ଥ ବିଦେଶୀ ଆକ୍ରମଣର କବଳରୁ ଏ ଦେଶର ସଭ୍ୟତା ଓ ସଂସ୍କୃତିକୁ ବଞ୍ଚାଇ ରଖିବାପାଇଁ ବଦ୍ଧପରିକର ହୋଇ ବାହାରି ପଡ଼ିଥିଲେ । ସୁତରାଂ ଏହି ବିପ୍ଳବ ଓ ଅଶାନ୍ତିର ଯୁଗରେ ମଧ୍ୟ ହିନ୍ଦୁମାନେ ନିଜର ସ୍ୱତନ୍ତ୍ର ଶିକ୍ଷା ପଦ୍ଧତିକୁ ସୁରକ୍ଷିତ ରଖିବା ସଙ୍ଗେ ସଙ୍ଗେ ଏକ ବିଶାଳ ଏବଂ ଉଚ୍ଚକୋଟିର ସାହିତ୍ୟ ସୃଷ୍ଟି କରିବାକୁ ସମର୍ଥ ହୋଇଥିଲେ ।

**ଶିକ୍ଷାର ସ୍ୱରୂପ**—ମଧ୍ୟଯୁଗୀୟ ଶିକ୍ଷାର ସ୍ୱରୂପ, ଶିକ୍ଷଣବିଧି ଓ ଆଦର୍ଶରେ ବିଶେଷ କୌଣସି ପରିବର୍ତ୍ତନ ଲକ୍ଷିତ ହୁଏନାହିଁ । ଏ ଯୁଗର ଶିକ୍ଷା ପୂର୍ବ ପରି ବ୍ୟକ୍ତିଗତ ଥିଲା ଏବଂ ଗୁରୁମାନେ ନିଜ ନିଜର ଆଶ୍ରମରେ ବ୍ରହ୍ମଚାରୀମାନଙ୍କୁ ବେଦ, ପୁରାଣ, ସ୍ମୃତି, ଉପନିଷଦ, ଦର୍ଶନ, ତର୍କଶାସ୍ତ୍ର ଏବଂ ଭେଷଜ ବିଦ୍ୟା ଆଦି ବିଭିନ୍ନ ବିଷୟ ଶିକ୍ଷା ଦେଉଥିଲେ । ପ୍ରାନ୍ତୀୟ ଭାଷା-ସମୂହର ଅଧ୍ୟୟନ ମଧ୍ୟଯୁଗୀୟ ଶିକ୍ଷାର ପ୍ରଧାନ ବିଶେଷତ୍ୱ । ରାଷ୍ଟ୍ରୀୟ ସଂରକ୍ଷଣ ଓ ପୋଷକତାରୁ ସଂପୂର୍ଣ୍ଣ ବଞ୍ଚିତ ହୋଇଥିଲେହେଁ ସାହିତ୍ୟ ଓ ଦର୍ଶନ-କ୍ଷେତ୍ରରେ ମଧ୍ୟଯୁଗର ହିନ୍ଦୁ ଶିକ୍ଷାର ଦାନ ବିଶେଷ ମହତ୍ତ୍ୱପୂର୍ଣ୍ଣ ଅଟେ ।

ଦ୍ୱାଦଶ ଶତାବ୍ଦୀରେ ରଚିତ ରାମାନୁଜଙ୍କ ବ୍ରହ୍ମସୂତ୍ରର ଭାଷ୍ୟ ସଂସ୍କୃତ ସାହିତ୍ୟର ଏକ ଉଜ୍ଜ୍ୱଳ ରତ୍ନ । ଏଥିରେ ସେ ଭକ୍ତିବାଦର ପ୍ରତିପାଦନ କରିଅଛନ୍ତି । ଏ ଯୁଗରେ ରଚିତ ସଂସ୍କୃତ ସାହିତ୍ୟର ଅନ୍ୟାନ୍ୟ ପ୍ରସିଦ୍ଧ ଗ୍ରନ୍ଥମାନଙ୍କ ମଧ୍ୟରେ ଜୟଦେବଙ୍କ 'ଗୀତ ଗୋବିନ୍ଦ', ପାର୍ଥ ସାରଥିଙ୍କ 'ଶାସ୍ତ୍ର ଦୀପିକା', 'ହରି କେଳି', 'ଲଳିତ ବିଗ୍ରହ ରାଜ' ଓ 'ପ୍ରସନ୍ନ ରାଘବ' ଆଦି ନାଟକ ବିଶେଷ ଉଲ୍ଲେଖଯୋଗ୍ୟ । ବିଜ୍ଞାନେଶ୍ୱର ରଚିତ 'ମିତାକ୍ଷରା' ଏବଂ ଜିମୂତବାହନଙ୍କଦ୍ୱାରା ରଚିତ 'ଦାୟ ଭାଗ' ସଂସ୍କୃତ ସାହିତ୍ୟର ପ୍ରସିଦ୍ଧ ଆଇନ ଗ୍ରନ୍ଥଦ୍ୱୟ ଏ ଯୁଗର ରଚନା । ମହାନ ଜ୍ୟୋତିଷୀ ଭାସ୍କରାଚାର୍ଯ୍ୟ ଏହି ଯୁଗର ବ୍ୟକ୍ତି । ବୌଦ୍ଧ ଏବଂ ଜୈନ ନୈୟାୟିକମାନଙ୍କଦ୍ୱାରା ତର୍କ ଶାସ୍ତ୍ରର ବିଶେଷ ଉନ୍ନତି ସାଧିତ ହୋଇଥିଲା । ଯୋଗ, ବୈଶେଷିକ ଆଦି ଦର୍ଶନଶାସ୍ତ୍ରର ବିଭିନ୍ନ ଶାଖା ଉପରେ ନାନା ଭାଷ୍ୟ ମଧ୍ୟ ରଚିତ ହୋଇଥିଲା । ସଂସ୍କୃତ ସାହିତ୍ୟର ପ୍ରସିଦ୍ଧ ଇତିହାସ ଗ୍ରନ୍ଥ କହ୍ଲଣଙ୍କ 'ରାଜତରଙ୍ଗିଣୀ' ମଧ୍ୟ ଦ୍ୱାଦଶ ଶତାବ୍ଦୀରେ ରଚିତ ହୋଇଥିଲା ।

ସଂସ୍କୃତ ସାହିତ୍ୟ ବ୍ୟତୀତ ହିନ୍ଦି, ଗୁଜରାଟି, ମରହଟ୍ଟୀ, ବଙ୍ଗଳା, ଓଡ଼ିଆ, ତେଲୁଗୁ, ତାମିଲ୍ ଆଦି ପ୍ରାନ୍ତୀୟ ଭାଷାମାନଙ୍କରେ ମଧ୍ୟ ଧର୍ମ ଓ ଭକ୍ତି ବିଷୟକ ବହୁ ଗ୍ରନ୍ଥ ରଚିତ ହୋଇଥିଲା ।

ମଧ୍ୟ ଯୁଗରେ ଦକ୍ଷିଣ ଭାରତର ବିଜୟ ନଗର ହିନ୍ଦୁ ଶିକ୍ଷାର ଏକ ପ୍ରଧାନ କେନ୍ଦ୍ର ରୂପେ ବିଶେଷ ଖ୍ୟାତି ଲାଭ କରିଥିଲା । ଏଠାକାର ରାଜା

କୃଷ୍ଣ ଦେବରାୟ ନିଜେ ଜଣେ ଉଚ୍ଚକୋଟିର ଲେଖକ ଏବଂ ପରମ ବିଦ୍ୱାନ୍ ଥିଲେ । ତାହାଙ୍କ ରାଜତ୍ୱ କାଳରେ ସଙ୍ଗୀତ, ନୃତ୍ୟ, ନାଟକ, ବ୍ୟାକରଣ, ତର୍କଶାସ୍ତ୍ର ଦର୍ଶନ ତଥା ଜ୍ଞାନର ଅନ୍ୟାନ୍ୟ ଶାଖା ଉପରେ ବହୁ ମୂଲ୍ୟବାନ ଗ୍ରନ୍ଥ ରଚିତ ହୋଇଥିଲା । ପ୍ରସିଦ୍ଧ ବେଦଭାଷ୍ୟ ରଚୟିତା ଶାୟଣ ଏବଂ ତାହାଙ୍କ ଭାଇ ମାଧବ ବିଦ୍ୟାରଣ୍ୟ ବେଦଭାଷ୍ୟ ଓ ଦର୍ଶନ ଶାସ୍ତ୍ର ସମ୍ବନ୍ଧୀୟ ବହୁ ଉଚ୍ଚକୋଟିର ଗ୍ରନ୍ଥ ରଚନା କରିଥିଲେ ।

ମଧ୍ୟଯୁଗୀୟ ଭାରତର ଅନ୍ୟତମ ପ୍ରସିଦ୍ଧ ଶିକ୍ଷା କେନ୍ଦ୍ର ଥିଲା, ଉତ୍କଳର ପୁରୁଷୋତ୍ତମ କ୍ଷେତ୍ର । ଉତ୍କଳର ରାଜାମାନଙ୍କ ଦରବାର ବୁଧମଣ୍ଡଳୀ କେଳିସରରୂପେ ସମଗ୍ର ଭାରତରେ ଖ୍ୟାତି ଅର୍ଜନ କରିଥିଲା । ସେମାନଙ୍କର ଅଯାଚିତ ଦାନ ଓ ଅକୁଣ୍ଠ ପୋଷକତା ଫଳରେ ସଂସ୍କୃତ ତଥା ପ୍ରାନ୍ତୀୟ ସାହିତ୍ୟ ଉନ୍ନତିର ପରାକାଷ୍ଠାରେ ଉପନୀତ ହୋଇଥିଲା । ବିଶ୍ୱନାଥଙ୍କ 'ସାହିତ୍ୟ ଦର୍ପଣ', ମାର୍କଣ୍ଡଙ୍କ 'ପ୍ରାକୃତ ସର୍ବସ୍ୱ', ବିଦ୍ୟାନାଥଙ୍କ 'ଏକାବଳୀ' ରାମାନନ୍ଦଙ୍କ 'ଜଗନ୍ନାଥ ବଲ୍ଲଭ' ନାଟକ ଆଦି ସଂସ୍କୃତ ସାହିତ୍ୟର ନାନା ଅମର ସୃଷ୍ଟି ଏହି ଯୁଗର ରଚନା । ଶାରଳାଙ୍କ 'ମହାଭାରତ', ବଳରାମଙ୍କ 'ରାମାୟଣ', ଜଗନ୍ନାଥଙ୍କ 'ଭାଗବତ' ଏବଂ ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟ ସଂହିତା' ଆଦି ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ ଗ୍ରନ୍ଥରାଜି ଏହି ଯୁଗର ପ୍ରଚେଷ୍ଟାର ଫଳ । ଭୁବନବିଦିତ କୋଣାର୍କ ଓ ଜଗନ୍ନାଥ ମନ୍ଦିର ଦ୍ୱୟ ମଧ୍ୟ ଏହି ଯୁଗର କୀର୍ତ୍ତି । ସ୍ଥୂଳତଃ ସମସ୍ତ ପ୍ରକାର ରାଷ୍ଟ୍ରୀୟ ସାହାଯ୍ୟ, ସହାନୁଭୂତି ଏବଂ ପୋଷକତାରୁ ବଞ୍ଚିତ ହୋଇ ସୁଦ୍ଧା ମଧ୍ୟଯୁଗୀୟ ହିନ୍ଦୁ ଶିକ୍ଷା କେବଳ ଯେ ଆପଣାର ଅସ୍ତିତ୍ୱ ରକ୍ଷା କରି ପାରିଥିଲା ତାହାନୁହେଁ, ଏହା ଏକ ଅମର ସାହିତ୍ୟର ଜନକରୂପେ ପ୍ରତିଷ୍ଠା ଅର୍ଜନ କରି ପାରିଥିଲା ।

ମଧ୍ୟଯୁଗୀୟ ହିନ୍ଦୁ ଶିକ୍ଷା ପ୍ରଧାନତଃ ବ୍ରାହ୍ମଣୀୟ ଆଦର୍ଶ ଏବଂ ପରଂପରା ଉପରେ ପ୍ରତିଷ୍ଠିତ ଥିଲା । କିନ୍ତୁ ଇଂରେଜ ଶାସନର ପ୍ରବର୍ତ୍ତନ ଫଳରେ ଯେଉଁ ନୂତନ ପରିସ୍ଥିତିର ଉଦ୍ଭବ ହେଲା, ତାହା ଏ ଦେଶର ସ୍ୱୟଂସମ୍ପୂର୍ଣ୍ଣ ଜନତାନ୍ତ୍ରିକ ଗ୍ରାମ ଗୁଡ଼ିକର ସାମାଜିକ ଏବଂ ଅର୍ଥନୈତିକ ସଂଗଠନକୁ ଭାଙ୍ଗି ଚୂରମାର କରିଦେଲା । ରାଜନୈତିକ ଦାସତ୍ୱ ଏବଂ ଆର୍ଥିକ ଶୋଷଣ ଫଳରେ

ଧର୍ମ ଏବଂ ଅଧ୍ୟାତ୍ମବାଦ ଉପରୁ ଲୋକମାନଙ୍କର ଆସ୍ଥା ତୁଟିଗଲା । ପାଶ୍ଚାତ୍ୟ ଭୌତିକ ସଭ୍ୟତାର ଦୁର୍ନିବାର ଆକର୍ଷଣ, ନବୀନ ଶିକ୍ଷାର ଆଶୁଫଳ ବାଧ୍ୟବାଧକତ୍ୱ, ଇଂରାଜୀ ଭାଷାର ପ୍ରବର୍ତ୍ତନ—ସବୁ ମିଶି ପ୍ରାଚୀନ ଧର୍ମ, ସଭ୍ୟତା, ସଂସ୍କୃତି ଓ ଶିକ୍ଷାପ୍ରତି ଲୋକମାନଙ୍କ ଦୃଷ୍ଟିଭଙ୍ଗୀକୁ ଓଲଟ ପାଲଟ କରି-ଦେଲା । ସେ ଶିକ୍ଷାର ମହତ୍ତର ଓ ଉଚ୍ଚତର ଉଦ୍ଦେଶ୍ୟ ଲୋକେ ଭୁଲିଗଲେ । ତେଣୁ ସହସ୍ରାଧିକ ବର୍ଷର ବୈଦେଶିକ ଉତ୍ପୀଡ଼ନ ସତ୍ତ୍ୱେ ଯେଉଁ ଶିକ୍ଷା କେବଳ ଜନମତର ସମର୍ଥନକୁ ସମ୍ବଳ କରି ବଞ୍ଚିରହି ପାରିଥିଲା, ସେହି ଅମୂଲ୍ୟ ସମ୍ପଦ ହରାଇ ତାହା ଏ ଦେଶରୁ ବିଦାୟ ଗ୍ରହଣ କଲା । ପ୍ରଚଳିତ ଶିକ୍ଷାପଦ୍ଧତି ସାମ୍ରାଜ୍ୟିକ ପ୍ରୟୋଜନ ସିଦ୍ଧି ଉଦ୍ଦେଶ୍ୟରେ ବିଦେଶୀ ଶାସକମାନଙ୍କ ପ୍ରଯତ୍ନରେ ଏ ଦେଶର ଭୂଇଁରେ ରୋପିତ ହୋଇଅଛି । ଏ ଦେଶର ସଭ୍ୟତା ଓ ସଂସ୍କୃତି ସଙ୍ଗେ ତାର କୌଣସି ଯୋଗାଯୋଗ ନାହିଁ ।